# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, March 15/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 109 | ମୂଲ୍ୟ ₹୭/-




**ଦିନିକିଆ ସିରିଜ ପାଇଁ ସ୍ମିଥ୍ ଅଧିନାୟକ**

ଭାରତ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ଷ୍ଟିଭ୍ ସ୍ମିଥ୍ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ।

୧୬

୧୨

**ଅଙ୍କିତାଙ୍କୁ ମିଳୁନି କାମ**

ନିକଟରେ ଏକ ସାକ୍ଷାତ୍କାରରେ ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେଙ୍କୁ କାମ ମିଳୁ ନ ଥିବା କହିଛନ୍ତି।



# ଦାଦନ ଦୁର୍ଦ୍ଦଶା: ରୁଲିଂ ଦେଲେ ବାଚସ୍ପତି

## ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ

ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା | **ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ**

ବେଲପଡ଼ା,୧୦।୩ (ଡି.ଏନ୍.ଏ.) ଦାଦନ ଦୁର୍ଦ୍ଦଶାର ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବନମାଳ ଗ୍ରାମରେ। ଏହି ଗ୍ରାମର ଶୁକଦେବ ପରାଭୁଏ (୪୨) ଦାଦନ ଖଟିବାକୁ ତେଲଙ୍ଗାନା ଯାଇ ପ୍ରାଣ ହରାଇବା ପରେ ତାଙ୍କ ମୃତଦେହକୁ ଧରି ଗୁରୁବାର ଗାଁକୁ ଫେରିଛନ୍ତି ସ୍ତ୍ରୀ ଉଷା। ହେଲେ ଏଥିପାଇଁ ତାଙ୍କୁ ନିଜ ୧୨ ବର୍ଷର ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖିବାକୁ ପଡ଼ିଛି। ଏଭଳି ସମ୍ବେଦନଶୀଳ ଘଟଣା ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶୁକଦେବ ୪ ମାସ ତଳେ ସ୍ତ୍ରୀ ଉଷା ଏବଂ ଦୁଇ ପୁଅ ଝିଅଙ୍କୁ ଧରି ଗ୍ରାମର ୨ ଜଣ ଦଲାଲଙ୍କ ଜରିଆରେ ତେଲଙ୍ଗାନାକୁ ଯାଇଥିଲେ। ଯିବା ପୂର୍ବରୁ ସେ ୬୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ସେଠାକାର ଏକ ଇଟାଭାଟିରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଧିକ ପରିଶ୍ରମ ଯୋଗୁ ଶୁକଦେବଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ଡାକ୍ତରଖାନା ନେଇ ଚିକିତ୍ସା କରାଇବାକୁ ସେ ଦଲାଲ ଓ ଇଟାଭାଟି ମାଲିକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଗତ ୮ ତାରିଖରେ ଶୁକଦେବଙ୍କ ☞ପୃଷ୍ଠା-୪

ଧରିତ୍ରୀରେ ଗତ ୧୧ ତାରିଖରେ ପ୍ରକାଶିତ ଦାଦନ ଦୁର୍ଦ୍ଦଶା ସମ୍ପର୍କିତ ଖବର।

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଧରିତ୍ରୀରେ ଗତ ୧୧ ତାରିଖରେ ପ୍ରକାଶିତ 'ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା, ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ' ଶୀର୍ଷକ ଖବରକୁ ନେଇ ମଙ୍ଗଳବାର ବିଧାନସଭାରେ କଂଗ୍ରେସ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛି। ବାଚସ୍ପତିଙ୍କ ରୁଲିଂ ଦାବି କରି କଂଗ୍ରେସ ସଦସ୍ୟ ବିଧାନସଭାରେ ହଙ୍ଗାମା କରିଛନ୍ତି। ଏହି ଖବର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, 'ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା, ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ' ଖବର ଧରିତ୍ରୀରେ ପ୍ରକାଶ ପାଇଛି। କାମ ନ ପାଇ ଲୋକମାନେ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ଯାଉଛନ୍ତି। ସେଠାରେ ଇଟାଭାଟିରେ କମ୍ ପାରିଶ୍ରମିକରେ ଖଟୁଛନ୍ତି। ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବନମାଳ ଗ୍ରାମର ଶୁକଦେବ ପରାଭୁଏ(୪୨) ଦାଦନ ଖଟିବାକୁ ତେଲଙ୍ଗାନାର ପୈଦାପଲ୍ଲୀ ଯାଇଥିଲେ। ଇଟାଭାଟିରେ କାମ କରୁଥିବାବେଳେ ଗତ ୮ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଇଟାଭାଟି ମାଲିକ ତାଙ୍କ ଶବ ସେଠାରେ ସତ୍କାର କରିବାକୁ



ଦାଦନ ସମସ୍ୟା ସମ୍ପର୍କରେ ରୁଲିଂ ଦାବି କରୁଛନ୍ତି ସନ୍ତୋଷ ସିଂ ସାଲୁଜା

ବସିଥିଲେ। ମାତ୍ର ଶୁକଦେବଙ୍କ ସ୍ତ୍ରୀ ଉଷା ପରାଭୁଏ ସ୍ୱାମୀଙ୍କ ମୃତଦେହ ନେବାକୁ କହିଥିଲେ ମଧ୍ୟ ଇଟାଭାଟି ମାଲିକ ଛାଡ଼ି ନ ଥିଲେ। ଶେଷରେ ନିରୁପାୟ ହୋଇ ନିଜ ୧୨ ବର୍ଷ ଝିଅକୁ ସେଠାରେ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଧରି ଗାଁକୁ ଆସିଥିଲେ। କାମଧନ୍ଦା ନ ପାଇ ଗତ ୪ ମାସ ତଳେ ୨ ପୁଅ ଓ ଝିଅକୁ ଧରି ଯାଇଥିବା ଶୁକଦେବଙ୍କର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ମୃତ୍ୟୁ ଘଟିଲା। ସରକାର କହୁଛନ୍ତି ରାଜ୍ୟର ☞ପୃଷ୍ଠା-୪

## ୨ ଦାଦନ ସର୍ଦ୍ଦାର ଗିରଫ

**ବଲାଙ୍ଗୀର ଅଫିସ/ବେଲପଡା,୧୪।୩ (ଡି.ଏନ୍.ଏ)**

ତେଲଙ୍ଗାନାରେ ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କଠାରେ ବନ୍ଧକ ରଖି ଜଣେ ମହିଳା ନିଜ ଦାଦନ ଶ୍ରମିକ ସ୍ୱାମୀଙ୍କ ମୃତଦେହ ବଲାଙ୍ଗୀର ଆଣି ସତ୍କାର କରିଥିଲେ। ଏହି ଘଟଣାରେ ମୃତ ଦାଦନ ଶ୍ରମିକ ଶୁକଦେବ ପରାଭୁଏ ଓ ତାଙ୍କ ପରିବାରକୁ ଅଗ୍ରୀମ ଟଙ୍କା ଦେଇ ତେଲଙ୍ଗନାର ପୈଦାପଲ୍ଲୀ ପଠାଇଥିବା ୨ଦାଦନ ସର୍ଦ୍ଦାରଙ୍କୁ ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ବେଲପଡା ଥାନା ବନମାଳ ଗାଁର ତେଲଗୁ ଓରଫ୍ ଘନ ସା (୨୯) ଓ ବିଦ୍ୟାଧର ସାହୁ (୩୬)। ବେଲପଡା ଥାନା ଅନ୍ତର୍ଗତ ବନମାଳ ଗାଁର ଶୁକଦେବ ପରାଭୁଏ ସ୍ତ୍ରୀ ଉଷା ପରାଭୁଏ ଏବଂ ଦୁଇ ପୁଅଝିଅଙ୍କୁ ଧରି ତେଲଙ୍ଗାନା ପ୍ରଦେଶ ପୈଦାପଲ୍ଲୀ ଜିଲାର ଏକ ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ଦୀର୍ଘ ୪ ମାସ ଧରି ଅସ୍ୱାସ୍ଥ୍ୟକର ପରିବେଶରେ କାମ କରି ଅସୁସ୍ଥ ☞ପୃଷ୍ଠା-୪






# ମାଟ୍ରିକ୍ ହିନ୍ଦୀ ପ୍ରଶ୍ନ, ସଂସ୍କୃତ ଉତ୍ତରପତ୍ର ଭାଇରାଲ

**ନବରଙ୍ଗପୁର,୧୪।୩(ବି.ପ୍ର.)**

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ମଙ୍ଗଳବାର ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ପରୀକ୍ଷା ହୋଇଥିଲା। ତେବେ ନବରଙ୍ଗପୁର ଜିଲାରେ ପ୍ରଶ୍ନପତ୍ର ଭାଇରାଲ ହୋଇଛି। ପରୀକ୍ଷା ଆରମ୍ଭର କିଛି ସମୟ ପରେ ଜିଲାରେ ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ନବରଙ୍ଗପୁର ସଦର ବ୍ଲକ ବିକ୍ରମପୁର ହାଇସ୍କୁଲରୁ ଏହି ପ୍ରଶ୍ନପତ୍ର ଲିକ୍ ହୋଇଥିବା ଖବର ମିଳିବା ପରେ ଡିଇଓ ପ୍ରଦୀପ ନାଗ ସେଠାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ କାର୍ଯ୍ୟରେ ଅବହେଳା ପାଇଁ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସଂଗ୍ରାମ କେଶରୀ ସାମଲଙ୍କୁ ମାଟ୍ରିକ୍ ପରୀକ୍ଷା ସରିବା ପର୍ଯ୍ୟନ୍ତ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ବାରଣ କରାଯାଇଛି। ସେମାନଙ୍କ ସ୍ଥାନରେ ନବରଙ୍ଗପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବାଶିଷ ପଟ୍ଟନାୟକଙ୍କୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଶରଣପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ମହାନ୍ତିଙ୍କୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଦିଆଯାଇଥିବା ଡିଇଓ କହିଛନ୍ତି।

ନବରଙ୍ଗପୁର ଜିଲା ସଦର ବ୍ଲକ ବିକ୍ରମପୁର ମହାଦେବ ହାଇସ୍କୁଲରେ ଚଟାହାଣ୍ଡି, ସାନମସିଗାଁ, ବଡ଼ମସିଗାଁ, ☞ପୃଷ୍ଠା-୪

## ଆଜିଠୁ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୬ଦଫା ଦାବି ନେଇ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦିଆଯାଇଛି। ହେଲେ ଆନ୍ଦୋଳନ ପୂର୍ବରୁ ବିବାଦ ଦେଖାଦେଇଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଏବଂ ନିଖିଳ ଓଡ଼ିଶା ଅଟୋ ମହାସଂଘ ଏହି ଆନ୍ଦୋଳନରେ ସହଯୋଗ କରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଦେଇଛନ୍ତି। ଓଡ଼ିଶା ମୋଟର ଚାଳକ ସଂଘ, ପରିବହନ ସଂଘ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବ୍ୟାଙ୍କ ବୁଡ଼ିଲେ

# ଗର୍ଭବତୀଙ୍କୁ ବଳାତ୍କାର, ଭିଡିଓ ଶୁଟିଂ କଲେ ଆଶାକର୍ମୀ

**ନବରଙ୍ଗପୁର/ଡେନ୍ଗୁଲିଖୁଣ୍ଟି, ୧୪।୩(ବି.ପ୍ର./ଡି.ଏନ୍.ଏ.)**

- ରେଗୁଲାର ଚେକ୍ଅପ୍ କରିବାକୁ କହି ପୀଡ଼ିତାଙ୍କୁ ଡାକି ନେଇଥିଲେ
- ଆଶାକର୍ମୀ ଓ ତାଙ୍କ ସ୍ୱାମୀ ଗିରଫ

ପାଞ୍ଚ ମାସର ଗର୍ଭବତୀଙ୍କୁ ସମ୍ପର୍କୀୟ ଦେଢ଼ଶୁର ବଳାତ୍କାର କରିଛନ୍ତି। ବଳାତ୍କାର ସମୟରେ ଅଭିଯୁକ୍ତଙ୍କ ସ୍ତ୍ରୀ ତଥା ଆଶାକର୍ମୀ ଏହାର ଭିଡିଓ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପୀଡ଼ିତା ନ୍ୟାୟ ପାଇଁ ଥାନାରେ ଏତଲା ଦେଲା ପରେ ପୋଲିସ ଅଭିଯୁକ୍ତ ଯୁବକ ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଜିଲା ଖାତିଗୁଡ଼ା ଥାନା ଅଞ୍ଚଳର ଲିଳିଆ ରୁଞ୍ଜିକାର ଓ ତାଙ୍କ ସ୍ତ୍ରୀ(ଆଶାକର୍ମୀ) ପଦ୍ମା ରୁଞ୍ଜିକାର।

ସୂଚନାନୁଯାୟୀ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳର ପୀଡ଼ିତା ୫ମାସର ଗର୍ଭବତୀ ଅଛନ୍ତି। ଗତ ୨୮ ତାରିଖରେ ଗାଁର ଆଶାକର୍ମୀ ପଦ୍ମା ରେଗୁଲାର ଚେକ୍ଅପ୍ କରିବାକୁ କହି ପୀଡ଼ିତାଙ୍କୁ ନେଇ ନିଜ ପୁଅଙ୍କ ସହ ଏକ ବାଇକ୍‌ରେ ନବରଙ୍ଗପୁର ବାହାରିଥିଲେ। ଅଧା ରାସ୍ତାରେ ପଦ୍ମାଙ୍କ ସ୍ୱାମୀ ଲିଳିଆ ରୁଞ୍ଜିକାର ପୁଅକୁ ଘରକୁ ପଠାଇ ନିଜେ ବାଇକ୍‌ରେ ପୀଡ଼ିତା ଓ ତାଙ୍କ ସ୍ତ୍ରୀ ପଦ୍ମାଙ୍କୁ ବସିବାକୁ କହିଥିଲେ। ପୀଡ଼ିତା ଦେଢ଼ଶୁରଙ୍କ ସହ ଗୋଟିଏ ☞ପୃଷ୍ଠା-୪






# ବିଶ୍ୱର ଅଷ୍ଟମ ପ୍ରଦୂଷିତ ରାଷ୍ଟ୍ର ଭାରତ

**ନୂଆଦିଲ୍ଲୀ, ୧୪।୩**

- ୫୦ ପ୍ରଦୂଷିତ ସହର ମଧ୍ୟରେ ଭାରତର ୩୯
- ଦେଶର ୫୦ ବିଲିୟନ୍ ଡଲାର କ୍ଷତି

ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ସୂଚୀରେ ଭାରତ ଅଷ୍ଟମ ସ୍ଥାନରେ ରହିଛି। ମଙ୍ଗଳବାର ସୁଇସ୍ ଫାର୍ମ ଆଇକ୍ୟୁଏୟାର ପକ୍ଷରୁ 'ୱାର୍ଲ୍ଡ ଏୟାର୍ କ୍ୱାଲିଟି ରିପୋର୍ଟ'ରେ ପ୍ରକାଶ ପାଇଛି। ୨୦୨୨ରେ ସବୁଠାରୁ ପ୍ରଦୂଷିତ ରାଷ୍ଟ୍ର ସୂଚୀର ଶୀର୍ଷ ସ୍ଥାନରେ ରହିଛି ସେଣ୍ଟ୍ରାଲ ଆଫ୍ରିକାର ଚାଦ। ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ବାୟୁମଣ୍ଡଳରେ ପିଏମ୍୨.୫ (ଫାଇନ୍ ପାର୍ଟିକଲ୍/ ପ୍ରଦୂଷକ)ର ପରିମାଣ ୫୩.୩ ମାଇକ୍ରୋଗ୍ରାମ୍/କ୍ୟୁବିକ୍ ମିଟର, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ)ର ସେଫ୍ ଲିମିଟ୍‌ଠାରୁ ୧୦ ଗୁଣା ଅଧିକ। ସୁଇସ୍ ଆଇକ୍ୟୁଏୟାର ପକ୍ଷରୁ ପ୍ରକାଶ ପାଇଥିବା ଏହି ରିପୋର୍ଟ ପିଏମ୍ ୨.୫କୁ ଆଧାର କରି ବୈଜ୍ଞାନିକ ଓ ହେଲ୍‌ଥ ଏକ୍ସପର୍ଟଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି।



ସରକାରୀ ବା ବେସରକାରୀ ଭାବେ ତୃଣମୂଳ ସ୍ତରରେ କାର୍ଯ୍ୟରତ ୧୩୧ ଦେଶର ୩୦,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟବେକ୍ଷକଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଦେଶରେ ୨୦-୩୦% ପ୍ରଦୂଷଣ ଟ୍ରାନ୍ସପୋର୍ଟେଶନ୍ ସେକ୍ଟର ଦ୍ୱାରା ହେଉଥିବାବେଳେ ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍, କୋଇଲାରୁ ଶକ୍ତି ଉତ୍ପାଦନକାରୀ ପ୍ଲାଣ୍ଟ ଏବଂ ଜଙ୍ଗଲ ନିଆଁ ଦ୍ୱାରା ବାୟୁମଣ୍ଡଳରେ ପିଏମ୍୨.୫ ପ୍ରଦୂଷକର ପରିମାଣ ବଢ଼ୁଥିବା ଉଲ୍ଲେଖ କରାଯାଇଛି। ବାୟୁ ପ୍ରଦୂଷଣ ଯୋଗୁ ଭାରତର ୧୫୦ ବିଲିୟନ ଡଲାର କ୍ଷତି ହୋଇଥିବା ଅନୁମାନ କରାଯାଇଛି। ☞ପୃଷ୍ଠା-୪

# ୧୦ ବର୍ଷରେ ୭୮୪ ହାତୀ ମୃତ

## ୯୨୫ ମଣିଷ ମାରିଛି ହାତୀ



ଭୁବନେଶ୍ୱର,୧୪।୩(ବ୍ୟୁରୋ)

ହାତୀବଂଶ ଧୀରେ ଧୀରେ ଲୋପ ହୋଇଯିବ। ଖାଦ୍ୟ, ପାନୀୟ ଓ ବାସସ୍ଥଳୀ ଅଭାବରୁ ଏହି ବିଶାଳକାୟ ଜୀବ ଜନବସତିମୁହାଁ ହେଉଛନ୍ତି। ଫଳରେ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ କାରଣରୁ ହାତୀ ମୃତ୍ୟୁମୁଖରେ ପଡୁଛନ୍ତି। କେବଳ ହାତୀ ନୁହେଁ ଏହି ସଂଘର୍ଷରେ ଅନେକ ବ୍ୟକ୍ତିଙ୍କର ମଧ୍ୟ ପ୍ରାଣହାନି ଘଟୁଛି।

ଗତ ୧୦ ବର୍ଷ(୨୦୧୨ରୁ ୨୦୨୨ ମସିହା ପର୍ଯ୍ୟନ୍ତ)ରେ ଓଡ଼ିଶାର ବିଭିନ୍ନ ଜିଲାରେ ୭୮୪ ହାତୀ ମରିଥିବା ବେଳେ ୯୨୫ ମଣିଷ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଭାଜପା ସଭ୍ୟ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ୨୦୧୨-୧୩ରେ ୮୨ ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୪, ୨୦୧୫-୧୬ରେ ୮୬, ୨୦୧୬-୧୭ରେ ୭୬, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩, ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧- ୨୨ରେ ୮୬ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ୨୦୧୨-୧୩ରେ ହାତୀ ଆକ୍ରମଣରେ ୮୦ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୩-୧୪ରେ ୬୭, ୨୦୧୪-୧୫ରେ ୬୫, ୨୦୧୫-୧୬ରେ ୮୯, ୨୦୧୬-୧୭ରେ ୬୬, ୨୦୧୭-୧୮ରେ ୧୦୫, ୨୦୧୮-୧୯ରେ ୮୫, ୨୦୧୯-୨୦ରେ ୧୧୭, ୨୦୨୦-୨୧ରେ ୧୩୯ ଓ ୨୦୨୧-୨୨ରେ ୧୧୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି।

ଏହି ସମୟରେ ମୋଟ ୨୧୨ ଜଣ ହାତୀ ଆକ୍ରମଣରେ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଛନ୍ତି। ୨୦୧୨-୧୩ରେ ୫, ୨୦୧୩-୧୪ରେ ୧୯, ୨୦୧୪-୧୫ରେ ୧୦, ୨୦୧୫-୧୬ରେ ୧୩, ୨୦୧୬-୧୭ରେ ୧୪, ୨୦୧୭-୧୮ରେ ୧୮, ୨୦୧୮-୧୯ରେ ୧୬, ୨୦୧୯-୨୦ରେ ୪୫, ୨୦୨୦-୨୧ରେ ୨୧ ଓ ୨୦୨୧-୨୨ରେ ସର୍ବାଧିକ ୫୧ ଜଣ ଅକର୍ମଣ୍ୟ ହୋଇଛନ୍ତି। ହାତୀ ମୃତ୍ୟୁ ମାମଲା ମଧ୍ୟରୁ ୩୯ ମାମଲାର ତଦନ୍ତ କରାଯାଇ ୫୦ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ଚାର୍ଜଶିଟ୍ ହୋଇଛି। ତେବେ କୌଣସି ଅଭିଯୁକ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ଦଣ୍ଡ ଦିଆଯାଇନାହିଁ।୨୦୧୭ ଗଣନା ଅନୁସାରେ ରାଜ୍ୟରେ ୧୯୭୬ ହାତୀ ଅଛନ୍ତି। ହାତୀ ସୁରକ୍ଷା ନିମନ୍ତେ ଜଙ୍ଗଲରେ ବୃକ୍ଷରୋପଣଠାରୁ ଆରମ୍ଭ କରି ଚାରଣ ଭୂମି ସୃଷ୍ଟି, ଜଳାଶୟ ଖନନ, ଶିକାରୀ ନିରୋଧ ଶିବିର କରିବା, ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟର ୩୯ଟି ବନଖଣ୍ଡରେ ବିଭିନ୍ନ କାରଣରୁ ୪୧୦ ହାତୀଙ୍କ ମୃତ୍ୟୁ ହୋଇଛି। ଏହି ୫ ବର୍ଷ ଭିତରେ ପ୍ରାକୃତିକ କାରଣରୁ ୪୪ଟି ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ଶିକାରୀଙ୍କ ହାତରେ ୧୦ ହାତୀଙ୍କ ଜୀବନ ଯାଇଛି। ବିଷ ପ୍ରୟୋଗ ଦ୍ୱାରା ରାଉରକେଲା ଡିଭିଜନରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ଆଘାତରେ ଆକସ୍ମିକ ଭାବେ ୨୬ ହାତୀଙ୍କ ଜୀବନ ଯାଇଥିବା ବେଳେ ସୁଚିନ୍ତିତ ଭାବେ ୩୫ ହାତୀ ମରାଯାଇଛି। ରେଳ ଦୁର୍ଘଟଣାରେ ୧୭ ଓ ସଡ଼କ ଦୁର୍ଘଟଣାରେ ୪ ହାତୀଙ୍କ ମୃତ୍ୟୁ ହୋଇଛି। ଅନ୍ୟାନ୍ୟ ଦୁର୍ଘଟଣା କାରଣରୁ ୮୫ ହାତୀଙ୍କ ମୃତ୍ୟୁ ହୋଇଛି। ଆନ୍ଥ୍ରାକ୍ସ ରୋଗରେ ୨୪ ଓ ହରପିସ୍ ରୋଗରେ ୧୦ ହାତୀଙ୍କ ମୃତ୍ୟୁ ହୋଇଛି। ଅନ୍ୟାନ୍ୟ ରୋଗରେ ୧୨୪ ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩୬ ହାତୀଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଏସ୍ଏଚ୍‌ଜି ଟଙ୍କା ଝିଅ ବାହାଘରରେ ଲାଗୁଛି: ବିରୋଧୀ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

**ମୁଲତବୀ ଆଲୋଚନା**
- ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି: ଶାସକ
- ୬ ଲକ୍ଷ ଏସ୍ଏଚ୍‌ଜିରେ ୭୦ ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷ ତ୍ୟାଗ

ସରକାର ମିଶନ ଶକ୍ତି ନାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏଚ୍ଏଚ୍‌ଜି)କୁ ଯେଉଁ ଟଙ୍କା ଦେଉଛନ୍ତି ତାହା ଝିଅ ବାହାଘର, ଭୋଜିଭାତରେ ଶେଷ ହୋଇଯାଉଛି। ମହିଳାମାନଙ୍କ ବିକାଶ ପରିବର୍ତ୍ତେ ବିନାଶ ହେଉଛି। ଏସ୍ଏଚ୍‌ଜିରୁ ଅଧିକ ସୁଧରେ ଋଣ ନେଇ ଶୁଝିପାରୁ ନାହାନ୍ତି। ବିନା ସୁଧରେ ୫ ଲକ୍ଷ ଟଙ୍କା ଦିଆଯାଉଛି। ଏଚ୍ଏଚ୍‌ଜିକୁ ଯେଉଁ ଟଙ୍କା ଦିଆଯାଉଛି ତାହା କୁଆଡ଼େ ଯାଉଛି ତାହାର ତଦନ୍ତ କରାଯାଉ। ମଙ୍ଗଳବାର ମୁଲତବୀ ଆଲୋଚନାବେଳେ ବିରୋଧୀ ଦଳ ମିଶନ ଶକ୍ତିରେ ଖର୍ଚ୍ଚ କରାଯାଉଥିବା ଟଙ୍କାକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର 'ଲକ୍ଷ୍ୟଠାରୁ ଦୂରେଇ...କୋଟି କୋଟି ଟଙ୍କା ହରିଲୁଟ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ସରକାରୀ ଦଳର ୮ ଜଣ ସଦସ୍ୟ ଓ ଜଣେ ପୂର୍ବତନ ମନ୍ତ୍ରୀ ଅଧ୍ୟକ୍ଷ ଥିବା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ଗତ ୩ ବର୍ଷ ଧରି ଏକାପ୍ରକାର ସୁପାରିସ କରାଯାଉଛି। ଅନ୍ୟପକ୍ଷରେ ମୁଲତବୀ ପ୍ରସ୍ତାବ ନିରାଧାର ବୋଲି କହୁଛନ୍ତି। ଯଦି ଷ୍ଟାଣ୍ଡିଂ କମିଟି କଥାକୁ ବିଶ୍ୱାସ କରାଯାଉ ନାହିଁ, ତେବେ ବାଚସ୍ପତି କିମ୍ବା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରି ଏସ୍ଏଚ୍‌ଜିକୁ ଦିଆଯାଉଥିବା ଟଙ୍କାର ବିନିଯୋଗ ଉପରେ ତଦନ୍ତ କରାଯାଉ। ଗାଁରେ ଏସ୍ଏଚ୍‌ଜିଗୁଡ଼ିକ ବହୁତ ସୁଧରେ ଋଣ ଦେଉଛନ୍ତି। ଋଣ ଯେଉଁମାନେ ନେଉଛନ୍ତି ଟଙ୍କା ଶୁଝିପାରୁ ନାହାନ୍ତି। ସେ ଟଙ୍କା ଝିଅ ବାହାଘର ଓ ଭୋଜିରେ ଖର୍ଚ୍ଚକରି ଦେଉଛନ୍ତି। ୫ ଲକ୍ଷ ଟଙ୍କା ବିନା ସୁଧରେ ଦିଆଯାଉଛି। ସେ ଟଙ୍କାର ଉଦ୍ଦେଶ୍ୟ ଯଦି ସାଧିତ ନ ହେଲା ତେବେ ଟଙ୍କା ଦେଇ ଲାଭ କ'ଣ ବୋଲି ନରସିଂହ କହିଛନ୍ତି। ଏହାର ତଦନ୍ତ କରାଯାଉ। ବାସ୍ତବରେ ହରିଲୁଟ ହେଉଛି କି ନାହିଁ ଜଣାପଡ଼ିବ। ସରକାରୀ ପଇସାରେ ମହିଳାଙ୍କ ସର୍ବନାଶ କରି ରାଜନୀତି କରା ନ ଯାଉ। କମିଟି ଦ୍ୱାରା ଯଥାଶୀଘ୍ର ତଦନ୍ତ କରାଯାଇ ଗୃହକୁ ଅବଗତ କରାଯାଉ ବୋଲି ନରସିଂହ କହିଛନ୍ତି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ୧୯୯୧ରେ ଏସ୍ଏଚ୍‌ଜି ନାବାର୍ଡ ଦ୍ୱାରା ଗଠନ କରାଯାଇଥିଲା। ୧୦ ବର୍ଷ ପରେ ରାଜ୍ୟରେ ୨୦୦୧ରେ ଆରମ୍ଭ କରାଗଲା। ମହିଳାଙ୍କୁ ନେଇ ରାଜନୀତି କରା ନ ଯାଉ। ଏସ୍ଏଚ୍‌ଜିରୁ ଅଧିକ ସୁଧରେ ଋଣ ନେଇ ମହିଳାମାନେ ଶୁଝିପାରୁ ନାହାନ୍ତି। ହୁଳହୁଳି ପକାଇବାକୁ ମହିଳାମାନଙ୍କୁ ସଭା ସମିତିକୁ ବିଜେଡି ନେଉଛି। ମନ୍ତ୍ରୀ ଆସିବେ। ଫୋନ୍ କଲ୍ ଗଲେ ମହିଳାମାନଙ୍କୁ ଏକାଠି କରାଯାଉଛି। ଯେଉଁ ମହିଳାମାନେ ଋଣ ନେଇ ଶୁଝିପାରୁ ନାହାନ୍ତି, ସେମାନଙ୍କୁ ଛାଡ଼ କରାଯାଉ। ହାଉସ୍ କମିଟି ଏସ୍ଏଚ୍‌ଜିକୁ ଦିଆଯାଉଥିବା ଅର୍ଥର ତଦନ୍ତ କରୁ ବୋଲି ତାରା ଦାବି କରିଥିଲେ। ଭାଜପା ସଭ୍ୟ ମୋହନ ମାଝି, ମୁକେଶ ମହାଲିଙ୍ଗ ଏବଂ କୁସୁମ ଟେଟେ ପ୍ରମୁଖ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ବିଜେଡି ମାତୃଶକ୍ତିକୁ ଆଡୁଆଳରେ ରଖି ନିଜର ରାଜନୈତିକ ଫାଇଦା ହାସଲ କରୁଛି। ବିଜେଡି ମିଶନ ଶକ୍ତିକୁ ହାତବାରିସି କରିଛି ବୋଲି ଭାଜପା ସଦସ୍ୟମାନେ ଅଭିଯୋଗ କରିଛନ୍ତି।

ବିରୋଧୀ ଦଳ ଆଣିଥିବା ମୁଲତବୀକୁ ବିରୋଧ କରି ବିଜେଡି ସଭ୍ୟ ଦେବୀପ୍ରସାଦ ମିଶ୍ର କହିଲେ, ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସଶକ୍ତ କରାଇଛନ୍ତି। ମହିଳା ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ୨୦୨୨-୨୩ ବଜେଟରେ ୬୨୩ କୋଟି ବ୍ୟୟବରାଦ କରିଥିବା ବେଳେ ରାଜ୍ୟ ସରକାର ୧୩୬୪ କୋଟି ଓ ୨୦୨୩-୨୪ରେ କେନ୍ଦ୍ର ସରକାର ୬୫୪ କୋଟି ବ୍ୟୟବରାଦ କରିଥିବା ବେଳେ ରାଜ୍ୟ ସରକାର ୧୮୯୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି। ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇଛନ୍ତି। ସେମାନଙ୍କର ସାମାଜିକ ଓ ମାନସିକ ବିକାଶ ହୋଇଛି। ବିଜେଡି ସଭ୍ୟ ଲତିକା ପ୍ରଧାନ କହିଥିଲେ, ମହିଳାମାନେ ମହାଜନି କାରବାର କରୁଥିବା ବିରୋଧୀ ଦଳ ସଦସ୍ୟମାନେ କହିବା ଅତ୍ୟନ୍ତ ନିନ୍ଦନୀୟ। ମିଶନ ଶକ୍ତି ଯୋଗୁ ମହିଳାମାନଙ୍କର ସାମାଜିକ ଓ ମାନସିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ହୋଇଛି। ରାଜ୍ୟରେ ୧୭୦ ମିଶନ ଶକ୍ତି କାଫେ ଖୋଲିଛି। ବିଜେଡି ସଭ୍ୟ ସୁନନ୍ଦା ଦାସ ଓ ମୀନାକ୍ଷୀ ମହାନ୍ତ ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବକୁ କଡ଼ା ବିରୋଧ କରିବା ସହ ମହିଳା ଶସକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଲତବୀ ଆଲୋଚନା ଶେଷରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ରାଜ୍ୟରେ ୨୦୦୧ରୁ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦୁଇ ଦଶନ୍ଧି ଧରି ପୁରପଲ୍ଲୀରେ ଲକ୍ଷ ଲକ୍ଷ ମହିଳା ଏସ୍ଏଚ୍‌ଜି ଜରିଆରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ରାଜ୍ୟରେ ୬ ଲକ୍ଷ ଏସ୍ଏଚ୍‌ଜିରେ ୭୦ ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି। ୨୦୨୧ରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ସୃଷ୍ଟି କରିଛନ୍ତି। ଏସ୍ଏଚ୍‌ଜି ବ୍ୟାଙ୍କ ଋଣ ପରିମାଣ ୯୫୧୦ କୋଟିରେ ପହଞ୍ଚିଛି। ନିୟମିତ ଋଣ ପରିଶୋଧ କରି ସ୍ୱୟଂ ସହାୟକ ଗୋଷ୍ଠୀ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ଏସ୍ଏଚଜିକୁ ୧୬୫ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ପ୍ରତି ଜିଲାରେ ମିଶନ ଶକ୍ତି ବଜାର ସ୍ଥାପନ କରାଯିବ। ଏଚ୍ଏଚ୍‌ଜିଗୁଡ଼ିକୁ ଉଦ୍ୟୋଗରେ ପରିଣତ କରିବା ପାଇଁ ଜିଲାସ୍ତରରେ ଇଣ୍ଡଷ୍ଟ୍ରିଆଲ ପାର୍କ ସ୍ଥାପନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ।

# ଆଚାର୍ଯ୍ୟ ହରିହରରେ ଖୋଲିବ ନୂଆ ପାଠ୍ୟକ୍ରମ

## ଏମ୍‌ଡି-ପାଥୋଲୋଜିର ୪ ସିଟ୍‌ରେ ହେବ ନାମଲେଖା

କଟକ ଅଫିସ,୧୪।୩

କଟକସ୍ଥିତ ଆଚାର୍ଯ୍ୟ ହରିହର ପିଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସରରେ ନୂତନ ପାଠ୍ୟକ୍ରମ ଏମ୍‌ଡି-ପାଥୋଲୋଜିରେ ୪ଟି ସିଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଶିକ୍ଷାବର୍ଷ ୨୦୨୩-୨୪ରୁ ଏହି ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହେବ। ତେବେ ଏଥିନିମନ୍ତେ କମିଶନର ନିୟମାନୁସାରେ ଆବଶ୍ୟକ ଭିତ୍ତିଭୂମି ସମେତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ବିଲ୍‌ଡିଂ, ଯନ୍ତ୍ରପାତି ଓ ହସ୍ପିଟାଲ ସୁବିଧା ଥିବା ଦର୍ଶାଇ ନ୍ୟାଶନାଲ ମେଡିକାଲ କାଉନ୍‌ସିଲ୍‌କୁ ପିଜି ସିଟ୍‌ରେ ନାମଲେଖା ନିମନ୍ତେ ଆବେଦନ କରିବାକୁ କୁହାଯାଇଛି। ଆନୁଷ୍ଠାନିକ ଭାବେ କାଉନସିଲ ପକ୍ଷରୁ ଅନୁମତି ନ ମିଳିବା ଯାଏ ନାମଲେଖା ହେବ ନାହିଁ। ଏନେଇ ନ୍ୟାଶନାଲ ମେଡିକାଲ କମିଶନ ପକ୍ଷରୁ ପ୍ରେରିତ ଚିଠି ସୋମବାର ପହଞ୍ଚିଥିବା ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ପ୍ରଫେସର ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରକୁ ୨୦୨୦ ଫେବୃଆରୀରେ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୟାନସର ଭାବେ ଘୋଷଣା କରାଯାଇଥିଲା। ପୂର୍ବରୁ ଏଠାରେ ସର୍ଜିକାଲ ଅଙ୍କୋଲୋଜି, ଗାଇନାକୋଲୋଜିକାଲ ଅଙ୍କୋଲୋଜି, ଆନାସ୍ଥେସିଓଲୋଜି ଅଙ୍କୋଲୋଜିରେ ୨ଟି ଲେଖାଏ ସିଟ୍‌ରେ ପିଜି ପାଠ୍ୟକ୍ରମ ପଢ଼ା ହେଉଛି। ଏହି ପାଠ୍ୟକ୍ରମ ସାମିଲ ହେବା ପରେ ୪ଟି ପିଜି ପାଠ୍ୟକ୍ରମରେ ପ୍ରତିବର୍ଷ ମୋଟ ୧୦ ସିଟ୍‌ରେ ନାମଲେଖା ହେବ। ଏହାବାଦ ଆଗାମୀ ବର୍ଷରେ ମେଡିକାଲ ଅଙ୍କୋଲୋଜି ଓ ହେଡ୍ ଆଣ୍ଡ ନେକ୍ ଅଙ୍କୋଲୋଜି ପାଠ୍ୟକ୍ରମ ଖୋଲିବା ନିମନ୍ତେ ଅନୁମତି ଆଣିବାକୁ ଯୋଜନା କରାଯାଉଥିବା ଜଣାଯାଇଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
- ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
- ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
- ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
- ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।

ଯୋଗାଯୋଗ ମୋବାଇଲ ନମ୍ବର
7608962459

**UNO CREDIT**
**WANTED**
ACCOUNTS CUM OPERATIONS EXECUTIVE: (Male, B.Com, Bhubaneswar)
SALES EXECUTIVE: Loan & Securities
(For all over Odisha)
M: 8144844738

**URGENT REQUIRED**
FRESH / EXPERIENCED
Marketing Executive / Sales / Customer Support Engineer for M/s SIBA SHAKTI ELASTOMER
Qualification: Diploma / Degree / B.Tech.
Email CV to:
info@sibashaktielastomer.co.in

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158

**URGENTLY REQUIRED**
HOTEL MANAGER: (Exp. in Online Platform)
DATA ENTRY OPERATOR: (Tally & MS Office)
LEGAL ASSISTANT: (Graduate / LLB)
Contact: 9338554697

**URGENTLY REQUIRED**
+2 Pass/continue (Should interest in ART n CRAFT WORK)
PROJECTRONICS
71, Lane 5, Bapuji Nagar, BBSR, Odisha
Ph.- 9776414425

**REQUIRED**

| Name of post | Qualification | Name of Post |
| --- | --- | --- |
| Lecturer | M.Pharma/B.Pharma | Accountant |
| Lab. Tech. | D.Pharma | Lab Attendant |
| Demonstrator | B.Sc | Peon |
| Allied Lecturer | M.Sc in Microbiology/ B.M.L.T/ D.M.L.T | Gardener/Security |
| Visiting Faculty | MD.(Patho)/MD/MBBS | |

Applications are invited within 7 days to the Director Maruti Pharmacy College, Barahagoda, Dist. Bargarh.
Phone No. 9438066954/ 7605930501
Principal

**WANTED**
ଧରିତ୍ରୀ Oriya daily is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
- ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା।
- ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା।
- ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା।

ପ୍ରାର୍ଥୀଙ୍କ ଯୋଗ୍ୟତା:-
- ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା।

Apply immediately to :
recruitment@dharitri.com
Attractive salary commensurate with experience

# ତୃତୀୟ ଭାଷାରେ ୧୭,୪୦୦ ଅନୁପସ୍ଥିତ

## ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା

**୨୭ଜଣ କପି କରି ଧରାପଡ଼ିଛନ୍ତି**

କଟକ ଅଫିସ, ୧୪।୩: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷାର ମଙ୍ଗଳବାର ତୃତୀୟ ଦିନରେ ତୃତୀୟ ଭାଷା ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି। ତେବେ ତୃତୀୟ ଭାଷା ବିଷୟରେ ରାଜ୍ୟରେ ମୋଟ ୫ ଲକ୍ଷ ୩୬ ହଜାର ୪୩୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଲକ୍ଷ ୧୯ ହଜାର ୩୯ଜଣ ପରୀକ୍ଷା ଦେଇଛନ୍ତି। ଅନ୍ୟପଟେ ଏହି ପରୀକ୍ଷାରେ ୧୭ ହଜାର ୪ଶହ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ସେଥିରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟରେ ୧୬ ହଜାର ୬୯୫ଜଣ, ସଂସ୍କୃତ ମଧ୍ୟମାରେ ୫୬୧ ଜଣ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୧୪୪ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନାହାନ୍ତି। ସେହିଭଳି ଉକ୍ତ ପରୀକ୍ଷାରେ ୨୭ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ଚଳିତ ଆର୍ଥିକ ବର୍ଷରେ ୫୦ ହଜାର କିଲୋମିଟର ରାସ୍ତା ମରାମତି ହେବ: ମନ୍ତ୍ରୀ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଯୋଜନାରେ ଗତ ୩ ବର୍ଷ (୨୦୨୦-୨୧ରୁ ୨୦୨୨-୨୩ ) ମଧ୍ୟରେ ୨୪୨୨.୧୦ କୋଟି ଟଙ୍କା ବ୍ୟୟରେ ୭୦୫ଟି ରାସ୍ତା ନିର୍ମାଣ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ସମୟରେ ୫୦୮୬.୧୦ କୋଟି ଟଙ୍କା ବ୍ୟୟରେ ୨୦୮୭ ନୂତନ ରାସ୍ତା ନିର୍ମାଣ କରାଯାଇଛି। ଏହି ଯୋଜନାରେ ୫ ବର୍ଷ ଅବଧି ପୂର୍ଣ୍ଣ କରିଥିବା ୩୫୯୦ ରାସ୍ତାର ସାମୟିକ ମରାମତି ବାବଦରେ ୧୩୯୭.୩୬ କୋଟି ବ୍ୟୟ କରାଯାଇଛି। ସେହିପରି ବିଭାଗ ଅଧୀନରେ ଥିବା ଅନ୍ୟାନ୍ୟ ୬୬୨୪ ରାସ୍ତା ୧୧୮୪.୭୫ କୋଟି ଟଙ୍କା ବ୍ୟୟରେ ମରାମତି କରାଯାଇଛି। ଗତ ୩ ବର୍ଷରେ ୫୦୩ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୫୮.୭୯ କୋଟି ଟଙ୍କା ବ୍ୟୟରେ ୫୦ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ। ମଙ୍ଗଳବାର ପ୍ରଶ୍ନକାଳରେ ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଏହା କହିଛନ୍ତି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ବିଜେଡି ସଭ୍ୟ ରାଜେନ୍ଦ୍ର ସାହୁ, ଅରବିନ୍ଦ ଢାଲି, ଚନ୍ଦ୍ର ସାରଥି ବେହେରା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀ, ସୁବାସ ପାଣିଗ୍ରାହୀ ପ୍ରମୁଖ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ସଡ଼କ ଓ ଅନ୍ୟାନ୍ୟ ରାସ୍ତାଗୁଡ଼ିକର ମରାମତି ହେଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲେ। ବିଜୁ ସେତୁ ଯୋଜନାରେ ଆପ୍ରୋଚ ରୋଡ୍ ପକ୍କା ରାସ୍ତା ହେଉ ନାହିଁ। ସରକାର ଆର୍‌ଡି ଅଧୀନରେ ନ ଥିବା ରାସ୍ତାର ମରାମତି ପାଇଁ କିଛି ବ୍ୟବସ୍ଥା କରିଛନ୍ତି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଯେଉଁ ରାସ୍ତା ଖରାପ ଅଛି ସେଗୁଡ଼ିକର ମରାମତି କରାଯିବ। ରାଜ୍ୟରେ କୌଣସି ରାସ୍ତା ଖାଲଖମା ନ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ସେହି ଅନୁଯାୟୀ କାମ ହେଉଛି। ସବୁ ଗାଁକୁ ରାସ୍ତା ସଂଯୋଗ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।





ନୂଆଦିଲ୍ଲୀର ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆରେ ମଙ୍ଗଳବାର ସାହିତ୍ୟିକ ବିଜୟ ନାୟକଙ୍କ ପ୍ରବନ୍ଧ ସଙ୍କଳନ 'କଳ୍ପନାର ବାସ୍ତବତା' ଲୋକାର୍ପିତ ହୋଇଛି। ଏହାକୁ ଉନ୍ମୋଚନ କରୁଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ତଥା ବରିଷ୍ଠ କବି ଅମରେନ୍ଦ୍ର ଖଟୁଆ, ପ୍ରଖ୍ୟାତ ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟ, ଗ୍ରନ୍ଥ ମନ୍ଦିର ପବ୍ଲିକେଶନ୍‌ର କଲ୍ୟାଣୀ ମିଶ୍ର ଓ ଲେଖକ ବିଜୟ ନାୟକ। (ଫଟୋ: ଚମନ ଗୌତମ)

# ଏନ୍‌ଇଇଟି ପିଜି ଫଳ ପ୍ରକାଶିତ

**ନୂଆଦିଲ୍ଲୀ, ୧୪।୩**

ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ୍ସ ଇନ୍‌ମେଡିକାଲ ସାଇନ୍ସ(ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ମଙ୍ଗଳବାର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ପୋଷ୍ଟଗ୍ରାଜୁଏଟ୍ (ଏନ୍‌ଇଇଟି-ପିଜି), ୨୦୨୩ ଫଳାଫଳ ଘୋଷଣା କରାଯାଇଛି। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ସରକାରୀ ୱେବ୍‌ସାଇଟ୍ natboard.edu.inରୁ ଫଳାଫଳ ଦେଖିପାରିବେ। ୨୦୨୩-୨୪ରେ ଏମ୍‌ଡି, ଏମ୍‌ଏସ୍, ଡିଏନ୍‌ବି ଏବଂ ଡିପ୍ଲୋମା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ଗତ ମାର୍ଚ୍ଚ ୫ରେ ଏନ୍‌ଇଇଟି-ପିଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ୨.୦୯ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ନାମ ପଞ୍ଜୀକରଣ କରିଥିଲେ।

ସାଧାରଣ ବର୍ଗ ଏବଂ ଆର୍ଥିକ ଦୁର୍ବଳ ବର୍ଗ(ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ୫୦ତମ ପର୍ସେଣ୍ଟାଇଲ ଥିବାବେଳେ କଟ୍‌ଅଫ୍ ସ୍କୋର୍ ୨୯୧ ରହିଛି। ସେହିପରି ସାଧାରଣ-ପିଡବ୍ଲ୍ୟୁବିଡି ବର୍ଗଙ୍କ ପାଇଁ ୪୫ତମ ପର୍ସେଣ୍ଟାଇଲ ଏବଂ କଟ୍‌ଅଫ୍ ସ୍କୋର ୨୭୪ ରହିଛି। ଏସ୍‌ସି/ଏସ୍‌ଟି/ଓବିସିଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ୪୦ତମ ପର୍ସେଣ୍ଟାଇଲ ଏବଂ କଟ୍‌ଅଫ୍ ସ୍କୋର ୨୫୭ ଧାର୍ଯ୍ୟ ହୋଇଛି। ସର୍ବଭାରତୀୟ ୫୦% କୋଟା ସିଟ୍ ମେରିଟ୍ ପୋଜିଶନ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏନ୍‌ଇଇଟି-ପିଜି ଫଳାଫଳ ଘୋଷଣା ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଟୁଇଟ୍ ଯୋଗେ ଜଣାଇଛନ୍ତି। ରେକର୍ଡ କମ୍ ସମୟ ମଧ୍ୟରେ ଫଳ ପ୍ରକାଶ ପାଇପାରିଛି। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

# ପାଠ ପଢ଼ାଇବାବେଳେ ଶିଶୁପୁତ୍ରକୁ ସିଗାରେଟ୍ ଚେଙ୍କ

## ମାନବିକତା ହରାଇଲେ ମା' ଓ ସମ୍ପର୍କୀୟ

**ଚଣ୍ଡିଖୋଲ/ଛତିଆ, ୧୪।୩(ଡି.ଏନ୍.ଏ.)**

ଯାଜପୁର ଜିଲା ଛତିଆ ନିକଟସ୍ଥ ଗୋପପୁର ଛକରେ ଘରଭଡ଼ା ନେଇ ରହୁଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ କାଇମାଟିଆ ଗ୍ରାମର ରଶ୍ମି ମହାପାତ୍ର ପାଠ ନ ପଢ଼ିବାରୁ ତାଙ୍କ ୪ ବର୍ଷର ଶିଶୁପୁତ୍ରକୁ ସିଗାରେଟ୍ ଚେଙ୍କ ଦେଇଛନ୍ତି। ଏଭଳି ଅମାନୁଷିକ କାର୍ଯ୍ୟରେ ତାଙ୍କ ବଡ଼ବାପାଙ୍କ ପୁଅ କମଳାକାନ୍ତ ମହାପାତ୍ର ସହଯୋଗ କରିଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ପିଲାଟିକୁ ପାଠ ପଢ଼ାଇବାବେଳେ କମଳାକାନ୍ତ ଓ ରଶ୍ମି ମାଡ଼ ମାରିବା ସହ ଶରୀରରେ ଅନେକ ଥର ସିଗାରେଟ ଚେଙ୍କ ଦେଇଥିଲେ, ଯାହା ପିଲାଟି ଶରୀରରେ ସୃଷ୍ଟି ହୋଇଥିବା ଫୋଟକାରୁ ସ୍ପଷ୍ଟ ହୋଇଛି। ଏହି ଘଟଣା ପରେ ଶିଶୁଟି ଯନ୍ତ୍ରଣାରେ ଛଟପଟ ହୋଇ କାନ୍ଦି ଥିଲେ। ସ୍ଥାନୀୟ ପଡ଼ୋଶୀ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରି ଛତିଆ ଫାଣ୍ଡି ଅଧିକାରୀ ନାରାୟଣ ବେହେରାଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଶିଶୁପୁତ୍ରକୁ ଫାଣ୍ଡିକୁ ନେଇଥିଲା। ଏହାପରେ ଫାଣ୍ଡି ଅଧିକାରୀ ସ୍ଥାନୀୟ ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ ଓ ଛତିଆ ସରପଞ୍ଚ ରମେଶ ପୃଷ୍ଟିଙ୍କୁ ଡାକି ଏକଥା ଜଣାଇଥିଲେ। ଯେହେତୁ ଏମାନଙ୍କ ଘର କାଇମାଟିଆ ପଞ୍ଚାୟତରେ ସେଥିପାଇଁ ସମ୍ପୃକ୍ତ ୨ ସରପଞ୍ଚ କାଇମାଟିଆ ସରପଞ୍ଚଙ୍କ ସ୍ୱାମୀ ଅଶୋକ ନାୟକଙ୍କୁ ଡାକି ଶିଶୁପୁତ୍ରକୁ ଜିମା ଦେଇଥିଲେ। ଶିଶୁପୁତ୍ରକୁ ଅଶୋକ ସୋମବାର ନେଇ ରଖିବା ପରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଜଣାଇଥିଲେ।

ଶିଶୁ ସୁରକ୍ଷା ବିଭାଗର ମିହିର କୁମାର ଜେନା, ଅର୍ଚ୍ଚନା ସାମଲ ଓ ଶିଶିର ମଲ୍ଲିକ ଛତିଆଠାରେ ପହଞ୍ଚି କାଇମାଟିଆ ସରପଞ୍ଚଙ୍କ ସହିତ ଆଲୋଚନା କରିବା ପରେ ଚେଙ୍କ ଦେଇଥିବା ତାଙ୍କ ମା' ଓ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ରଶ୍ମିଙ୍କ କହିବା ଅନୁଯାୟୀ, ସେ ୨୦୧୮ରେ ଜଗତ୍‌ସିଂହପୁର ଜିଲା ତାରପୁର ଅଞ୍ଚଳର ଜିତେନ୍ଦ୍ର ବେଗ୍‌ଙ୍କୁ ବିବାହ କରିଥିଲେ। ପାରିବାରିକ କଳହ ଯୋଗୁ ସେ ତାଙ୍କୁ ଛାଡ଼ି ୨୦୨୦ରେ ପଳାଇ ଆସିଥିଲେ। ଏହାପରେ କଟକ ଜଗତପୁରଠାରେ ରହୁଥିଲେ। ଗତ ବର୍ଷେ ହେଲା ଛତିଆ ନିକଟସ୍ଥ ଗୋପପୁରଠାରେ ଘରଭଡ଼ା ନେଇ ରହୁଛନ୍ତି। ଅନ୍ୟପକ୍ଷେ ପୋଲିସ ଘଟଣା ସମ୍ପର୍କରେ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନ ଜଣାଇବାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କର କହିଛନ୍ତି, ଶିଶୁପୁତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହାପରେ ଯାଜପୁରସ୍ଥିତ ବାଳାଶ୍ରମ ସୁଧାର ଗୃହରେ ରଖାଯିବ। ଯାଜପୁର ଜିଲାପାଳଙ୍କୁ ଜଣାଇବା ପରେ ଆବଶ୍ୟକସ୍ଥଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଚେଙ୍କ ଦିଆଯାଇଥିବା ଶିଶୁ ପୁତ୍ର।

# ମାମଲା ଶୀଘ୍ର ସାରିବାକୁ ବର୍ଷାଙ୍କୁ ଅନୁଭବଙ୍କ ଟୁଇଟ୍

**କଟକ ଅଫିସ,୧୪।୩:** କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଚାଲିଥିବା ପାରିବାରିକ କଳହ ଏପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବାବେଳେ ଏବେ ପୁଣି ନୂଆ ଏକ ମୋଡ଼ ଦେଖାଦେଇଛି। କିଛିଦିନ ହେବ ଅନୁଭବଙ୍କ ବାପା ଶାରୀରିକ ଅସୁସ୍ଥ ହୋଇପଡ଼ିଥିଲେ। ସୁସ୍ଥ ହେବା ବଦଳରେ ଅଧିକ ଗୁରୁତର ହୋଇଯିବାରୁ ସେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତେଣୁ ବାପା ଅସୁସ୍ଥ ଥିବାରୁ ଏହି ମାମଲା ଶୀଘ୍ର ସାରିବା ପାଇଁ ଅନୁଭବ ସ୍ତ୍ରୀ ବର୍ଷାଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ଅନୁଭବ ବାପାଙ୍କ ଏଭଳି ଅବସ୍ଥାରେ ଆଇନଗତ ଲଢ଼େଇ ଶେଷ କରି ମାନବିକତା ଦେଖାଇବା ନିମନ୍ତେ ବର୍ଷାଙ୍କୁ ଅନୁରୋଧ କରୁଛନ୍ତି। ଏଥିସହ ବାପାଙ୍କୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦେବା ନିମନ୍ତେ ସେ ବର୍ଷାଙ୍କୁ ଟୁଇଟ୍ କରି କହିଛନ୍ତି। ଏଭଳି ଟୁଇଟ୍‌କୁ ବର୍ଷା କିଭଳି ଭାବରେ ଗ୍ରହଣ କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

**ଆଇସିୟୁରେ ଅନୁଭବଙ୍କ ବାପା**

# ପ୍ରଧାନ ଶିକ୍ଷୟିତ୍ରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଲମ୍ବିତ

## ଗରମ ଡାଲି ପଡ଼ି ସେବାଶ୍ରମ ସ୍କୁଲ ଛାତ୍ର ମୃତ୍ୟୁ ଘଟଣା

## ୩ ରୋଷେୟା ବହିଷ୍କୃତ, ଜଣେ ଗିରଫ

**ସୁନ୍ଦରଗଡ଼/ଟେନ୍‌ସା, ୧୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ଡେଙ୍ଗୁଲା ସେବାଶ୍ରମ ହାଇସ୍କୁଲ ହଷ୍ଟେଲରେ ଗରମ ଡାଲି ପଡ଼ି ଛାତ୍ର ମୃତ୍ୟୁ ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ କାମିଲା ବିଲୁଙ୍ଗ ଏବଂ କୋଇଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାଏକଙ୍କୁ ନିଲମ୍ବନ କରାଯାଇଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହ ହଷ୍ଟେଲର ୩ ରୋଷେୟାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏହାଛଡ଼ା ଜିଲା ମଙ୍ଗଳ ଅଧିକାରୀ କୋଇଡ଼ା ଥାନାରେ ଦେଇଥିବା ଏତଲାକ୍ରମେ ପୋଲିସ ମଙ୍ଗଳବାର ବହିଷ୍କୃତ ୩ ରୋଷେୟାଙ୍କ ମଧ୍ୟରୁ ତରଣୀ ନାଏକଙ୍କୁ ଗିରଫ କରିଛି।

ଏହି ସେବାଶ୍ରମ ସ୍କୁଲ ହଷ୍ଟେଲରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳର ଛାତ୍ର ଜିଲେଟ ହୋନହାରା(୧୪) ଘଟଣାଦିନ(୬ତାରିଖରେ) ଚୁଲିରୁ ଡାଲି ଓହ୍ଲାଉଥିବା ବେଳେ ତାହା ତାଙ୍କ ଦେହରେ ଢାଳିହୋଇଯାଇଥିଲା। ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନ ଓ ବଣାଇ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, କୋଇଡ଼ା ବିଡିଓ ହଷ୍ଟେଲକୁ ଯାଇ ଘଟଣାର ତଦନ୍ତ କରିଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ରିପୋର୍ଟ ପରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ, କୋଇଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଲମ୍ବନ କରାଯିବା ସହ ଜିଲା ମଙ୍ଗଳ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାଛଡ଼ା ରୋଷେୟା ତାରିଣୀ ନାଏକ,ସହାୟକ ରୋଷେୟା କାର୍ତ୍ତିକ ନାଏକ ଓ ଧୀରେନ୍ଦ୍ର କୁମାର ରାଉତଙ୍କୁ କାର୍ଯ୍ୟରେ ଅବହେଳା ଓ ସରକାରୀ ନିୟମ ଉଲ୍ଲଂଘନ କରି ସମ୍ପୃକ୍ତ ଛାତ୍ରଙ୍କୁ ରୋଷେଇ କାର୍ଯ୍ୟରେ ନିୟୋଜିତ କରିଥିବାରୁ ଜିଲା ମଙ୍ଗଳ ଅଧିକାରୀ ସେମାନଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି।



**ଆଜିର ମନ୍ତବ୍ୟ**

ଦେଶରେ ଗଣତନ୍ତ୍ର ନିମ୍ନଗାମୀ ହେଉଥିବା ନେଇ ରାହୁଲ ଗାନ୍ଧୀ ନିଜର କେମ୍ବ୍ରିଜ୍ ଚିତ୍କାର, ଲଣ୍ଡନ ମିଛ ବନ୍ଦ କରିବା ସହ ବିଦେଶୀ ବନ୍ଧୁଙ୍କ ସହାୟତା ନ ଲୋଡ଼ି ଭାରତରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତୁ।
–ଅନୁରାଗ ଠାକୁର, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ କାଳେ ଯାଚନ୍ତି କୁମୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫଡ଼ା।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆମ୍ବ ସଢ଼କା ତିନ୍ତୁଳି ବଙ୍କା**
**କୁକୁର ଲାଙ୍ଗୁଳ ନୁହେଁ ସଳଖା।**

ଯେତେ ଯତ୍ନ କଲେ ମଧ୍ୟ କୁକୁର ଲାଙ୍ଗୁଡ଼ କେବେ ସଳଖ ହୋଇ ନ ଥାଏ। ପରୋକ୍ଷରେ ଯାହାର ଯାହା ସ୍ୱଭାବ ତାକୁ ବଦଳେଇବା ସେତେଟା ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ବିଧାୟକ ଅନନ୍ତ ଦାସ ଅସୁସ୍ଥ

ଭୋଗରାଇ,୧୪।୩(ଡ଼ି.ଏନ.ଏ.)



ପୂର୍ବତନ ମନ୍ତ୍ରୀ, ବାଲେଶ୍ୱର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହେଉଥିବା ପରିବାର ସୂତ୍ରରୁ ପ୍ରକାଶ। ବିଧାୟକଙ୍କ ଆରୋଗ୍ୟ କାମନା କରି ଦଳୀୟ ନେତାମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। କଂଗ୍ରେସ ନେତାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଧାୟକ ଅନନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି।

# ପିଲାକୁ ଧରି ସ୍ତ୍ରୀ ପ୍ରେମିକ ସହ ଫେରାର

## ହସ୍ପିଟାଲ ବେଡ୍‌ରେ ରୋଗାକ୍ରାନ୍ତ ସ୍ୱାମୀ

ଜଳେଶ୍ୱର, ୧୪।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଚିକିତ୍ସା ଲାଗି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ନିଜ ପିଲାଙ୍କୁ ସାଙ୍ଗରେ ନେଇ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଗୋପୀମୋହନପୁର ପଞ୍ଚାୟତର ଜଣେ ଯୁବକ ୨୦୨୦ରେ ବାଲିଆପାଳ ଥାନା କଟିସାହି–ସୁନାରାଇ ଗାଁର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଏବେ ସେମାନଙ୍କର ୧୩ ମାସର ଶିଶୁ କନ୍ୟା ଅଛି। ସ୍ୱାମୀ ଜଣକ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏହାର ସୁଯୋଗ ନେଇ ମହିଳାଜଣକ ତାର ସମସ୍ତ ଗହଣାପତ୍ର ସହ ଝିଅକୁ ଧରି ସ୍ୱାମୀଙ୍କ ସ୍କୁଟିରେ ଘରୁ ପଳାଇ ଯାଇଛନ୍ତି। ସନ୍ଧ୍ୟାସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖରିର୍ଦ୍ଧା ଅଞ୍ଚଳର ଜଣେ ଯୁବକଙ୍କ ସହିତ ସେମାନେ ଜଳେଶ୍ୱରର ଚନ୍ଦନା ଗାଁରେ ବିବାହ କରି ରହିଥିବା ଜଣାଯାଇଛି। ଏହା ଜଣାଯିବା ପରେ ପରିବାର ଲୋକେ ତାଙ୍କ ନିକଟକୁ ଆସି ଫେରାଇ ନେବାରେ ବିଫଳ ହୋଇଛନ୍ତି ।

# ପୋଲ ତଳୁ ଯୁବତୀଙ୍କ ମୃତଦେହ ଜବତ

ଚମ୍ପୁଆ,୧୪।୩ (ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ କଙ୍କଡାପାଟ ବୈତରଣୀ ନଦୀ ପୋଲ ତଳୁ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ମଙ୍ଗଳବାର ଅପରାହ୍ଣରେ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ନଦୀରୁ ଜବତ କରିଥିଲା। ଏନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୨/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।

## ଦାଦନ ଦୁର୍ଦ୍ଦଶା: ରୁଲିଂ ...

ବିକାଶ ହେଉଛି। କିନ୍ତୁ ଲୋକମାନଙ୍କୁ ଗଣ୍ଡାଏ ଖାଇବାକୁ କିମ୍ବା କାମ ଦେଇପାରୁନାହାନ୍ତି। ଫଳରେ ସେମାନେ ବାଧ ହୋଇ ଅନ୍ୟ ରାଜ୍ୟକୁ ଚାଲି ଯାଉଛନ୍ତି। ବଲାଙ୍ଗୀର ଜିଲାରୁ ବହୁ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ଥିବା ଇଟାଭାଟିଗୁଡ଼ିକୁ ଭାଙ୍ଗିଦେବାକୁ ଜିଲାପାଳ ରାତିଅଧିଆ ଅର୍ଡର ଦେଉଛନ୍ତି। ତହସିଲଦାର ଓ ପୋଲିସ ଯାଇ ରାତି ୩ଟାରେ ଇଟାଭାଟି ଭାଙ୍ଗି ଦେଉଛନ୍ତି। ସେଠାରେ ଯେଉଁମାନେ କାମ କରୁଥିଲେ ସେମାନେ ରୋଜଗାର ହରାଇ ବସୁଛନ୍ତି। ପିଲାଛୁଆଙ୍କ ମୁହଁରେ ଆହାର ଦେବା ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ବାଧ ହୋଇ ଯାଉଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଲୋକମାନଙ୍କୁ କାମ ମିଳୁନି। ୧୨ ବର୍ଷର ଝିଅକୁ ବନ୍ଧକ ରଖିବାକୁ ପଡୁଛି। ଏହାଠାରୁ ହୃଦୟ ବିଦାରକ ଘଟଣା କିଛି ହୋଇ ନ ପାରେ। ଏହି ଘଟଣାର ତଦନ୍ତ ପାଇଁ ବାଚସ୍ପତି ତୁରନ୍ତ ରୁଲିଂ ଦିଅନ୍ତୁ। ଗୃହର ମଧ୍ୟଭାଗକୁ ଆସି ସାଲୁଜା ହଟ୍ଟଗୋଳ କରିବା ସହ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ବାଚସ୍ପତି ରୁଲିଂ ଦେବାକୁ ପ୍ରତିଶ୍ରୁତି ଦେବା ପରେ ସାଲୁଜା ନିଜ ସିଟ୍‌କୁ ଯାଇଥିଲେ। ଏହି ପ୍ରସଙ୍ଗକୁ ନେଇ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଧରିତ୍ରୀରେ ପ୍ରକାଶିତ ଖବର ଅତ୍ୟନ୍ତ ସମ୍ବେଦନଶୀଳ। ଏହି ଖବର ଉପରେ ତଦନ୍ତ କରିବାକୁ ବାଚସ୍ପତି ତୁରନ୍ତ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। କଂଗ୍ରେସ ସଦସ୍ୟଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ଏହି ଖବର ଉପରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ରୁଲିଂ ଦେଇଥିଲେ।

## ୨ ଦାଦନ ସର୍ଦ୍ଦାର ...


ଗିରଫ ଦାଦନ ସର୍ଦ୍ଦାର ଘନ ସା ଓ ବିଦ୍ୟାଧର ସାହୁ।

ହୋଇପଡିଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ ଶୁକଦେବଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇ ନ ଥିଲା। ଗତ ୮ ତାରିଖରେ ଇଟାଭାଟିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ୱାମୀଙ୍କ ମୃତଦେହ ଗାଁକୁ ନେବାକୁ ଚାହିଁବାରୁ ଇଟାଭାଟି ମାଲିକ ତାଙ୍କ ଝିଅକୁ ବନ୍ଧକ ରଖି ମୃତଦେହ ନେବାକୁ କହିଥିଲେ। ଅସହାୟ ଉଷା ପରାଭୁଏ ନିଜ ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖି ନାବାଳକ ପୁଅ ସହ ସ୍ୱାମୀଙ୍କ ମୃତଦେହ ବନମାଳ ଆଣିଥିଲେ। ଶୁକଦେବଙ୍କ ମୃତଦେହ ଆଣିଥିବା ଆମ୍ବୁଲାନ୍ସକୁ ବନମାଳ ଗାଁ ଲୋକେ ଅଟକ ରଖି ତୁରନ୍ତ ବନ୍ଧକ ନାବାଳିକାଙ୍କୁ ଛାଡିବାକୁ ଦାବି କରିଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ବଲାଙ୍ଗୀର ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣାକୁ ନେଇ ଶୁକଦେବଙ୍କ ସ୍ତ୍ରୀ ଉଷା ପରାଭୁଏ ସୋମବାର ବେଲପଡା ଥାନାରେ ଦୁଇ ଦାଦନ ସର୍ଦ୍ଦାରଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଦଫା ୩୭୦, ୩୭୪, ୪୨୦, ୩୪୨, ୩୪ ଧାରା ସହ ୨୫ ଆଇଏସ୍‌ଏମ୍‌ଡବ୍ଲ୍ୟୁ ଆକ୍ଟରେ ଥାନାରେ ଏକ ମାମଲା (୪୪/୨୩) ରୁଜୁ ହୋଇଥିଲା। ତଦନ୍ତ ପରେ ଦୁଇ ଦାଦନ ସର୍ଦ୍ଦାର ଘନ ସା ଓ ବିଦ୍ୟାଧର ସାହୁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

## ମାଟ୍ରିକ୍ ହିନ୍ଦୀ ପ୍ରଶ୍ନ, ସଂସ୍କୃତ...

ଡଙ୍ଗରିଗୁଡ଼ା ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ହିନ୍ଦୀରେ ୬୨, ସଂସ୍କୃତ ୧୦୬, ଭୋକେଶନାଲ ରିଟେଲରରେ ୨୦ ଓ ଇଲେକ୍ଟ୍ରୋନିକ୍ସ ଓ ଆର୍ଡୱେରରେ ୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମଙ୍ଗଳବାର ସକାଳ ୬ ଟା ୧୦ରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସଂଗ୍ରାମ କେଶରୀ ସାମଲ ପ୍ରଶ୍ନପତ୍ର ଗ୍ରହଣ କରିଥିଲେ। ଏହାପରେ ହିନ୍ଦୀ ପ୍ରଶ୍ନପତ୍ର ଓ ସଂସ୍କୃତ ପରୀକ୍ଷା ଉତ୍ତର ଲିକ୍ ହୋଇ ଭାଇରାଲ ହେବାରେ ଲାଗିଥିଲା। ପ୍ରଶ୍ନ ଓ ଉତ୍ତର ପତ୍ର ଲିକ୍ ପରେ ବିଦ୍ୟାଳୟ ପରିସରରେ କେତେଜଣ ଯୁବକ ପଶିଥିଲେ। ବିଦ୍ୟାଳୟର ପଛପାଖ ପାଚେରି ନ ଥିବାର ସୁଯୋଗ ନେଇ ଅନ୍ୟ ଯୁବକମାନେ ମଧ୍ୟ ସ୍କୁଲରେ ପଶିଥିଲେ। ଖବରଦାତାମାନେ ସ୍କୁଲରେ ପହଞ୍ଚି ଏହାର ଫଟୋ ଓ ଭିଡିଓ ଉତ୍ତୋଳନ ପରେ ସେମାନେ ଚାଲିଯାଇଥିଲେ। ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର



2. (क) निम्नलिखित में से किन्हीं पाँच का हिन्दी में अनुवाद कीजिए :
(i) ଆମ ବିଦ୍ୟାଳୟ ବହୁତ ପୁରୁଣା ।
(ii) ପ୍ରତିବର୍ଷ ବିଦ୍ୟାଳୟରେ ପୁରସ୍କାର ବିତରଣ କରାଯାଏ ।
(iii) ମୁଁ ଶହେ ମିଟର ଦୌଡ଼ରେ ଭାଗ ନେଇଥିଲି ।
(iv) ମୁଁ ସେଥିରେ ପ୍ରଥମ ସ୍ଥାନ ପାଇଲି ।
(v) ...
(vi) ...
(vii) ...
(viii) ...

ENGLISH
(Translate into Hindi)
Translate any five following sentences into Hindi.
(i) Our school is very old.
(ii) Prizes distributed every year in school.
(iii) I had taken part in hundred-metres race.
(iv) I got first position on that.



TLS SANS.
SET - A

| | | | | | | | | | |
|---|---|---|---|---|---|---|---|---|---|
| 1 | C | 11 | B | 21 | C | 31 | D | 41 | B |
| 2 | B | 12 | A | 22 | C | 32 | B | 42 | D |
| 3 | D | 13 | A | 23 | A | 33 | C | 43 | C |
| 4 | C | 14 | A | 24 | D | 34 | C | 44 | A |
| 5 | B | 15 | B | 25 | C | 35 | B | 45 | D |
| 6 | A | 16 | D | 26 | B | 36 | A | 46 | D |
| 7 | C | 17 | A | 27 | A | 37 | B | 47 | A |
| 8 | A | 18 | C | 28 | C | 38 | A | 48 | B |
| 9 | C | 19 | B | 29 | A | 39 | D | 49 | C |
| 10 | B | 20 | B | 30 | B | 40 | B | 50 | C |

ଭାଇରାଲ ହୋଇଥିବା ହିନ୍ଦୀ ପ୍ରଶ୍ନପତ୍ର ଓ ସଂସ୍କୃତ ଉତ୍ତରପତ୍ର ।

ପରୀକ୍ଷା କେନ୍ଦ୍ର ଛାଡ଼ି ବାରମ୍ବାର ବିଦ୍ୟାଳୟ ବାହାରକୁ ଆସି ଏହି କେନ୍ଦ୍ରରୁ ପ୍ରଶ୍ନପତ୍ର ଓ ଉତ୍ତର ଲିକ୍ ବା ଭାଇରାଲ ହୋଇ ନ ଥିବା କହିଥିଲେ। ପ୍ରଶ୍ନପତ୍ର ଭାଇରାଲ ବିକ୍ରମପୁର ପରୀକ୍ଷା କେନ୍ଦ୍ରରୁ ହୋଇଥିବା ବିଭିନ୍ନ ସ୍ତରରୁ ସୂଚନା ପାଇ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସାଢ଼େ ୯ ଟାରେ ଡିଇଓ ପ୍ରଦୀପ ନାଗ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ପରୀକ୍ଷା ସରିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ମୋବାଇଲ ଡିଇଓ ଯାଞ୍ଚ କରିଥିଲେ । ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କୁ ପଚାରିବାରୁ ଏଠାରେ ସମସ୍ତଙ୍କ ମୋବାଇଲ ବନ୍ଦ ରଖାଯାଇଥିଲା। ଏଠାରୁ ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲ ହୋଇନାହିଁ ବୋଲି ସେ କହିଛନ୍ତି। ବିଦ୍ୟାଳୟ ପରିସରକୁ ବାହାର ଯୁବକମାନେ ପଶିଥିଲେ କ'ଣ ପାଇଁ ବୋଲି ପ୍ରଶ୍ନ କରିବାରୁ କେହି ପଶି ନ ଥିଲେ ବୋଲି ସେ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ପରୀକ୍ଷା ସରିବା ପରେ ଭାଇରାଲ ହେଉଥିବା ହିନ୍ଦୀ ପ୍ରଶ୍ନପତ୍ର ମେଳ ଖାଉଛି। କିନ୍ତୁ ଉକ୍ତ ସେଣ୍ଟରରୁ ଏହା ଭାଇରାଲ ହୋଇ ନାହିଁ। ଅନ୍ୟପଟେ ସଂସ୍କୃତ ଉତ୍ତରଖାତା ବିଷୟରେ ତଦନ୍ତ ଚାଲିଛି। ଘଟଣା ସମ୍ପର୍କରେ ଥାନାରେ ଏତଲା ଦିଆଯିବ ବୋଲି ଡିଇଓ କହିଛନ୍ତି। ତଦନ୍ତ ବେଳେ ଜିଲା ବିଜ୍ଞାନ ସୁପରଭାଇଜର ଚିତ୍ତରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଆଜିଠୁ ଡ୍ରାଇଭରଙ୍କ ...

ଡ୍ରାଇଭର ମହାସଂଘ ଭଳି ୬ଟି ସଂଘ ମିଳିତ ଭାବରେ ଏହି ବନ୍ଦ ଡାକରା ଦେଇଛନ୍ତି। ଡ୍ରାଇଭର ମିଳିତ ମଞ୍ଚ ରାଜ୍ୟର ସମସ୍ତ ବ୍ଲକ ଏବଂ ସଦର ମହକୁମାରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ଚେତାବନୀ ଦେଇଛି। ବସ୍ ସମେତ ପରିବହନ ସହିତ ଜଡ଼ିତ କୌଣସି ହଳଦିଆ ନମ୍ବର ବିଶିଷ୍ଟ ଗାଡ଼ିକୁ ଯିବାକୁ ଦିଆଯିବ ନାହିଁ ବୋଲି ଏକତା ମଞ୍ଚ କହିଛି। ଅପରପକ୍ଷରେ ଡ୍ରାଇଭର ଏକତା ମହାସଂଘର ଦାବି ଏବଂ ଯୁକ୍ତିକୁ ଅନୁଧ୍ୟାନ କରିବାକୁ ଏକ କମିଟି ଗଠନ କରାଯିବ। ତେଣୁ ଜନସାଧାରଣ, ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ଯାତାୟାତରେ ଯେଭଳି କୌଣସି ଅସୁବିଧା ନ ହେବ ସେଥିପାଇଁ ଡ୍ରାଇଭର ମହାସଂଘ ଧ୍ୟାନ ଦେବାକୁ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଟୁଇଟ୍ ଯୋଗେ ଅନୁରୋଧ କରିଛନ୍ତି।

ଏସମ୍ପର୍କରେ ଖୋର୍ଦ୍ଧା ଜିଲା ଡ୍ରାଇଭର ସଂଘ ସଭାପତି ରାଜେଶ ଦାଶ କହିଛନ୍ତି, ଡ୍ରାଇଭରଙ୍କ ପାଇଁ ବୀମା ଓ ପେନ୍‌ସନ ସୁବିଧା କରିବା ସହିତ ରାସ୍ତାକଡ଼ରେ ଶୌଚାଳୟ ଓ ବିଶ୍ରାମାଗାର ନିର୍ମାଣ କରିବା, ଡ୍ରାଇଭରଙ୍କ ପାଇଁ ଏକ ପାଣ୍ଠି ତିଆରି କରିବା ଭଳି ଆମର ୬ ଦାବି ରହିଛି। ସୋମବାର ସରକାର ଆମକୁ ଆଲୋଚନା ପାଇଁ ଡାକିଥିଲେ। ଆମ ଦାବି ପୂରଣ ନେଇ ସବୁ ପ୍ରସ୍ତୁତି ସରିଛି ବୋଲି କହିଥିଲେ। ତେବେ ବିଧାନସଭା ଚାଲିଥିବାରୁ ଏବେ ଘୋଷଣା କରିପାରିବେନି ବୋଲି କହି ସମୟ ମାଗିଥିଲେ। କିନ୍ତୁ ଆମେ ଆମ ଜିଦ୍‌ରେ ଅଟଳ ରହିଛୁ। ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି ରହିବ। ଯେଉଁ ଗାଡ଼ିର ହଳଦିଆ ନମ୍ବର ପ୍ଲେଟ ଲାଗିଛି ବା ଯେଉଁ ଗାଡ଼ି ପରିବହନ କ୍ଷେତ୍ରରେ ନିୟୋଜିତ ଅର୍ଥାତ୍ ବସ୍, ଟ୍ରକ୍, ଟ୍ୟାକ୍ସି, ଅଟୋ ଏବଂ ଟ୍ରାଭେଲ୍ସ ଗାଡ଼ିଗୁଡ଼ିକୁ ଆମେ ଅଟକାଇବୁ। ତେବେ ପ୍ରାଇଭେଟ ନମ୍ବର ଥିବା ଗାଡ଼ି ଗୁଡ଼ିକୁ ଅଟକାଯିବ ନାହିଁ। ସବୁ ବ୍ଲକ ଓ ଜିଲା ସଦର ମହକୁମାରେ ଆନ୍ଦୋଳନ କରାଯିବ। ସବୁ ପଞ୍ଚାୟତର ମୁଖ୍ୟ ରାସ୍ତାଗୁଡ଼ିକରେ ମଧ୍ୟ ଆନ୍ଦୋଳନ କରାଯିବ ବୋଲି ରାଜେଶ କହିଛନ୍ତି।

ଅପରପକ୍ଷରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଆମେ ବସ୍ ଚଳାଇବା ନେଇ ସରକାରଙ୍କୁ ଲିଖିତ ଭାବେ ଜଣାଇସାରିଛୁ। ଆମ ପାଖରେ ଯେଉଁ କର୍ମଚାରୀ ଅଛନ୍ତି, ସେମାନେ ଡ୍ରାଇଭର ସଂଘରେ ସାମିଲ ନାହାନ୍ତି। ସେମାନେ ଯେଉଁ ଦାବି କରୁଛନ୍ତି, ତା'ଠାରୁ ଅଧିକ ସୁବିଧା ଆମେ ଆମ କର୍ମଚାରୀମାନଙ୍କୁ ଦେଉଛୁ। ଡ୍ରାଇଭର ସଂଘ ପୂର୍ବରୁ କରିଥିବା ଧର୍ମଘଟରେ ବସ୍‌କୁ ସାମିଲ କରି ନ ଥିଲେ। କିନ୍ତୁ ଏଥର ଯାତ୍ରୀବାହୀ ବସ୍ ଚାଲିପାରିବନି ବୋଲି କହିଛନ୍ତି। ଏହି ବନ୍ଦରୁ ନିବୃତ୍ତ ରହିବାକୁ ଡ୍ରାଇଭର ସଂଘକୁ ଅନୁରୋଧ କରୁଛି। ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ପ୍ରତ୍ୟାହାର କରି

## ପ୍ରଥମ ପୃଷ୍ଠାରୁ...

ସରକାରଙ୍କ ସହିତ ଆଲୋଚନା କରନ୍ତୁ। ସରକାରଙ୍କ ନିକଟରେ ଅନଶନ କରନ୍ତୁ ଓ ଧାରଣା ଦିଅନ୍ତୁ। ଆମର ସେଥିରେ କିଛି ସମସ୍ୟା ନାହିଁ। କିନ୍ତୁ ଯାତ୍ରୀବାହୀ ପରିବହନ ବ୍ୟବସ୍ଥାକୁ ଅସୁବିଧାରେ ନ ପକାନ୍ତୁ ବୋଲି ଦେବେନ୍ଦ୍ର ଅନୁରୋଧ କରିଛନ୍ତି। ସେହିଭଳି ରାଜ୍ୟ ଟ୍ରକ୍ ମାଲିକ ସଂଘ ସଭାପତି ପୁରଞ୍ଜନ ପାଢ଼ୀ ଆନ୍ଦୋଳନକୁ ସମର୍ଥନ କରୁ ନ ଥିବା କହିଛନ୍ତି। ନିଖିଳ ଓ ଅଟୋ ମହାସଂଘ ମଧ୍ୟ ବିରୋଧ କରିଛି। ମହାସଂଘର ସାଧାରଣ ସମ୍ପାଦକ ପଦ୍ମନ କୁମାର ସାମଲ କହିଛନ୍ତି, ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ (ଡ୍ରାଇଭର ମହାସଂଘ) ଏହି ଆନ୍ଦୋଳନ ଡାକରା ଦେଇଛି। ସେମାନେ ଏହି ଆନ୍ଦୋଳନ ଡାକରା ଦେବା ପୂର୍ବରୁ ସମସ୍ତଙ୍କୁ ସାଙ୍ଗରେ ନେଇଥିଲେ ଭଲ ହୋଇଥାନ୍ତା। ଛୋଟବଡ଼ ବହୁତ ଗାଡ଼ି ଅଛି। ଏପରି କି ଅନେକ ଗାଡ଼ି ଅଛି, ଯାହାର ମାଲିକ ମଧ୍ୟ ଡ୍ରାଇଭର। ସେମାନେ କେବେ ବି ବନ୍ଦରେ ସାମିଲ ହେବାକୁ ଚାହିଁବେ ନାହିଁ। ଏବେ ମାଟ୍ରିକ ସମେତ ଅନ୍ୟାନ୍ୟ ପରୀକ୍ଷା ମଧ୍ୟ ଚାଲିଛି। ବିଧାନସଭା ଅଧିବେଶନ ବି ଚାଲିଛି। ଏହି ସମୟରେ ଆନ୍ଦୋଳନ କରିବା ଠିକ୍ ହେବ ନାହିଁ ବୋଲି ପଦ୍ମନ କହିଛନ୍ତି। ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ ସଭାପତି ଅକ୍ଷୟ କୁମାର ନାୟକ ଆନ୍ଦୋଳନ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପ୍ରତି ଧ୍ୟାନ ଦେବା ସହ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରିବାକୁ ଡ୍ରାଇଭରମାନଙ୍କୁ କୁହାଯାଇଛି ବୋଲି କହିଛନ୍ତି।

## ଗର୍ଭବତୀଙ୍କୁ ବଳାତ୍କାର, ...


ଗିରଫ ଆଶାକର୍ମୀ ଓ ତାଙ୍କ ସ୍ୱାମୀ

ବାଇକ୍‌ରେ ବସିବେ ନାହିଁ ବୋଲି କହିବାରୁ ଅଭିଯୁକ୍ତ ଲିଳିଆ ଧମକଚମକ ଦେଇ ତାଙ୍କୁ ଗାଡ଼ିରେ ବସାଇଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କୁ ମେଡିକାଲ ନ ନେଇ ପଦ୍ମାଙ୍କ ମାଉସୀ ଘରକୁ ନେଇଯାଇଥିଲେ। ସେଠାରେ ଏକ କୋଠରିରେ ବନ୍ଦକରି ଲିଳିଆ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ପୂରା ବଳାତ୍କାର ଘଟଣାକୁ ପଦ୍ମା ମୋବାଇଲରେ ଭିଡିଓ କରିଥିଲେ। ଏହି କଥା ବାହାରେ ପ୍ରଘଟ କଲେ ଭିଡିଓ ଭାଇରାଲ କରିବା ସହ ଜୀବନରେ ମାରିଦେବାକୁ ସେ ଧମକ ଦେଇଥିଲେ। ଏହାପରେ ପୀଡ଼ିତାଙ୍କୁ ଗାଁରେ ଆଣି ଛାଡ଼ିଥିଲେ। ପୀଡିତା ସେହି ସମୟରେ କାହାକୁ କିଛି କହି ନ ଥିଲେ। କିନ୍ତୁ ମାନସିକ ସ୍ତରରେ ବିଚଳିତ ହୋଇ ଗତ ୧୧ ତାରିଖରେ ଆତ୍ମହତ୍ୟା କରିବାକୁ ବାହାରିଥିଲେ। ପରିବାର ଲୋକେ ଏହାର କାରଣ ପଚାରିବାରୁ ସେ ୨୮ ତାରିଖର ଘଟଣା ସବୁ କହିଥିଲେ। ଗ୍ରାମବାସୀ ଓ ସମ୍ପର୍କୀୟ ସୋମବାର ଖାତିଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଛି। କେସ୍ ନମ୍ବର ୨୬/୨୩ରେ ପୋଲିସ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ବିଶ୍ୱର ଅଷ୍ଟମ ପ୍ରଦୂଷିତ...

ଅନ୍ୟପକ୍ଷେ ବିଶ୍ୱର ୫୦ ପ୍ରଦୂଷିତ ସହର ସୂଚୀରେ ଭାରତର ୩୯ ସହର ସ୍ଥାନ ପାଇଛି। ଶୀର୍ଷ ୧୦ ସହର ମଧ୍ୟରେ ଭାରତର ୬ ସହର ରହିଥିବାବେଳେ ଶୀର୍ଷ ୨୦ରେ ୧୪ ସହର ଅଛି। ଗାଜିଆବାଦ୍ ବାୟୁରେ ପିଏମ୍ ୨.୫ ସ୍ତର ସର୍ବାଧିକ ୮୮ ମାଇକ୍ରୋଗ୍ରାମ୍ସ ଥିବାବେଳେ ଗୁରୁଗ୍ରାମରେ ୭୦ ମାଇକ୍ରୋଗ୍ରାମ୍ସ ରହିଛି। ସେହିପରି ନୋଏଡା, ଗାଜିଆବାଦ୍, ଫରିଦାବାଦ ଆଦି ସହରରେ ବାୟୁ ପ୍ରଦୂଷଣର ମାତ୍ରା ପୂର୍ବ ଅପେକ୍ଷା କମିଛି। ପାକିସ୍ତାନର ଲାହୋର ସହର ଏହି ସୂଚୀରେ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟରେ ଚାଇନାର ହୋଟାନ୍ ସହର ରହିଛି। ଅନ୍ୟପକ୍ଷେ ରାଜସ୍ଥାନର ଭିୱାଡି ସହର ତୃତୀୟ ଏବଂ ଦିଲ୍ଲୀ ଯଥାକ୍ରମେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଦକ୍ଷିଣ ଏସିଆର ୭୨ଟି ସହର ବିଶ୍ୱର ୧୦୦ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇଛନ୍ତି। ଅଧିକାଂଶ ସହର ଭାରତ, ପାକିସ୍ତାନ, ବାଂଲାଦେଶର ହୋଇଥିବା ଜଣାପଡ଼ିଛି। ବାୟୁ ପ୍ରଦୂଷଣ ବଢ଼ିବା ଶିଶୁ, ମଧୁମେହ ରୋଗୀ, ଆଜ୍‌ମା ଆକ୍ରାନ୍ତ, କ୍ୟାନ୍‌ସର ପୀଡ଼ିତ ଏବଂ ବୟସ୍କଙ୍କ ପାଇଁ ଘାତକ। ବାୟୁରେ ପିଏମ୍ ୨.୫ର ମାତ୍ରା ବଢ଼ିବା ଦ୍ୱାରା ମଣିଷ ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ନୀଚସ୍ଥ ଚନ୍ଦ୍ରଜନିତ ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ନ ହୋଇପାରେ। ଶୁକ୍ରଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ** – ରାହୁଯୁକ୍ତ ଶୁକ୍ର ହେତୁ ପୁରୁଣା ରୋଗପୀଡ଼ା ଦୁଶ୍ଚିନ୍ତାକୁ ବୃଦ୍ଧି କରିବ। ଅର୍ଥାଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ମଝିରେ ମଝିରେ ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଯାତ୍ରା ଓ ବନ୍ଧୁମିଳନ, କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହୋଇପାରନ୍ତି।

**ମିଥୁନ** – ଭାଗ୍ୟସ୍ଥ ବୁଧଜନିତ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** – କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ବୃହସ୍ପତିଙ୍କ ଆଶୀର୍ବାଦରୁ ଅଟକି ରହିଯାଇଥିବା କାମ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁଙ୍କ ଭୁଲ୍ ବୁଝାମଣା ହେତୁ ସତର୍କତାର ସହ କାମ କରିବା ଭଲ।

**ସିଂହ** – ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ଜମିଜମା, କଳକାରଖାନା,ସଭାସମିତି, ମନୋରଞ୍ଜନ, ସଭାସମିତିରେ ସଫଳତା ଅର୍ଜନ କରିବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚାରେ ପ୍ରତି ମନ ବଳିପାରେ।

**କନ୍ୟା** – ଅଷ୍ଟମାଧିପଙ୍କ କୁପ୍ରଭାବରୁ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ଜମିଜମା କାରବାରରେ ଅର୍ଥ ଲାଭ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରନ୍ତି।

**ତୁଳା** – ଷଷ୍ଠଭାବସ୍ଥ ଗୁରୁ ଯୋଗୁ ଆପଣ ଆଜି ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ।

**ବିଛା** – କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପାପଗ୍ରହ ଜନିତ ସାମାଜିକ ସ୍ତରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି। ଅପରାହ୍ଣରେ ଅବଶ୍ୟ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** – ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ସାମୟିକ ଭାବରେ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା କ୍ଷେତ୍ରରେ ମଧ୍ୟମ ଧରଣର ଫଳ।

**ମକର** – କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ରର କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଜମିଜମା ବିବାଦ, ପରିବହନ, ନିର୍ମାଣ ପ୍ରଭୃତିରେ ଉନ୍ନତ ଧରଣର ସୁଫଳ ପାଇବେ।

**କୁମ୍ଭ** – ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସମ୍ଭାଳି ନେବେ। ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପୁରୁଣା ମାମଲାର ଉତ୍ତମ ଫଳପ୍ରାପ୍ତି।

**ମୀନ** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯାଇପାରେ। ସାମୟିକ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିବ। ଦୂରରେ ଥିବା ସନ୍ତାନଙ୍କ ସୁଖବର ପ୍ରାପ୍ତି।

ଆଜି ମୀନ ସଂକ୍ରାନ୍ତି, ଚୈତ୍ର କୃଷ୍ଣପକ୍ଷର କାଳାଷ୍ଟମୀ ବୁଧବାର, ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ରାଶି ନକ୍ଷତ୍ର–ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୯ ଗତେ ଘ.୦୭।୩୪ ମଧ୍ୟେ, ଘ.୧୦।୨୬ ଗତେ ଘ.୧୧।୩୨ ମଧ୍ୟେ, ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୫ ଗତେ ଘ.୦୧।୨୫ ମଧ୍ୟେ ରାହୁକାଳ।

# ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର




**ପାରିବାରିକ ବ୍ୟବସାୟ ଓ ବାଣିଜ୍ୟ ବିଭାଗର ଛାତ୍ର ହୋଇଥିବାରୁ ବ୍ୟବସାୟ ପ୍ରତି ଅହେତୁକ ଆଗ୍ରହ ରହିଥିଲା। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ଶେଷକରି ବାପାଙ୍କ ସହ ବ୍ୟବସାୟରେ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ହୋଇଥିଲି। ସମୟକ୍ରମେ ନୂତନ ବ୍ୟବସାୟର ଅୟମାରମ୍ଭ ସହ ବ୍ୟବସାୟରେ ଅଭିବୃଦ୍ଧି ପାଇଁ ଆବଶ୍ୟକ କାର୍ଯ୍ୟ ଓ କଠିନ ପରିଶ୍ରମ ମଧ କରିଥିଲି। ବହୁ ଘାତପ୍ରତିଘାତ ଫଳରେ ବ୍ୟବସାୟକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବା ସହିତ ନୂଆ ନୂଆ ବ୍ୟବସାୟରେ ମଧ ପ୍ରବେଶ କଲି। ପାରିବାରିକ ବ୍ୟବସାୟରୁ ଏକ ପ୍ରତିଷ୍ଠିତ ବ୍ୟବସାୟ ମଧରେ ଅନେକ ସ୍ମୃତି ଓ ସଫଳତା ଅର୍ଜନ କରିଛି। ସେହି ସଫଳ ବ୍ୟବସାୟୀ ତଥା ଆକାଶ ମୋଟର୍ସ ପ୍ରାଇଭେଟ ଲିମିଟେଡ୍(ଏଏମ୍ପିଏଲ୍)ର ଏମ୍‌ଡି ଆକାଶ ଅଗ୍ରୱାଲଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**

**ପ୍ର-୧: ବାଣିଜ୍ୟ ଛାତ୍ରରୁ ବ୍ୟବସାୟିକ ଯାତ୍ରାର ଅୟମାରମ୍ଭ କିଭଳି ରହିଥିଲା?**

ଉ- ଦୀର୍ଘଦିନର ପାରିବାରିକ ବ୍ୟବସାୟିକ ପରିବେଶ ମଧରେ ଆମେ ବଢ଼ିଛୁ। ଏପରିକି ପିଲାଟି ଦିନରୁ ଆମେ ଆମ ବାପାଙ୍କୁ ବ୍ୟବସାୟ କରିଆସୁଥିବା ଦେଖିଛୁ। ବିଶେଷକରି ୧୯୯୩ରେ ମୋର ଉଚ୍ଚଶିକ୍ଷା (ବାଣିଜ୍ୟ ସ୍ନାତକ) ଶେଷ ହେବା ପରେ ମୁଁ ପ୍ରାଥମିକ ସ୍ତରରେ ବାପାଙ୍କ ସହ ବ୍ୟବସାୟରେ ସହଯୋଗ କରିବା ପାଇଁ ଜଡ଼ିତ ହୋଇଥିଲି। ସମୟକ୍ରମେ ମୁଁ ବ୍ୟବସାୟରେ ଆବଶ୍ୟକ ନୀତିନିୟମ ଓ କାର୍ଯ୍ୟଶୈଳୀ ଭଲ ଭାବେ ଜାଣିଲା ପରେ ଅନ୍ୟ ବ୍ୟବସାୟ ଆରମ୍ଭ ପାଇଁ ଆଶାପ୍ରକଟ କରୁଥିଲି। ସେହି ସମୟରେ ହିରୋ କମ୍ପାନୀର ଏକ ବିଜ୍ଞାପନ ଆଧାରରେ ଗାଡ଼ି ବ୍ୟବସାୟ ପ୍ରତି ମନବଳାଇବା ଏବଂ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ୧୯୯୯ରେ ଆନୁଷ୍ଠାନିକ ଭାବେ ହିରୋ ଡିଲରଶିପ ଜରିଆରେ ଆକାଶ ମୋଟର୍ସ ନାମରେ ଗାଡ଼ି ବ୍ୟବସାୟ ଆରମ୍ଭ କରିଥିଲି। ବହୁ ଘାତପ୍ରତିଘାତ ମଧ୍ୟରେ ଗାଡି ବ୍ୟବସାୟ ସହ ଅନ୍ୟ କେତେକ ବ୍ୟବସାୟିକ ସେବା ମନୋବୃତ୍ତି ଓ ଗ୍ରାହକ ସନ୍ତୁଷ୍ଟି ଆଧାରରେ ଆଗକୁ ଆଗକୁ ବଢ଼ି ଚାଲିଛି।


ଆକାଶ ଅଗ୍ରୱାଲ

**ପ୍ର-୨: ଆକାଶ ମୋଟର୍ସର ଯାତ୍ରା କିଭଳି ରହିଛି?**

ଉ- ଦୀର୍ଘ ପ୍ରୟାସ ପରେ ୧୯୯୯ରେ ଆନୁଷ୍ଠାନିକ ଭାବେ ଆକାଶ ମୋଟର୍ସର ଅୟମାରମ୍ଭ ଏକ ଚ୍ୟାଲେଞ୍ଜ ମଧ୍ୟରେ ଆରମ୍ଭ ହୋଇଥିଲା। ବରଗଡ଼ ଭଳି କୃଷିପ୍ରଧାନ ଜିଲା ଓ ଗ୍ରାମୀଣ ସହରରେ ହିରୋ ଗାଡ଼ି ବିକ୍ରି ହେବ ନାହିଁ ବୋଲି କମ୍ପାନୀ ଆଶାପୋଷଣ କରୁଥିବା ବେଳେ ଆକାଶ ମୋଟର୍ସ ଆରମ୍ଭର ୬ ମାସ ମଧ୍ୟରେ ମାସିକ ୨ ଗୁଣା ଗାଡ଼ି ଧାର୍ଯ୍ୟଲକ୍ଷ୍ୟଠାରୁ ବିକ୍ରି କରିଥିଲା। ଏପରିକି ସମଗ୍ର ପଶ୍ଚିମ ଓଡ଼ିଶାରେ ଆକାଶ ମୋଟର୍ସର ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ସାରା ରାଜ୍ୟରେ ପ୍ରଚାରିତ ହୋଇଯାଇଥିଲା। ବିଶେଷକରି କମ୍ପାନୀର ବିଶ୍ୱାସ ଓ ଗ୍ରାହକଙ୍କ ଭରସା ବ୍ୟବସାୟ ଅଗ୍ରଗତିରେ ବେଶ୍ ସହାୟକ ହୋଇଛି। ବିଗତ ୨ ଦଶନ୍ଧି ମଧ୍ୟରେ ଆକାଶ ମୋଟର୍ସ ୧ ଲକ୍ଷରୁ ଅଧିକ ଗାଡ଼ି ବିକ୍ରି କରିପାରିଛି।

**ପ୍ର-୩: ବ୍ୟବସାୟିକ ସମ୍ପ୍ରସାରଣର ଆଭିମୁଖ୍ୟ କ'ଣ ରହିଛି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ଗୁଣାତ୍ମକ ସେବା ଓ ସାମଗ୍ରୀ ସାଙ୍ଗକୁ ଲୋକସମ୍ପର୍କର ମଧ ଆବଶ୍ୟକତା ରହିଛି। ତଥାପି ବର୍ତ୍ତମାନର ବ୍ୟବସାୟ (ହିରୋ ଗାଡି ଶୋ'ରୁମ୍, ତନିସ୍କ ଅଳଙ୍କାର ପ୍ରତିଷ୍ଠାନ ଓ ଟାଇଟନ)ର ଆଧୁନିକୀକରଣ ସାଙ୍ଗକୁ ବିକ୍ରି ବୃଦ୍ଧି ଓ ଗ୍ରାହକସନ୍ତୁଷ୍ଟି ସହିତ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱାରୋପ କରାଯାଉଛି। ଆଗାମୀ ଦିନରେ ଫର୍ନିଚର ଏବଂ ଅଳଙ୍କାର ବ୍ୟବସାୟରେ ନୂତନ ଆଉଟଲେଟ ଖୋଲିବାର ଯୋଜନା ରହିଛି।

**ପ୍ର-୪: ବ୍ୟବସାୟରେ ବ୍ରାଣ୍ଡ କେତେ ସାହାଯ୍ୟ କରିଥାଏ?**

ଉ- ସବୁ ବ୍ୟବସାୟରେ ବ୍ରାଣ୍ଡର ଭୂମିକା ରହିଥାଏ। ହେଲେ ଗାଡି ବ୍ୟବସାୟରେ ହିରୋ ବ୍ରାଣ୍ଡ ବର୍ତ୍ତମାନ ମଧ ସବୁ କ୍ଷେତ୍ରରେ ବେଶ୍ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏପରିକି ବ୍ୟବସାୟରେ ବ୍ରାଣ୍ଡ ଯେତିକି ସହାୟ ହୋଇଥାଏ, ସେହି ଅନୁଯାୟୀ ବ୍ୟବସାୟିକ ପ୍ରତିଷ୍ଠାନ (ଆକାଶ ମୋଟର୍ସ)ର ଭୂମିକା ସହିତ ଗ୍ରାହକଙ୍କ ନିକଟତର ହେବା ପାଇଁ ଅନେକ ପଦକ୍ଷେପ ଏବଂ ସୁବିଧା ଯୋଗାଇବାକୁ ପଡିବ। ତଥାପି ବ୍ୟବସାୟରେ କଠିନ ପରିଶ୍ରମ ଓ ସହନଶୀଳତାକୁ ମୂଳମନ୍ତ୍ର କରିବାକୁ ହେବ।

**ପ୍ର-୫: କୋଭିଡ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଚାହିଦା କିଭଳି ରହିଛି?**

ଉ- କୋଭିଡ ପୂର୍ବରୁ ଦୁଇ ଚକିଆ ଯାନ ବିକ୍ରି ଏବଂ ଚାହିଦା ଭଲ ରହିଥିଲା। ହେଲେ କୋଭିଡ୍ କାରଣରୁ ଅଟୋଶିଳ୍ପରେ ଅନେକ ସମସ୍ୟା ସାଙ୍ଗକୁ ମାନ୍ଦାବସ୍ଥା ଲାଗିରହିଛି। ଫଳରେ କୋଭିଡ୍ ପରବର୍ତ୍ତୀ ସମୟରେ ବଜାରରେ ସୁଧାର ଆସୁଛି ହେଲେ ଚାହିଦା ପୂର୍ବ ଭଳି ନାହିଁ। ଆସନ୍ତା ଆର୍ଥିକ ବର୍ଷରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇଦେବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ବ୍ୟବସାୟର ଅଭିବୃଦ୍ଧି ପାଇଁ ଉଭୟ କମ୍ପାନୀ ଓ ଶୋ'ରୁମ୍ ପକ୍ଷରୁ ମଧ ଗ୍ରାହକଙ୍କୁ ଅନେକ ସୁବିଧା ଓ ସହଯୋଗ ଯୋଗାଇବାକୁ ହେଉଛି।

**ପ୍ର- ୬: ଅବସର ସମୟରେ କିପରି ସମୟ କାଟିଥାନ୍ତି?**

ଉ- ବର୍ତ୍ତମାନ ସମୟରେ ଅବସର ପାଇଁ ସମୟ ମିଳୁ ନାହିଁ, କାରଣ ପ୍ରତିଯୋଗିତାମୂଳକ ବ୍ୟବସାୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପମାନ ଗ୍ରାହକଙ୍କ ପାଇଁ ନେବାକୁ ପଡୁଛି। ବ୍ୟବସାୟରେ ତିଷ୍ଠି ରହିବାକୁ ହେଲେ ଗ୍ରାହକଙ୍କ ପାଇଁ ସବୁ କିଛି କରିବାକୁ ହେବ। ସବୁ ପରେ ଯେଉଁ କିଛି ସମୟ ମିଳିଥାଏ ପରିବାର ଓ ପରିଜନ ସହ ବିତାଇବାକୁ ଭଲଲାଗେ। ବିଶେଷ ସମୟରେ ଧାର୍ମିକ କାର୍ଯ୍ୟରେ ଯୋଗଦେବା ସହ ସାମାଜିକ କାର୍ଯ୍ୟରେ ମଧ ନିୟୋଜିତ ହୋଇଥାଏ।

# ତୈଳ, ପ୍ରାକୃତିକ ବାଷ୍ପ ଗବେଷଣା ପାଇଁ ୪ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

ଭାରତରେ ତୈଳ ଓ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ଅଧିକ ଗବେଷଣା ସହ ବିକାଶ ପାଇଁ ଓଏନ୍‌ଜିସି ଅନ୍ତର୍ଜାତୀୟ ସଂସ୍ଥାର ସହଯୋଗ ନେଇଛି। ଏଥିପାଇଁ ଓଏନ୍‌ଜିସି ୪ଟି ବିଶ୍ୱବିଦ୍ୟାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ବିଶ୍ୱବିଦ୍ୟାଳୟର ସହଯୋଗ ଓ ସହଭାଗିତାରେ ଦେଶରେ ତେଲ ଓ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ବଡ଼ ସମ୍ଭାବନା ଆସିପାରିବ। ବିଜେଡି ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖି ତୈଳ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲୀ ଏହା କହିଛନ୍ତି। ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କାନାଡାର କାଲଗାରି ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆର ସାଉଥ ୱେଲ୍ସ ବିଶ୍ୱବିଦ୍ୟାଳୟ, ରୁଷିଆର କାଜାନ ଫେଡେରାଲ ବିଶ୍ୱବିଦ୍ୟାଳୟ ଏବଂ ମସ୍କୋର କୋଲକୋଭ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ସହ ଓଏନ୍‌ଜିସି ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହାଦ୍ୱାରା ଏ କ୍ଷେତ୍ରରେ ଅଧିକ ଗବେଷଣା ସହ ନୂଆ ସ୍ଥାନ ଅନୁଧ୍ୟାନ କରିହେବ ବୋଲି ସେ କହିଛନ୍ତି।

DSPL - 497

ବିଶ୍ୱ ଖାଉଟି ଅଧିକାର ଦିବସ-୨୦୨୩

ବାର୍ତ୍ତା



ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ ବିଶ୍ୱ ଖାଉଟି ଅଧିକାର ଦିବସ ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ସୁରକ୍ଷା ପ୍ରଦାନ କରାଯାଉଅଛି ।

ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ଓ ରାଜ୍ୟ ସ୍ତରରେ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ଓ ରାଜ୍ୟ ସ୍ତରରେ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି । ଏଥି ସହିତ, ରାଜ୍ୟରେ ଖାଉଟି କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ ଗଠନ କରାଯାଇଛି ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

(ଅତନୁ ସବ୍ୟସାଚୀ ନାୟକ)
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ

OIPR-07001/13/0021/2223

# ସପ୍ଲିମେଣ୍ଟାରି ପରୀକ୍ଷା ଦେବେ ମାଟ୍ରିକ୍ ଡ୍ରପ୍‌ଆଉଟ୍ ପିଲା: ମନ୍ତ୍ରୀ

ଭୁବନେଶ୍ୱର, ୧୪।୩(ବ୍ୟୁରୋ)

**୧୩୦୫୮ ପିଲା ପରୀକ୍ଷା ଦେଇନାହାନ୍ତି**

ମାଟ୍ରିକ୍ ଡ୍ରପ୍‌ଆଉଟ୍ ପିଲାମାନେ ସପ୍ଲିମେଣ୍ଟାରି ପରୀକ୍ଷା ଦେବେ। ମଙ୍ଗଳବାର ବିଧାନସଭାରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଉତ୍ତର ରଖି ଏନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୧-୨୨ରେ ମାଟ୍ରିକ୍ ପରୀକ୍ଷା ପାଇଁ ୫, ୭୧, ୯୦୯ ଜଣ ଫର୍ମ ପୂରଣ କରିଥିଲେ। ସେଥିରୁ ୪୫ ହଜାର ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ଚଳିତବର୍ଷ ଅର୍ଥାତ୍ ୨୦୨୨-୨୦୨୩ରେ ୫, ୩୨, ୬୦୩ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେଥିରୁ ୧୩୦୫୮ ଜଣ ପିଲା ପରୀକ୍ଷା ଦେଇନାହାନ୍ତି ବୋଲି ସମୀର କହିଛନ୍ତି।

ସେ ଆହୁରି କହିଛନ୍ତି, ମହାମାରୀ କରୋନା ପରେ ୪୫ ହଜାରରୁ ଅଧିକ ପିଲା ମାଟ୍ରିକ୍ ପରୀକ୍ଷା ଦେଇ ନ ଥିଲେ। ସେତେବେଳେ ଆମେ ଘରକୁ ଘର ଯିବୁ ବୋଲି କହିଥିଲୁ। ସେହି ହିସାବରେ ବିଭାଗ ଘରକୁ ଘର ଯାଇଛି। ସେଥିପାଇଁ ଗତବର୍ଷ ଅପେକ୍ଷା ଏଥର ବହୁ କମ୍ ପିଲା ଡ୍ରପ୍‌ଆଉଟ୍ ହୋଇଛନ୍ତି। ଗତବର୍ଷ ୪୫ ହଜାରରୁ ଅଧିକ ପିଲା ଡ୍ରପ୍‌ଆଉଟ୍ ହୋଇଥିବା ବେଳେ ଏଥର ୧୩୦୫୮ ପିଲା ପରୀକ୍ଷା ଦେଉନାହାନ୍ତି। ସେମାନେ କାହିଁକି ପରୀକ୍ଷା ଦେଉନାହାନ୍ତି ସେନେଇ ବିଭାଗ ତର୍ଜମା କରିବ। ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରାଯିବ। ସେହି ପିଲାମାନେ କିପରି ସପ୍ଲିମେଣ୍ଟାରି ପରୀକ୍ଷା ଦେବେ ସେଥିପାଇଁ ପ୍ରବର୍ତ୍ତାଇବୁ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ପୁଣି କହିଛନ୍ତି, ରାଜ୍ୟରେ ୫୦ରୁ ଅଧିକ ସରକାରୀ ଆଇଟିଆଇ ସ୍କୁଲ ରହିଛି। ଏହାଛଡ଼ା ୧୫୦ରୁ ଅଧିକ ବେସରକାରୀ ଆଇଟିଆଇ ସ୍କୁଲ ଅଛି। ମାଟ୍ରିକ୍ ପାସ୍ କରିବା ପରେ ଅନେକ ପିଲା ଆଇଟିଆଇ, ଟେକ୍ନିକାଲ ଶିକ୍ଷା ଗ୍ରହଣ କରୁଛନ୍ତି। ମାଟ୍ରିକ୍ ପରେ ସବୁ ପିଲା ଯୁକ୍ତ ୨ରେ ନାମ ଲେଖାଇବେ ତାହା କହିବା ଠିକ୍ ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ଅବକାରୀ କନ୍‌ଷ୍ଟେବଲ ଗିରଫ, ନିଲମ୍ବନ ସୁପାରିସ

ରାୟଗଡ଼ା,(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୧୪।୩

**ଘରୁ ମିଳିଥିଲା ୪୨ କେଜି ଗଞ୍ଜେଇ**

ରାୟଗଡ଼ାର ଜଣେ ଅବକାରୀ କନଷ୍ଟେବଲଙ୍କ ଘରେ ପୋଲିସ ଓ ଏସ୍‌ଟିଏଫ୍ ସୋମବାର ରାତିରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ମଙ୍ଗଳବାର ସମ୍ପୃକ୍ତ କନଷ୍ଟେବଲ ଦୀପକ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି। ତାଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ସୁପାରିଶ କରାଯାଇଛି।

ପ୍ରକାଶ ଯେ, ଅବକାରୀ କନଷ୍ଟେବଲ ଦୀପକ ରାୟଗଡ଼ା କସ୍ତୁରୀ ନଗରସ୍ଥିତ ନିଜ ଘରେ ଗଞ୍ଜେଇ ରଖିଥିବା ପୋଲିସକୁ ସୂଚନା ମିଳିଥିଲା। ସ୍ୱତନ୍ତ୍ର ସ୍କ୍ୱାର୍ଡ ସହାୟତାରେ ପୋଲିସ ତାଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ କନଷ୍ଟେବଲ ଦୀପକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟ ତଥା ତହସିଲଦାର ତାପସ ରାଉତଙ୍କ ଉପସ୍ଥିତିରେ ଦୀପକଙ୍କ ଘରୁ ଜବତ ଗଞ୍ଜେଇ ଓଜନ କରାଯିବାରେ ୪୨କେଜି ୨୪୦ଗ୍ରାମ୍‌ର ବୋଲି ଜଣାପଡ଼ିଥିଲା। ଏ ନେଇ ନଂ.୮୪/୨୩ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କନଷ୍ଟେବଲ୍ ଦୀପକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କେ. କେ. ବି. କେ. କହଁର ସୂଚନା ଦେଇଛନ୍ତି। ଅନ୍ୟପଟେ କନଷ୍ଟେବଲ ଦୀପକଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ଜିଲାପାଳଙ୍କ ଜରିଆରେ ସୁପାରିସ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ଅଭିରାମ ବେହେରା ସୂଚନା ଦେଇଛନ୍ତି।



ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା



# ବ୍ୟାଙ୍କ ବୁଡ଼ିବିଲେ

ଆମେରିକାର ଅନ୍ୟତମ ବୃହତ୍ ବାଣିଜ୍ୟିକ ବ୍ୟାଙ୍କ ସିଲିକନ୍ ଭ୍ୟାଲି ବ୍ୟାଙ୍କ (ଏସ୍‌ଭିବି) ବନ୍ଦ ହେବାର ଦୁଇ ଦିନ ପରେ ଅର୍ଥାତ୍ ୧୩ ମାର୍ଚ୍ଚ ୨୦୨୩ରେ ନ୍ୟୁୟର୍କର ସିଗ୍‌ନେଚର ବ୍ୟାଙ୍କ ବୁଡ଼ିଯାଇଛି। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର କୁହାଯାଉଥିବା ଆମେରିକାର ଫେଡେରାଲ ରିଜର୍ଭ ସିଷ୍ଟମ୍ କ୍ରମାଗତ ସୁଧହାର ବଢ଼ାଇବାରୁ ତାହାର ସିଧାସଳଖ ପ୍ରଭାବ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ପଡ଼ିଛି। ବୃହତ୍ ଟେକ୍ନୋଲୋଜି କମ୍ପାନୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକୁ ଋଣ ପ୍ରଦାନ କରିଆସୁଥିବା ବ୍ୟାଙ୍କ ଅର୍ଥ ପରିଚାଳନାରେ ବିଫଳ ହେବାରୁ କାଲିଫର୍ନିଆ ବ୍ୟାଙ୍କିଙ୍ଗ୍ ରେଗୁଲେଟର୍ସ ଏସ୍‌ଭିବିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେହିପରି କ୍ରିପ୍ଟୋ କ୍ଷେତ୍ର ଓ ଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକୁ ବିପୁଳ ପରିମାଣରେ ଋଣ ଯୋଗାଇଥିବା ସିଗ୍‌ନେଚର ବ୍ୟାଙ୍କ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେବାରୁ ତା'ର କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି। ତେବେ ଏହି ଦୁଇ ବ୍ୟାଙ୍କରେ ଅର୍ଥ ଜମା କରିଥିବା ଗ୍ରାହକ ବ୍ୟତିବ୍ୟସ୍ତ ହେବାରୁ ସେମାନଙ୍କୁ ଆମେରିକା କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି। ଇତିମଧ୍ୟରେ ଏସ୍‌ଭିବି ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଗଲାଣି ବୋଲି ଆମେରିକା ଟ୍ରେଜେରି ପକ୍ଷରୁ କୁହାଯାଇଛି। ଆମେରିକା ଫେଡେରାଲ ରିଜର୍ଭ ମଧ୍ୟ କହିଛି ଯେ, ଦୁଇ ବ୍ୟାଙ୍କର ସମସ୍ତ ଜମାକାରୀ ସମ୍ପୂର୍ଣ୍ଣ ଅର୍ଥ ଫେରିପାଇବେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବ୍ୟାଙ୍କିଙ୍ଗ୍ ସଙ୍କଟ ନେଇ ବିଚଳିତ ହୋଇପଡ଼ିଛନ୍ତି। କେଉଁ କାରଣ ଯୋଗୁ ଏଭଳି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି ତାହାର ତର୍ଜମା କରାଯିବା ସହିତ ଭବିଷ୍ୟତରେ କିଭଳି ଆର୍ଥିକ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରାଯାଇପାରିବ ସେ ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

କୋଭିଡ୍ ୧୯ ଯୋଗୁ ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ମହାମାରୀ ସମୟ ପ୍ରଯୁକ୍ତି ସଂଲଗ୍ନ ଡିଜିଟାଲ କ୍ଷେତ୍ର ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଇଥିଲା। ଫଳରେ ନୂଆ ଷ୍ଟାର୍ଟଅପ୍‌ଗୁଡ଼ିକ ସୃଷ୍ଟି ହୋଇ ଉପରଲିଖିତ ବ୍ୟାଙ୍କରୁ ଅର୍ଥ ନେବାରେ ଲାଗିଲେ। ଲୋକେ ବହୁଳ ମାତ୍ରାରେ ଗାଜେଟ୍ କିଣିବା ସହିତ ଡିଜିଟାଲ ସର୍ଭିସ୍‌ରେ ଅର୍ଥ ଖର୍ଚ୍ଚ କରିବାରେ ଲାଗିଗଲେ। ଏହାଦ୍ୱାରା ଷ୍ଟାର୍ଟଅପ୍‌ଗୁଡ଼ିକ ଲାଭ କରିବାରୁ ବ୍ୟାଙ୍କରେ ଅଧିକ ଅର୍ଥ ଜମା ହେଲା। ତେଣୁ ସ୍ୱଳ୍ପ ସମୟରେ ଏହି ବ୍ୟାଙ୍କଦ୍ୱୟ ଅଧିକ ଲାଭ ପାଇବା ଆଶା କରି ନିଜ ଅର୍ଥକୁ ଦୀର୍ଘମିଆଦୀ ଆମେରିକୀୟ ସରକାରୀ ବଣ୍ଡରେ ବିନିଯୋଗ କରିଚାଲିଲେ। ଯେତେବେଳେ ଦେଶରେ ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଲା ତାହାକୁ ନିୟନ୍ତ୍ରଣକୁ ଆଣିବା ସକାଶେ ଫେଡେରାଲ ରିଜର୍ଭ ସୁଧହାର କ୍ରମାଗତ ବଢ଼ାଇ ଚାଲିଲା। ହେଲେ ସେହି ବଣ୍ଡଗୁଡ଼ିକ ବନ୍ଧକଜନିତ ହୋଇଥିବାରୁ ତାହା ଠିକ୍ ଭାବେ କାମ ଦେଲାନି। ଅର୍ଥନୀତିର ନିୟମ ଅନୁଯାୟୀ ସୁଧହାର ସହିତ ବଣ୍ଡର ବିପରୀତ ସମ୍ପର୍କ ରହିଛି। ସରଳ ଭାଷାରେ କହିଲେ ସୁଧହାର ବଢ଼ିଲେ ବଣ୍ଡର ମୂଲ୍ୟ କମିଥାଏ ଓ ସୁଧହାର କମିଲେ ବଣ୍ଡର ମୂଲ୍ୟ ବୃଦ୍ଧି ପାଏ। ଯେହେତୁ ଏହି ଦୁଇ ବ୍ୟାଙ୍କ ପର୍ଯ୍ୟାପ୍ତ ପରିମାଣର ସରକାରୀ ବଣ୍ଡ୍ କିଣି ଦେଇଥିଲେ ତାହାର ମୂଲ୍ୟ ହ୍ରାସ ହେବାରୁ ସମ୍ଭାଳିପାରିଲେ ନାହିଁ। ଭାରତରେ ରୁଗ୍‌ଣ ହେଉଥିବା ବ୍ୟାଙ୍କଗୁଡ଼ିକୁ ଟିକସଦାତାଙ୍କ ଅର୍ଥକୁ ବ୍ୟବହାର କରାଯାଇ ଯେଭଳି ସହଜରେ ବେଲ୍‌ଆଉଟ୍ ପ୍ୟାକେଜ ଦିଆଯାଉଛି, ସେଭଳି ବ୍ୟବସ୍ଥା ଆମେରିକାରେ ଗ୍ରହଣୀୟ ନୁହେଁ। ଏମିତି ଦେଖିଲେ ଡିଜିଟାଲ ଶିଳ୍ପ ମଧ୍ୟ ପୂର୍ବ ଭଳି ଉପରକୁ ଉଠିପାରୁ ନାହିଁ। ମୋଟାମୋଟି ଭାବେ କହିଲେ ଆମେରିକାର ସେହି ବ୍ୟାଙ୍କଗୁଡ଼ିକର ଭୁଲ୍ ପୁଞ୍ଜିଲଗାଣ ନିଷ୍ପତ୍ତି ସେଗୁଡ଼ିକୁ ବୁଡାଇଦେଲା।

ଭାରତ କଥା ଦେଖିଲେ ଏଠାରେ ବ୍ୟାଙ୍କଗୁଡ଼ିକ ପାଇଁ ସ୍ୱତନ୍ତ୍ର ଆର୍ଥିକ ନୀତି କ'ଣ, କୌଣସି ନୀତି ଥିବା ଭଳି ମନେହୁଏ ନାହିଁ। ବୃହତ୍ କର୍ପୋରେଟ୍ ସଂସ୍ଥା ଏବଂ ନକଲି ଦଲିଲ ଦେଖାଇ ବଡ଼ ଠକମାନେ ବ୍ୟାଙ୍କରୁ ଅନେକ କୋଟି ଟଙ୍କାର ଋଣ ନେବାରେ ସକ୍ଷମ ହୋଇଥାଆନ୍ତି। କେବଳ ବ୍ୟାଙ୍କ କର୍ମଚାରୀଙ୍କ ସହଯୋଗ ମିଳିବାରୁ ଠକମାନେ ସେମାନଙ୍କ ଲକ୍ଷ୍ୟ ହାସଲ କରିପାରୁଛନ୍ତି। ଦେଶରେ ମୁଦ୍ରାସ୍ଫୀତିକୁ ରୋକିବା ଲାଗି ରିଜର୍ଭ ବ୍ୟାଙ୍କ କ୍ରମାଗତ ରେପୋ ରେଟ୍ ବଢ଼ାଇ ଋଣଗ୍ରହୀତାଙ୍କଠାରୁ ପର୍ଯ୍ୟାପ୍ତ ସୁଧ ନେଇ ସାରିଲାଣି। ତଥାପି ମୁଦ୍ରାସ୍ଫୀତି ବୋଲ ମାନୁନାହିଁ। ଏହା ସତ୍ତ୍ୱେ ସରକାରୀ ଆଶ୍ୱସ୍ତି ରହୁଛି ଯେ, ଭାରତୀୟ ଅର୍ଥନୀତି ତଥାପି ବଳିଷ୍ଠ ଅଛି। ଆମେରିକା ଭଳି ଏକ ବ୍ୟବସ୍ଥିତ ଅର୍ଥନୀତି ଯେତେବେଳେ ସାମ୍ପ୍ରତିକ ସ୍ଥିତିରେ ଟଳିପଡ଼ିଲାଣି, ସେତେବେଳେ ଭାରତର ନିୟନ୍ତ୍ରକମାନେ ସ୍ଥାଣୁ ହୋଇ ବସିଛନ୍ତି। ଆମେରିକାର ଜମାକାରୀଙ୍କୁ ସେଠାକାର କର୍ତ୍ତୃପକ୍ଷ ଅର୍ଥ ଫେରାଇବା ସହ ଆଶ୍ୱାସନା ମଧ୍ୟ ଦେଉଛନ୍ତି। ହେଲେ ଭାରତରେ ଅନୁରୂପ ସ୍ଥିତି ଉପୁଜିଲେ ଏଠାକାର ଅର୍ଥନୀତିର ଢାଞ୍ଚା ଦେଖିଲେ ଜମାକାରୀ ସମ୍ପୂର୍ଣ୍ଣ ଅସୁରକ୍ଷିତ। ପଞ୍ଜାବ ଆଣ୍ଡ୍ ମହାରାଷ୍ଟ୍ର କୋଅପରେଟିଭ୍ ବ୍ୟାଙ୍କ (ପିଏମ୍‌ସି) ଦେବାଳିଆ ହେବା ପରେ ଏହାର ଜମାକାରୀମାନେ ଲଗାଣ ଅର୍ଥ ଫେରିପାଇପାରିଲେ ନାହିଁ। କେବଳ ବ୍ୟାଙ୍କ ନୁହେଁ, ପୁଞ୍ଜି ବଜାରରେ ଭାରତୀୟ ବ୍ୟବସ୍ଥା ଅକାମୀ ହୋଇଯାଇଛି ବୋଲି ହିଣ୍ଡେନ୍‌ବର୍ଗ-ଆଦାନୀ ଘଟଣାରୁ ପ୍ରମାଣିତ ହୋଇଛି। ଏତେବଡ଼ ଆର୍ଥିକ ସମସ୍ୟା ଉପୁଜିବା ସତ୍ତ୍ୱେ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଭଳି ନିୟନ୍ତ୍ରକ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ପାଲଟିଯାଇଥିବା ଦେଖାଯାଉଛି।

# କଫ ସିରପ୍ ଘାତକ

ଭାରତରେ ନକଲି ଔଷଧର କାୟା ବଢ଼ିବାରେ ଲାଗିଛି। ଅନେକ ସମୟରେ ଏହା ମୃତ୍ୟୁର କାରଣ ବି ହେଉଛି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ କମ୍ପାନୀ, ବ୍ୟବସାୟୀ, ବିତରକଙ୍କୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ମଧ୍ୟ କିଛିଦିନ ପରେ ଆଉ କେତେକ ନୂଆ କମ୍ପାନୀ ସେହି ଖେଳରେ ଯୋଡ଼ି ହୋଇଯାଉଛନ୍ତି। ଯେତେ ଖୋଲତାଡ଼ ହେଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ରୋକାଯାଇପାରୁନାହିଁ। କେଉଁ ଔଷଧ କେଉଁ ମାନର ତାହା ଜାଣି ଲୋକଙ୍କୁ ଜଣାଇବାରେ ନିୟାମକ ସଂସ୍ଥାଗୁଡ଼ିକ ମଧ୍ୟ ଏକପ୍ରକାର ବିଫଳ ହେଉଛନ୍ତି; ଯାହା ସ୍ପଷ୍ଟ ହୋଇଛି ଓଡ଼ିଶାର ବେଆଇନ କଫ୍ ସିରପ୍ କାରବାରରୁ। ମାର୍ଚ୍ଚ ୧୩ରେ ବଲାଙ୍ଗୀରରୁ ବେଆଇନ କଫ୍ ସିରପ୍ କାରବାରରେ ଜଡ଼ିତ ଏକ ଆନ୍ତଃରାଜ୍ୟ ର୍‍ୟାକେଟକୁ ପୋଲିସ ଠାବ କରିଛି। ୩୭ ଜଣଙ୍କୁ ଗିରଫ କରିବା ସହ ୪୦ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ କରାଯାଇଛି। ଉକ୍ତ ର୍‍ୟାକେଟର ଚେର ହିମାଚଳପ୍ରଦେଶ, ହରିୟାଣା ଓ ପଶ୍ଚିମବଙ୍ଗରୁ ଲମ୍ବିଛି। ଚିନ୍ତାର ବିଷୟ ହେଉଛି, ଉକ୍ତ କଫ୍ ସିରପ୍‌କୁ ନିଶା ଭାବେ ବ୍ୟବହାର କରାଯାଉଥିଲା । ହିମାଚଳ ପ୍ରଦେଶର ମୂଳ ଉତ୍ପାଦକ କମ୍ପାନୀର ଏହି ଏସ୍‌କଫ୍ ବ୍ରାଣ୍ଡ ହରିୟାଣା ଓ ପଶ୍ଚିମବଙ୍ଗ ଦେଇ ଓଡ଼ିଶା ଆସୁଥିବା ପୋଲିସ କହିଛି। ଏତଦ୍‌ବ୍ୟତୀତ ମେସର୍ସ ଡାଫୋଡିଲ ଡ୍ରଗ୍ସ କମ୍ପାନୀ ଓଡ଼ିଶାର ବିଭିନ୍ନ ଜିଲାକୁ ଏହା ଯୋଗାଣ କରୁଥିବା ଜଣାପଡ଼ିଛି। ତେବେ ଅର୍ଥ ଉପାର୍ଜନ କରିବାର ନିଶା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନର ଅଭାବ ହିଁ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି। ଔଷଧ ପ୍ରସ୍ତୁତିର ପ୍ରାରମ୍ଭିକ ପର୍ଯ୍ୟାୟରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ ହେବାଯାଏ ପଦାଧିକାରୀଙ୍କ ସମ୍ପୃକ୍ତି ସେଥିରେ ରହୁଛି ବୋଲି ସ୍ପଷ୍ଟ ବୁଝାଯାଉଛି। କେବଳ ସେତିକି ନୁହେଁ, ସରକାରୀ ମାନ୍ୟତା ପାଇ ଔଷଧ ତିଆରି କରୁଥିବା କମ୍ପାନୀଠାରୁ ସାମଗ୍ରୀ ଆଣୁଥିବା ଷ୍ଟକିଷ୍ଟ ଏବଂ ସେହି ଷ୍ଟକିଷ୍ଟ ମାଧ୍ୟମରେ ଖୁଚୁରା ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ସେହି ଶିକୁଳିରେ ଯୋଡ଼ିହୋଇ ରହିଛନ୍ତି। ସମସ୍ତେ ସବୁ କଥା ଜାଣିଶୁଣି କରୁଛନ୍ତି ବୋଲି ଜଳଜଳ ଦିଶୁଛି।

ବିଷାକ୍ତ କିମ୍ବା ନକଲି କଫ୍ ସିରପ୍ ଏକପ୍ରକାର ନୀରବ ଘାତକ। ପୂର୍ବରୁ ବିଷାକ୍ତ କଫ୍ ସିରପ୍ ବହୁ ଶିଶୁଙ୍କ ଜୀବନ ନେଇଛି। ଗତ ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପ୍ରକାଶ କରିଥିଲା ଯେ, ଭାରତର ନୋଇଡ଼ାସ୍ଥିତ ମାରିଅନ୍ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଦୁଇ ପ୍ରକାର କଫ୍ ସିରପ୍ ଯୋଗୁ ଉଜ୍‌ବେକିସ୍ତାନର ୧୯ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଗତବର୍ଷ ଗାମ୍ବିଆରେ ୬୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁର କାରଣ ହୋଇଥିବା ହରିୟାଣାରେ ପ୍ରସ୍ତୁତ ବିଷାକ୍ତ ତତ୍ତ୍ୱମିଶ୍ରିତ ୪ ପ୍ରକାର କଫ୍ ସିରପ୍‌କୁ ଦାୟୀ କରିଥିଲା ଡବ୍ଲ୍ୟୁଏଚ୍‌ଓ। ଏହାବ୍ୟତୀତ ବିଷାକ୍ତ କଫ୍ ସିରପ୍‌ଜନିତ ମୃତ୍ୟୁ ଭାରତ, ଆମେରିକା, ପାନାମା, ଇଣ୍ଡୋନେସିଆ ଓ ନାଇଜେରିଆରେ ଘଟିଛି। ଡବ୍ଲ୍ୟୁଏଚ୍‌ଓ ଅନୁଯାୟୀ, ଗତ ୫ ମାସରେ ଭାରତରେ ପ୍ରସ୍ତୁତ ବିଷାକ୍ତ କଫ୍ ସିରପ୍ ଯୋଗୁ ଗାମ୍ବିଆ, ଉଜ୍‌ବେକିସ୍ତାନ ଓ ଇଣ୍ଡୋନେସିଆରେ ୩୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ଗଲାଣି। ଏହାସହ ଗତବର୍ଷ ହିମାଚଳପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ କଫ୍ ସିରପ୍ ସେବନ କରି ଜମ୍ମୁର ଉଦାମପୁରରେ ୧୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। କେବଳ ଏତିକି ନୁହେଁ ୧୯୭୩, ୧୯୮୬ ଏବଂ ୧୯୯୮ରେ ବି ବିଷାକ୍ତ କଫ ସିରପ୍ ଯୋଗୁ ଶିଶୁମୃତ୍ୟୁ ଘଟିଆସିଛି। ସମୟ ବ୍ୟବଧାନରେ ହୋଇ ଆସୁଥିବା କଫ୍ ସିରପ୍‌ର ବେଆଇନ ପ୍ରସ୍ତୁତି ଓ ଏଥିଜନିତ ମୃତ୍ୟୁ ନିୟାମକ ସଂସ୍ଥାର ଢିଲା ନିୟନ୍ତ୍ରଣକୁ ସ୍ପଷ୍ଟ କରୁଛି। ଏଭଳି ସ୍ଥିତି ସୂଚିତ କରୁଛି ଯେ, କଫ୍ ସିରପ୍ ତିଆରି କରିବାରେ ସମସ୍ତ ନିୟମକୁ ଠିକ୍ ଭାବେ ପାଳନ କରାଯାଉନାହିଁ କିମ୍ବା ଏସବୁ ପ୍ରସ୍ତୁତ କରିବା ପୂର୍ବରୁ କେମିକାଲ ଗୁଣବତ୍ତା ପରୀକ୍ଷା ନିଶ୍ଚିତ କରିବାରେ କିଛି ଦୁର୍ବଳତା ରହୁଛି । ଏଥିରୁ ଜଣାପଡୁଛି ଯେ, ଭାରତରେ ବ୍ୟବସାୟୀଙ୍କ ପାଇଁ ମଣିଷ ଜୀବନ କୌଣସି ମୂଲ୍ୟ ରଖେ ନାହିଁ।

# ବିଶ୍ୱ ଭ୍ରାତୃତ୍ୱଭାବର ବାସ୍ତବତା



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଅନେକ ବିଜ୍ଞ ବ୍ୟକ୍ତିଙ୍କ ବିଶ୍ୱ ଭ୍ରାତୃତ୍ୱ ସପକ୍ଷରେ ଦେଉଥିବା ସ୍ଲୋଗାନ ପ୍ରତି ଦୃଷ୍ଟି ଆକର୍ଷଣ କରି ସ୍ୱାମୀ ବିବେକାନନ୍ଦ ଭାରତର ଏକ ପୁରାତନ କାହାଣୀ ମନେ ପକାଇ ଦେଇଥିଲେ। ଭାରତରେ ମଦ୍ୟପାନକୁ ଏକ କୁଅଭ୍ୟାସ ଭାବରେ ବିବେଚନା କରାଯାଏ। ଦିନେ ରାତିରେ ଦୁଇଭାଇ ଗୋପନରେ ମଦ୍ୟପାନ କରିବାକୁ ଚାହିଁଲେ। ନିକଟସ୍ଥ କୋଠରିରେ ଶୋଇଥିଲେ ସେମାନଙ୍କ କଠୋର ନୀତିବାଦୀ କାକା। ମଦ୍ୟପାନ କରିବା ପୂର୍ବରୁ ଦୁଇଭାଇ ପରସ୍ପରକୁ କହିଲେ, ''ଆମେ ଚୁପ୍ ରହିବା, ନ ହେଲେ କାକା ଉଠିପଡ଼ିବେ।'' ନିଶାଗ୍ରସ୍ତ ଅବସ୍ଥାରେ ଦୁହେଁ ପରସ୍ପରକୁ ପାଟିକରି ଏହି କଥା ବାରମ୍ବାର କୁହନ୍ତେ ଚିତ୍କାର ବଢ଼ିବାରୁ କାକା ଉଠିପଡ଼ିଲେ। ଆମେ ଏହି ମଦ୍ୟପମାନଙ୍କ ଭଳି ପାଟି କରି କହୁ ''ବିଶ୍ୱ ଭ୍ରାତୃତ୍ୱ ଲୋଡ଼ା। ଆମେ ସମସ୍ତେ ସମାନ। ଆସ, ଆମେ ଏକତ୍ର ହେବା ଓ ଏହାର ପ୍ରଚାର ପ୍ରସାର କରିବା।'' ମାତ୍ର ଏକତ୍ର ହେବା ନାମରେ ଆମେ ଏକ ନୂଆ ସମ୍ପ୍ରଦାୟ ଗଢୁ ଓ ସେହି ସମ୍ପ୍ରଦାୟ ମାଧ୍ୟମରେ ଆମେ ଆମର ଅଜ୍ଞାତସାରରେ ସେହି ସମାନତା ବିରୋଧରେ ପ୍ରତିବାଦ କରୁ। ଶେଷରେ ସମାନତା ଉଭେଇଯାଏ। ହିନ୍ଦୁଧର୍ମ ଭଳି ଇସଲାମ୍ ଓ ଖ୍ରୀଷ୍ଟଧର୍ମ ମଧ୍ୟ ବିଶ୍ୱ ଭ୍ରାତୃତ୍ୱର ପ୍ରଚାର କରନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ଯେ ଇସଲାମ୍ ଧର୍ମ ଗ୍ରହଣ ନ କଲେ କାଫେର୍ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ ନ କଲେ ବିଧର୍ମୀ ବୋଲି ବିବେଚନା କରାଯାଏ। ସେହି ଭ୍ରାତୃଭାବ ନିଜ ସମ୍ପ୍ରଦାୟ ମଧ୍ୟରେ ଆବଦ୍ଧ ହୋଇଯାଏ। ବିଶ୍ୱ ଭ୍ରାତୃତ୍ୱଭାବ ବିସ୍ମୃତ ହୋଇଯାଏ।

ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସମଗ୍ର ବିଶ୍ୱରେ ଗୋଟିଏ ଧର୍ମ ଓ ଗୋଟିଏ ଧର୍ମଶାସ୍ତ୍ର ରହିବା ସମ୍ଭବ ନୁହେଁ। ଧର୍ମକ୍ଷେତ୍ରରେ ବିବିଧତା ରହିବ, ତା' ସତ୍ତ୍ୱେ ସେହି ବିବିଧତା ମଧ୍ୟରେ ଏକତ୍ୱ ବି ରହିବ। ଆମେ ସମସ୍ତେ ମଣିଷ, ତଥାପି ସମସ୍ତେ ପରସ୍ପରଠାରୁ ଭିନ୍ନ। ଜଣେ ପୁରୁଷ ମହିଳାଠାରୁ ଭିନ୍ନ, ମାତ୍ର ସଜୀବ ପ୍ରାଣୀଭାବରେ ପୁରୁଷ, ମହିଳା, ପଶୁ, ପକ୍ଷୀ, ବୃକ୍ଷଲତା ସମସ୍ତେ ଏକ ଏବଂ ଜୀବସତ୍ତା ଭାବରେ ବିଶ୍ୱସତ୍ତା ସହ ଏକ। ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କରି ଭିତରେ ଏକ, ମାତ୍ର ସତ୍ତା ପ୍ରକଟନର ରୂପରେ ଭିନ୍ନ ଭିନ୍ନ। ଠିକ୍ ସେଭଳି ବିଶ୍ୱଧର୍ମ କହିଲେ, ଯଦି ଆମେ ବୁଝିବା ଯେ ସମଗ୍ର ବିଶ୍ୱରେ ସମସ୍ତେ ଗୋଟିଏ ଧର୍ମମତକୁ ବିଶ୍ୱାସ କରିବେ, ଗୋଟିଏ ଶାସ୍ତ୍ରକୁ ମାନିବେ ଓ ଏକ ଆନୁଷ୍ଠାନିକ ବିଧିବିଧାନକୁ ମାନିବେ, ଏହା ସମ୍ଭବ ନୁହେଁ। ଆମେ କେବେ ଆଶା କରିପାରିବା ନାହିଁ ଯେ ସମଗ୍ର ବିଶ୍ୱବାସୀ ଏକା କଥା ଚିନ୍ତା କରିବେ। ଯଦି ସମସ୍ତେ ଏକ କଥା ଚିନ୍ତା କରିବେ, ତା'ହେଲେ ଚିନ୍ତା କରିବା ପାଇଁ ଭାବନା ନ ଥିବ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଆମେ ସମସ୍ତେ ଚିନ୍ତାଶକ୍ତିବିହୀନ ମିଶରୀୟ ମମି ଭଳି ପରସ୍ପରକୁ ଚାହିଁବା ଭଙ୍ଗୀରେ ଜଡ଼ବତ୍ ପଡ଼ିରହିବା। ମଣିଷ ହେଉଛି ଏକ ଚିନ୍ତାଶୀଳ ପ୍ରାଣୀ। ଏଣୁ ବିଶ୍ୱରେ ବିବିଧତା ରହିବା ସ୍ୱାଭାବିକ ଓ ସେହି ବିବିଧତା ମଧ୍ୟରେ ସମନ୍ୱୟ ସାଧନ କରି ତା' ଭିତରେ ରହିଥିବା ଏକତ୍ୱକୁ ସ୍ୱୀକାର କରିବାକୁ ପଡ଼ିବ। ଛାନ୍ଦୋଗ୍ୟ ଉପନିଷଦରେ ଋଷି କହିଛନ୍ତି, ମାଟିକୁ ଜାଣିଲେ ମାଟି ନିର୍ମିତ ସମସ୍ତ ବସ୍ତୁକୁ ଜାଣିହୁଏ। ମାଟି ନିର୍ମିତ ବିବିଧବସ୍ତୁ ରୂପ ଓ ନାମରେ ଭିନ୍ନ ହୋଇପାରନ୍ତି, ମାତ୍ର ମୂଳ ମାଟି ହିଁ ସତ୍ୟ। ଠିକ୍ ସେଭଳି ଆମେ ସମସ୍ତେ ମଣିଷ, ପଶୁ, ପକ୍ଷୀ, କୀଟପତଙ୍ଗ ସେହି ମୂଳ ବିଶ୍ୱସତ୍ତାର ପ୍ରକଟିତ ବିବିଧ ରୂପ। ଅଜ୍ଞତାବଶତଃ ଆମେ ନିଜକୁ ଅନ୍ୟଠାରୁ ଭିନ୍ନ ମନେକରୁ, ମାତ୍ର ଜ୍ଞାନ ଉଦୟ ହେଲେ ଆମେ ସେହି ଅଭିନ୍ନତାକୁ ଉପଲବ୍ଧି କରିପାରୁ। ଆମେ ନିଃସ୍ୱାର୍ଥ ହେଉ ଓ 'ମୁଁ' ଆଉ 'ତୁମେ' ଭାବରୁ ମୁକ୍ତ ହେଉ। ସ୍ୱାତନ୍ତ୍ର୍ୟହୀନତାକୁ ସ୍ୱୀକାର କରୁ ଏବଂ ଭାବୁ ତୁମେ ମୋର ଅଂଶ ଓ ମୁଁ ତୁମର ଅଂଶ। ତେଣୁ ତୁମକୁ କ୍ଷତାକ୍ତ କଲେ ମୁଁ କ୍ଷତାକ୍ତ ହେଉଛି ଓ ତୁମକୁ ସାହାଯ୍ୟ କଲେ ମୁଁ ନିଜକୁ ସାହାଯ୍ୟ କରୁଛି। ତୁମେ ବଞ୍ଚିଥିଲେ ମୁଁ କେବେ ମରିପାରିବି ନାହିଁ। ଏଣୁ ଆମେ ପ୍ରତିବେଶୀକୁ ସାହାଯ୍ୟ ନ କରି ତ୍ୟାଗ କରିପାରିବା ନାହିଁ, କାରଣ ତା'ର ମଙ୍ଗଳରେ ଆମର ମଙ୍ଗଳ ନିହିତ ଅଛି। ଏହା ହେଉଛି ଅଦ୍ୱୈତ ବେଦାନ୍ତର ମର୍ମ କଥା। ଏହା ଉପଲବ୍ଧି କଲେ ବିଶ୍ୱ ଭ୍ରାତୃତ୍ୱର ଭାବ ସ୍ୱତଃସ୍ଫୁର୍ତ୍ତ ଭାବରେ ସୃଷ୍ଟି ହେବ।



ପୃଥିବୀରେ ଅନେକ ଧାର୍ମିକ ସମ୍ପ୍ରଦାୟ ଅଛନ୍ତି। ପ୍ରତ୍ୟେକ ଆନୁଷ୍ଠାନିକ ଧର୍ମ ସତ୍ୟର କେବଳ ଗୋଟିଏ ଗୋଟିଏ ଅଂଶକୁ ଆବିଷ୍କାର କରନ୍ତି। ସେହି ଆଂଶିକ ସତ୍ୟକୁ ସେମାନେ ଅଜ୍ଞତାବଶତଃ ପୂର୍ଣ୍ଣସତ୍ୟ ବୋଲି ଦାବି କରନ୍ତି। ସେମାନଙ୍କ ଦାବି ଦୃଷ୍ଟିବାଧିତମାନଙ୍କ ହାତୀଦର୍ଶନ ଅନୁଭୂତି ସଙ୍ଗେ ସମାନ। ଯିଏ ଦୃଷ୍ଟିବାଧିତ ହାତୀର କାନକୁ ଧରିଲା, ତା' ମତରେ ହାତୀ କୁଲାଭଳି, ଯିଏ ଗୋଡ଼କୁ ଧରିଲା ତା'ପାଇଁ ହାତୀ ଖୁଣ୍ଟ ଭଳି, ଯିଏ ଲାଞ୍ଜକୁ ଧରିଲା ତା'ପାଇଁ ହାତୀ ଦଉଡ଼ି ଭଳି। ପ୍ରତ୍ୟେକ ଦୃଷ୍ଟିବାଧିତର ଅନୁଭବ ସତ୍ୟ, ମାତ୍ର ଆଂଶିକ ସତ୍ୟ, କାରଣ ଯିଏ ଯେତିକି ଧରିପାରିଛି ତା' ପାଇଁ ସେତିକି ହିଁ ସତ୍ୟ। ମାତ୍ର ବାସ୍ତବରେ ପୂର୍ଣ୍ଣସତ୍ୟ ତା'ଠାରୁ ଅଧିକ କିଛି। ପୃଥିବୀରେ ଯେତିକି ଆନୁଷ୍ଠାନିକ ଧର୍ମ ଅଛି ସେସବୁ ସତ୍ୟର ଗୋଟିଏ ଗୋଟିଏ ଦିଗକୁ ହିଁ ଆବିଷ୍କାର କରିଛନ୍ତି। ଏଣୁ ପ୍ରତ୍ୟେକ ଧର୍ମ ଅନ୍ୟ ଧର୍ମଗୁଡ଼ିକୁ ମଧ୍ୟ ସମ୍ମାନ ଦେଲେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ମଧ୍ୟ ଧାର୍ମିକ ସଂହତି ସୃଷ୍ଟି କରି ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା ଦେଇପାରିବ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ମାଟିରେ ମଞ୍ଜି ପୋତାଯାଏ। ମାଟି ପାଣି ପବନ ତା' ଚାରିପାଖରେ ଥାଏ। ଏହି ମଞ୍ଜି ମାଟି, ପାଣି ଓ ପବନକୁ ସମାହିତ କରେ ଓ ଏକ ବୃକ୍ଷର ଉପାଦାନରେ ପରିଣତ କରି ଶେଷରେ ବୃକ୍ଷ ହୁଏ। ଧର୍ମ ମଧ୍ୟ ଠିକ୍ ଏପରି ବିକଶିତ ହେବା ଉଚିତ। ଜଣେ ଖ୍ରୀଷ୍ଟିଆନ ବୌଦ୍ଧ ବା ହିନ୍ଦୁ ନ ହେଉ କିମ୍ବା ଜଣେ ହିନ୍ଦୁ ବା ବୌଦ୍ଧ ଖ୍ରୀଷ୍ଟିଆନ ନ ହେଉ। ମାତ୍ର ପ୍ରତ୍ୟେକ ଧର୍ମ ଅନ୍ୟ ଧର୍ମର ନିର୍ଯାସ ଗ୍ରହଣ କରିବା ସହ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖି ନିଜ ନିୟମ ଅନୁସାରେ ବିକଶିତ ହେଉ। ଚିକାଗୋ ଧର୍ମ ସଭାରେ ସ୍ୱାମିଜୀଙ୍କ ବାର୍ତ୍ତା ଥିଲା- ''ଯଦି କେହି କେବଳ ନିଜର ଧର୍ମର ସ୍ଥାପନ ଓ ଅନ୍ୟ ଧର୍ମର ଧ୍ୱଂସ ଚାହେଁ, ମୁଁ ତାକୁ ଦୟାକରେ ଓ କହିବାକୁ ଚାହେଁ ଆଗାମୀ ଦିନରେ ସବୁ ଧର୍ମର ପତାକା ଉପରେ ସମସ୍ତ ପ୍ରତିବାଦ ସତ୍ତ୍ୱେ ଲିଖିତ ହେଉ ସହାୟତା-ସଂଘର୍ଷ ନୁହେଁ, ଅନ୍ତର୍ଲୟନ-ଧ୍ୱଂସ ନୁହେଁ, ସଂହତି ଓ ଶାନ୍ତି-କଳହ ନୁହେଁ।'' ପୁନଶ୍ଚ ପୃଥିବୀରେ ବହୁ ଆନୁଷ୍ଠାନିକ ଧର୍ମ ଥିଲେ ମଧ୍ୟ ସବୁଧର୍ମର ଲକ୍ଷ୍ୟ ଏକ-ତାହା ହେଉଛି ଈଶ୍ୱରପ୍ରାପ୍ତି। ଶିବମହିମ୍ନ ସ୍ତୋତ୍ରରେ ପ୍ରାର୍ଥନା କରାଯାଇଛି ଯେ, ବିଭିନ୍ନ ନଦୀ ବିଭିନ୍ନ ସ୍ଥାନରେ ଉତ୍ପତ୍ତି ହେଲେ ମଧ୍ୟ ଶେଷରେ ସମୁଦ୍ରରେ ମିଳିତ ହେବା ଭଳି, ହେ ଶିବ! ମଣିଷମାନେ ସରଳ କୁଟିଳ ବିଭିନ୍ନ ପଥରେ ଚାଲିଲେ ମଧ୍ୟ ସମସ୍ତେ ଆପଣଙ୍କ ପାଖରେ ହିଁ ପହଞ୍ଚନ୍ତି। ଏହି ଦୃଷ୍ଟିରୁ ଧର୍ମ ଧର୍ମ ମଧ୍ୟରେ କୌଣସି ଦ୍ୱନ୍ଦ୍ୱର ସ୍ଥାନ ନାହିଁ।

ମୋ:୯୪୩୭୩୨୯୨୬୩

# ବିପଜ୍ଜନକ ବିକିରଣ



ଡା. ସମ୍ରାଟ କର

ଜୀବଜଗତ ପାଇଁ ମାରାତ୍ମକ ପାଲଟିଛି ମୋବାଇଲ୍ ଟାୱାର। ଏଥିରୁ ବାହାରୁଥିବା ଚୁମ୍ବକୀୟ ବିକିରଣ ପଶୁ ସମ୍ପଦକୁ ଅଧିକ ହାନି ପହଞ୍ଚାଉଛି। ମଣିଷ ବି ଏଥିରେ ପ୍ରଭାବିତ। ଟାୱାରର ଚୁମ୍ବକୀୟ ବିକିରଣ ସଂସ୍ପର୍ଶରେ ଆସି ଲୋକେ କ୍ୟାନ୍‌ସର, ହୃଦ୍‌ରୋଗ, ମସ୍ତିଷ୍କ ଓ ଶ୍ୱାସ ଭଳି ଭୟଙ୍କର ରୋଗରେ ପୀଡ଼ିତ ହେଉଛନ୍ତି। ଟାୱାର ବସାଯିବା କ୍ଷେତ୍ରରେ ଲାଗୁ ନିୟମ ଅର୍ଥାତ୍ ଉଚ୍ଚତା, ସ୍ଥାନ ଏବଂ ଜନବସତିଠାରୁ ଦୂରତା ଆଦିକୁ ଯଦି ଅମାନ୍ୟ କରାଯାଏ, ଭବିଷ୍ୟତରେ ଏହି ବିପଦ ଆଶାଠାରୁ ଅଧିକ ବଢ଼ିଯିବ। ମୋବାଇଲ ଟାୱାର ଏବଂ ଅଧିକ ମେଗା ପିକ୍ସେଲର ମୋବାଇଲ ଫୋନ ଆମ ଶରୀର ପାଇଁ କ୍ଷତିକାରକ। ଏହାଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ। ଏହାର କୁପ୍ରଭାବ ଦ୍ୱାରା ମଣିଷ ଅଧିକ ବିରକ୍ତିଭାବ ପ୍ରକାଶ କରିଥାଏ, ଏକାଗ୍ରତା ଆସିପାରି ନଥାଏ। ୨୦୦୫ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନର ଗାଇଡ୍‌ଲାଇନ ଅନୁଯାୟୀ ସ୍କୁଲ, କଲେଜ, ହସ୍ପିଟାଲ ଏବଂ ମାର୍କେଟ ଅଞ୍ଚଳର ୫୦ ମିଟର ମଧ୍ୟରେ ମୋବାଇଲ ଟାୱାର ରହିବା ଅନୁଚିତ। ୧୫ ମିଟର ମଧ୍ୟରେ ସୃଷ୍ଟି ହେଉଥିବା ରେଡିଏସନ୍ ମଧ୍ୟ ଅଧିକ କ୍ଷତିକାରକ। ଏହାକୁ ସେଲ୍ ପାୱାର ନର୍ମ କୁହାଯାଇଥାଏ। ସେହିପରି ଅଧିକ ଶକ୍ତିଶାଳୀ ମୋବାଇଲ ଫୋନ୍ ଦ୍ୱାରା ମଣିଷର ଶରୀର ମଧ୍ୟ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ୩୦୦ରୁ ଅଧିକ ଫ୍ରିକ୍ୱେନ୍ସି ଭାଇବ୍ରେଶନ୍ ହେଲେ ଶରୀରରେ କ୍ଷତି ଘଟିଥାଏ। ଅନେକ ବ୍ୟକ୍ତି ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ଗୋଟିଏରୁ ତିନୋଟି ଲେଖାଏଁ ମୋବାଇଲ ରଖି ଶୋଇଥା'ନ୍ତି। ଏହାର ପରିଣାମ ବେଶ୍ ଭୟଙ୍କର।

ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ ତଥ୍ୟ ଅନୁଯାୟୀ, ମୋବାଇଲ ଟାୱାର ଏବଂ ମୋବାଇଲରୁ ବହୁମାତ୍ରାରେ ରେଡିଏସନ୍ ବାହାରୁଛି, ଯାହାର ପ୍ରଭାବ ମଣିଷସମାଜ ଉପରେ ପଡୁଥିବା ମଧ୍ୟ ଦେଖାଦେଇଛି। ତେବେ ଫଳାଫଳ ଆସନ୍ତା ଦୁଇବର୍ଷ ଭିତରେ ସ୍ପଷ୍ଟ ହୋଇଯିବ। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଟାୱାରରୁ ବାହାରୁଥିବା ବିକିରଣ ସ୍ପର୍ମ କାଉଣ୍ଟକୁ ବେଶି ପ୍ରଭାବିତ କରୁଛି । ହୃଦ୍‌ରୋଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏହି ବିକିରଣର କୁପ୍ରଭାବ ମଣିଷ ଶରୀର ଉପରେ ପଡୁଛି। ତେବେ ଏ ପ୍ରଭାବର ମାତ୍ରା କେତେ ଏବଂ କେତେ ସମୟ ସଂସ୍ପର୍ଶରେ ଆସିଲେ କୁପ୍ରଭାବ ପଡୁଛି ତାହା ଅଧିକ ଗବେଷଣା ପରେ ସ୍ପଷ୍ଟ ହୋଇଯିବ। ମୋବାଇଲ ଟାୱାରରୁ ବାହାରୁଥିବା ବିକିରଣର ପରିମାଣ କମ୍ ହୋଇଥିଲେ ବି ସେଲ୍ ଟିସୁ ଏବଂ ଡିଏନ୍‌ଏକୁ ପ୍ରଭାବିତ କରିଥାଏ।

ମୋବାଇଲ୍ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି। ଏଥିଯୋଗୁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୁଡ଼ିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ। ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରିପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି। ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି। ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ମୋବାଇଲ୍ ଟାୱାରର ବିକିରଣ ହ୍ରାସ ପାଇଁ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଟାୱାରର ବିକିରଣ କମାଇବା ପାଇଁ ରାଜ୍ୟ ଓ ବିଭିନ୍ନ କ୍ଲିନିକ୍ ଅପରେଟିଭ୍ ମାନେ କ'ଣ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି। ବିକିରଣ ଯେପରି ଜୀବଜଗତକୁ ପ୍ରଭାବିତ ନ କରିବ, ସେନେଇ ସେବା ପ୍ରଦାନକାରୀ କମ୍ପାନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅବଗତ କରିବ। ଟାୱାରରୁ ବାହାରୁଥିବା ବିକିରଣ ନିୟମିତ ଯାଞ୍ଚ କରାଯିବ। ଯଦି ଟାୱାର ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି, ତେବେ ତୁରନ୍ତ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ବିକିରଣ ପ୍ରଭାବ ସମ୍ପର୍କରେ ଟାୱାର ନିକଟରେ ସାଇନ୍‌ବୋର୍ଡ଼ ଲଗାଯାଇ ସୂଚନା ଦିଆଯାଉ। ଟାୱାରର ୧ କିଲୋମିଟର ମଧ୍ୟରେ ଆଉ କୌଣସି ଟାୱାର ଲଗାଯିବା ପାଇଁ ଅନୁମତି ଦିଆନଯାଉ। ଏହି ବିକିରଣ ପ୍ରଭାବ କେତେ କ୍ଷତିକାରକ, ତାହା ମୁମ୍ବାଇ ଆଇଆଇଟିର ପ୍ରଫେସର କେନ୍ଦ୍ର ସରକାରଙ୍କୁ ଅବଗତ ସହ ସତର୍କ କରାଇଛନ୍ତି। ବିଶେଷଜ୍ଞଙ୍କ ମତରେ ମୋବାଇଲ ଟାୱାର ନିକଟରେ ରହିବା ଅର୍ଥ ୨୪ ଘଣ୍ଟା ମାଇକ୍ରୋ ୱେଭ୍ ଓଭେନ୍ ଭିତରେ ରହିବା ଭଳି।



ମୋବାଇଲ ଟାୱାର ବସାଯିବା ନେଇ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ଜୀବଜଗତକୁ। ନିୟମ ହୋଇଥିଲା, ମୋବାଇଲ ଟାୱାର ଜନବସତିଠାରୁ ଦୂରରେ ବସିବ। ୧ କିଲୋମିଟର ଭିତରେ ଏକାଧିକ ଟାୱାର ଲାଗିପାରିବ ନାହିଁ ଏବଂ ଟାୱାରର ଉଚ୍ଚତା ଅଧିକ ହେବ। ହେଲେ ସବୁ ନିୟମ ଗଲା ଚୁଲିକୁ। ମୋବାଇଲ କମ୍ପାନୀ ଉକ୍ତ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଗୋଟିଏ କିଲୋମିଟର ଭିତରେ ଶହ ଶହ ମୋବାଇଲ ଟାୱାର ଛିଡ଼ା ହୋଇଛି। ତା' ପୁଣି ଜନବସତି ଭିତରେ ଆଉ କମ୍ ଉଚ୍ଚତାରେ। ସବୁଠାରୁ ବଡ଼କଥା ହେଉଛି ଲଗାଯାଇଥିବା ମୋବାଇଲ ଟାୱାର ମଧ୍ୟରୁ ଅଧାରୁ ଅଧିକ ଅବୈଧ। ଏହାସତ୍ତ୍ୱେ କୌଣସି ରାଜ୍ୟର ସରକାର ପାଟି ଖୋଲିନାହାନ୍ତି। ଦିଲ୍ଲୀରେ ପାଖାପାଖି ୬ ହଜାର ଟାୱାର ଲାଗିଛି। ସେଥିରୁ ୨୯୫୨ଟି ହେଉଛି ଅବୈଧ। ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ ହଜାରରୁ ଅଧିକ ମୋବାଇଲ ଟାୱାର ଲାଗିଥିବାବେଳେ ଶତାଧିକ ଅବୈଧ ବୋଲି ଜଣାପଡ଼ିଛି। ମୋବାଇଲ କମ୍ପାନୀଗୁଡ଼ିକ ଏହି ଟାୱାର ଲଗାଇବା ଲାଗି ଆବଶ୍ୟକତାଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫଳରେ ଫାଇଦା ଉଠାଇବାକୁ ଯାଇ ଲୋକେ ଭବିଷ୍ୟତର ଏହି ବିପଦକୁ ନଜର ଅନ୍ଦାଜ କରିଥିଲେ। ଆଜି ଦେଶ ପାଇଁ ଏହା ଏକ ପ୍ରକାର କାଳ ପାଲଟିଯାଇଛି।

**ମାନସିକ ରୋଗ ବିଶେଷଜ୍ଞ,**
**ଦି' ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ପରିବେଶ ପାଇଁ କ୍ଷତିକାରକ ପ୍ଲାଷ୍ଟିକ୍ ଜିନିଷଠାରୁ ଦୂରେଇ ରହିବା ଲାଗି ଏହାର ବିକଳ୍ପ ଭାବେ ବାଉଁଶ ଜିନିଷ ପ୍ରସ୍ତୁତ କରିଛନ୍ତି କୋଲକାତାର ଅଗ୍ନି ମିତ୍ର। ସେ 'ଆମୁଡୋ ଇକୋ ପ୍ରଡକ୍ଟ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ନିତ୍ୟବ୍ୟବହାର୍ଯ୍ୟ ବାଉଁଶ ଉତ୍ପାଦ ତିଆରି କରୁଛନ୍ତି। ବାଉଁଶରେ ଟୁଥ୍ ବ୍ରଶ୍‌ଠାରୁ ଆରମ୍ଭ କରି ପାନିଆ ଏବଂ ସେଲ୍ଫ କେୟାର ପ୍ରଡକ୍ଟ ଆଦି ପ୍ରସ୍ତୁତ କରାଯାଉଛି। ଅଗ୍ନି ଜର୍ମାନୀରୁ ମେଡିକାଲ ଫଟୋନିକ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେଠାରେ ଥିବା ସମୟରେ ପରିବେଶ ଉପଯୋଗୀ ବାଉଁଶ ଉତ୍ପାଦ ବ୍ୟବହାର କରିବା ଆରମ୍ଭ କରିଥିଲେ। ଭାରତକୁ ଫେରିବା ପରେ ପ୍ଲାଷ୍ଟିକର ନକାରାତ୍ମକ ପ୍ରଭାବରୁ ଲୋକଙ୍କୁ ମୁକ୍ତ ରଖିବା ଓ ବର୍ଜ୍ୟଜନିତ ପ୍ରଦୂଷଣରୁ ପରିବେଶକୁ ରକ୍ଷା କରିବା ଲକ୍ଷ୍ୟରେ ବାଉଁଶ ଉତ୍ପାଦକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଲାଗି କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୮ରେ ଆମୁଡୋ ଇକୋ ପ୍ରଡକ୍ଟ ଷ୍ଟାର୍ଟଅପ୍ ଗଠନ କରିବା ପରେ ଏବେ ସେଥିରେ ତାଙ୍କ ସହ ୪୦ ଜଣିଆ ଟିମ୍ କାମ କରୁଛି। ଏହି ବ୍ୟବସାୟରେ ଅଗ୍ନି ବାର୍ଷିକ ୨.୬୫ କୋଟି ଟଙ୍କା କାରବାର କରୁଛନ୍ତି। ଏବେ ତାଙ୍କ ଉତ୍ପାଦକୁ ୧୦୦ କର୍ପୋରେଟ ଓ ହୋଟେଲ ନିୟମିତ ଭାବେ ନେଉଛନ୍ତି। ଦିନକୁ ଦେଶରେ ସେ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଅର୍ଡର ପାଉଛନ୍ତି। କେବଳ ଏତିକି ନୁହେଁ ଦୁବାଇ, ଇଂଲଣ୍ଡ, ମାଲେସିଆ, ସିଙ୍ଗାପୁର, ଜର୍ମାନୀ ଏବଂ ସ୍ଲୋଭାକିଆରୁ ବି ତାଙ୍କୁ ଅର୍ଡର ମିଳୁଛି।

## ଚିରନ୍ତନୀ

ସେ ଗୀତେ ମୁଁ ତ ଯାଇନି ହଜି
ନିଜକୁ ତହିଁ ପାଇଲି ଖୋଜି,
ସେ ଗୀତେ ମୋର ପରାଣ ଭରି
ଝରିଲା କି ଅମିଅ,
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।
-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | | 3 | | | | |
| 1 | | | | 8 | 2 | 9 | | |
| | | | | | 5 | | | 6 |
| | | | | 5 | 6 | | 7 | |
| | | | | 2 | | | 6 | |
| 5 | | | | | | 2 | | |
| | | | 1 | 6 | | | 5 | |
| 3 | 7 | | | | | | 8 | |
| | | | | | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 9 | 4 | 2 | 5 | 8 | 1 |
| 8 | 5 | 1 | 7 | 3 | 6 | 4 | 9 | 2 |
| 2 | 4 | 9 | 8 | 1 | 5 | 3 | 6 | 7 |
| 5 | 9 | 7 | 4 | 2 | 1 | 8 | 3 | 6 |
| 1 | 3 | 2 | 5 | 6 | 8 | 9 | 7 | 4 |
| 4 | 6 | 8 | 3 | 9 | 7 | 2 | 1 | 5 |
| 6 | 8 | 4 | 1 | 5 | 3 | 7 | 2 | 9 |
| 7 | 2 | 5 | 6 | 8 | 9 | 1 | 4 | 3 |
| 9 | 1 | 3 | 2 | 7 | 4 | 6 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ୍‌ର କ'ଣ ବିକଳ୍ପ ନାହିଁ

ମହାଶୟ, ଅତୀତରେ ପରିବେଶ ଓ ମୃତ୍ତିକା ନଷ୍ଟ କରୁଥିବା ପ୍ଲାଷ୍ଟିକ୍ ବର୍ଜନ ନିମନ୍ତେ ଉଚ୍ଚ ନ୍ୟାୟାଳୟ ଆଦେଶ ଦେଲେ। ସରକାର ମଧ୍ୟ ଚେଷ୍ଟିତ ହେଲେ। ମାତ୍ର ଦେଖାଗଲା ପ୍ଲାଷ୍ଟିକ୍ ବ୍ୟବହାର କମିନାହିଁ। ଚେୟାର, ଟେବୁଲ, ଖଟ, ବାଇକ୍, ଔଷଧ ବୋତଲ, ତେଲ ପାଉଚ, ଥଣ୍ଡା ପାନୀୟ ବୋତଲ, ଅନେକ ଔଷଧ ପ୍ୟାକିଂ, ତେଲ କ୍ଷୀର ପାଉଚ, ଖାଦ୍ୟ ପ୍ଲେଟ୍, ଗିନା, ଥାଳିଆ, କ୍ୟାରି ବ୍ୟାଗ, ଛାତ୍ରୀଛାତ୍ରଙ୍କ ବସ୍ତାନି, ଖେଳନା ସବୁ କିଛି ପ୍ଲାଷ୍ଟିକ୍ ନିର୍ମିତ। ମନ୍ଦିରଗୁଡ଼ିକରେ ପଲିଥିନ ବ୍ୟାଗରେ ପ୍ରସାଦ ମିଳୁଛି। ପ୍ଲାଷ୍ଟିକ୍‌ର କ'ଣ କିଛି ବିକଳ୍ପ ନାହିଁ ?

**-ଶ୍ରୀରାମଚନ୍ଦ୍ର ଦାଶ, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଟାଉନ ଥାନା ପରିଦର୍ଶନ

**ଭବାନୀପାଟଣା,୧୪।୩(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନାକୁ ମଙ୍ଗଳବାର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ପରିଦର୍ଶନ କରିଛନ୍ତି। ସେଠାରେ ସେ ଥାନାଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ଆରମ୍ଭରେ ଡିଆଇଜି ପଣ୍ଡିତଙ୍କୁ ଟାଉନ ଥାନା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା।

### ଜନସାଧାରଣ ଚିନ୍ତିତ ନ ହେବାକୁ ପ୍ରଶାସନର ନିବେଦନ

**ଭବାନୀପାଟଣା,୧୪।୩(ସ୍ୱ.ପ୍ର.):** ବୁଧବାର ହେବାକୁ ଥିବା ଡ୍ରାଇଭର ସଂଘର ଷ୍ଟେରିଂ ଛାଡ଼ ଆନ୍ଦୋଳନକୁ ନେଇ ମଙ୍ଗଳବାର ରାତି ୮ଟାରେ ଭବାନୀପାଟଣା ଜିଲାପାଳଙ୍କ ସଦଭାବନା ସଭା କକ୍ଷରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସପି ଅଭିଲାଷ ଜି. ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଏହି ଆନ୍ଦୋଳନକୁ ନେଇ କୌଣସି ଜନସାଧାରଣ ଚିନ୍ତିତ ହୁଅନ୍ତୁ ନାହିଁ ବୋଲି ନିବେଦନ କରିଛନ୍ତି। ସବୁ ଦିନ ଭଳି ବୁଧବାର ମଧ ଚିନ୍ତିତ ନ ହୋଇ ସେମିତି କାର୍ଯ୍ୟ କରନ୍ତୁ। କୌଣସି ଅପ୍ରତିକର ସମସ୍ୟା ଉପୁଜିଲେ ପୋଲିସ ଓ ଜିଲା ପ୍ରଶାସନକୁ ଜଣାନ୍ତୁ ବୋଲି କହିଥିଲେ।

### ଗରିବ ରୋଗୀମାନଙ୍କୁ ଆର୍ଥିକ ସହାୟତା

**ରୁପ୍ରାରୋଡ,୧୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ବଲବସପୁର ଗ୍ରାମର ଯୋଗେଶ୍ୱର ସାହୁ(୫୦) କର୍କଟ ରୋଗରେ ଦୀର୍ଘ ଦିନ ହେଲା ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ହଉଛନ୍ତି। ତାଙ୍କର ରହିବା ଓ ଖାଇବା ପାଇଁ ଆର୍ଥିକ ଅଭାବ ଥିଲା। ଏହି ଖବର ନର୍ଲା ବ୍ଲକ ସରିଆଁ ଗ୍ରାମର ଯୁବ ସାମାଜିକ କର୍ମୀ ମିଲନ କୁମାର ଭୋଇ ଜୁହାର ପାରିବାର ଯୁକେ ଟିମକୁ ଜଣାଇଥିଲେ। ଫେବୃୟାରୀ ୮ରେ ୧୦୦୦୦ ଟଙ୍କା ରହିବା ଓ ଖାଇବା ପାଇଁ ଏବଂ ୧୪ ତାରିଖରେ ୮୦୦୦ ଟଙ୍କାର ଆର୍ଥିକ ସହାୟତା କରିଛନ୍ତି। ପୂର୍ବରୁ ମଧ ଜୁହାର ପରିବାର ଯୁକେ ଟିମ ସରିଆଁର କିଡନୀ ରୋଗୀ ଗୋବିନ୍ଦ ଗୌଡ଼ (୧୨)ଙ୍କୁ ୧୦୦୦୦, ଅଚିନ ମାଝିଙ୍କୁ ୫୦୦୦ ଟଙ୍କା, ସାନଗୁଣ୍ଡରୀ କର୍କଟ ରୋଗୀ ଅଞ୍ଜଳି ରଣାଙ୍କୁ ୧୦୦୦୦ ଟଙ୍କା, ଯମୁନାବହାଲର ରକ୍ତକର୍କଟ ରୋଗୀ ହୋଲିକା ଭୋଇଙ୍କୁ ୬୦୦୦ ଟଙ୍କା, ଲାଞ୍ଜିଗଡ଼ର ରକ୍ତକର୍କଟ ରୋଗୀ ପ୍ରଜ୍ଞାନସି ବାଗଙ୍କୁ ୫୦୦୦ ଟଙ୍କା, ରୋଗୀ ଆଦିତ୍ୟ ଜେନା(୬)ଙ୍କୁ ୧୦୦୦୦ ଟଙ୍କା, ଭଦ୍ରକ ଜିଲାର ରୋଗୀ ସୁବୋଧ ସାହୁଙ୍କୁ ୧୦୦୦୦ ଟଙ୍କା ଆର୍ଥିକ ସହାୟତା ଦେଇଥିଲେ। ଜୁହାର ପରିବାର ଯୁକେର ମୁଖ୍ୟ ସଦସ୍ୟ ଦେବାଶିଷ ମିଶ୍ର, ଉତ୍ତମ ତ୍ରିପାଠୀ, ଅଙ୍କନ ନାଏକ ଏବଂ ଶ୍ରୀରାମ ପଣ୍ଡାଙ୍କ ସହଯୋଗରେ ସମସ୍ତ ରୋଗୀ ସହାୟତା ପାଇଛନ୍ତି । ଜୁହାର ପରିବାର ଯୁକେ ନିରାହ ରୋଗୀଙ୍କୁ ସହାୟତା କରୁଥିବା ଏପରି ମହତ କାର୍ଯ୍ୟ ପାଇଁ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରିଛନ୍ତି।

# ପ୍ରତି ୪ମାସରେ ୧୫ଗୋଷ୍ଠୀ ଗ୍ରାମରେ ନମୁନା ସର୍ଭେ


ଶିବିରରେ ମଞ୍ଚାସୀନ ଅତିଥି, ଗଣନାକାରୀ ଓ ତଦାରଖକାରୀ।

### ଗୃହପାଳିତ ପ୍ରାଣୀ, ପକ୍ଷୀ ସମ୍ପଦ ନମୁନା ସର୍ଭେ ତାଲିମ

**ସୋନପୁର,୧୪।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଗୃହପାଳିତ ପ୍ରାଣୀ, ପକ୍ଷୀ ସମ୍ପଦର ନମୁନା ସର୍ଭେ ପାଇଁ ଏକ ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାର ସମସ୍ତ ପ୍ରାଣୀଧନ ଗଣନାକାରୀ ଓ ତଦାରଖ ଅଧିକାରୀ ଯୋଗଦାନ କରି ଏଲିସ ଆପ୍(୧.୪) ଭର୍ସନ ମାଧ୍ୟମରେ ଅନଲାଇନ ଗଣନା ସମ୍ପର୍କରେ ତାଲିମ ନେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡା ଶିବିରରେ ଅଧକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଝାଡଖଣ୍ଡର ରାଞ୍ଚିଠାରେ ନମୂନା ସର୍ଭେ ସମ୍ପର୍କରେ ତାଲିମ ନେଇଥିବା ସୋନପୁର ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ଅଶେଷ କୁମାର କର ତାଲିମ ପ୍ରଦାନ କରିଥିଲେ। ଦେଶରେ ଗୋରୁ, ମଇଁଷି, ଛେଳି, ମେଣ୍ଢା, କୁକୁଡା, ବତକଙ୍କ ସଂଖ୍ୟା, ଗାଈଫାର୍ମ, କୁକୁଡା ଫାର୍ମ, ଦୁଗ୍ଧ ଉତ୍ପାଦନ, ମାଂସ ଉତ୍ପାଦନ ଓ ଅଣ୍ଡା ଉତ୍ପାଦନ ସମ୍ପର୍କରେ ଜାଣିବା ପାଇଁ ଅନଲାଇନ ସଫ୍ଟୱେର ମାଧମରେ ଏହି ସର୍ଭେ କରାଯିବ। ପ୍ରତି ୪ ମାସରେ ଥରେ ଜିଲାର ୧୫ଟି ଗୋଷ୍ଠୀ ଗ୍ରାମରେ ଏହି ନମୂନା ସର୍ଭେ କରାଯିବ ବୋଲି ଡାକ୍ତର କର ସୂଚନା ଦେଇଥିଲେ। ବିଭିନ୍ନ ଗୋଧନ, କ୍ଷୁଦ୍ର ପ୍ରାଣୀଧନ, କୁକୁଡା ଗଣନା ସଠିକ୍ ଭାବେ କରିବା ପାଇଁ ଗଣନାକାରୀ ଓ ତଦାରଖ ଅଧିକାରୀଙ୍କୁ ବୁଝା ଯାଇଥିଲା। ଏହି ଶିବିରରେ ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଜୟ ସାହୁ, ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ହିମାଂଶୁ କୁମାର ମହାନ୍ତ, ସମସ୍ତ ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀ, ଉପନିର୍ଦ୍ଦେଶକ, ପ୍ରାଣୀଧନ ଟେକ୍ନିସିଆନ, ପ୍ରାଣୀଧନ ନିରୀକ୍ଷକ ତାଲିମ ନେଇଥିଲେ। ପରିସଂଖ୍ୟାନ ଗଣନାକାରୀ ଚିନ୍ମୟ ଭୁକ୍ତା ଶିବିର ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅଙ୍କିତା


@ ବିଷ୍ଣୁ


@ ଟିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆଗୁଡ଼ାରେ ବୁଲା କୁକୁର ଆତଙ୍କ, କାମୁଡ଼ାରେ ୩ ଗୁରୁତର

**ଭବାନୀପାଟଣା,୧୪।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମରେ ବୁଲା କୁକୁର ଆତଙ୍କ ଦେଖିବାକୁ ମିଳିଛି। ଏଠାରେ ଗତ ୧୨ ଘଣ୍ଟାରେ କୁକୁର କାମୁଡ଼ାରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର କୁକୁର କାମୁଡ଼ାରେ ଜଣେ ଶିଶୁ, ବୃଦ୍ଧ ଓ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶିଶୁ ଶ୍ଳୋକ ବିଶି, ବୃଦ୍ଧ ଡମ୍ବରୁଧର ନାଏକ ଓ ଯୁବକ ଡମ୍ବରୁଧର ଭାଟି। ଶ୍ଳୋକଙ୍କ ଆଖି ଓ ମୁଣ୍ଡ ପାଖରେ କୁକୁର କାମୁଡିଥିବାବେଳେ ଡମ୍ବରୁଙ୍କ କପାଳ ଓ ଡମ୍ବରୁଙ୍କ ହାତର ମୁଖ୍ୟ ଭେନ (ଶିରା) ପାଖରେ କାମୁଡିଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରୁ ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ଚିକିତ୍ସା ହୋଇ ଘରକୁ ଫେରିଥିବା ଜଣାପଡିଛି। ଏହାକୁ ନେଇ ଗ୍ରାମରେ ଏବେ ଭୟର ବାତାବରଣ ଦେଖିବାକୁ ମିଳିଛି।


କୁକୁର ଆକ୍ରମଣରେ ଆହତ ଶିଶୁ ଓ ବୃଦ୍ଧ।

# ପ୍ରାଥମିକ ଶିକ୍ଷକଙ୍କ ଦାବିପତ୍ର ପ୍ରଦାନ


ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସିନାପାଲି:,୧୪।୩(ଡି.ଏନ.ଏ.)**

ରାଜ୍ୟ ସଂଘର ଆହ୍ୱାନରେ ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ୩ଦଫା ଦାବି ପୂରଣ ନେଇ ଏକ ସ୍ମାରକ ପତ୍ର ସ୍ଥାନୀୟ ଶିକ୍ଷକ ସଂଘ ପକ୍ଷରୁ ସିନାପାଲି ଏବିଇଓ ପ୍ରଭାତ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଠିକାନିଯୁକ୍ତି ଉଚ୍ଛେଦ ସହ ଛଅବର୍ଷ କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ଇନକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ନୂତନ ବଦଳରେ ପୁରୁଣା ପେନସନ ଲାଗୁ କରିବା ଭଳି ଦାବି ରହିଛି। ବୁଧବାରଠାରୁ ରାଜ୍ୟ ସଂଘ ଡାକରାରେ ଆନ୍ଦୋଳନ ଆରମ୍ଭ ହେଉଥିବା ବେଳେ ସିନାପାଲି ବ୍ଲକ ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକମାନେ ଏହାକୁ ପୂର୍ଣ୍ଣସମର୍ଥନ କରୁଥିବା ଜଣାପଡ଼ିଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ପ୍ରସନ୍ନ କୁମାର ମାଝି, ସମ୍ପାଦକ ବାଲାଜି ହରିଜନ, କୋଷାଧକ୍ଷ ପ୍ରେମାନନ୍ଦ ମେହେର, ରାଜେନ୍ଦ୍ର ଖମାରୀ, ବୈଷ୍ଣବ ମେହେର, ପ୍ରକାଶ ମେହେର, ତନୁରାମ ନାଏକ, ସୁଶିଳ ଯୋଷୀ, ନିକୁଞ୍ଜ ବିହାରି ସା, ବିଭୁତି ମେହେର, ସରୋଜ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରକ୍ତଦାନ, ଚକ୍ଷୁ ପରୀକ୍ଷା ଶିବିର

**ବିନିକା,୧୪।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିଲାଟି ଆରଏମସି ଗୃହରେ ଭରସା ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନିକା ବିଡିଓ ବ୍ୟାସଦେବ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଲାଟି ସରପଞ୍ଚ ହାସିନା ସେଠ ସମ୍ମାନିତ ଅତିଥିଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ୯ ମହିଳାଙ୍କ ସମେତ ୫୩ଜଣ ରକ୍ତଦାନ କରିଥିଲେ। ପଣ୍ଡାପାଲି ନେତ୍ର ଚିକିତ୍ସାଳୟ ଚକ୍ଷୁ ପରୀକ୍ଷକ ସୁଜିତ କୁମାର ଥପା, ଚନ୍ଦ୍ରଶେଖର ନନ୍ଦ, ବିଜୟ ଜଗଦଲା, ଅନ୍ତର୍ଯ୍ୟାମୀ ନାୟକ ୭୧ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବୁର୍ଲା ବ୍ଲଡବ୍ୟାଙ୍କ ଡାକ୍ତର ବିଭୂତି ଭୂଷଣ ମହନ୍ତ, ଟେକନିସିଆନ ଦେବାଶିଷ ମିଶ୍ର, ପ୍ରହ୍ଲାଦ ଭୋଇ, ଜନକ ବେହେରା, ପାଣ୍ଡୁ ଭୋଇ ଯୋଗଦେଇ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିର ପରିଚାଳନାରେ ଭରସା ପରିବାର ସଦସ୍ୟଙ୍କ ସହ ସାମାଜିକ କର୍ମୀ ମୁକେଶ ବର୍ଗଣ୍ଡି, ଲକ୍ଷଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଆଇନଶୃଙ୍ଖଳା ବଜାୟ ରଖିବାକୁ ଜିଲା ପ୍ରଶାସନର ନିବେଦନ


ଜିଲାପାଳ ଏବଂ ଏସ୍‌ପି ସୂଚନା ଦେଉଛନ୍ତି।

### ଚାଳକଙ୍କ ପ୍ରସ୍ତାବିତ ଧର୍ମଘଟ

**ନୂଆପଡ଼ା ଅଫିସ,୧୪।୩**

ମାର୍ଚ୍ଚ ୧୫ ବୁଧବାରଠାରୁ ଚାଳକ ସଂଘର ପ୍ରସ୍ତାବିକ ଧର୍ମଘଟକୁ ଦୃଷ୍ଟିରେ ରଖି ନୂଆପଡା ଜିଲାପାଳ ହେମକାନ୍ତ ସାଏ ଓ ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସମୀକ୍ଷା ବୈଠକ କରି ଜିଲାରେ ଆଇନଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରିଛନ୍ତି। ଜିଲାପାଳ ସାଏ ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ପ୍ରସ୍ତାବିତ ଧର୍ମଘଟକୁ ନେଇ ବ୍ୟସ୍ତ ବିବ୍ରତ ନ ହେବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଦଶମ ଶ୍ରେଣୀ ପରୀକ୍ଷା ସହ ବିଭିନ୍ନ ମହାବିଦ୍ୟାଳୟରେ ମଧ୍ୟ ପରୀକ୍ଷା ଚାଲିଛି। ଚାଳକମାନଙ୍କୁ ସଂଯମତା ରକ୍ଷା କରିବାକୁ ଜିଲାପାଳ ନିବେଦନ କରିଛନ୍ତି। ସରକାରଙ୍କଠାରେ ଚାଳକମାନଙ୍କ ଦାବି ବିଚାରାଧୀନ ରହିଛି। ତେଣୁ ଚାଳକମାନେ ଧର୍ମଘଟକୁ ଯାଆନ୍ତି ଶାନ୍ତିପୂର୍ଣ୍ଣ ଉପାୟରେ ଗଣତାନ୍ତ୍ରିକ ପଦ୍ଧତିରେ ଧର୍ମଘଟକୁ ଓହ୍ଲାନ୍ତୁ। କୌଣସି ଉପାୟରେ ମଧ୍ୟ ଆଇନକୁ ହାତକୁ ନିଅନ୍ତୁ ନାହିଁ। ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମୁକାବିଲା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଛି। ଯେ କୌଣସି ଅବସ୍ଥାରେ ମଧ୍ୟ ଜିଲାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଖାସ୍ତ କରାଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ଚେତାଇ ଦେଇଛନ୍ତି। ଚାଳକମାନଙ୍କ ଦାବି ପ୍ରତି ଆମର ମଧ୍ୟ ସମର୍ଥନ ରହିଛି। ଆଶା କରୁଛୁ କି ସମାଜର ହିତ ଦିଗରେ ଚାଳକମାନେ ଯତ୍ନବାନ ହେବେ ବୋଲି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

**MILK UNION SAMBALPUR**
**VEHICLE REQUIRED ON HIRE**
1.Tata Ace or similar type of vehicle required on hire for Adal to Milk Chilling Plant Sonepur Milk Route running both morning & evening covering 204 K.M.
Interested parties may purchase and submit tenders by 27.03.2023.
Tender Paper cost: Rs.200/- + GST.
EMD- Rs.2,000/-.

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ଅଶୋକ ଲେଲାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD05AL8454
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1225000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧରେ ସେମାନଙ୍କର କୋଟେଶନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061/ ଦୁର୍ଗା ସ୍ୱାଇଁ 9692645791

# ନଦୀରୁ କଙ୍କାଳ ଜବତ

**ଭବାନୀପାଟଣା,୧୪।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକସ୍ଥିତ କିଆପଦର୍‌ଠାରୁ ଶଗଡ଼ା ସଂଯୋଗ ହୋଇଥିବା ନଦୀଠାରେ ଏକ କଙ୍କାଳ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି କଙ୍କାଳ ଜବତ କରି ବ୍ୟବଚ୍ଛଦ ପାଇଁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ପଠାଇଥିଲା। ମୃତ କଙ୍କାଳ ୧୦ରୁ ୧୫ ଦିନ ମଧରେ ହୋଇଥିବ ବୋଲି ପୋଲସଠାରୁ ଜଣାପଡିଛି। ଏହାର ପରିଚୟ ନ ପାଇବା ପର୍ଯ୍ୟନ୍ତ ଏହାକୁ ବ୍ୟବଚ୍ଛେଦ ଗୃହରେ ସଂରକ୍ଷିତ ଭାବେ ରଖାଯାଇଛି । ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।



**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/22-23/E-Tender/161 ତା.07.03.2023ରିଖ
(1) ଟେଣ୍ଡର ସଂ. etender-South-KUR-444-2022, ତା.03.03.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଛତ୍ରପୁର ଷ୍ଟେସନ ଠାରେ ପିଟ୍ ସହିତ କଭର ସେଡ୍ ଏବଂ ଟାୱାର ୱାଗନ ଲାଇନ୍ ନିମନ୍ତେ ଫର୍ମେସନ, ଗୋଟିଏ OHE ଡିପୋ ବିଲ୍ଡିଂର ପ୍ରସ୍ତାବିତ ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 145.60 ଲକ୍ଷ, EMD (ଟଙ୍କାରେ) : 2,22,800.00, ଶେଷ ହେବା ଅବଧି : 12 (ବାର) ମାସ ।
(2) ଟେଣ୍ଡର ସଂ. etender-East-KUR-445-2022, ତା.06.03.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହରିଦାସପୁର ଏବଂ ଧାନମଣ୍ଡଳ ୟାର୍ଡ଼ରେ 27 ସେଟ୍ PSC ଫ୍ୟାନ୍ ସେପଡ୍ ଲେଆଉଟ୍‌ର ନବୀକରଣ ଏବଂ ନିର୍ଗୁଣ୍ଡି-କଟକ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 10.60 କି.ମି. ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 352.08 ଲକ୍ଷ, EMD (ଟଙ୍କାରେ) : 3,26,000.00, ଶେଷ ହେବା ଅବଧି : 08 (ଆଠ) ମାସ ।
(3) ଟେଣ୍ଡର ସଂ. etender-East-KUR-446-2022, ତା.06.03.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ବାରଙ୍ଗ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 10.50 କି.ମି. ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 294.58 ଲକ୍ଷ, EMD (ଟଙ୍କାରେ) : 2,97,300.00, ଶେଷ ହେବା ଅବଧି : 06 (ଛଅ) ମାସ ।
(4) ଟେଣ୍ଡର ସଂ. etender-HQ-KUR-447-2022, ତା.06.03.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେତଙ୍ଗ-ଖୋର୍ଦ୍ଧା ରୋଡ଼ ସେକ୍ସନ ମଧ୍ୟରେ ଅପ୍, ଡାଉନ୍ ଏବଂ ମିଡିଲ ଲାଇନ୍‌ରେ କି.ମି.450.20 ଠାରୁ କି.ମି.455.20 ପର୍ଯ୍ୟନ୍ତ 15.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 376.31 ଲକ୍ଷ, EMD (ଟଙ୍କାରେ) : 3,38,200.00, ଶେଷ ହେବା ଅବଧି : 08 (ଆଠ) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ):** ତା.29.03.2023ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1074/N/22-23

# ମୋଟର ପମ୍ପ ଚୋରି ଅଭିଯୋଗ, ୩ କୋର୍ଟ ଚାଲାଣ

**କୋକସରା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପରେ ଚାଷ କାର୍ଯ୍ୟ ପାଇଁ ଲାଗିଥିବା ୪ ପାଣି ମୋଟର ପମ୍ପ ଚୋରି ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟିଆ ଗ୍ରାମର ଉପେନ୍ଦ୍ର ପଟେଲ (୩୨), ମହେନ୍ଦ୍ର ପଟେଲ (୨୮) ଓ ଗୟଲ ଧରୁଆ (୪୦)। ଚୋରି ଘଟଣାରେ ୨ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଖୁଣ୍ଟିଆ ଗ୍ରାମର ଉଦ୍ଧବ ମେହର ଗତ ୧୧ ତାରିଖରେ କୋକସରା ଥାନାରେ ଚାଷ ଜମିର ମୋଟର ଚୋରି ନେଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଖୁଣ୍ଟିଆ ଗ୍ରାମର ଉପେନ୍ଦ୍ର, ମହେନ୍ଦ୍ର ଓ ଗୟଲଙ୍କୁ ଗିରଫ କରିଥିଲା। ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ପଷ୍ଟ ପ୍ରମାଣିତ ହେବା ପରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୮୩/୨୩) ରୁଜୁ ହୋଇଛି। ବ୍ଲକର କୋକସରା ଓ ଆମପାଣି ଥାନା ଅଞ୍ଚଳରେ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ହେଲା ମୋଟର ଚୋରି କରୁଥିବା ପଛରେ ଏକ ରାକେଟ ସକ୍ରିୟ ଥିବା ବେଳେ ଗାଁ ଗାଁରୁ ଚାଷୀଙ୍କ ବୋରୱେଲ ଓ ଏଲଆଇ ପଏଣ୍ଟର ମୋଟର ଚୋରି ହେଉଥିବା ଯୋଗୁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଏହା ପଛରେ ଥିବା ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି।


ମୋଟର ଚୋରି କରି ଧରାପଡିଥିବା ୩ ଅଭିଯୁକ୍ତ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ଲୋକନାଥ ଷ୍ଟୋନ୍ କ୍ରସର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ପୁଷ୍ପଲକ୍ଷ୍ମୀ ମହାନ୍ତି,** ସ୍ୱାମୀ: ଶୁଭେନ୍ଦ୍ର ମହାନ୍ତି, ସା: ଲୋକେଶ୍ୱରପୁର, ପଲ୍ଲୀହାଟ, ଖୋର୍ଦ୍ଧା-୭୫୨୦୫୬ | ଟ.୯୬,୭୩,୭୭୮.୪୩ +ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୪.୨୦୨୧ / ୧୦.୦୩.୨୦୨୩ | **ଶ୍ରୀମତୀ ପୁଷ୍ପଲକ୍ଷ୍ମୀ ମହାନ୍ତି,** ସ୍ୱାମୀ: ଶୁଭେନ୍ଦ୍ର ମହାନ୍ତିଙ୍କ ନାମରେ ଥିବା ଜମି ଏବଂ ଷ୍ଟ୍ରକଚର୍ସ/ ଇନ୍‌ଷ୍ଟାଲେସନ (ସ୍ଥାପନା) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୦୦, ପ୍ଲଟ୍ ନଂ.: ୧୪୭୫, କ୍ଷେତ୍ର: ଏକର୦.୯୩୦ଡିସିମିଲି, କିସମ: ଘରବାରୀ, ମୌଜା: ଛତ୍ରମା, ଥାନା: ଖୋର୍ଦ୍ଧା, ଏସ୍‌ଆରଓ: ଖୋର୍ଦ୍ଧା, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୦, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: କରୁଣାକର ମହାନ୍ତି, ଦକ୍ଷିଣ: ଶ୍ରୀ ଜଗନ୍ନାଥ ମହାପ୍ରଭୁ, ପୂର୍ବ: ଗୋପାଳ ଚନ୍ଦ୍ର ନରେନ୍ଦ୍ର ଏବଂ ଅନ୍ୟମାନେ, ପଶ୍ଚିମ: ମଇନା ବିଶ୍ୱାଳ ଏବଂ ଅନ୍ୟମାନେ, ପ୍ରକୃତ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୪୭୪ (କରୁଣାକର ମହାନ୍ତି), ଦକ୍ଷିଣ: ପ୍ରଭୁ ଜଗନ୍ନାଥଙ୍କ ଜମି ଉପରେ ରାସ୍ତା, ପୂର୍ବ: ଗିରିଶ ଚନ୍ଦ୍ର ବେହେରା, ପଶ୍ଚିମ: ବସନ୍ତ କୁମାର ପଣ୍ଡା (ପୋଖରୀ) |
| **ଋଣଗ୍ରହୀତା: ମେସର୍ସ ମୀରା କ୍ରିଏସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଜୀବନ ଜ୍ୟୋତି ବାରିକ / ଗ୍ୟାରେଣ୍ଟିଦାତାମାନେ: ୧) ସୁମିତ୍ରା ବାରିକ,** ସ୍ୱାମୀ: ୰ ଚିତ୍ତ ରଞ୍ଜନ ବାରିକ, **୨) ସୁଚିତ୍ରା ବାରିକ,** ପିତା: ୰ ଚିତ୍ତ ରଞ୍ଜନ ବାରିକ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୬୭/ବି, ଚିତ୍ତ ନିବାସ, ନୂଆପଡ଼ା, ବାଲିସାହି, ମଧୁପଟଣା, କଟକ - ୭୫୩୦୧୦ | ଟ.୩,୧୧,୯୮,୭୯୮.୬୨ +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୬.୧୦.୨୦୨୨ / ୧୩.୦୩.୨୦୨୩ | ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଡାଳିଆ, ଥାନା: କଟକ ସଦର, ତହସିଲ: କଟକ, ଜିଲ୍ଲା: କଟକ, **୧) ଶ୍ରୀମତୀ ସୁମିତ୍ରା ବାରିକ, ଶ୍ରୀ ଜୀବନ ଜ୍ୟୋତି ବାରିକ ଏବଂ ଶ୍ରୀମତୀ ସୁଚିତ୍ରା ବାରିକ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୬୮୬/୩୯୨, ପ୍ଲଟ୍ ନଂ.: ୧୨୯୦, କ୍ଷେତ୍ର: ଏକର୦.୦୭୦ ଡିସିମିଲି, ପ୍ଲଟ୍ ନଂ.: ୧୯୭୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୮୭, କ୍ଷେତ୍ର: ଏକର୦.୦୭୦ ଡିସିମିଲି, **ସମୁଦାୟ ପ୍ଲଟ୍ (୩ଟି), ସମୁଦାୟ କ୍ଷେତ୍ର: ଏକର୦.୧୫୦ ଡିସିମିଲି,** କିସମ: ଘରବାରୀ, **୨) ଶ୍ରୀ ଜୀବନ ଜ୍ୟୋତି ବାରିକ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୬୮୬/୯୩୪, ପ୍ଲଟ୍ ନଂ.: ୧୨୯୧, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, **ସମୁଦାୟ ପ୍ଲଟ୍ (୪ଟି), ସମୁଦାୟ ଜମିର କ୍ଷେତ୍ର: ଏକର୦.୧୬୦ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରହଲ୍ଲାଦ ପୃଷ୍ଟି ଏବଂ ସରକାରୀ ଜମି, ଦକ୍ଷିଣ: ଆର୍ କେ ଦାସ, ପୂର୍ବ: ସନାତନ ପୃଷ୍ଟି ଏବଂ ରତ୍ନାକର ସାହୁ, ପଶ୍ଚିମ: ୨୦ଫୁଟିଆ ଚଉଡ଼ା ମାଟି ରାସ୍ତା, **୩) ଶ୍ରୀମତୀ ସୁମିତ୍ରା ବାରିକ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୮୮/୨୬୨୮, ଖାତା ନଂ.: ୬୧୪/୩୯, ମୌଜା: ନୂଆପଡ଼ା, ବାଲିସାହି, ଥାନା: କଟକ ସଦର (୫୫), ଜିଲ୍ଲା: କଟକ, ଜମିର କ୍ଷେତ୍ର: ଏକର୦.୧୨୦ ଡିସିମିଲି ଯାହା ୫୨୨୭ ବର୍ଗଫୁଟ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୀତାଞ୍ଜଳି ନାୟକ, ଦକ୍ଷିଣ: କୈଳାସ ଚୌଧୁରୀ, ପୂର୍ବ: ଗୁଣନିଧି ପଶାୟତ, ପଶ୍ଚିମ: ରାସ୍ତା |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୦୩.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବିଡିଓଙ୍କ ବଦଳି ଦାବି ନେଇ ବିକ୍ଷୋଭ, ଧାରଣା

ଟେନ୍ସା,୧୪।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜଙ୍କ ବଦଳି ଦାବିକରି ମଙ୍ଗଳବାର ସିଆଇଟିୟୁ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ବିକ୍ଷୋଭ ସମୟରେ କେତେଜଣ କର୍ମୀ ବ୍ଲକ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥଲା । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ବିଡିଓଙ୍କ ମନମୁଖି କାର୍ଯ୍ୟ ବିରୋଧରେ ସିଆଇଟିୟୁ ତରଫରୁ ବିଭିନ୍ନ ସମୟରେ ବ୍ଲକ ଅଫିସ ଘେରାଉ, ଧାରଣା, ବିକ୍ଷୋଭ କରାଯାଇଛି । ହେଲେ ସରକାରୀ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗକରି ଗତ ୧୨ତାରିଖରେ ସିଆଇଟିୟୁ ତରଫରୁ ପ୍ରେସ୍ ମିଟ୍ କରାଯାଇଥିଲା । ଏଥିରେ ବିଡିଓଙ୍କ ବିଭିନ୍ନ ଦୁର୍ନୀତି ନେଇ ଅବଗତ କରାଯାଇଥିଲା । ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କର୍ମୀମାନେ ସକାଳ ୯ଟାରେ କୋଇଡ଼ାସ୍ଥିତ ସିଆଇଟିୟୁ ଅଫିସରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଥାନା ଛକ, ମାର୍କେଟ ଛକ ଦେଇ ବ୍ଲକ ଅଫିସ ଆଗରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଚାଲିଥିବା ବେଳେ ପୋଲିସ ଓ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଖବରପାଇ କୋଇଡ଼ା ଥାନା ଅଧିକାରୀ



କୋଇଡ଼ା ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ପୋଲିସ-କର୍ମୀ ଧସ୍ତାଧସ୍ତି : ଉତ୍ତେଜନା**

ଲୋକେଶ୍ୱର ସାହୁ ସଦଳବଳ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ରାଜ୍ୟ ସଭାପତି ବିଷ୍ଣୁ ମହାନ୍ତି , ଜିଲା ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଅଶୋକ ସାମଲ, ଜନ୍ ଡୁଙ୍ଗ୍‌ଡୁଙ୍ଗ୍ , ବାଦଲ ବାରିକ, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ଲକ୍ଷ୍ମଣ ମହାକୁଡ଼, କେ.ସି. ବାରିକ, ବିଜୁବାରିକ , କାଙ୍ଗାଲୁବାରିକ ,ଘନ ବାରିକଙ୍କ ସମେତ ହଜାର ହଜାର କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୨୨ ତାରିଖ ମଧ୍ୟରେ ଏହାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

**ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଟାଉନ ଥାନା ପରିଦର୍ଶନ**

**ଭବାନୀପାଟଣା,୧୪।୩(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନାକୁ ମଙ୍ଗଳବାର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ପରିଦର୍ଶନ କରିଛନ୍ତି। ସେଠାରେ ସେ ଥାନାଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଅଙ୍କିତା


@ ବିଷ୍ଣୁ


@ ଚିଣ୍ଟୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଇକ୍ ଶୋ' ରୁମରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ରାଜଗାଙ୍ଗପୁର,୧୪।୩(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଓସିଏଲ ରୋଡରେ ଥିବା ହିରୋ ବାଇକ୍ ଶୋ' ରୁମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି। ପ୍ରକାଶ ଯେ, ସକାଳ ୮ଟା ସମୟରେ ଶୋରୁମ୍‌ର କର୍ମଚାରୀ ଶୋରୁମ ଖୋଲିବା ସମୟରେ ଭିତରୁ ଧୂଆଁ ବାହାରିବା ଦେଖିବାକୁ ପାଇଥିଲେ । ଏ ନେଇ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତିନି ତାଲା ବିଶିଷ୍ଟ ଶୋ ରୁମର ୨ୟ ମହଲାରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ୫ଟି ନୂତନ ବାଇକ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ।

## ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ମଣ୍ଡଳସ୍ତରୀୟ ଋଣ କର୍ମଶାଳା



ଋଣ କର୍ମଶାଳାରେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଓ ଅନ୍ୟମାନେ ।

ବଣାଇଁ,୧୪।୩ (ସ୍ୱ.ପ୍ର.)

**୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ**

ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ମଣ୍ଡଳ ସ୍ତରୀୟ ମଙ୍ଗଳବାର ଏକ ଋଣ କର୍ମଶାଳା ବଣାଇଁଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତିକରଣ ଉଦ୍ଦେଶ୍ୟରେ ବଣାଇଁ ଉପଖଣ୍ଡର ବଣାଇଁ, ଲହୁଣିପଡା, କୋଇଡ଼ା ଓ ଗୁରୁଣ୍ଡିଆ ଅଞ୍ଚଳର ପ୍ରାୟ ୫୭ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨ କୋଟି ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି । ଏହାଛଡା ଅନ୍ୟାନ୍ୟ ଋଣ ମଧ୍ୟ ପ୍ରାୟ ୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ସମୁଦାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତୃଣମୂଳ ସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବାର ସ୍ୱପ୍ନର ସଫଳ ପ୍ରତିଫଳନ ବୋଲି ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଅଭିହିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପ ଓ ସମବାୟ ସମିତିର ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ ।

## ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ 'ଦୁଆର ସମ୍ପର୍କ ଅଭିଯାନ'

ସୁନ୍ଦରଗଡ,୧୪।୩(ଡି.ଏନ.ଏ.)

ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆରମ୍ଭ ହୋଇଛି ଅଭିନବ କାର୍ଯ୍ୟକ୍ରମ 'ଦୁଆର ସମ୍ପର୍କ ଅଭିଯାନ'। ସଂଘର ୫୭୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗାଯୋଗ ରକ୍ଷା କରୁ ନ ଥିବାରୁ ଦୁଆର ସମ୍ପର୍କ ଅଭିଯାନ ସୋମବାର ଠିରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ସଂଘର ସମ୍ପାଦକ ରାଜକିଶୋର ମହାରଣାଙ୍କ ନେତୃତ୍ୱରେ ଲଳିତ ମୋହନ ଦାସ, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ସନ୍ତୋଷ କୁମାର ପାଳ ଓ ଗୋବିନ୍ଦ ଚନ୍ଦ୍ର ସୁଆର ପ୍ରମୁଖ କର୍ମକର୍ତ୍ତାମାନେ ସୁନ୍ଦରଗଡ ସହର ଇବନଗର (ଆର ଆର ଆଇଟି କଲୋନୀ)ରେ ରହୁଥିବା ବର୍ଷୀୟାନ ସଦସ୍ୟ କାଶୀନାଥ ବେହେରା, ଭ୍ରମରମଣି ପଟେଲ, ହରିଶଚନ୍ଦ୍ର ମିଶ୍ର, ଶରତଚନ୍ଦ୍ର ବାରିକ ଓ ସଚ୍ଚିଦାନନ୍ଦ ନାଏକଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଭଲମନ୍ଦ ପଚାରି ବୁଝିଥିଲେ।

**MILK UNION SAMBALPUR**
**VEHICLE REQUIRED ON HIRE**
1.Tata Ace or similar type of vehicle required on hire for Adal to Milk Chilling Plant Sonepur Milk Route running both morning & evening covering 204 K.M.
Interested parties may purchase and submit tenders by 27.03.2023. Tender Paper cost: Rs.200/- + GST. EMD- Rs.2,000/-.

**ସାର୍ବଜନୀନ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।
**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**
1) ମଡେଲ ନଂ. ଅଶୋକ ଲେଲାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD05AL8454
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1225000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061/ ଦୁର୍ଗା ସ୍ୱାଇଁ 9692645791**

## ପ୍ରତି ୪ମାସରେ ୧୫ଗୋଷ୍ଠୀ ଗ୍ରାମରେ ନମୁନା ସର୍ଭେ


ଶିବିରରେ ମଞ୍ଚାସୀନ ଅତିଥି, ଗଣନାକାରୀ ଓ ତଦାରଖକାରୀ।

**ଗୃହପାଳିତ ପ୍ରାଣୀ, ପକ୍ଷୀ ସମ୍ପଦ ନମୁନା ସର୍ଭେ ତାଲିମ**

ସୋନପୁର,୧୪।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଗୃହପାଳିତ ପ୍ରାଣୀ, ପକ୍ଷୀ ସମ୍ପଦର ନମୂନା ସର୍ଭେ ପାଇଁ ଏକ ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାର ସମସ୍ତ ପ୍ରାଣୀଧନ ଗଣନାକାରୀ ଓ ତଦାରଖ ଅଧିକାରୀ ଯୋଗଦାନ କରି ଏଲିସ ଆପ୍(୧.୪) ଭର୍ସନ ମାଧ୍ୟମରେ ଅନଲାଇନ ଗଣନା ସମ୍ପର୍କରେ ତାଲିମ ନେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡା ଶିବିରରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଝାଡଖଣ୍ଡର ରାଞ୍ଚିଠାରେ ନମୂନା ସର୍ଭେ ସମ୍ପର୍କରେ ତାଲିମ ନେଇଥିବା ସୋନପୁର ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ଅଶେଷ କୁମାର କର ତାଲିମ ପ୍ରଦାନ କରିଥିଲେ। ଦେଶରେ ଗୋରୁ, ମଇଁଷି, ଛେଳି, ମେଣ୍ଢା, କୁକୁଡା, ବତକଙ୍କ ସଂଖ୍ୟା, ଗାଈଫାର୍ମ, କୁକୁଡା ଫାର୍ମ, ଦୁଗ୍ଧ ଉତ୍ପାଦନ, ମାଂସ ଉତ୍ପାଦନ ଓ ଅଣ୍ଡା ଉତ୍ପାଦନ ସମ୍ପର୍କରେ ଜାଣିବା ପାଇଁ ଅନଲାଇନ ସଫ୍ଟୱେର ମାଧ୍ୟମରେ ଏହି ସର୍ଭେ କରାଯିବ। ପ୍ରତି ୪ ମାସରେ ଥରେ ଜିଲାର ୧୫ଟି ଗୋଷ୍ଠୀ ଗ୍ରାମରେ ଏହି ନମୂନା ସର୍ଭେ କରାଯିବ ବୋଲି ଡାକ୍ତର କର ସୂଚନା ଦେଇଥିଲେ। ବିଭିନ୍ନ ଗୋଧନ, କ୍ଷୁଦ୍ର ପ୍ରାଣୀଧନ, କୁକୁଡା ଗଣନା ସଠିକ୍ ଭାବେ କରିବା ପାଇଁ ଗଣନାକାରୀ ଓ ତଦାରଖ ଅଧିକାରୀଙ୍କୁ ବୁଝା ଯାଇଥିଲା। ଏହି ଶିବିରରେ ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଜୟ ସାହୁ, ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ହିମାଂଶୁ କୁମାର ମହାନ୍ତ, ସମସ୍ତ ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀ, ଉପନିର୍ଦ୍ଦେଶକ, ପ୍ରାଣୀଧନ ଟେକ୍‌ନିସିଆନ, ପ୍ରାଣୀଧନ ନିରୀକ୍ଷକ ତାଲିମ ନେଇଥିଲେ। ପରିସଂଖ୍ୟାନ ଗଣନାକାରୀ ଚିନ୍ମୟ ଭୁକ୍ତା ଶିବିର ପରିଚାଳନା କରିଥିଲେ।

## ଆଇନଶୃଙ୍ଖଳା ବଜାୟ ରଖିବାକୁ ଜିଲା ପ୍ରଶାସନର ନିବେଦନ

ନୂଆପଡ଼ା ଅଫିସ,୧୪।୩

ମାର୍ଚ୍ଚ ୧୫ ବୁଧବାରଠାରୁ ଚାଳକ ସଂଘର ପ୍ରସ୍ତାବିକ ଧର୍ମଘଟକୁ ଦୃଷ୍ଟିରେ ରଖି ନୂଆପଡା ଜିଲାପାଳ ହେମକାନ୍ତ ସାଏ ଓ ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସମୀକ୍ଷା ବୈଠକ କରି ଜିଲାରେ ଆଇନଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରିଛନ୍ତି। ଜିଲାପାଳ ସାଏ ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ପ୍ରସ୍ତାବିତ ଧର୍ମଘଟକୁ ନେଇ ବ୍ୟସ୍ତ ବିବ୍ରତ ନ ହେବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଦଶମ ଶ୍ରେଣୀ ପରୀକ୍ଷା ସହ ବିଭିନ୍ନ ମହାବିଦ୍ୟାଳୟରେ ମଧ୍ୟ ପରୀକ୍ଷା ଚାଲିଛି। ଚାଳକମାନଙ୍କୁ ସଂଯମତା ରକ୍ଷା କରିବାକୁ ଜିଲାପାଳ ନିବେଦନ କରିଛନ୍ତି। ସରକାରଙ୍କଠାରେ ଚାଳକମାନଙ୍କ ଦାବି ବିଚାରାଧୀନ ରହିଛି। ତେଣୁ ଚାଳକମାନେ ଧର୍ମଘଟକୁ ଯାଆନ୍ତି ଶାନ୍ତିପୂର୍ଣ୍ଣ ଉପାୟରେ ଗଣତାନ୍ତ୍ରିକ ପଦ୍ଧତିରେ ଧର୍ମଘଟକୁ ଓହ୍ଲାନ୍ତୁ। କୌଣସି ଉପାୟରେ ମଧ୍ୟ ଆଇନକୁ ହାତକୁ ନିଅନ୍ତୁ ନାହିଁ। ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ମୁକାବିଲା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଛି। ଯେ କୌଣସି ଅବସ୍ଥାରେ ମଧ୍ୟ ଜିଲାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଖାସ୍ତ କରାଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ଚେତାଇ ଦେଇଛନ୍ତି। ଚାଳକମାନଙ୍କ ଦାବି ପ୍ରତି ଆମର ମଧ୍ୟ ସମର୍ଥନ ରହିଛି। ଆଶା କରୁଛୁ କି ସମାଜର ହିତ ଦିଗରେ ଚାଳକମାନେ ଯତ୍ନବାନ ହେବେ ବୋଲି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/22-23/E-Tender/161 ତା.07.03.2023ରିଖ
(1) ଟେଣ୍ଡର ସଂ. etender-South-KUR-444-2022, ତା.03.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଛତ୍ରପୁର ଷ୍ଟେସନ ଠାରେ ପିଟ୍ ସହିତ କଭର ସେଡ୍ ଏବଂ ଟାୱାର ୱାଗନ ଲାଇନ୍ ନିମନ୍ତେ ଫର୍ମେସନ, ଗୋଟିଏ OHE ଡିପୋ ବିଲ୍ଡିଙ୍ଗର ପ୍ରସ୍ତାବିତ ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 145.60 ଲକ୍ଷ, EMD (ଟଙ୍କାରେ) : 2,22,800.00, ଶେଷ ହେବା ଅବଧି : 12 (ବାର) ମାସ ।
(2) ଟେଣ୍ଡର ସଂ. etender-East-KUR-445-2022, ତା.06.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ହରିଦାସପୁର ଏବଂ ଧାନମଣ୍ଡଳ ୟାର୍ଡ଼ରେ 27 ସେଟ୍ PSC ଫ୍ୟାନ୍ ସେପ୍ଡ ଲେଆଉଟ୍‌ର ନବୀକରଣ ଏବଂ ନିର୍ଗୁଣ୍ଡି-କଟକ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 10.60 କି.ମି. ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 352.08 ଲକ୍ଷ, EMD (ଟଙ୍କାରେ) : 3,26,000.00, ଶେଷ ହେବା ଅବଧି : 08 (ଆଠ) ମାସ ।
(3) ଟେଣ୍ଡର ସଂ. etender-East-KUR-446-2022, ତା.06.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ବାରଙ୍ଗ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 10.50 କି.ମି. ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 294.58 ଲକ୍ଷ, EMD (ଟଙ୍କାରେ) : 2,97,300.00, ଶେଷ ହେବା ଅବଧି : 06 (ଛଅ) ମାସ ।
(4) ଟେଣ୍ଡର ସଂ. etender-HQ-KUR-447-2022, ତା.06.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେତଙ୍ଗ-ଖୋର୍ଦ୍ଧା ରୋଡ଼ ସେକ୍ସନ ମଧ୍ୟରେ ଅପ୍, ଡାଉନ୍ ଏବଂ ମିଡିଲ୍ ଲାଇନ୍‌ରେ କି.ମି.450.20 ଠାରୁ କି.ମି.455.20 ପର୍ଯ୍ୟନ୍ତ 15.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 376.31 ଲକ୍ଷ, EMD (ଟଙ୍କାରେ) : 3,38,200.00, ଶେଷ ହେବା ଅବଧି : 08 (ଆଠ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.29.03.2023ରିଖ 1500 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1074/N/22-23

## ବରସୁଆଁ ବସଷ୍ଟାଣ୍ଡଠାରେ ରାସ୍ତା ଅବରୋଧ

ଲହୁଣୀପଡ଼ା,୧୪।୩(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶସ୍ୟକଳା ଗ୍ରାମ ପଞ୍ଚାୟତ ବରସୁଆଁ ବସଷ୍ଟାଣ୍ଡଠାରେ ମଙ୍ଗଳବାର ସୁଆଁ ସିଟିଜେନ ଫୋରମ ପକ୍ଷରୁ ରାସ୍ତା ଅବରୋଧ,କରାଯାଇଥିଲା। ତେବେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ପ୍ରକାଶ ଯେ, ବରସୁଆଁ ସିଟିଜେନ ଫୋରମ ଏବଂ ବରସୁଆଁବାସୀଙ୍କ ପକ୍ଷରୁ ୨୭ଟି ସମସ୍ୟାର ସମାଧାନ ନିମନ୍ତେ ଗତ ମାସ ୨୭ତାରିଖ ଦିନ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ଦାବି ପୂରଣ ନ ହେବାରୁ ରାସ୍ତା ଅବରୋଧ କରିବା ନିମନ୍ତେ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ମଙ୍ଗଳବାର ବରସୁଆଁ ବସଷ୍ଟାଣ୍ଡ ଠାରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଖବରପାଇ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ଏସଡିପିଓ ସ୍ୱରାଜ ଦେବତା, ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାଏକ, ବିଡ଼ିଓ ଧାନାଇ ଚରଣ ଟୁଡୁ, ଲହୁଣୀପଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ଟେନସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ସିଟିଜେନ ଫୋରମ କର୍ମକର୍ତ୍ତାମାନେ ଅଡି ବସିଥିଲେ। ଶେଷରେ ବୁଧବାରଠାରୁ ଶହେ ମିଟର ରାସ୍ତା ଓ ବସଷ୍ଟାଣ୍ଡର କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କରି ନେଇଥିଲେ ।

## ନଦୀରୁ କଙ୍କାଳ ଜବତ

ଭବାନୀପାଟଣା,୧୪।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକସ୍ଥିତ କିଆପଦର୍‌ଠାରୁ ଶଗଡ଼ା ସଂଯୋଗ ହୋଇଥିବା ନଦୀଠାରେ ଏକ କଙ୍କାଳ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି କଙ୍କାଳ ଜବତ କରି ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ପଠାଇଥିଲା। ମୃତ କଙ୍କାଳ ୧୦ରୁ ୧୫ ଦିନ ମଧ୍ୟରେ ହୋଇଥିବ ବୋଲି ପୋଲସଠାରୁ ଜଣାପଡ଼ିଛି। ଏହାର ପରିଚୟ ନ ପାଇବା ପର୍ଯ୍ୟନ୍ତ ଏହାକୁ ବ୍ୟବଚ୍ଛେଦ ଗୃହରେ ସଂରକ୍ଷିତ ଭାବେ ରଖାଯାଇଛି ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ଲୋକନାଥ ଷ୍ଟୋନ୍ କ୍ରସର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ପୁଷ୍ପଲକ୍ଷ୍ମୀ ମହାନ୍ତି,** ସ୍ୱାମୀ: ଶୁଭେନ୍ଦ୍ର ମହାନ୍ତି, ସା: ଲୋକେଶ୍ୱରପୁର, ପଲ୍ଲାହାଟ, ଖୋର୍ଦ୍ଧା-୭୫୨୦୫୬ | ଟ.୯୬,୭୩,୭୭୮.୪୩ +ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୪.୨୦୨୧ / ୧୦.୦୩.୨୦୨୩ | **ଶ୍ରୀମତୀ ପୁଷ୍ପଲକ୍ଷ୍ମୀ ମହାନ୍ତି,** ସ୍ୱାମୀ: ଶୁଭେନ୍ଦ୍ର ମହାନ୍ତିଙ୍କ ନାମରେ ଥିବା ଜମି ଏବଂ ଷ୍ଟ୍ରକଚର୍ସ/ ଇନ୍‌ଷ୍ଟାଲେସନ (ସ୍ଥାପନା) ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୦୦, ପ୍ଲଟ୍ ନଂ.: ୧୪୭୫, କ୍ଷେତ୍ର: ଏକର୦.୯୩୦ଡିସିମିଲି, କିସମ: ଘରବାରୀ, ମୌଜା: ଛତ୍ରମା, ଥାନା: ଖୋର୍ଦ୍ଧା, ଏସ୍ଆରଓ: ଖୋର୍ଦ୍ଧା, ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୦, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: କରୁଣାକର ମହାନ୍ତି, ଦକ୍ଷିଣ: ଶ୍ରୀ ଜଗନ୍ନାଥ ମହାପ୍ରଭୁ, ପୂର୍ବ: ଗୋପାଳ ଚନ୍ଦ୍ର ନରେନ୍ଦ୍ର ଏବଂ ଅନ୍ୟମାନେ, ପଶ୍ଚିମ: ମଇନା ବିଶ୍ୱାଳ ଏବଂ ଅନ୍ୟମାନେ, ପ୍ରକୃତ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୪୭୪ (କରୁଣାକର ମହାନ୍ତି), ଦକ୍ଷିଣ: ପ୍ରଭୁ ଜଗନ୍ନାଥଙ୍କ ଜମି ଉପରେ ରାସ୍ତା, ପୂର୍ବ: ଗିରିଶ ଚନ୍ଦ୍ର ବେହେରା, ପଶ୍ଚିମ: ବସନ୍ତ କୁମାର ପଣ୍ଡା (ପୋଖରୀ) |
| **ଋଣଗ୍ରହୀତା: ମେସର୍ସ ମୀରା କ୍ରିଏସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଜୀବନ ଜ୍ୟୋତି ବାରିକ / ଗ୍ୟାରେଣ୍ଟିଦାତାମାନେ: ୧) ସୁମିତ୍ରା ବାରିକ,** ସ୍ୱାମୀ: ⁄ ଚିତ୍ତ ରଞ୍ଜନ ବାରିକ, **୨) ସୁଚିତ୍ରା ବାରିକ,** ପିତା: ⁄ ଚିତ୍ତ ରଞ୍ଜନ ବାରିକ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୬୭/ବି, ଚିତ୍ତ ନିବାସ, ନୂଆପଡ଼ା, ବାଲିସାହି, ମଧୁପଟଣା, କଟକ - ୭୫୩୦୧୦ | ଟ.୩,୧୧,୯୮,୭୯୮.୬୨ +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୬.୧୦.୨୦୨୨ / ୧୩.୦୩.୨୦୨୩ | ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଡାଳିଆ, ଥାନା: କଟକ ସଦର, ତହସିଲ: କଟକ, ଜିଲ୍ଲା: କଟକ, **୧) ଶ୍ରୀମତୀ ସୁମିତ୍ରା ବାରିକ, ଶ୍ରୀ ଜୀବନ ଜ୍ୟୋତି ବାରିକ ଏବଂ ଶ୍ରୀମତୀ ସୁଚିତ୍ରା ବାରିକ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୬୮୬/୩୯୨, ପ୍ଲଟ୍ ନଂ.: ୧୨୯୦, କ୍ଷେତ୍ର: ଏକର୦.୦୭୦ ଡିସିମିଲି, ପ୍ଲଟ୍ ନଂ.: ୧୯୭୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୮୭, କ୍ଷେତ୍ର: ଏକର୦.୦୭୦ ଡିସିମିଲି, **ସମୁଦାୟ ପ୍ଲଟ୍ (୩ଟି), ସମୁଦାୟ କ୍ଷେତ୍ର: ଏକର୦.୧୫୦ ଡିସିମିଲି,** କିସମ: ଘରବାରୀ, **୨) ଶ୍ରୀ ଜୀବନ ଜ୍ୟୋତି ବାରିକ**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୬୮୬/୯୩୪, ପ୍ଲଟ୍ ନଂ.: ୧୨୯୧, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, **ସମୁଦାୟ ପ୍ଲଟ୍ (୪ଟି), ସମୁଦାୟ ଜମିର କ୍ଷେତ୍ର: ଏକର୦.୧୬୦ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରହଲ୍ଲାଦ ପୃଷ୍ଟି ଏବଂ ସରକାରୀ ଜମି, ଦକ୍ଷିଣ: ଆର୍ କେ ଦାସ, ପୂର୍ବ: ସନାତନ ପୃଷ୍ଟି ଏବଂ ରତ୍ନାକର ସାହୁ, ପଶ୍ଚିମ: ୨୦ଫୁଟିଆ ଚଉଡ଼ା ମାଟି ରାସ୍ତା, **୩) ଶ୍ରୀମତୀ ସୁମିତ୍ରା ବାରିକ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୮୮/୨୬୨୮, ଖାତା ନଂ.: ୬୧୪/୩୯, ମୌଜା: ନୂଆପଡ଼ା, ବାଲିସାହି, ଥାନା: କଟକ ସଦର (୫୫), ଜିଲ୍ଲା: କଟକ, ଜମିର କ୍ଷେତ୍ର: ଏକର୦.୧୨୦ ଡିସିମିଲି ଯାହା ୫୨୨୭ ବର୍ଗଫୁଟ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୀତାଞ୍ଜଳି ନାୟକ, ଦକ୍ଷିଣ: କୈଳାସ ଚୌଧୁରୀ, ପୂର୍ବ: ଗୁଣନିଧି ପଶାୟତ, ପଶ୍ଚିମ: ରାସ୍ତା |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୦୩.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଚୋରଙ୍କୁ ଥାନାରେ ଜିମା ଦେଲେ ଗ୍ରାମବାସୀ

**ନର୍ଲା,(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଉଲିର୍ସିଙ୍ଘା ଗ୍ରାମର ଜଣେ ଯୁବକ ପାଣି ମୋଟର ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ କାବୁ କରୁଥିଲେ । ଗାଁ ଲୋକେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ନର୍ଲା ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରଙ୍କୁ ଗାଁ ଲୋକଙ୍କଠାରୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡିଛି । ଏ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ଚୋରା ମଦ ବ୍ୟବସାୟୀ କୋର୍ଟ ଚାଲାଣ

**କେସିଙ୍ଗା,୧୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରଲସୀଙ୍ଗା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟଚାଲଣ କରିଛି। ସେ ହେଲେ ହରଦେବ ଗୌଡ। ହରଦେବଙ୍କ ଘରେ କୌଣସି ସୂତ୍ରରୁ ଖବର ପାଇ କେସିଙ୍ଗା ପୋଲିସ ଚଢ଼ାଉ କରିଥିଲା। ତାଙ୍କ ଘରୁ ୩୫ ବଟଲ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ, ୧୨୦ ପାକେଟ ଦେଶୀ ପାଉଚ ସହିତ ଗୋଟିଏ ଫ୍ରିଜ ମଧ ଜବତ କରାଯାଇଥିବା କେସିଙ୍ଗା ପୋଲିସ ପ୍ରକାଶ କରିଛି। କେସିଙ୍ଗା ପୋଲିସ ୫୨(ଏ) ଓଡ଼ିଶା ଏକ୍ସ ସାଇଜ ଆକ୍ଟ ୨୦୦୮ରେ ଗିରଫ କରି କେସ ନ ୯୩ ଏସଟିଡ଼ିରେ ହରଦେବଙ୍କୁ କୋର୍ଟ ଚାଲାଣ କରିଛି। କିନ୍ତୁ କେସିଙ୍ଗା ଅବକାରୀ ବିଭାଗର କର୍ମଚାରୀମାନେ କୁମ୍ଭକର୍ଣ ନିଦ୍ରାରେ ଶୋଇ ପଡିଛି।

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ନୂଆପଡ଼ା ଅଫିସ,୧୪।୩:** ନୂଆପଡ଼ା ଜିଲା କୋମନା ଥାନା ଜଡାମୁଡା ପଞ୍ଚାୟତ ଠୋଙ୍ଗୋ ଗାଁର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଠୋଙ୍ଗୋ ଗାଁର କରୁଣାକର ମାଝି (୪୫)। ସୋମବାର ରାତ୍ରିରେ ଖାଇସାରି ସମସ୍ତେ ଶୋଇଥିଲେ। ରାତିରେ କରୁଣାକରଙ୍କ ସ୍ତ୍ରୀ ବାହାରକୁ ଯିବା ପାଇଁ ଉଠି ଦେଖିବା ବେଳକୁ ଖଟିଆରେ କରୁଣାକର ନ ଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ସକାଳେ ଉଠି ଦେଖିବାରୁ ମିଛାପାଲି ଗାଁ ପାଖ ବିଜୁ ଫୋରୱେ ରାସ୍ତା କଡରେ ଏକ ଗଛରେ କରୁଣାକରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖବର ପାଇ ତରବୋଡ ଫାଣ୍ଡି ପୋଲିସ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହା ହତ୍ୟା କି ଆତ୍ମହତ୍ୟା କାରଣ ପଡା ପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ ସୂଚନା ଦେଇଛନ୍ତି।

### ୨୭ କିଗ୍ରା ଗଞ୍ଜେଇ ଜବତ, ୨ ଗିରଫ



**ନୂଆପଡ଼ା ଅଫିସ,୧୪।୩:** ନୂଆପଡ଼ା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଇନିକ୍ସପେକ୍ଟର ହିରାବତି ଥାର୍ଟିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ଖରିଆର ରୋଡ ସହରରେ ପାଟ୍ରୋଲିଂ କରୁଥିବା ବେଳେ ୨ଜଣଙ୍କୁ ଗିରଫ କରି ତାଙ୍କଠାରୁ ୨୭ କିଗ୍ରା ଗଞ୍ଜେଇ ଜବତ କରିଛି। ଗିରଫ ୨ଜଣ ଉତ୍ତରପ୍ରଦେଶ ଜାଏଧପୁର ଥାନା ସରେୟାନ ଗାଁର ଉମାକାନ୍ତ ଦୁବେ (୩୬) ଓ ମହମ୍ମଦ ସମଷ୍ଟାଓରେ (୧୯)। ଅବକାରୀ ଟିମ୍ ଖରିଆର ରୋଡ ସହରରେ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଉମାକାନ୍ତ ଓ ମହମ୍ମଦ ଦୁଇଟି ପ୍ଲାଷ୍ଟିକ ବସ୍ତା ଧରି ବସ ଅପେକ୍ଷାରେ ଖରିଆର ରୋଡ ଜଲାରାମ ମନ୍ଦିର ପାଖରେ ରହିଥିଲେ। ଦୁଇ ଯୁବକଙ୍କୁ ସନ୍ଦେହ କରି ତାଙ୍କ ପ୍ଲାଷ୍ଟିକ ବସ୍ତା ଯାଞ୍ଚ କରିବାରୁ ସେଥିରେ ୨୭ କିଗ୍ରା ଗଞ୍ଜେଇ ମିଳିଥିଲା। ତାଙ୍କୁ ନୂଆପଡା ଅବକାରୀ କାର୍ଯ୍ୟାଳୟକୁ ଆଣି ପଚାରାଉଚରା କରିବାରୁ ଉତ୍ତରପ୍ରଦେଶକୁ ନେଉଥିବା ସ୍ୱୀକାର କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଓଆଇସି ଗୁପ୍ତେଶ୍ୱର ପଟେଲ, ଏସଆଇ ସଞ୍ଜିବ ବେହେରା,ଏଏସଆଇ ରାମଚନ୍ଦ୍ର ଜାନି, ସରୋଜ କଟା, ଦୀପାଞ୍ଜଳି ତିୱାରୀ, ଭଗବାନ ହଂସ, ରିତାଞ୍ଜଳି ଶବର, ମୋହନ ତାଣ୍ଡି, ଆଶୁତୋଷ ପ୍ରମୁଖ ସାମିଲ ଥିଲେ।

# ଲାଞ୍ଜିଗଡ଼ରେ ଆଇଟିଆଇ ସ୍ଥାପନ ଦାବି ତେଜିଲା

## କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଲାଞ୍ଜିଗଡ଼,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଶିଳ୍ପର ସହର ଲାଞ୍ଜିଗଡ଼ରେ ଦୀର୍ଘ ବର୍ଷ ହେଲା ଆଇଟିଆଇ ସ୍ଥାପନ କରାଯିବାକୁ ନେଇ ଦାବି ହୋଇଆସୁଛି। ଲାଞ୍ଜିଗଡ଼ ଆଇଟିଆଇ ସ୍ଥାପନ ପାଇଁ ଜାଗା ମଧ୍ୟ ଚିହ୍ନଟ ହୋଇସାରିଛି। କିନ୍ତୁ ଆଇଟିଆଇ ସ୍ଥାପନକୁ ନେଇ ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଅପରପକ୍ଷରେ ଜିଲାର ଧର୍ମଗଡ଼ ଓ ଜୁନାଗଡ଼ ମାତ୍ର ୨୫ କି.ମି. ଦୂରତା ମଧ୍ୟରେ ଦୁଇ ଦୁଇଟି ଆଇଟିଆଇ ସ୍ଥାପନ ପାଇଁ ସରକାର ଘୋଷଣା କରିଛନ୍ତି। ଏହାକୁ ନେଇ ଲାଞ୍ଜିଗଡ଼ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଅଞ୍ଚଳର ଆବଶ୍ୟକତା ଦୃଷ୍ଟିରୁ ଲାଞ୍ଜିଗଡ଼ରେ ଆଇଟିଆଇ ସ୍ଥାପନ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଜନସାଧାରଣ ଅଣ୍ଟା ଭିଡ଼ିଛନ୍ତି। ଏହାକୁ ନେଇ ମଙ୍ଗଳବାର ଲାଞ୍ଜିଗଡ଼ ଆଇଟିଆଇ କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ଲାଞ୍ଜିଗଡ଼ରେ ଆଇଟିଆଇ ସ୍ଥାପନକୁ ନେଇ ଜନଆନ୍ଦୋଳନ ତୀବ୍ର କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପ ସରପଞ୍ଚ ଚାଞ୍ଚେର ମାଝି, ଜିଲା ପରିଷଦ ସଦସ୍ୟ ଜୋନ-୨ ପରୀକ୍ଷିତ ନାଏକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶ୍ରୀଧର ପେସନିଆ, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ବରିଷ୍ଠ ନାଗରିକ କାମରାଜ ଦଳବେହେରା, ଉଦୟ କୁମାର, ଅଶୋକ ପଟ୍ଟନାୟକ, ସୁବାସ ଅଗ୍ରୱାଲ, ଶ୍ରୀମୁଖ ଅଗସ୍ତି, ପରମାନନ୍ଦ ନାଏକ, ଭଗବାନ ହୋତା, ସୁଷମା ମାଝି, ସୁଲୋଚନା ବାଣୁଆଙ୍କ ସମେତ ବିଭିନ୍ନ ସଙ୍ଗଠନର ବ୍ୟକ୍ତିବିଶେଷ ଓ ଜନସାଧାରଣ ଆଲୋଚନାରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଦୀର୍ଘ ଦିନ ଧରି ଲାଞ୍ଜିଗଡଠାରେ ଆଇଟିଆଇ ସ୍ଥାପନ ନେଇ ଦାବି ହୋଇ ଆସୁଥିବାବେଳେ ଏ ଦିଗରେ କୌଣସି ଅଗ୍ରଗତି ନ ହେବାରୁ ଏହି ଦାବି ସ୍ୱର ଧିମା ହୋଇଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଲାଞ୍ଜିଗଡଠାରେ ଆଇଟିଆଇ ସ୍ଥାପନ ଦାବି ତେଜିବାରେ ଲାଗିଥିବା ବେଳେ ଏହା ଏକ ବିରାଟ ଜନଆନ୍ଦୋଳନ ରୂପ ନେବାକୁ ଯାଉଥିବା ବୈଠକକୁ ଦେଖିଲେ ଏହା କୁହାଯାଇପାରେ।



କ୍ରିୟାନୁଷ୍ଠାନ କମିଟି ବୈଠକରେ ଆଲୋଚନା କରାଯାଉଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଦିବାସୀ ସଂଘର ଦାବିପତ୍ର

**କେସିଙ୍ଗା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଡିଷ୍ଟ୍ରିକ ଆଦିବାସୀ ସଂଘ ପକ୍ଷରୁ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଦିବାସୀମାନଙ୍କ ୧୨ ଦଫା ଦାବିପତ୍ର ସମ୍ବଳିତ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ସକାଳ ୧୦ଟାରେ କେସିଙ୍ଗା ସାନପଡାରୁ ତହସିଲ ଅଫିସ ପର୍ଯ୍ୟନ୍ତ ଏକ ବିରାଟ ପଦଯାତ୍ରା ବାହାରିଥିଲା। ଏଥିରେ ଶହଶହ ଆଦିବାସୀ ଯୁବକ ମହିଳାମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଆଦିବାସୀ ଅସ୍ତ୍ରଶସ୍ତ୍ର ହାତରେ ଧରି ନକଲି ଆଦିବାସୀଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଆଦିବାସୀ ନାମ ନେଇ ଯେଉଁ ଲୋକମାନେ ବିଭିନ୍ନ ସରକାରୀ ସୁବିଧା ନେଉଛନ୍ତି, ସେହି ନକଲି ଆଦିବାସୀଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଦାବିପତ୍ର କେସିଙ୍ଗା ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରେରଣ କରିଥିଲେ। ଏହି ରାଲିରେ କେସିଙ୍ଗା ବ୍ଲକ ଆଦିବାସୀ ସଂଘ ସଭାପତି ଶେଷ ଦେବ ମାଝି, ସମ୍ପାଦକ ସୁରେଶନ ଶବର, କେସିଙ୍ଗା ନଗର କମିଟି ସଭାପତି ସଦା ମାଝି ଓ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ନକଲି ଆଦିବାସୀ ଚିହ୍ନଟ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆଦିବାସୀ ସଂଘ ଆଇନ ନିଜ ହାତକୁ ନେବ ବୋଲି ସଂଘ ପଦାଧିକାରୀମାନେ ଚେତାବନୀ ଦେଇଛନ୍ତି।



ଆଦିବାସୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ବିଡିଓ

**ସିନାପାଲି,୧୪।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବିଡିଓ ସର୍ବେଶ୍ୱର ଜାଲ ସୋମବାର ଭରୁଆମୁଣ୍ଡା ପଞ୍ଚାୟତ ଗସ୍ତ କରିଥିଲେ। ଏହି ଅବସରରେ ବିଡିଓ ଏଠାରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ବେଳେ ସ୍ଥାନୀୟ ସରପଞ୍ଚଙ୍କ ଅନୁରୋଧକ୍ରମେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ବିଡିଓ ଜାଲଙ୍କ ସମେତ ସ୍ଥାନୀୟ ସରପଞ୍ଚ ବିରଞ୍ଚି ଜଗତ, କାର୍ଯ୍ୟନିର୍ବାହୀ ଅଧିକାରୀ ଭୀଷ୍ମରାଜ ମେହେର ଏବଂ ଅନ୍ୟ ଅଧିକାରୀ ସାମିଲ ଥିଲେ। ଭରୁଆମୁଣ୍ଡା ଉଚ୍ଚ ବିଦ୍ୟାଳୟ ପାଚେରି ନିର୍ମାଣ, ଛାତ୍ରାବାସ ମରାମତି କାର୍ଯ୍ୟ, ଅଞ୍ଚଳର ପାନୀୟଜଳ ସମସ୍ୟା ଆଦି ତଦାରଖ କରିଥିଲେ। ଉନ୍ନୟନ ମୂଳକ କାର୍ଯ୍ୟରେ କିଭଳି ସ୍ୱଚ୍ଛତା ରହି ପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଯୋଜନାରେ ପଞ୍ଚାୟତକୁ ପାଣ୍ଠି ଯୋଗାଇ ପଞ୍ଚାୟତର ବିକାଶରେ ସହାୟକ ହେବା ପାଇଁ ବିଡିଓଙ୍କୁ ସରପଞ୍ଚ ଅନୁରୋଧ କରିଥିଲେ। ସେହିପରି ଭରୁଆମୁଣ୍ଡା ହାଇସ୍କୁଲର ଉନ୍ନତି ସକାଶେ ପୂର୍ବରୁ ଯୋଗାଇ ଦିଆଯାଇଥିବା ପାଣ୍ଠିଗୁଡିକର ଯଥା ଶୀଘ୍ର ବିନିଯୋଗ କରିବା ପାଇଁ ସ୍ଥାନୀୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପାତ୍ର ଅଧିକାରୀଙ୍କୁ କହିଥିଲେ। ଭରୁଆମୁଣ୍ଡା ସରପଞ୍ଚଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି।



ବିଡିଓ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖୁଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଗୁରୁତର ଯୁବକଙ୍କ ମୃତ୍ୟୁ

### ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିଲେ

**ନୂଆପଡ଼ା ଅଫିସ,୧୪।୩**

ନୂଆପଡା ଜିଲା କୋମନା ଥାନା ଠିକପାଲି ପଞ୍ଚାୟତ ରହେନପଡା ଗ୍ରାମର ଏକ ବିଦ୍ୟୁତ୍ ଖୁଣ୍ଟ ଉପରକୁ ଚଢି କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଖଡିଆଳ ଥାନା ବାଦୀ ଗ୍ରାମର ଧ୍ରୁବ ଚରଣ ମାଝି। ଧ୍ରୁବ ବରଗଡ ଜିଲାସ୍ଥିତ ଏକ ଇଲେକ୍ଟ୍ରିକାଲ ସଂସ୍ଥାରେ କାମ କରୁଥିଲେ। ସେହି ସଂସ୍ଥା ନୂଆପଡା ଜିଲା ବିଦ୍ୟୁତ୍ ବିଭାଗର ମରାମତି କାମ କରୁଛି। ଗତ ୫ ତାରିଖରେ ଧ୍ରୁବ କାମ ସାରି ଫେରିଥିଲେ। ଉକ୍ତ ସଂସ୍ଥା ଠିକପାଲି ପଞ୍ଚାୟତ ରୋହେନପଡା ଗାଁରେ କାମ କରିବା ପାଇଁ ପଠାଇଥିଲା। ଗାଁର ବିଦ୍ୟୁତ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ହଠାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଦୁର୍ଘଟଣାରେ ଧ୍ରୁବଙ୍କ ଶରୀରର ଅଧିକାଂଶ ସ୍ଥାନ ଜଳି ଯାଇଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅର୍ଥ ଅଭାବରୁ କିପରି ଚିକିତ୍ସିତ ହେବେ ବୋଲି ନୂଆପଡା ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ଭକ୍ତବନ୍ଧୁ ଧରୁଆ ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ସହ ତୁରନ୍ତ ତାଙ୍କୁ ରାଉରକେଲା ଓ ପରେ କଟକ ଅଶ୍ୱନୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୧୦ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୧୨ ତାରିଖ ରାତ୍ରିରେ ମରଶରୀର କଟକରୁ ତାଙ୍କ ବାଦୀ ଗାଁକୁ ଅଣାଯାଇ ୧୩ ତାରିଖରେ ଦାହ କରାଯାଇଥିଲା। ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାରବର୍ଗ ବେସାହାରା ହୋଇପଡ଼ିଛନ୍ତି। ଗରିବ ପରିବାର ହୋଇଥିବାରୁ ସରକାରଙ୍କ ପକ୍ଷରୁ କିଛି ସରକାରୀ ସହାୟତା ଯୋଗାଇ ଦେବା ସହ କମ କରୁଥିବା ସଂସ୍ଥା ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଧରୁଆ ଦାବି କରିଛନ୍ତି।

# ଜିଲାସ୍ତରୀୟ ରୋଜଗାର ମେଳା ପ୍ରସ୍ତୁତି ବୈଠକ



ବୈଠକରେ ରୋଜଗାର ମେଳା ନେଇ ଆଲୋଚନା କରାଯାଉଛି।

**ଭବାନୀପାଟଣା,୧୪।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମଙ୍ଗଳବାର ଆସନ୍ତା ୨୨ ତାରିଖ ହେବାକୁ ଥିବା ଜିଲାସ୍ତରୀୟ ରୋଜଗାର ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଜିଲା କର୍ମ ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟଙ୍କ ସୂଚନା ଅନୁସାରେ ଜିଲାସ୍ତରୀୟ ରୋଜଗାର ମେଳା ଡିଆଇଟି ପଡିଆରେ ଅନୁଷ୍ଠିତ ହେବ। ବୈଠକରେ ଆବଶ୍ୟକ ଟେଣ୍ଟ ପ୍ରସ୍ତୁତି, ସାମୟିକ ଶୌଚାଳୟ, ଖାଦ୍ୟ ଓ ପାନୀୟ ଜଳ ବ୍ୟବସ୍ଥା, ନିଯୁକ୍ତି ଦାତା ଓ କାର୍ଯ୍ୟକାରିଣୀ ସଂସ୍ଥା ପାଇଁ ଷ୍ଟଲ, ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ଜିଲାର ଦୂରଦୁରାନ୍ତ ଲାଞ୍ଜିଗଡ଼, ଥୁଆମୂଳ ରାମପୁର ଓ ଅନ୍ୟାନ୍ୟ ବ୍ଲକରୁ ୫ଟି ବସର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ଆବଶ୍ୟକ ପୋଲିସ, ପ୍ରାଥମିକ ଚିକିତ୍ସା ପାଇଁ ମେଡିକାଲ ସେବା ଓ ଏହାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯାଇଛି। ନିଯୁକ୍ତି ଦାତାମାନଙ୍କ ମଧ୍ୟରୁ ବେଦାନ୍ତ, ଟେକ ମହିନ୍ଦ୍ରା, ଏସବିଆଇ ଲାଇଫ, ପିଆଯିଓ, ଡିଭାଇନ ହେଲଥ ଏଭଳି ୧୫ରୁ ଉର୍ଦ୍ଧ୍ୱ କମ୍ପାନୀ ଆସୁଛନ୍ତି। ୧୮ରୁ ୩୫ ବର୍ଷ ବୟସ୍କ ରୋଜଗାର ଆଶାୟୀ ଯୁବକଯୁବତୀ ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି। ବୈଠକରେ ଡିଏସପି ବିଚିତ୍ରାନନ୍ଦ ସେଠୀ, ଡିଆଇପିଆର୍‌ଓ ମନୋଜ ବେହେରା, ଓରମାସ ଅଧିକାରୀ ଜଜ କେରକେଟା, ସରକାରୀ ପଲିଟେକନିକ ଅଧ୍ୟାପକ, ଏଡିଏମଓ, ମୁନିସିପାଲଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ତେନ୍ତୁଲିଖୁଣ୍ଟି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବ୍ରାହ୍ମଣୀଗୁଡା କ୍ଲଷ୍ଟର ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଏକ ଯଜ୍ଞ କ୍ଷେତ୍ର। ଶିକ୍ଷକ ପୂଜକ ହେଲେ ନିରୀହ ଶିଶୁ ପାଲଟନ୍ତି ଦେବତା। ଆଜିର ଶିଶୁ ଆସନ୍ତାର ମହକ। ଶିଶୁ ହସିଲେ ଦୁନିଆ ହସେ। ପିଲାଙ୍କ ପ୍ରତିଭା ଦେଶର ଏକ ସମ୍ପତ୍ତି ବୋଲି ବାର୍ଷିକ ଉତ୍ସବରେ ଅତିଥିଗଣ ଏଭଳି ମତବ୍ୟକ୍ତ କରିଥିଲେ। ପରିଚାଳନା ସମିତି ସଭାପତି ସନ୍ତୋଷ ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଚାରଭାଟି ସରପଞ୍ଚ ଶିବ ଶଙ୍କର ନାଏକ, ମୁଖ୍ୟବକ୍ତା ନାଟ୍ୟକାର ଶିକ୍ଷକ ମୁକୁନ୍ଦ ନାଏକ, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ପଦ୍ମିନୀ ହଂସ, ସିଆରସିସି ତ୍ରିଲୋଚନ ସେଠ ଓ ଶିକ୍ଷକ ନବଘନ ସାହୁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଟଙ୍କଧର ଶବର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁ ପାୟଲ ବାଗ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ନିବେଦିତା ନାଏକଙ୍କୁ ଏବଂ ଶ୍ରେଷ୍ଠ ପୁରାତନ ବିଦ୍ୟାର୍ଥୀ ଭାବେ ପୁଷ୍ପାଞ୍ଜଳି ହରିଜନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷକ ସମରେନ୍ଦ୍ର ଦାଶ, କୁମୁଦବନ୍ଧୁ ସାହୁ, ମୋନାଲିସା ମହାନ୍ତି, ପ୍ରିୟମ୍ବଦା ଜେନା ଓ ବବିସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଗଣ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମିତି ସଭ୍ୟାସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।




ତେନ୍ତୁଲିଖୁଣ୍ଟି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ।

## ମା' କାଳଦରେନ କ୍ରିକେଟ

# ବିଜେପୁର ଚାମ୍ପିୟନ

**ଖଡ଼ିଆଳ,୧୪।୩(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖୁଦପେଜ ପଞ୍ଚାୟତ ମହୁଲମୁଣ୍ଡାଠାରେ ମା' କାଳଦରେନ କ୍ରିକେଟ ଫାଇନାଲ ମ୍ୟାଚରେ ନେହେନାକୁ ହରାଇ ବିଜେପୁର ଚାମ୍ପିୟନ। ପ୍ରଥମେ ବିଜେପୁର ଦଳ ୧୨ ଓଭରରେ ୧୨୫ ରନ କରିଥିବା ବେଳେ ନେହେନା ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ ସଂଗ୍ରହ କରି ୪୫ ରନରେ ପରାଜିତ ହୋଇଥିଲା। ବସନ୍ତ ଶବର ଓ କିଶୋର ରଣା ଖେଳ ପରିଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ରାଧେଶ୍ୟାମ ଶତପଥୀ, ଧନଞ୍ଜୟ ମାଝି, ମକର୍ଧ୍ୱଜ ରଣା, ପଦମନ ମାଝି ଯୋଗଦେଇଥିଲେ। କାର୍ତ୍ତିକ ରଣା, ଯୋଗେଶ୍ୱର ଘିଭେଲା, ମନୋଜ ରଣା, ବିପିନ ବିଶି, ମାଧବ ରଣାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳିମାନେ।

# ସମ୍ପ୍ରସାରଣରେ ବାଧକ ସାଜିଛି ଜବରଦଖଲ

- କାମ ଠିକ ନ ହେଲେ ରାସ୍ତାକୁ ଓହ୍ଲାଇବା ଚେତାବନୀ
- ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ମେଟ ଦେଖୁଛନ୍ତି କାମ
- ଦୀର୍ଘ ଦିନର ବ୍ୟବଧାନ ପରେ ରାସ୍ତା କାମ ଆରମ୍ଭ

**ଲାଞ୍ଜିଗଡ଼,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଛକ ରାଜ୍ୟ ୬ନଂ. ରାଜପଥଠାରୁ ଲାଞ୍ଜିଗଡ଼ ପର୍ଯ୍ୟନ୍ତ ୨୧ କି.ମି. ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୧ କି.ମି. ରାସ୍ତା ନିର୍ମାଣ ପାଇଁ ୨୦୧୭-୧୮ରେ ଟେଣ୍ଡର କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ପୋଖରୀବନ୍ଧ ଛକଠାରୁ ଲାଞ୍ଜିଗଡ଼ସ୍ଥିତ ଟାଙ୍ଗନକଣା ଛକ ପର୍ଯ୍ୟନ୍ତ ୧୮ କି.ମି. ରାସ୍ତା ନିର୍ମାଣ କାମ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ୧୦।୦୧।୨୦୧୯ରେ କାମ ଆରମ୍ଭ କରି ୧୦।୦୬।୨୦୧୯ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ କାମ ଶେଷ କରିଥିଲେ। ହେଲେ ଟାଙ୍ଗନକଣା ଛକରୁ ଲାଞ୍ଜିଗଡ଼ ରାଜାପଡା ପର୍ଯ୍ୟନ୍ତ କୌଣସି କାରଣବଶତଃ କାମ ହୋଇପାରି ନ ଥିଲା। ଅପରପକ୍ଷରେ ଏହି ୩ କି.ମି. ରାସ୍ତାରେ ଦୈନିକ ଦଶରୁ ଅଧିକ ଦୁର୍ଘଟଣା ଘଟୁଥିବାବେଳେ ଏସବୁ ଜାଣି ମଧ୍ୟ ପିଡବ୍ଲୁଡି ବିଭାଗ ନିରବଦ୍ରଷ୍ଟା ସାଜିଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଗତ ଜାନୁୟାରୀରୁ ଏହି ୩ କି.ମି. ରାସ୍ତା କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଲାଞ୍ଜିଗଡ଼ ସହର ଖେଳ ପଡିଆ ପର୍ଯ୍ୟନ୍ତ ୨ କି.ମି. ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ କାର୍ଯ୍ୟ ଲାଞ୍ଜିଗଡ଼ କୁମ୍ଭାରପଡା, ଆଶ୍ରମପଡା, ପୋଷ୍ଟ ମଟମଛକ, ବଜାରପଡା ଛକ ଆଦି ସ୍ଥାନରେ ଜବରଦଖଲ ଯୋଗୁ ରାସ୍ତା ସମ୍ପ୍ରସାରଣ ହୋଇପାରୁନାହିଁ। ଅଧିକାଂଶ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଗାର୍ଡୱାଲ କରାଯାଇ ନ ଥିବା ବେଳେ ରାସ୍ତା ପାଇଁ କରାଯାଇଥିବା ଗାର୍ଡୱାଲ ହିସାବରେ ମଧ ରାସ୍ତା ସମ୍ପ୍ରସାରଣ ହୋଇ ପାରୁନାହିଁ। ରାସ୍ତାରେ ସୂଚନା ଫଳକ ନ ଥିବା ଯୋଗୁ ଦୁଇ ପାର୍ଶ୍ୱର ସମ୍ପ୍ରସାରଣ ଓ ରାସ୍ତାର ଅଟକଳ ମୂଲ୍ୟ ଜଣାପଡୁନାହିଁ। ପ୍ରତିଦିନ ଶହ ଶହ ମାଲ ପରିବହନ ଗାଡି ଯାତାୟାତ କରୁଥିବା ବେଳେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାରେ ୨ଟି ପ୍ରାଥମିକ ବିଦ୍ୟାଳୟ, ୨ଟି ଉଚ୍ଚ ବିଦ୍ୟାଳୟ ଓ କଲେଜ ରହିଥିବା ବେଳେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ ଲମ୍ବୋଦର ବେହେରାଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ କଲ ଗ୍ରହଣ କରିନାହାନ୍ତି। ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ରାସ୍ତା ସମ୍ପ୍ରସାରଣକୁ ନେଇ ଉଚିତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ପିଡବ୍ଲୁଡି ବିଭାଗର ଅବହେଳା ବିରୋଧରେ ସ୍ଥାନୀୟ ଜନସାଧାରଣ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



### ଗଛରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଭବାନୀପାଟଣା,(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କୋକଡ଼ମାଲ ନିକଟରେ ଗଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭବାନୀପାଟଣା ନିକଟସ୍ଥ ଘଣ୍ଟବାହାଲି ଗ୍ରାମର ଗୋପାଳ ବାଗ। ଗୋପାଳ କୌଣସି କାମରେ କୋକଡ଼ମାଲକୁ ଯାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟିହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



## ସଂକ୍ଷେପରେ

### ମାଟି ଚିକିତ୍ସା ଶିବିର

**ଲୋଇସିଂହା,୧୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାଟି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବପୁରୁଷମାନେ ଶରୀରରେ ମାଟିବୋଳି ସ୍ନାନ କରୁଥିଲେ। ଏଥିଯୋଗୁ ବିଭିନ୍ନ ଚର୍ମରୋଗ ସହ ଦୂରାରୋଗ୍ୟରୁ ଲୋକେ ମୁକ୍ତି ପାଉଥିଲେ। ଏବେ ରାସାୟନିକଯୁକ୍ତ ସାବୁନ ବ୍ୟବହାର ଦ୍ୱାର ଚର୍ମ ରୋଗ ଦେଖ ଯାଉଛି। ଏଣୁ ମାଟିକୁ ଅପଣାଇବାକୁ ସମିତିର ସକ୍ରିୟ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ପରାମର୍ଶ ଦେଇଥିଲେ। ଗ୍ରାମର ରଘୁନାଥ ନାୟକଙ୍କ ଉଦ୍ୟମକ୍ରମ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବହୁ ଯୁବକ ସାମିଲ ହୋଇ ଏହାର ପ୍ରୟୋଗ କରିଥିଲେ।

### କଫ୍ ସିରପ ବିରୋଧୀ ଅଭିଯାନକୁ ନାଗରିକ କମିଟିର ପ୍ରଶଂସା

**ବଲାଙ୍ଗୀର ଅଫିସ, ୧୪।୩:** ବଲାଙ୍ଗୀର ସହରରେ ବୃଦ୍ଧି ପାଉଥିବା ନିଶା କରାବାରକୁ ନେଇ ସହରବାସୀ ଅତିଷ୍ଠ ହୋଇପଡିଥିଲେ। ପ୍ରାୟ ପ୍ରତିଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ଏଭଳି ସମୟରେ ବଲାଙ୍ଗୀର ପୋଲିସ ନିଶା କରାବାର ବିରୋଧରେ ସ୍ୱତନ୍ତ୍ର ଦମନମୂଳକ ଅଭିଯାନ ଆରମ୍ଭ କରିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ପ୍ରଶଂସା କରାଯାଇଛି। ମଙ୍ଗଳବାର ନାଗରିକ କମିଟିର ଏକ ପ୍ରତିନିଧି ଦଳ ଏସ୍‌ପି ନୀତିନ କୁଶଲକରଙ୍କ ଅନୁପସ୍ଥିତିରେ ଆଡିସନାଲ ଏସ୍‌ପି ସୁରେଶ କୁମାର ନାଏକଙ୍କୁ ସାକ୍ଷାତ କରି ପୋଲିସର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ କମିଟି ସଭ୍ୟ ଗୋପଭୂଷଣ ନାଥ, ଦିବାକର ହୋତା, ଆର୍ତ୍ତତ୍ରାଣ ମିଶ୍ର ଆଡିସନାଲ ଏସ୍‌ପ ନାଏକଙ୍କୁ ସାକ୍ଷାତ କରିଥିଲେ । ଆଗାମୀ ଦିନରେ ପୋଲିସ ନିଶା ବିରୋଧୀ ଅଭିଯାନ ଜାରି ରଖିବାକୁ କମିଟି ସଦସ୍ୟମାନେ ଅନୁରୋଧ କରିଛନ୍ତି।

### ଖବରକାଗଜ ବିତରକଙ୍କ ମାତୃ ବିୟୋଗ



**ବଲାଙ୍ଗୀର ଅଫିସ, ୧୪।୩:** ତରଭା ବ୍ଲକ ରମ୍ପାସିଣ୍ଡୋଲ ନିବାସୀ ଖବରକାଗଜ ବିତରକ ଅକ୍ରୁର ମିଶ୍ରଙ୍କ ମାତା କୁମୁଦିନୀ ମିଶ୍ର (୯୫)ଙ୍କ ପରଲୋକ ହୋଇଯାଇଛି। ଜଣେ ଧର୍ମପ୍ରାଣା ଏବଂ ମିଷ୍ଟଭାଷୀ ମହିଳା ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁବେଳକୁ ବଡପୁଅ ଅକ୍ରୁର ମିଶ୍ର, ସାନପୁଅ ଭଗବାନ ମିଶ୍ର, ଦୁଇ ବୋହୂ, ନାତି ନିରଞ୍ଜନ ଓ ନିତେଶ ଉପସ୍ଥିତ ଥିଲେ। ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଅକ୍ରୁର ମୁଖାଗ୍ନି ଦେଇଥିଲେ।

# ପୁସ୍ତକ ମଣିଷର ଶ୍ରେଷ୍ଠ ବନ୍ଧୁ

### ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ଉଦ୍‌ଘାଟିତ

**ସୋନପୁର,୧୪।୩(ନି.ପ୍ର.)**

ପଞ୍ଚମ ସୁବର୍ଣ୍ଣପୁର ଜିଲା ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ୨୦୨୩ ସ୍ଥାନୀୟ ରୟାଲ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପଦ୍ମଶ୍ରୀ ଡକ୍ଟର ଚତୁର୍ଭୁଜ ମେହେର ଏହି ସାରସ୍ୱତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପଦ୍ମଶ୍ରୀ ମେହେର ତାଙ୍କ ବକ୍ତବ୍ୟରେ ପୁସ୍ତକ ହିଁ ଦୁଃଖ ସୁଖର ସାଥି, ମଣିଷର ଶ୍ରେଷ୍ଠ ବନ୍ଧୁ ବୋଲି କହିଥିଲେ। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକ ପଢିଲେ ବୌଦ୍ଧିକ ଶକ୍ତିର ବିକାଶ ହେବା ସହ ପ୍ରାଚୀନ ସଭ୍ୟତା ସହ ଆଧୁନିକ ସମାଜ ସମ୍ପର୍କରେ ଜାଣି ହୁଏ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ତାଙ୍କ ବକ୍ତବ୍ୟରେ ଦେଶ ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି। ମାତ୍ର ଆମେ ପୁସ୍ତକ ପଢିବା ଭୁଲି ଯାଇଛୁ। ପୁସ୍ତକ ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭଲ ବହି ପଢିଲେ ଜୀବନରେ ପରିବର୍ତ୍ତନ ଆସିଥାଏ ବୋଲି କହିଥିଲେ। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ଯୋଗଦେଇ ଇଣ୍ଟରନେଟ୍ ଯୁଗରେ ଯୁବ ପିଢି ପୁସ୍ତକ ପଢିବାକୁ ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ଇଙ୍କ୍‌ଫେଷ୍ଟ ସାଧାରଣ ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ଉତ୍ସବ ସମ୍ପର୍କରେ ସୂଚନା ଦେବାକୁ ଯାଇ ଏହା କେବଳ ପୁସ୍ତକ ମେଳା ନୁହେଁ ଭାଷା, ସାହିତ୍ୟ, ସଂସ୍କୃତି ଆଦାନ ପ୍ରଦାନର ଏକ ମାଧ୍ୟମ ବୋଲି କହିଥିଲେ।

କମିଟି ସଭାପତି ସ୍ୱାଧିନ ମେହେର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଯୁଗ୍ମ ସମ୍ପାଦକ ଡକ୍ଟର ଦେବାଶିଷ ପାଣ୍ଡିଆ ସଭାକୁ ସଂଯୋଜନା କରିଥିଲେ। ଉଦିତ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରମେଶ ପ୍ରସାଦ ନାୟକଙ୍କ କବିତା ସଙ୍କଳନ କଳା ପଟାର କବିତା ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମେଳା ୭ ଦିନ ଧରି ଚାଲିବ। ବିଭିନ୍ନ ଦିବସମାନଙ୍କରେ ଆଲୋଚନାଚକ୍ର, କବିତା ଆସର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ମଞ୍ଚକୁ ସଙ୍ଗୀତଜ୍ଞ ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କୁ ସମର୍ପିତ କରାଯାଇଛି। ସେହିପରି ମହାନଦୀ ଶଯ୍ୟାରେ ଦେଶ ବିଦେଶର ବିରଳ ପ୍ରଜାତିର ପକ୍ଷୀଙ୍କୁ ସମାଗମ ହେଉଥିବାରୁ ଏକ ଆକର୍ଷଣୀୟ ଫଟୋ ପ୍ରଦର୍ଶନୀ କରାଯାଇଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ହେଉଛି । ଇଙ୍କ୍‌ଫେଷ୍ଟର ବରିଷ୍ଠ ସଭ୍ୟ ଗୋବିନ୍ଦ ମହାରଣା, ଗତିକୃଷ୍ଣ ମିଶ୍ର, ବେଣୁଧର ପ୍ରଧାନ, ଡ. ପୁରୁଷୋତ୍ତମ ମିଶ୍ର, ଡ. ଜ୍ୟୋତିରଞ୍ଜନ ବହିଦାର, ଶ୍ୟାମା ଓଁ ପ୍ରସାଦ ମିଶ୍ର, ଆର୍ତ୍ତତ୍ରାଣ ବାବୁ ଓ ଡକ୍ଟର ସୌରଭ ଖମାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଗାନ୍ଧୀ ଦର୍ଶନ ଅଧ୍ୟୟନ କାର୍ଯ୍ୟକ୍ରମ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଦର୍ଶନ ଅଧ୍ୟୟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୧୪।୩**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଦୁଇଦିନିଆ ଦର୍ଶନ ଅଧ୍ୟୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଓ ୯/୧୧ ଶୀର୍ଷକ ବିଷୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୁକ୍ତରାଷ୍ଟ୍ର ସ୍ଥିତ ଜେମ୍‌ସ ମିଡସନ୍ ବିଶ୍ୱବିଦ୍ୟାଳୟର ହିନ୍ଦୁ ଓ ଗାନ୍ଧୀ ଦର୍ଶନ ବିଭାଗ ପ୍ରାଧ୍ୟାପକ ସୁଶୀଲ ମିତ୍ତଲ ଯୋଗଦାନ କରିଥିଲେ। ପ୍ରଥମ ଦିବସରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଦୀପ୍ତି ମଞ୍ଜରୀ ମେହେର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ବିଘ୍ନେଶ ପ୍ରସାଦ ମିଶ୍ର ଯୋଗଦାନ କରି ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ରାଜକିଶୋର ପାତ୍ର ସଭା ବିଷୟବସ୍ତୁ ଉପସ୍ଥାପନା କରିଥିଲେ। ସଭା ସଂଯୋଜନା କରିଥିଲେ ଅଧ୍ୟାପିକା ଡ ପଙ୍କଜିନୀ ମୁଲିଆ। ଅଧ୍ୟାପକ ବଂଶୀଧର ଦୀପ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଜେଭିର୍ ଖେସ ଛାତ୍ରୀଛାତ୍ରଙ୍କ ବିଷୟ ଉପସ୍ଥାପନାକୁ ପରିଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟର ଅନେକ ବିଭାଗରୁ ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇ ଗାନ୍ଧୀ ଦର୍ଶନ ଉପରେ ଆଲୋଚନା କରିଥିଲେ।

## ସ୍କୁଲ୍, କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି

**ଲୋଇସିଂହା,୧୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରୁଶୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ସାଲଭଟା ଫାଣ୍ଡିରେ ଅଭିଯୋଗ ହୋଇଛି। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ସହ ଲୋଇସିଂହା ଥାନା ଅଧିକାରୀ ବାମଦେବ ଶଙ୍ଖୁଆ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ଥାନା ଅଧିକାରୀ ଶଙ୍ଖୁଆ କହିଛନ୍ତି, ସ୍କୁଲର କେବଳ ତାଲା କଟାଯାଇଛି, ଚୋରି ହୋଇନାହିଁ। ପାକ୍ସରେ ସିସି କ୍ୟାମେରା ହାର୍ଡଡିସ୍କ ଚୋରି ହୋଇଛି। ଆଲମିରା ଖୋଲି କୌଣସି କାଗଜ ପତ୍ର ଖୋଜାଖୋଜି କରିଛନ୍ତି ଦୁର୍ବୃତ୍ତ। ତଦନ୍ତ ଚାଲିଛି, ଖୁବଶୀଘ୍ର ଚୋର ଧରାପଡିବେ ବୋଲି ସେ କହିଛନ୍ତି। ସେହିପରି ରବିବାର ରାତିରେ ଦୁର୍ବୃତ୍ତମାନେ ଚୋରି ଉଦ୍ଦେଶ୍ୟରେ ମୁରୁଶୁଣ୍ଡି ପଞ୍ଚାୟତ ସଦର ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟଗେଟ, ରୋଷେଇ ଘର ଏବଂ ୫ଟି ଶ୍ରେଣୀ କୋଠରି ତାଲା କାଟି ଦେଇଥିଲେ। ସୋମବାର ସ୍କୁଲ ଆସିଲା ପରେ ଶିକ୍ଷକମାନେ ଏହା ଜାଣିବାକୁ ପାଇଥିଲେ। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ଛତ୍ରିଆ ଓ ପରିଚାଳନା କମିଟି ସଦସ୍ୟ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ କାର୍ଯ୍ୟାଳୟରେ ପଶିଥିଲେ। ପାକ୍ସର ଡିଇଓ କାର୍ଯ୍ୟାଳୟକୁ ଆସିବା ପରେ ଏହା ଜାଣି ପରିଚାଳନା ବୋର୍ଡ ସଦସ୍ୟଙ୍କୁ ଜଣାଇଥିଲେ। ପରେ ଡିଇଓ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଥିଲେ।

### ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ

## ବନ୍ଦ ପାଳନ ସମୟରେ ଗାଡ଼ି ଚାଳକଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ

**ବୌଦ୍ଧ,୧୪।୩(ସ୍ୱ.ପ୍ର.)**

ବୁଧବାରଠାରୁ ଗାଡିଚାଳକ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟବ୍ୟାପି ଚକାବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ଏହି ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା କିମ୍ବା ଜରୁରୀ କାର୍ଯ୍ୟରେ ଯେପରି ବାଧା ନ ହୁଏ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ଗାଡିଚାଳକ ସଂଘର ଆନ୍ଦୋଳନ ଯୋଗୁ କୌଣସି ଜରୁରୀ କାର୍ଯ୍ୟ ଅଟକିବାକୁ ଦିଆଯିବ ନାହିଁ। ପରୀକ୍ଷା ଚାଲିଥିବା ବେଳେ ଛାତ୍ରୀଛାତ୍ରମାନେ ଯେପରି ଆନ୍ଦୋଳନ ଯୋଗୁ ପରୀକ୍ଷା ଦେବାରୁ ବଞ୍ଚିତ ହେବେନାହିଁ ସେଥିପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରାଯିବ । ସ୍ୱାସ୍ଥ୍ୟସେବା ସହିତ ଅନ୍ୟାନ୍ୟ ଜରୁରୀ ସେବା ମଧ୍ୟ ଜାରି ରହିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ କହିଥିଲେ ଯେ କୌଣସି ଗାଡିଚାଳକ ନିଜର ଗାଡି ନେଇ ରାସ୍ତାରେ ଗଲେ ପୋଲିସ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯିବ। ବିଭିନ୍ନ ଥାନା, ଛକ ଜାଗା ସହିତ ରାସ୍ତାରେ ବ୍ୟାପକ ପୋଲିସ ଓ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ଆନ୍ଦୋଳନକାରୀମାନେ ସାଧାରଣ ଲୋକଙ୍କ ଯାତ୍ରାରେ କୌଣସି ବାଧା ଉପୁଜାଇବାକୁ ଉଦ୍ୟମ କଲେ ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ପ୍ରସାଦ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ତହସିଲଦାର ଦେବୀ ପ୍ରସାଦ ଦାଶ, ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝୀ, ଡେପୁଟି କଲେକ୍ଟର ସତ୍ୟଜିତ ମହାପାତ୍ର ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## କୁଲାରୀ କୁଦ ଇକୋ ଟୁରିଜିମର ମାନ୍ୟତା ପାଇବ

### ବନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର

**ବୌଦ୍ଧ,୧୪।୩(ସ୍ୱ.ପ୍ର.)**

ଗଡଜାତ ବୌଦ୍ଧ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ଜିଲାରେ ବର୍ତ୍ତମାନ ପର୍ଯ୍ୟଟନର ବିକାଶ ଦ୍ରୁତ ଗତିରେ ଚାଲିଛି। ଗୋଟିଏ ପଟେ ରାଜ୍ୟର ସର୍ବବୃହତ୍ ପରିବେଶ ପାର୍କ ନନ୍ଦନବନ ପ୍ରକଳ୍ପ କାର୍ଯ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ଆରମ୍ଭ ହୋଇ ସାରିଥିବା ବେଳେ ଅନ୍ୟପଟେ ଡମ୍ବରୁଗଡ ଓ କୁଲାରୀ କୁଦ ଭଳି ସ୍ଥାନରେ କଟେଜ ନିର୍ମାଣ ସହ ଇକୋ ଟୁରିଜମ୍‌ର ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି। ବର୍ତ୍ତମାନ କୁଲାରୀ କୁଦ ଇକୋ ଟୁରିଜିମର ମାନ୍ୟତା ପାଇବାକୁ ଯାଉଛି । ମନମୁଣ୍ଡାଠାରୁ ମାରଡା ସାତକୋଶିଆ ଗଣ୍ଡ ପର୍ଯ୍ୟନ୍ତ ପ୍ରାୟ ୧୦୦ କିଲୋମିଟର ମହାନଦୀ ବୌଦ୍ଧ ଜିଲାକୁ ଛୁଇଁ ପ୍ରବାହିତ ହେଉଛି। ଏହି ମହାନଦୀ କୂଳେ କୂଳେ ସୁନ୍ଦର ପ୍ରାକୃତିକ ପରିବେଶ ଭରପୁର ରହିଛି । କିଛିଦିନ ପୂର୍ବରୁ ବନ ବିଭାଗ ପକ୍ଷରୁ ଡମ୍ବରୁଗଡ ପାହାଡ ଉପରେ ଏକ ପାର୍କ ନିର୍ମାଣ ସରିଥିବା ବେଳେ ୫ ଗୋଟି କଟେଜ କାର୍ଯ୍ୟ ସମାପନ ହୋଇଛି । ବର୍ତ୍ତମାନ ପର୍ଯ୍ୟଟକମାନେ ରହିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଓ ବାହ୍ୟ ପରିବେଶର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଖୁବଶୀଘ୍ର ନିର୍ମିତ କଟେଜ ସବୁ ପର୍ଯ୍ୟଟକମାନଙ୍କ ପାଇଁ ଯୋଗାଇ ଦିଆଯିବ। ସେହିପରି ଅନ୍ୟ ଏକ ଆକର୍ଷଣୀୟ ସ୍ଥାନ ହେଉଛି ମହାନଦୀ ମଧ୍ୟରେ ପ୍ରାୟ ଏକ ବର୍ଗ କିଲୋମିଟର ମଧ୍ୟରେ ସୃଷ୍ଟି ହୋଇଥିବା କୁଲାରୀ କୁଦ। ବୌଦ୍ଧ ସହରଠାରୁ ମହାନଦୀ ତିନିଭାଗରେ ବିଭକ୍ତ ହୋଇଛି। ଫଳରେ ଦୁଇଟି ଦ୍ୱୀପ ସୃଷ୍ଟି ହୋଇ ଚାରିପଟେ ମହାନଦୀ ଘେରି ରହି ମନୋରମ ପରିବେଶ ସୃଷ୍ଟି କରିଛି। ଗୋଟିଏ ଦ୍ୱୀପ ମର୍ଜାକୁଦକୁ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଉଦ୍ୟମକ୍ରମେ ସ୍ଥାୟୀ ସେତୁ ନିର୍ମାଣ ହୋଇସାରି ଉଦ୍‌ଘାଟନ ଅପେକ୍ଷାରେ ରହିଛି। ମର୍ଜାକୁଦରେ ବୌଦ୍ଧ ଏନଏସିର ଦୁଇଗୋଟି ୱାର୍ଡର ପ୍ରାୟ ୩ ହଜାର ଅଧିବାସୀ ରହୁଛନ୍ତି । ସେତୁ ନିର୍ମାଣ ପରେ ମର୍ଜାକୁଦରେ ରହିଥିବା ସରକାରୀ ଜମିର ଉପଯୁକ୍ତ ବିନିଯୋଗ କରାଯିବାକୁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତି ଚାଲିଛି। ମର୍ଜାକୁଦ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିବା ବେଳେ ଏବେ ଅନ୍ୟତମ ଦ୍ୱୀପ କୁଲାରୀ କୁଦର ବିକାଶ ପ୍ରତି ଦୃଷ୍ଟି ଦିଆଯାଇଛି । ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର କୁଲାରୀ କୁଦ ପରିଦର୍ଶନ କରିବା ପରେ ସେଠାରେ ପର୍ଯ୍ୟଟନର ବିକାଶ ସମ୍ଭାବନା ନେଇ ମନ୍ତ୍ରୀ ଅମାତ ଓ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ଅମାତଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ବନଖଣ୍ଡ ଅଧିକାରୀ କୁଲାରୀ କୁଦ ପରିଦର୍ଶନ କରିବା ପରେ ଏହାର ବିକାଶ ହୋଇପାରିଲେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇ ପାରିବ ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ପରେ ବନ ବିଭାଗ ପକ୍ଷରୁ ଏହାର ବିକାଶ କାର୍ଯ୍ୟ ହାତକୁ ନିଆଯାଇଥିବା ଜଣାଯାଇଛି। ବନବିଭାଗ ପକ୍ଷରୁ ଏପଟେ ଅର୍ଥ ମଞ୍ଜୁରୀ ହୋଇଥିବା ଜଣାପଡିଛି । କୁଲାରୀ କୁଦରେ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରାଯିବ ବୋଲି ଜଣାପଡିଛି।

## ବାହାରିଲା ଯକ୍ଷ୍ମାରୋଗୀ ଚିହ୍ନଟ ସଚେତନତା ରଥ

**ଅମରପାଲି,୧୪।୩(ଡି.ଏନ.ଏ.)**



ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ସକ୍ରିୟ ଯକ୍ଷ୍ମାରୋଗୀ ଚିହ୍ନଟ ପାଇଁ ଏକ ସଚେତନତା ରଥକୁ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର.ସପ୍ନେଶ୍ୱର ବେହେରା ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ବିଭିନ୍ନ ଗାଁକୁ ଯାଇ ସକ୍ରିୟ ଯକ୍ଷ୍ମାରୋଗୀ ଚିହ୍ନଟ କରିବ। ନ ଲୁଚାଇ ଔଷଧ ସେବନ ଦ୍ୱାରା ଏହି ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ ବୋଲି ରଥ ସଚେତନ କରିବ। ଅନ୍ୟମାନଙ୍କ ମଧ୍ୟରେ ଅସ୍ଥି ଶଲ୍ୟ ବିଶେଷଜ୍ଞ କିରଣ ଆର, ଭ୍ରମ୍ୟମାଣ ସ୍ୱାସ୍ଥ୍ୟ ପରିଦର୍ଶକ ଅମିତ ମୁଦୁଲି, ପିଏଚଇଓ ସ୍ୱର୍ଣ୍ଣପ୍ରଭା କୁଏଡ, ବିଏଏମ ଅବିନାଶ ହୋତା, ବିପିଏମ ମହେନ୍ଦ୍ର ମିଶ୍ର ଓ ଏମପିଏଚଏସ ଆଲୋକ କୁମାର ସେଠ, ହିମାଂଶୁ ଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୪।୩( ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବନ ରେଞ୍ଜ କାର୍ଯ୍ୟାଳୟରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିଭଳି ଜଙ୍ଗଲରେ ଲାଗିଥିବା ନିଆଁ ବନ୍ଦ ହେବ ସେନେଇ ମହିଳାଙ୍କୁ ସଚେତନ କରାଯାଇଥିଲା। ପରେ ଫୁଲକିମୁଣ୍ଡା ଓ ଝାକ୍ରିପାଲିରେ ମହିଳାମାନେ ନିଆଁଦାଉରୁ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ଘାସିରାମ ଦୀକ୍ଷିତ, ସନ୍ଧ୍ୟାରାଣୀ ସେଠ, ବନରକ୍ଷୀ ମହେନ୍ଦ୍ର କାଲସାଏ, ସଞ୍ଜୀବ ପଧାନ, ମିଥୁନ ମିର୍ଦ୍ଧା, ରାଜେନ୍ଦ୍ର ଧାରୁଆ, ଆମ ଜଙ୍ଗଲ ଯୋଜନା ଟିମ ଲିଡର ପ୍ରହଲ୍ଲାଦ ମହାନନ୍ଦ, ଡିଓ ତହସିଲ ବାଗଙ୍କ ସହ ଏସ୍ଏଚ୍‌ଜି ମହିଳା ସାମିଲ ହୋଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ସାମିଲ ବନ ବିଭାଗ କର୍ମଚାରୀ ଓ ମହିଳାମାନେ।

## ରଥକାଠ ସଂଗ୍ରହ ପାଇଁ ଡାଟାବେସ୍ ପ୍ରସ୍ତୁତ ହେବ

### ସରକାରଙ୍କ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ଆର୍‌ଡିସି

**ପୁରୀ ଅଫିସ, ୧୪।୩**

ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଯୋଗାଣ ସମ୍ପର୍କିତ ବୈଠକ ମଙ୍ଗଳବାର ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ କୁମାର ଦଳାଇ ଅଧ୍ୟକ୍ଷତା କରିଥିଲେ। ବୈଠକ ପୂର୍ବରୁ ରାଜସ୍ୱ ଆୟୁକ୍ତ ଦଳାଇ ପୁରୀରେ ଚାଲିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସର୍କିଟ୍ ହାଉସ ଆସି ରଥକାଠ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ପରେ ଦଳାଇ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆବଶ୍ୟକ ହେଉଥିବା ରଥକାଠ କିପରି ମିଳିପାରିବ, ସୁରୁଖୁରୁରେ ରଥ ନିର୍ମାଣ ଓ ଘୋଷଯାତ୍ରା ହୋଇପାରିବ ସେ ନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ଆବଶ୍ୟକତାଠାରୁ ଅଧିକ କାଠ ମହଜୁଦ୍ ରହିଛି। ପ୍ରତ୍ୟେକ ବର୍ଷ ଯେପରି କାଠ ମିଳିପାରିବ ସେଥିଲାଗି ଆର୍‌ସିସିଏଫ୍‌ଙ୍କ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯିବ। ଧଉରା ଓ ଫାସି କାଠ କେଉଁ ଡିଏଫ୍ଓଙ୍କ ଅଧୀନରେ ରହିଛି, କେତେ ପରିମାଣର ରହିଛି, ସେହି ଗଛଗୁଡ଼ିକ କେତେ ବର୍ଷରେ କେତେ କାଠ ଦେଇପାରିବ ଏବଂ ତାହା କେତେ ବର୍ଷରେ ରଥ ନିର୍ମାଣ ଲାଗି ଯୋଗ୍ୟ ହୋଇପାରିବ ସେ ନେଇ ଡାଟାବେସ୍‌ରେ ତଥ୍ୟ ରଖାଯିବ। ଯେପରି ଆସନ୍ତା ୫୦ ବର୍ଷ ପର୍ଯ୍ୟନ୍ତ ରଥକାଠର ଆବଶ୍ୟକତା ପଡ଼ିବ ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ରଥ ନିର୍ମାଣ ପାଇଁ ମୋଟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାର କାଠ ଆବଶ୍ୟକ। ପୂର୍ବ ବର୍ଷର ୧୧୮ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ଅବଶିଷ୍ଟ ୭୪୭ ଖଣ୍ଡ କାଠ ଆବଶ୍ୟକ। ଏହି କାଠ ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧା, ଘୁମୁସର, ରେଢାଖୋଲ ଇତ୍ୟାଦି ବନଖଣ୍ଡରୁ ଯୋଗାଣ ପାଇଁ ସମ୍ପୃକ୍ତ ଡିଏଫଓମାନଙ୍କୁ କୁହାଯାଇଛି। ରଥକାଠ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ବ୍ୟବସ୍ଥା ସହ ନିୟମିତ ଅନୁଧ୍ୟାନ କରାଯାଉଛି।

ଡିଏଫ୍‌ଓମାନେ ସେମାନଙ୍କ ଅଞ୍ଚଳ ଅନୁଧ୍ୟାନ କରି ରଥକାଠ ସମ୍ପର୍କରେ ଡାଟାବେସ୍ ପ୍ରସ୍ତୁତ କରିବାକୁ ଆୟୁକ୍ତ ପରାମର୍ଶ ଦେଇଛନ୍ତି। ଯେଉଁ ବ୍ୟକ୍ତିବିଶେଷ ରଥ ନିର୍ମାଣ ପାଇଁ କାଠ ସ୍ୱଇଚ୍ଛାରେ ଦେଉଛନ୍ତି, ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୁରୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଠିକ ଭାବେ ଚାଲିଛି। ଯେପରି ସେଗୁଡ଼ିକ ଧାର୍ଯ୍ୟ ସମୟରେ ସରିବ ସେଥିଲାଗି ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ଆୟୁକ୍ତ କହିଛନ୍ତି।

ବୈଠକରେ ଆର୍‌ସିସିଏଫ୍ ସଞ୍ଜିତ କୁମାର, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତିପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ସୁଦର୍ଶନ ମେକାପ, ପୁରୀ ଡିଏଫ୍‌ଓ ରାମାସ୍ୱାମୀ, ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଭୁବନେଶ୍ୱର ଉତ୍ତର ଡିଏଫ୍‌ଓ ସୁଦର୍ଶନ ବେହେରା, ଭୁବନେଶ୍ୱର ଦକ୍ଷିଣ ଡିଏଫ୍‌ଓ ଦିଲ୍ଲୀପ କୁମାର ରାଉତ, ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କାମ୍ପା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଳରୁ ମୃତଦେହ ଜବତ

**ଲହୁଣୀପଡ଼ା,୧୪।୩(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଲିପୋଷ ପଞ୍ଚାୟତ ଭୋଗରା ଗ୍ରାମର ରତ୍ନାକର କିଷାନ (୫୨)ଙ୍କ ମୃତଦେହ ଏକ ନାଳରୁ ଜବତ କରାଯାଇଛି। ସେ ସୋମବାର ଅପରାହ୍ନ ୩ଟା ବେଳେ ନିକଟସ୍ଥ ନାଳକୁ ମାଛ ଧରିବା ପାଇଁ ଘରୁ ମାଛ ଧରା ଜାଲ ନେଇ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ସକାଳେ ଗ୍ରାମର କେତେଜଣ ବ୍ୟକ୍ତି ନାଳକୁ ଯାଇଥିବା ବେଳେ ପାଣି ଭିତରେ ଏକ ମୃତଦେହ ଭାସୁଥିବା ଦେଖି ଗ୍ରାମରେ ଖବର ଦେଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଲହୁଣୀପଡା ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ନିଷ୍ପତ୍ତି

**ଲହୁଣୀପଡ଼ା,୧୪।୩(ଡି.ଏନ.ଏ.):** ଓଡିଶା ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ତଥା ରାଜ୍ୟର ବିଭିନ୍ନ ସଂଗଠନର ସମର୍ଥନରେ ରାଜ୍ୟ ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ ୧୫ ତାରିଖରୁ ୧୦ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଛି । ଏହି ଆନ୍ଦୋଳନରେ ଲହୁଣୀପଡ଼ା ଡ୍ରାଇଭର ଶାଖା ସଂଘ ସାମିଲ ହେବ । କିନ୍ତୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ସମୟରେ ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, ଅଗ୍ନିଶମ, ଗଣମାଧ୍ୟମ, ପରୀକ୍ଷା ଓ ପ୍ରଶାସନିକ ଯାତାୟାତ ଭଳି ଜରୁରୀ ସେବା ଜାରି ରହିବ ବୋଲି ବୋଲି ସଂଘ ସଭାପତି ପ୍ରତାପ କୁମାର ମାହାନ୍ତ, ଉପସଭାପତି ନିରଞ୍ଜନ ପ୍ରସାଦ ମାହାନ୍ତ, ସମ୍ପାଦକ କମଳ ଲୋଚନ ମାହାନ୍ତ, ଉପଦେଷ୍ଟା ବିକାଶ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି । ପ୍ରଶାସନକୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି।

### ବେଦାନ୍ତ ଖଣି ନିର୍ଦ୍ଦେଶକଙ୍କ ସହ ଆଲୋଚନା

**ସୁନ୍ଦରଗଡ,୧୪।୩(ଡି.ଏନ.ଏ.):** ବେଦାନ୍ତର ନୂତନ ଜାମକାନି କୋଇଲା ଖଣିରୁ କୋଇଲା ପରିବହନ କ୍ଷେତ୍ରରେ ଅଗ୍ରାଧିକାର ଦେବା ଦାବି ନେଇ ମଙ୍ଗଳବାର ସୁନ୍ଦରଗଡର ମିଳିତ କୋଇଲା ଟ୍ରକ ମାଲିକ ସଂଘ ସମୂହ ପକ୍ଷରୁ ବେଦାନ୍ତ ଖଣି ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ହୋଇଛି। ଏହି ଜାମକାନି ଖଣିରୁ କୋଇଲା ପରିବହନ ଭଡା ସମ୍ବନ୍ଧୀୟ ତଥା ଟ୍ରେନ ପରିବର୍ତ୍ତେ ଅଧିକ ସଂଖ୍ୟାରେ ସ୍ଥାନୀୟ ଟ୍ରକ ଯୋଗେ କୋଇଲା ପରିବହନ କରିବା ନେଇ ଅଲୋଚନା ହେବା ସହ ଏକ ସ୍ମାରକପତ୍ର ଖଣି ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋକଙ୍କ ଏହି ଖଣିରେ ଯେଭଳି ଅଧିକ ଭାଗିଦାରୀ ରହିବ ସେନେଇ ଖଣି ନିର୍ଦ୍ଦେଶକଙ୍କ ସହ ଆଲୋଚନା ହୋଇଥିଲା। ଏହି ଆଲୋଚନା ବେଳେ ସୁନ୍ଦରଗଡ ଟ୍ରକ ମାଲିକ ସଂଘ, ବିସ୍ଥାପିତ ଗାଡି ମାଲିକ ସଂଘ, ଜୟ ଜଗନ୍ନାଥ ଟ୍ରକ ଓନର୍ସ ଆସୋସିଏଶନର କର୍ମକର୍ତ୍ତା ଓ ଶତାଧିକ ଟ୍ରକ ମାଲିକ ଉପସ୍ଥିତ ଥିଲେ।

### ୨୫ରେ ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ

**ରାଜଗାଙ୍ଗପୁର,୧୪।୩(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଓକିଲ ସଂଘର ନିର୍ବାଚନ ଆସନ୍ତା ୨୫ ତାରିଖ ଦିନ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରାର୍ଥୀ ପତ୍ର ଦାଖଲ ହୋଇ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ପରେ ସଭାପତି ପଦବୀ ପାଇଁ ୪ ଜଣ ପ୍ରାର୍ଥୀ ରହିଛନ୍ତି । ଏହି ପଦ ପାଇଁ ଅଶୋକ କୁମାର ପାଣି ,ମନୋଜ କୁମାର ସାହୁ ,ମହମ୍ମଦ ମହସିନ ଓ ସମରେନ୍ଦ୍ର ସରୋନିଆ ରହିଛନ୍ତି । ଉପସଭାପତି ପଦବୀ ପାଇଁ ଦିଲ୍ଲୀପ କୁମାର ସାହୁ ଓ ରଞ୍ଜିତା ଦଣ୍ଡସନା ରହିଛନ୍ତି । ସେହିପରି ସଂପାଦକ ପଦବୀ ପାଇଁ ରବିନ୍ଦ୍ର ଦାସ, ସନ୍ତୋଷ ସାହୁ, ରାଜୀବ ହାଲଦାର ରହିଛନ୍ତି । ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସଂପାଦକ ଭାବେ ତ୍ରିବିକ୍ରମ ପୃସେଠ, ସହ ସଂପାଦକ ଭାବେ ପ୍ରମୋଦ କୁଜୁର, ଲାଇବ୍ରେରୀ ସଂପାଦକ ଭାବେ ଦିଲିପ କୁମାର ସିଂ, ସହ ଲାଇବ୍ରେରୀ ସଂପାଦକ ଭାବେ ସୁସିଲ ତିର୍କୀ,କୋଷାଧକ୍ଷ ଭାବେ ମହେନ୍ଦ୍ର କୁମାର ମାଝୀ ନିର୍ବାଚିତ ହୋଇଛନ୍ତି। ଏକ୍‌ଜିକ୍ୟୁଟିଭ ମେମ୍ବର ପଦବୀ ପାଇଁ ପ୍ରଦିପ କୁମାର କେସରୱାନି,ରାଜେନ୍ଦ୍ର କୁମାର ଗିରି,ନରେଶ ଧଳ,ଆକଦାସ ଅଞ୍ଜୁମ ସରସରି ଓ ଗ୍ୟାସୁଦ୍ଦିନ ମହମ୍ମଦ ନିର୍ବାଚିତ ହୋଇଛନ୍ତି । ଏହି ଓକିଲ ସଂଘର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ମୁଦୁଲି ପରିଚାଳନା କରୁଛନ୍ତି ।

# ସମସ୍ୟା ଘେରରେ ରାଉରକେଲା ସହରର ୩ ଡାକଘର

**ରାଉରକେଲ ଅଫିସ,୧୪।୩**



ରାଉରକେଲା ମୁଖ୍ୟ ଡାକଘର।

ରାଉରକେଲା ସହରର ପ୍ରମୁଖ ତିନି ମୁଖ୍ୟ ଡାକଘର ଏବେ ନାନା ସମସ୍ୟା ଦେଇ ଗତି କରୁଛି। ଫଳରେ ଏହି ସବୁ ଡାକଘରକୁ ଆସୁଥିବା ଲୋକମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁସାରେ, ରାଉରକେଲା ସହରରେ ଉଦିତନଗର ଏଚ୍‌ଓ, ରାଉରକେଲା ଏଚ୍‌ଓ ଓ ପାନପୋଷ ଏଚ୍‌ଓ ରହିଛି। ଏହି ଡାକଘର ଜରିଆରେ ପାଖାପାଖି ୫ଲକ୍ଷ ଲୋକ ସେବା ପାଇଥାନ୍ତି। ବର୍ତ୍ତମାନ ଡାକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଡିଜିଟାଲ ହୋଇସାରିଛି। ବ୍ୟାଙ୍କମାନଙ୍କ ଭଳି ପୋଷ୍ଟାଲ ସିଷ୍ଟମରେ ମଧ୍ୟ ଅନେକ ଉନ୍ନତି ଘଟିଛି। ଏବେ ପୋଷ୍ଟାଲ ସମ୍ପୂର୍ଣ୍ଣ ବ୍ୟାଙ୍କିଙ୍ଗ କ୍ଷେତ୍ର ପାଲଟି ଯାଇଥିବା ବେଳେ ଟଙ୍କା ଜମା କରିବାଠୁ ଆରମ୍ଭ କରି ନେଣଦେଣ, ବୀମା, ଅନ୍‌ଲାଇନ୍ ଆଧାରକାର୍ଡ ପଞ୍ଜୀକରଣ ସହ ବାଳିକାମାନଙ୍କ ପାଇଁ ସୁକନ୍ୟା ଯୋଜନା ମଧ୍ୟ ପୋଷ୍ଟାଲରେ କରାଯାଉଛି। ଏଥିସହିତ ସରକାରୀ ଓ ବେସରକାରୀ ଜରୁରୀ ଚିଠିପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଠିକ୍ ସ୍ଥାନରେ ପହଞ୍ଚାଇବା, ପାର୍ସଲ ପଠାଇବା ଭଳି ଅନେକ ବହୁମୁଖି କାମ ମଧ୍ୟ ଡାକଘରେ କରାଯାଉଛି। ଏସବୁ ସେବା ପ୍ରଦାନ କରୁଥିବା ରାଉରକେଲାର ଉଦିତନଗର ଏଚ୍‌ଓର ପୁରୁଣା ଅଚଳ ଜେନେରେଟରକୁ ବଦଳା ଯାଉନାହିଁ। ଫଳରେ ବିଦ୍ୟୁତ୍ କାଟ୍ ହେଲେ ଅଫିସରେ ନିୟୋଜିତ କର୍ମଚାରୀ ଓ ପୋଷ୍ଟାଲ ଗ୍ରାହକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନି। ପୁରୁଣା ଟ୍ରାନ୍ସଫର୍ମର ମରାମତି କରି ଯେନତେନ ପ୍ରକାରେ କାମ ଚାଲିଛି। ଏ ସମ୍ପର୍କରେ ଉଦିତନଗର ଏଚ୍‌ଓ ପୋଷ୍ଟମାଷ୍ଟର ଦୀନବନ୍ଧୁ ସାଙ୍କୁ ପଚାରିବାରୁ ସେ କହିଥିଲେ, ନୂଆ ଜେନେରେଟର ୧୫ଦିନ ମଧ୍ୟରେ ଆସିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ଆଗରୁ ପୁରୁଣା ଜେନେରେଟରରେ କାମ ଚାଲୁଥିଲା। ବର୍ତ୍ତମାନ ଖରା ଅଧିକ ହେଲାଣି। ନୂଆ ଜେନେରେଟର ଲାଗିଲେ କର୍ମଚାରୀ ଆଶ୍ୱସ୍ତି ହେବା ସହ ଗ୍ରାହକ ମଧ୍ୟ ଉପକୃତ ହେବେ ବୋଲି ସେ କହିଥିଲେ।

ରାଉରକେଲା ଏଚ୍‌ଓ ବିଲ୍ଡିଂ ଦିନକୁ ଦିନ ଜରାଜୀର୍ଣ୍ଣ ହେଉଥିଲେ ମଧ୍ୟ ପୁନରୁଦ୍ଧାର କରାଯାଉନାହିଁ। ଏଥିସହିତ ରାଉରକେଲା ଏଚ୍‌ଓରେ ଅନେକ ପଦବୀ ଖାଲି ରହିଛି। ଏହି ପଦବୀ ପୂରଣ କରାଯାଉ ନ ଥିବାରୁ ଲୋକଙ୍କୁ ସେବା ଯୋଗାଣରେ ସମସ୍ୟା ହେଉଛି। ଏ ସମ୍ପର୍କରେ ରାଉରକେଲା ଏଚ୍‌ଓ ପୋଷ୍ଟମାଷ୍ଟର ନିରଞ୍ଜନ ଶତପଥି କୁହନ୍ତି, ରାଉରକେଲା ଏଚ୍‌ଓ ବିଲ୍ଡିଂ ବହୁ ପୁରୁଣା। ଦୀର୍ଘଦିନ ହେଲା ମରାମତି ହୋଇନାହିଁ। ଏହି ଡାକଘର ଉନ୍ନତୀକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର କୁହାଯାଇଛି। ତେବେ ଉକ୍ତ ପୁରୁଣା ବିଲ୍ଡିଂକୁ ତୁରନ୍ତ ମରାମତି କରାଯିବ ବୋଲି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଶତପଥି କହିଛନ୍ତି।

ସେହିପରିବ୍ରିଟିଶ ଅମଳର ପାନପୋଷ ଡାକଘରେ ମଧ୍ୟ ବିଭିନ୍ନ ପଦବୀରେ ଥିବା କର୍ମଚାରୀଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଉଛି। ଫଳରେ ସେଠାରେ ମଧ୍ୟ ଅଧିକାଂଶ ସମୟରେ ଜଣେ ପୋଷ୍ଟ ମାଷ୍ଟରଙ୍କୁ ସବୁ କାର୍ଯ୍ୟ ତୁଲାଇବାକୁ ପଡୁଛି। ଏହି ଡାକଘରେ ଦୀର୍ଘବର୍ଷ ହେଲା ଜେନସେଟ୍ ନାହିଁ କି ପାଚେରି ମଧ୍ୟ ନାହିଁ। ଫଳରେ ଅଫିସ ବନ୍ଦ ହେଲେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଝିଅର ସୁକନ୍ୟା ଯୋଜନା ଖାତାରେ ଟଙ୍କା ଜମା କରିବାକୁ ଅନେକ ଦିନ ହେଲା ଡାକଘରକୁ ଧାଉଁଥିଲେ ମଧ୍ୟ ବିଦ୍ୟୁତ୍ କାଟ୍, ଲିଙ୍କ୍ ବିଚ୍ଛିନ୍ନ ଓ ସର୍ଭର ଡାଉନ୍ ଯୋଗୁ କାମ ହେଉନାହିଁ ବୋଲି ପୋଷ୍ଟାଲ ଗ୍ରାହକ ମନୋଜ ବେହେରା କହିଛନ୍ତି। ଏ ନେଇ ପୋଷ୍ଟ ମାଷ୍ଟର ମୃତ୍ୟୁଞ୍ଜୟ ବାରିକଙ୍କୁ ପଚାରିବାରୁ ସେ କହିଥିଲେ, ପାଚେରି ନ ଥିବାରୁ ପୋଷ୍ଟ ଅଫିସ ଆଗରେ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ରହୁଛି। ପାଚେରି ପାଇଁ ଅନୁଦାନ ମିଳିଛି। ତୁରନ୍ତ କାମ ଆରମ୍ଭ କରାଯିବ ବୋଲି ସେ କହିଥିଲେ।

# ୧୮ରୁ ବସନ୍ତ ସମାରୋହ


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କମିଟି କର୍ମକର୍ତ୍ତାବୃନ୍ଦ।

**ରାଉରକେଲା ଅଫିସ,୧୪।୩**

ରାଉରକେଲାର ସମ୍ଭ୍ରାନ୍ତ କଳା ସଂସ୍କୃତି ଅନୁଷ୍ଠାନ ମ୍ୟୁଜିକ୍ ସର୍କଲ ଆନୁକୂଲ୍ୟରେ ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସ୍ଥାନୀୟ ମେହେର ଭବନରେ ବସନ୍ତ ସମାରୋହ ଅନୁଷ୍ଠିତ ହେବ। ଏ ନେଇ ସମାରୋହର କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାଶ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନୁଷ୍ଠାନର ଉପଦେଷ୍ଟା ଭବେଶ ଚନ୍ଦ୍ର ସାହୁ ଓ ସମ୍ପାଦକ ଲକ୍ଷ୍ମଣନାଥ ଦାସ ସୂଚନା ଦେଇ କହିଥିଲେ, ସବୁ କାର୍ଯ୍ୟକ୍ରମ ୩ଟି ପର୍ଯ୍ୟାୟରେ କରାଯିବ। ୧ମ ପର୍ଯ୍ୟାୟ କାର୍ଯ୍ୟକ୍ରମ ମାର୍ଚ୍ଚ ୧୮ରେ ହେବ। ଏଥିରେ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବକୁ ତଥା ସ୍ପ୍ରିଙ୍ଗ ଭ୍ୟାଲି ଶିଶୁ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବକୁ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ ଉଦ୍‌ଘାଟନ କରିବେ। ୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ମାର୍ଚ୍ଚ ୧୯ରୁ ୨୧ ତାରିଖ ଯାଏ କରାଯିବ। ଏହାକୁ ରାଉରକେଲା ବିଧାୟକ ତଥା ଅନୁଷ୍ଠାନର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିବେ। ସମାରୋହରେ ସ୍ୱନାମଧନ୍ୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବ। ଏହି ପରିପ୍ରେକ୍ଷୀରେ ସଙ୍ଗୀତଜ୍ଞ ବି. ବୁଦ୍ଧପ୍ରସାଦ ରାୟଙ୍କୁ ବସନ୍ତ ସମ୍ମାନ-୨୦୨୩, ନାଟ୍ୟକାର ପ୍ରଫେସର ଡଃ ସମର ମୁଦାଲିଙ୍କୁ ମୁକ୍ତିକାନ୍ତ ନାଟ୍ୟ ସମ୍ମାନ-୨୦୨୩, କବୟିତ୍ରୀ ଅଙ୍ଗୁରବାଳା ପରିଡାଙ୍କୁ ପ୍ରଭାତ ନଳିନୀ ସାହିତ୍ୟ ସମ୍ମାନ-୨୦୨୩ରେ ସମ୍ମାନିତ କରାଯିବ। ସେହିପରି ନୃତ୍ୟ ସଙ୍ଗୀତର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ମାର୍ଚ୍ଚ ୨୨ତାରିଖ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବାସନ୍ତୀକା ସାହିତ୍ୟ ସମାରୋହ ସହ ବହୁଭାଷୀ କବିତା ପାଠୋତ୍ସବ ରାଉରକେଲା ଅତିରିକ୍ତ ଜିଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହେବ ବୋଲି ସୂଚନା ଦିଆଯାଇଥିଲା। ପ୍ରତାପ କୁମାର ରାୟ, ବିବେକାନନ୍ଦ ପଣ୍ଡା, ସ୍ନେହଲତା ନାୟକ, ସନ୍ତୋଷ କୁମାର ମଲ୍ଲିକ ଓ କିଶୋର କୁମାର ନାୟକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବଳାତ୍କାର ଅଭିଯୋଗରେ ଦେଢଶୁର ଗିରଫ

**କୁଆଁରମୁଣ୍ଡା,୧୪।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଭାଇବୋହୁଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଦେଢଶୁରଙ୍କୁ ମଙ୍ଗଳବାର ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ ,ସୋମବାର ସକାଳ ୮ଟା ସମୟରେ ସାନ ଭାଇ,ମା',ବାପା ମୂଲ ଲାଗିବାକୁ ବାହାରକୁ ଯିବା ପରେ ଘରେ ସାନ ଭାଇ ସ୍ତ୍ରୀଙ୍କୁ ଏକୁଟିଆ ପାଇ ଅବିବାହିତ ବଡ଼ଭାଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡ଼ିତା ନିଜ ସ୍ୱାମୀଙ୍କୁ ଫୋନ ଯୋଗେ ଜଣାଇବା ପରେ ସାନ ଭାଇ ଘରେ ପହଞ୍ଚି ଘଟଣା ବିଷୟରେ ଅବଗତ ହୋଇ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରିଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ ସୁନ୍ଦରଗଡ ବାଳ ସୁଧାର କେନ୍ଦ୍ରକୁ ପଠାଯାଇଛି । ଏ ନେଇ ପୋଲିସ ଦଫା ୩୭୬, ୫୦୬, ୬, ପୋକ୍ସୋ ଆକ୍ଟରେ ଏକ ମାମଲା (୬୦/୨୩) ରୁଜୁ କରି ତଦନ୍ତ ଚଳାଇଛି ବୋଲି ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

### ଅଳିଆ ନିଆଁରେ ଜଳିଗଲା ଜେସିବି, କାର୍


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ରାଉରକେଲା ଅଫିସ,୧୪।୩**

ଅଳିଆ ଗଦା ନିଆଁରେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି)ର ଏକ ଆମ୍ବାସାଡାର କାର ଓ ଜେସିବି ଜଳିଯାଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଆର୍‌ଏମ୍‌ସି ପାର୍କିଂ ସଂଲଗ୍ନ ଅଳିଆ ଗଦାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସୂଚନା ପାଇ ରାଉରକେଲାର ଅତିରିକ୍ତ ଅଗ୍ନିଶମ ଅଧିକାରୀ ସରୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ କେନ୍ଦ୍ରର ୨ଟି ୟୁନିଟ୍ ନିଆଁ ଲାଗିଥିବା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ନିଆଁରେ ଆର୍‌ଏମ୍‌ସିର କାର୍ ଓ ଜେସିବି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଳିଆ ଗଦାକୁ ନିଆଁ କିପରି ଆସିଲା ତାହା ଜଣା ପଡିନାହିଁ। ଆର୍‌ଏମ୍‌ସି ପାର୍କିଂ ତୁରନ୍ତ ଅଳିଆ ଗଦା ସ୍ଥଳରୁ ହଟାଇବାକୁ ଦାବି ହେଉଛି।

### ଉମଙ୍ଗ ମନ୍ଦିର, ଆଉଟବାଉଣ୍ଡ ରିଟ୍ରିଟ୍ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ ଏବଂ ଅନ୍ୟମାନେ।

**ରାଉରକେଲା ଅଫିସ,୧୪।୩**

ମାନବ ସମ୍ବଳ ବିକାଶ ପ୍ରୟାସରେ ଅନ୍ୟ ଏକ ନୂତନ ଦିଗ ସଂଯୋଗ ପୂର୍ବକ ଏକ ନୂତନ ତାଲିମ ସୁବିଧା ଉମଙ୍ଗ ମନ୍ଦିର, ଆଉଟ ବାଉଣ୍ଡ ରିଟ୍ରିଟ୍‌କୁ ରାଉରକେଲା ଇସ୍ପାତ କାରଖାନାର ମନ୍ଦିରା ଡ୍ୟାମ୍‌ରେ ମଙ୍ଗଳବାର ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ହୋତା, ସିଆଇଏସ୍‌ଏଫ୍ ଡିଆଇଜି ଡାକ୍ତର ଶିଖର ସହାୟ, ଖଣି ବିଭାଗ ସିଜିଏମ୍ ଇନଚାର୍ଜ ପି. କେ. ରଥ, ବିତ୍ତ ଓ ଲେଖା ବିଭାଗ ସିଜିଏମ୍ ଇନଚାର୍ଜ ଏ. କେ. ବେହୁରିଆଙ୍କ ସମେତ ବହୁ ସିଜିଏମ୍, ସିଆଇଏସ୍‌ଏଫ୍‌ର ଅନେକ ବରିଷ୍ଠ ଅଧିକାରୀ, ଟ୍ରେଡ୍ ୟୁନିୟନ, ଅଧିକାରୀ ଏବଂ ସଂଘର ବହୁ ପ୍ରତିନିଧି ଉପସ୍ଥିତ ଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ ଭୌମିକ କହିଥିଲେ, ଶିଳ୍ପଗୁଡିକ ମଧ୍ୟରେ ସେଲ୍ ନିକଟରେ ସର୍ବଶ୍ରେଷ୍ଠ ମାନବ ସମ୍ବଳ ରହିଛି। ସେଲ୍‌ର ମାନବସମ୍ବଳ ଗୁଣବତ୍ତା ସମଗ୍ର ଦେଶରେ ନିଜର ପରିଚୟ ସୃଷ୍ଟି କରିଛି। ତଥାପି ଅତ୍ୟଧିକ ପ୍ରତିଯୋଗିତାମୂଳକ ସମୟରେ ପରିବର୍ତ୍ତିତ ବଜାର ସ୍ଥିତି ସହ ଗତି କରିବା ଏବଂ ସମସାମୟିକ ସହ ପ୍ରତିଦ୍ୱନ୍ଦିତା ବଜାୟ ରଖିବା ପାଇଁ ସାମର୍ଥ୍ୟ ଦଳ ଗଠନ ଦକ୍ଷତା ଓ ନେତୃତ୍ୱ ଗୁଣ ବିକାଶ ପାଇଁ ଅଭିନବ ପ୍ରଣାଳୀ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ଅଟେ। ନୂତନ ବ୍ୟବସ୍ଥାକୁ ନେଇ ଖୁସି ବ୍ୟକ୍ତ କରି ଡିଆଇସି କହିଥିଲେ, ଏହି ଚମତ୍କାର ବିକଶିତ ସୁବିଧା ଗୁଡିକରେ ସ୍ୱତନ୍ତ୍ର ଭାବେ ପରିକଳ୍ପିତ ମନୋରଞ୍ଜନ କାର୍ଯ୍ୟକଳାପ ନିଶ୍ଚିତ ଭାବେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ସୂକ୍ଷ୍ମ କୌଶଳକୁ ତୀକ୍ଷ୍ଣ କରିବା ଓ ସାଙ୍ଗଠନିକ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଆଉଟବାଉଣ୍ଡ ଟ୍ରେନିଂ ସୁବିଧାର ବିକାଶ ସହିତ ସମସ୍ତ ବିଭାଗର ଉଦ୍ୟମକୁ ଡିଆଇସି ପ୍ରଶଂସା କରିଥିଲେ। ଏହି ସୁବିଧା କେନ୍ଦ୍ରର ନାମକରଣ ପାଇଁ ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶୁଭବ୍ରତ ସାହୁଙ୍କୁ ଡିଆଇସି ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଏଚ୍‌ଆରଡି ବିଭାଗର ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ସ୍ୱାଗତ ଜଣାଇଥିଲେ। ଏଚ୍‌ଆରଡି ବିଭାଗର ଏଜିଏମ୍ କେ. କେ. ଜୟଶ୍ୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜଙ୍ଗଲ ନିଆଁରେ ଜଳିଗଲା ଜଙ୍ଗଲ ବିଭାଗ ଗାଡ଼ି

**ସୁନ୍ଦରଗଡ,୧୪।୩(ଡି.ଏନ.ଏ.)**


ପୋଡି ଯାଇଥିବା ଜିପ।

ଜଙ୍ଗଲରେ ଲାଗିଥିବା ନିଆଁରେ ଜଙ୍ଗଲ ବିଭାଗର ଏକ ଗାଡି ପୋଡି ଯାଇଛି। ସୁନ୍ଦରଗଡ ସଦର ରେଞ୍ଜ ଅନ୍ତର୍ଗତ ମେଦିନପୁର ଖେସ୍ରା ଜଙ୍ଗଲରେ ମଙ୍ଗଳବାର ଏହି ଘଟଣା ଘଟିଛି। ପ୍ରକାଶ ଯେ, ଖେସ୍ରା ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଜଙ୍ଗଲ ବିଭାଗର ଏକ ପାଟ୍ରୋଲିଂ ଜିପ( ନଂ ଓଆର-୧୬-୪୮୫୦)ରେ ବନବିଭାଗ କର୍ମଚାରୀମାନେ ଅପରାହ୍ନରେ ସେଠାକୁ ଯାଇଥିଲେ । ପ୍ରଥମେ ଉକ୍ତ ଜଙ୍ଗଲକୁ ଲାଗି ରହିଥିବା ଚାଷ ଜମିର ଅଧା କଟା ନଡାରେ ଲାଗିଥିବା ନିଆଁକୁ ଲିଭାଇବା ପରେ ସେଠାରେ ଗାଡିକୁ ରଖି ଜଙ୍ଗଲ ଭିତର ନିଆଁ ଲିଭାଇବାକୁ ଯାଇଥିଲେ। ତେବେ ସମ୍ଭବତଃ ପବନ ଯୋଗୁ ଜିପରେ ନିଆଁ ଲାଗିଯାଇଥିଲା। ସଦର ରେଞ୍ଜ ଅଧିକାରୀ ଅରୁଣ କୁମାର ବେହେରା ପହଞ୍ଚି ଥିଲେ । ଖବରପାଇ ସୁନ୍ଦରଗଡ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଜିପଟି ପୋଡି ନଷ୍ଟ ହୋଇଯାଇଛି। ସୁନ୍ଦରଗଡ ଡିଏଫଓ ପ୍ରଦୀପ ମିରାସେ କହିଛନ୍ତି , ଜଙ୍ଗଲରେ ନିଆଁ ଲାଗିବା ଖବର ପାଇ ବନ ବିଭାଗ ଟିମ୍ ଯାଇଥିବା ବେଳେ ପବନ ଯୋଗୁ ସମ୍ଭବତଃ ଜିପରେ ନିଆଁ ଲାଗିଯାଇଥିଲା।

### ଦୁର୍ଘଟଣାରେ ଜଣେ ମୃତ

**ହେମଗିର,୧୪।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ଗଜନବାହାଲଠାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୋର ୪ଟା ସମୟରେ ବାରଚକିଆ ଟ୍ରକ (ନଂ ଓଡି ୧୬ କେ ୦୦୭୮) ଆଗରେ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ପଛରେ ଥିବା ବାରଚକିଆ ଟ୍ରକର ଡ୍ରାଇଭର ଦିନେଶ ରାଜଭର (୪୫) ଗୁରୁତର ଆହତ ହୋଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ହେମଗିର ପୋଲସ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ବ୍ୟକ୍ତିଙ୍କ ଘର ଉତ୍ତରପ୍ରଦେଶରେ ବୋଲି ଜଣାପଡ଼ିଛି ।

### ସ୍ତ୍ରୀଙ୍କୁ ହାଣି ହତ୍ୟା: ସ୍ୱାମୀ ଗିରଫ

**ସୁନ୍ଦରଗଡ଼,୧୪।୩(ଡି.ଏନ୍.ଏ.)**

ପ୍ରଥମେ ଟାଙ୍ଗିଆ, ପରେ ତାଉଲି ଓ ଶେଷରେ ପନିକିରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ସ୍ୱାମୀ । ସୁନ୍ଦରଗଡ଼ ଜିଲା ରାଏବଗା ଥାନା ଅନ୍ତର୍ଗତ ଝମେନକେରା ପୋଖରାଟୋଲି ଗ୍ରାମରେ ସୋମବାର ଅପରାହ୍ନରେ ଏହି ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି । ମୃତା ମହିଳା ହେଲେ ଅନୀତା ବାଗ(୪୦)। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗୋପାଳ ବାଗ(୪୫)ଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ପାରିବାରିକ ବିଷୟକୁ ନେଇ ଏହି ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ଲାଗୁଥିଲା। ଘଟଣା ଦିନ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା । ଏହି ସମୟରେ ଗୋପାଳ ଉତ୍ତ୍ୟକ୍ତ ହୋଇ ପ୍ରଥମେ ଏକ ଟାଙ୍ଗିଆରେ ଅନୀତାଙ୍କ ବେକରେ ଚୋଟ ପକାଇଥିଲେ। ସେ ବିକଳ ହୋଇ ଚିତ୍କାର କରିବା ସମୟରେ ପୁଣି ଏକ ତାଉଲିରେ ହାଣିଥିଲେ । ଶେଷରେ ପନିକି ଆଣି ବେକରେ ଚୋଟ ପକାଇବାରୁ ଘଟଣାସ୍ଥଳରେ ଅନୀତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଗ୍ରାମର ଆଶାକର୍ମୀ ଶୋଭା ବାଗେ ଥାନାରେ ରିପୋର୍ଟ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ଏନେଇ ପୋଲିସ ରାଏବଗା ଥାନାରେ ନଂ. ୩୬/୨୦୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ଗୋପାଳଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଏପରି ନାରକୀୟ କାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ମୃତା ମହିଳାଙ୍କ ଦୁଇଟି ସନ୍ତାନ ଅଛନ୍ତି । ଝିଅ ବିବାହ କରିଥିବା ଜଣାଯାଇଛି ।

# ଆଉଟସୋର୍ସିଂ କର୍ମଚାରୀ ସଂଘର ସ୍ମାରକପତ୍ର ପ୍ରଦାନ

**ଦେବଗଡ଼,୧୪।୩(ଡି.ଏନ.ଏ.)**



ଆଉଟସୋର୍ସିଂ କର୍ମଚାରୀମାନେ ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

୧୧ଦଫା ଦାବି ପୂରଣ ନେଇ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଦେବଗଡ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଂଘ ସଭାପତି ହେମନ୍ତ କୁମାର ନାୟକ, ଉପସଭାନେତ୍ରୀ ପୁଷ୍ପାଞ୍ଜଳି ଦାଶ, ସମ୍ପାଦକ ଦିବ୍ୟଶଙ୍କର ଗିରି, କୋଷାଧକ୍ଷ ବ୍ୟୋମକେଶ ଶତପଥି ଓ ସଂଘର କାର୍ଯ୍ୟକାରୀ ସଦସ୍ୟ ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ ବହୁ ସଦସ୍ୟାସଦସ୍ୟ ଦେବଗଡ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୨ ଜୁଲାଇ ୧୩ ପୂର୍ବରୁ କାର୍ଯ୍ୟରେ ଯୋଗଦାନ କରିଥିବା ସରକାରୀ ଆଉଟସୋର୍ସିଂ କର୍ମଚାରୀମାନଙ୍କ ନିଯୁକ୍ତିକୁ ନିୟମିତ କରାଯିବା, କୌଣସି କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର ନ କରିବା, ଯେଉଁମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି ସେମାନଙ୍କୁ ଆଗାମୀ ୭ଦିନ ମଧ୍ୟରେ ପୁଣିଥରେ କାର୍ଯ୍ୟରେ ନିୟୋଜିତ କରାଯିବା, ଇପିଏଫ ଓ ଇଏସ୍‌ଆଇ ଅର୍ଥ ନିଜ ନିଜ କାର୍ଯ୍ୟାଳୟ ଅଧିକାରୀମାନଙ୍କ ଦ୍ୱାରା ଜମା କରାଯିବା, ୬ ବର୍ଷ ପୂରଣ କରିଥିବା କର୍ମଚାରୀ କୌଣସି କାରଣରୁ ଦିବ୍ୟାଙ୍ଗ ହୋଇଗଲେ ସେମାନଙ୍କୁ ୬ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଓ ମୃତ୍ୟୁ ହେଲେ ପରିବାରକୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ଏବଂ ବାର୍ଷିକ କାର୍ଯ୍ୟଦକ୍ଷତା ଭିତ୍ତିରେ ଇନକ୍ରିମେଣ୍ଟ ବାବଦ ୧୦ ପ୍ରତିଶତ ପ୍ରାପ୍ୟ ବୃଦ୍ଧି କରିବା ଆଦି ଦାବି ରହିଛି । ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ଉପଦେଷ୍ଟା କମଳିନୀ ରଥ, ସୁବ୍ରତ କୁମାର ସାହୁ, ସଦସ୍ୟା ରଶ୍ମିତା ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ ମନୋରଞ୍ଜନ ଟାଲି ଓ ଶିବାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ।

### ଗଛରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କୋକଡ଼ମାଲ ନିକଟରେ ଗଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭବାନୀପାଟଣା ନିକଟସ୍ଥ ଘଣ୍ଟବାହାଲି ଗ୍ରାମର ଗୋପାଳ ବାଗ। ଗୋପାଳ କୌଣସି କାମରେ କୋକଡ଼ମାଲକୁ ଯାଇ ଫେରୁଥିବା ବେଳେ ଭାରସମ୍ୟ ହରାଇ ଗଛରେ ପିଟିହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ମାଟି ଚିକିତ୍ସା ଶିବିର

**ଲୋଇସିଂହା,୧୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାଟି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବପୁରୁଷମାନେ ଶରୀରରେ ମାଟିବୋଳି ସ୍ନାନ କରୁଥିଲେ। ଏଥିଯୋଗୁ ବିଭିନ୍ନ ଚର୍ମରୋଗ ସହ ଦୂରାରୋଗ୍ୟରୁ ଲୋକେ ମୁକ୍ତି ପାଉଥିଲେ। ଏବେ ରାସାୟନିକଯୁକ୍ତ ସାବୁନ ବ୍ୟବହାର ଦ୍ୱାର ଚର୍ମ ରୋଗ ଦେଖ ଯାଉଛି। ଏଣୁ ମାଟିକୁ ଅପଣାଇବାକୁ ସମିତିର ସକ୍ରିୟ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ପରାମର୍ଶ ଦେଇଥିଲେ। ଗ୍ରାମର ରଘୁନାଥ ନାୟକଙ୍କ ଉଦ୍ୟମକ୍ରମ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବହୁ ଯୁବକ ସାମିଲ ହୋଇ ଏହାର ପ୍ରୟୋଗ କରିଥିଲେ।

### କଫ୍ ସିରପ ବିରୋଧୀ ଅଭିଯାନକୁ ନାଗରିକ କମିଟିର ପ୍ରଶଂସା

**ବଲାଙ୍ଗୀର ଅଫିସ, ୧୪।୩:** ବଲାଙ୍ଗୀର ସହରରେ ବୃଦ୍ଧି ପାଉଥିବା ନିଶା କରାବାରକୁ ନେଇ ସହରବାସୀ ଅତିଷ୍ଠ ହୋଇପଡିଥିଲେ। ପ୍ରାୟ ପ୍ରତିଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ଏଭଳି ସମୟରେ ବଲାଙ୍ଗୀର ପୋଲିସ ନିଶା କରାବାର ବିରୋଧରେ ସ୍ୱତନ୍ତ୍ର ଦମନମୂଳକ ଅଭିଯାନ ଆରମ୍ଭ କରିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ପ୍ରଶଂସା କରାଯାଇଛି। ମଙ୍ଗଳବାର ନାଗରିକ କମିଟିର ଏକ ପ୍ରତିନିଧି ଦଳ ଏସ୍‌ପି ନୀତିନ କୁଶଲକରଙ୍କ ଅନୁପସ୍ଥିତିରେ ଆଡିସନାଲ ଏସ୍‌ପି ସୁରେଶ କୁମାର ନାଏକଙ୍କୁ ସାକ୍ଷାତ କରି ପୋଲିସର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ କମିଟି ସଭ୍ୟ ଗୋପଭୂଷଣ ନାଥ, ଦିବାକର ହୋତା, ଆର୍ତ୍ତତ୍ରାଣ ମିଶ୍ର ଆଡିସନାଲ ଏସ୍‌ପ ନାଏକଙ୍କୁ ସାକ୍ଷାତ କରିଥିଲେ। ଆଗାମୀ ଦିନରେ ପୋଲିସ ନିଶା ବିରୋଧୀ ଅଭିଯାନ ଜାରି ରଖିବାକୁ କମିଟି ସଦସ୍ୟମାନେ ଅନୁରୋଧ କରିଛନ୍ତି।

### ଖବରକାଗଜ ବିତରକଙ୍କ ମାତୃ ବିୟୋଗ



**ବଲାଙ୍ଗୀର ଅଫିସ, ୧୪।୩:** ତରଭା ବ୍ଲକ ରମ୍ଭାସିଣ୍ଡୋଲ ନିବାସୀ ଖବରକାଗଜ ବିତରକ ଅକ୍ରୁର ମିଶ୍ରଙ୍କ ମାତା କୁମୁଦିନୀ ମିଶ୍ର (୯୫)ଙ୍କ ପରଲୋକ ହୋଇଯାଇଛି। ଜଣେ ଧର୍ମପ୍ରାଣା ଏବଂ ମିଷ୍ଟାଭାଷୀ ମହିଳା ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁବେଳକୁ ବଡପୁଅ ଅକ୍ରୁର ମିଶ୍ର, ସାନପୁଅ ଭଗବାନ ମିଶ୍ର, ଦୁଇ ବୋହୂ, ନାତି ନିରଞ୍ଜନ ଓ ନିତେଶ ଉପସ୍ଥିତ ଥିଲେ। ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଅକ୍ରୁର ମୁଖାଗ୍ନି ଦେଇଥିଲେ।

# ବଢ଼ି ଚାଲିଛି ବେଆଇନ ଇଟାଭାଟି

**ଦେଓଗାଁ,୧୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅଞ୍ଚଳରେ ବେଆଇନ ଇଟାଭାଟି ଗଢ଼ି ଉଠିଛି। ସରକାର ଇଟାଭାଟି ଗଢିବା ନିଷିଦ୍ଧ କରିଥିବାବେଳେ ତହସିଲ ଅଧୀନରେ ଇଟାଭାଟି ଚାଲିଛି। କୁତୁର୍ଲା, ମହଲେଇ ଆରଆଇ ସର୍କଲରେ ଚାଲିଥିବା ବେଆଇନ ଇଟା ଭାଟି ଉପରେ ଚଢାଉ କରାଯାଇ ମାଲିକମାନଙ୍କଠାରୁ ଟଙ୍କା ଆଦାୟ କରାଯାଉଥିବାବେଳେ ରସିଦ କଟା ଯାଉନାହିଁ। ଯେଉଁଠାରେ ବି ରସିଦ କଟା ଯାଉଛି ସେଠାରେ ନିଆଯାଉଥିବା ଟଙ୍କାରୁ ଢେର କମ୍ କଟାଯାଉଥିବା ଚର୍ଚ୍ଚା ହେଉଛି। ରାଜ୍ୟ ସରକାର ମାଟିକ୍ଷୟ ରୋକିବା ସହ ପରିବେଶକୁ ପ୍ରଦୂଷଣକୁ ମୁକ୍ତ କରିବା ପାଇଁ ମାଟି ଇଟା ତିଆରି ପାଇଁ ନିଷିଦ୍ଧ କରିଛନ୍ତି। ଏଥିସହ ବେଆଇନ ଇଟା ଭାଟି ଉପରେ ଚଢାଉ କରି ପାଣି ପକାଇ ନଷ୍ଟ କରିଦେବା ପାଇଁ କଡା ନିର୍ଦ୍ଦେଶ



ଦେଓଗାଁ ତହସିଲ ଅଞ୍ଚଳର ଏକ ଇଟାଭାଟି।

ରହିଛି। କିନ୍ତୁ ଦେଓଗାଁ ତହସିଲ ଅଧିନରେ ଥିବା ଆରଆଇ ସର୍କଲରେ ତାର ଓଲଟା ଦେଖିବାକୁ ମିଳୁଛି। ଇଟାପୋଡା ଜଙ୍ଗଲରୁ ଗଛକଟା ଯାଉଛି। ଏଥି ପାଇଁ ଜଙ୍ଗଲ କ୍ଷୟ ହେଉଛି। ପାଣିପାଗ ଉଷ୍ମ ହେଉଛି।

ମିଳିଥିବା ତଥ୍ୟ ଅନୁସାରେ ତହସିଲ ଅଧୀନ ସାତଟି ରାଜସ୍ୱ ସର୍କଲରୁ ଦେଢ ମାସ ଭିତରେ ସରକାରଙ୍କ ପାଖକୁ

### ତଦନ୍ତ ପରେ ବେଆଇନ ଇଟାଭାଟି ଭଙ୍ଗାଯିବ: ତହସିଲଦାର

କେବଳ ଦେଢଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି। କିନ୍ତୁ ତହସିଲ ଅଞ୍ଚଳରେ ବର୍ତ୍ତମାନ ଦୁଇଶହରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି ଚାଲିଥିବା କୁହାଯାଉଛି। ରାଜସ୍ୱ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱହାନୀ ଘଟୁଥିବା ଚର୍ଚ୍ଚା ହେଉଛି। ମୁରିବାହାଲ, କଣ୍ଟାବାଞ୍ଜି, ପାଟଣାଗଡର ତହସିଲଦାର ଇଟାଭାଟିଗୁଡିକୁ ଚଢାଉ କରି ନଷ୍ଟ କରିଥିବା ବେଳେ ଏଠାରେ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ହେଉଛି। ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ ତଦନ୍ତ ପରେ ବେଆଇନ ଇଟାଭାଟିଗୁଡିକୁ ଭଙ୍ଗାଯିବ ବୋଲି କହିଥିଲେ।

## ବାଲ୍ୟ ବିବାହ, ସ୍ୱଚ୍ଛ ଭାରତ ସଚେତନତା ଶିବିର



ବାଲ୍ୟ ବିବାହ ନିରାକରଣ ସଚେତନା ଶିବିରରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୧୪।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ବାଲ୍ୟ ବିବାହ ନିରୋଧ ଏବଂ ସ୍ୱଚ୍ଛଭାରତ ମଶନ ପକ୍ଷରୁ ଏକଦିବସୀୟ ତାଲିମ ଶିବର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଆୟୋଜିତ ଶିବିରରେ ବିଡିଓ ଆକାଶ ରଞ୍ଜନ ସାହୁ, ଜିପିଓ କିଶୋର ମାନସିଂ ଅତିଥିଭାବେ ଯୋଗଦେଇଥିଲେ। ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ପାଇଖାନକୁ ଲୋକେ ବ୍ୟବହାର କରି କିପରି ଗାଁକୁ ବାହ୍ୟ ମଳମୁକ୍ତ କରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ ପଞ୍ଚାୟତ ପ୍ରତିନିଧିମାନଙ୍କୁ କହିଥିଲେ। ପଞ୍ଚାୟତ ଅଞ୍ଚଳରେ ଉନ୍ନୟନ କାମ ସହ ଶିଶୁ ବିକାଶ, ମହିଳା ସଶକ୍ତିକରଣ ସମେତ ପଞ୍ଚାୟତ ପକ୍ଷରୁ ନିଆଯାଇଥିବା ୩ଟି ସଂକଳ୍ପ ଦିଗରେ ଧ୍ୟାନ ଦେବାକୁ ଅଧିକାରୀମାନେ ବୁଝାଇଥିଲେ। ଅପରାହ୍ନରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମିତି ଏବଂ ବାଲ୍ୟ ବିବାହ ନିର୍ମୂଳ ଟାକ୍ସଫୋର୍ସର ପ୍ରଶିକ୍ଷଣ ଶିବର ଅୟୋଜିତ ହୋଇଥିଲା। ବିଡିଓ ସାହୁ, ଜିପିଓ ମାନସିଂ, ସିଡିପିଓ ପ୍ରଜ୍ଞାରାଣୀ ବାରିକଙ୍କ ସହ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ରୋକିବା ଦିଗରେ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ସିଡିପିଓ ବାରିକ କହିଥିଲେ। ବାଲ୍ୟ ବିବାହ ସୂଚନା ମିଳିଲେ ଜଣାଇବାକୁ ପଞ୍ଚାୟତ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ।

## ଗାନ୍ଧୀ ଦର୍ଶନ ଅଧ୍ୟୟନ କାର୍ଯ୍ୟକ୍ରମ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଦର୍ଶନ ଅଧ୍ୟୟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୧୪।୩**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଦୁଇଦିନିଆ ଦର୍ଶନ ଅଧ୍ୟୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଓ ୯/୧୧ ଶୀର୍ଷକ ବିଷୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଯୁକ୍ତରାଷ୍ଟ୍ର ସ୍ଥିତ ଜେମ୍‌ସ ମିଡସନ୍ ବିଶ୍ୱବିଦ୍ୟାଳୟର ହିନ୍ଦୁ ଓ ଗାନ୍ଧୀ ଦର୍ଶନ ବିଭାଗ ପ୍ରାଧ୍ୟାପକ ସୁଶୀଲ ମିତ୍ତଲ ଯୋଗଦାନ କରିଥିଲେ। ପ୍ରଥମ ଦିବସରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଦୀପ୍ତି ମଞ୍ଜରୀ ମେହେର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ବିଘ୍ନେଶ ପ୍ରସାଦ ମିଶ୍ର ଯୋଗଦାନ କରି ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ରାଜକିଶୋର ପାତ୍ର ସଭା ବିଷୟବସ୍ତୁ ଉପସ୍ଥାପନା କରିଥିଲେ। ସଭା ସଂଯୋଜନା କରିଥିଲେ ଅଧ୍ୟାପିକା ଡ ପଙ୍କଜିନୀ ମୁଲିଆ। ଅଧ୍ୟାପକ ବଂଶୀଧର ଦୀପ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଜେଭିର୍ ଖେସ ଛାତ୍ରୀଛାତ୍ରଙ୍କ ବିଷୟ ଉପସ୍ଥାପନାକୁ ପରିଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟର ଅନେକ ବିଭାଗରୁ ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇ ଗାନ୍ଧୀ ଦର୍ଶନ ଉପରେ ଆଲୋଚନା କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଛାତ୍ର ଗୁରୁତର

**ଲାଞ୍ଜିଗଡ,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶନାଥପୁର ପଞ୍ଚାୟତ ଅନ୍ତର୍ଗତ ଧଅଁରାଭଟାସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ସୋମବାର ବାଇକ୍ ଦୁର୍ଘଟଣାରେ ୨ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ମାଟ୍ରିକ୍ ସଂସ୍କୃତ ପରୀକ୍ଷା ଦେବାରୁ ଜଣେ ବଞ୍ଚିତ

ସୂଚନା ମୁତାବକ ୨ଜଣ ଛାତ୍ର ମ ୂ ଷ । ନ । ଳ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର। ସେମାନେ କୁମୁଡାପଦର ଗ୍ରାମର ଚିନ୍ମଟୁ ଦୋରା ଓ ରାଇଲଗୁଡା ଗ୍ରାମର ଜଗଦିଶ ଦୋରା। ଉଭୟେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା କେନ୍ଦ୍ର ବିଶନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲକୁ ଆସି ଗୋଲାଙ୍ଗବନ୍ଧ ନିଜ ସମ୍ପର୍କୀୟ ଘରେ ରହୁଥିଲେ। ସନ୍ଧ୍ୟା ୬ଟାରେ ଗୋଲାଙ୍ଗବନ୍ଧଠାରୁ ବିଶ୍ୱନାଥପୁର ଆସି ଫେରୁଥିବା ବେଳେ ତାଙ୍କ ସାଇକେଲ ଚେନ ଖୋଲିଥିବାରୁ ଚେନ ଲଗାଉଥିବା ବେଳେ ବିଶ୍ୱନାଥପୁର ପଟୁ ଆସୁଥିବା ବାଇକ୍ (ନଂ.ଓଡି୧୮ସି ୯୦୨୮) ଦ୍ରୁତ ଗତିରେ ଆସି ୨ଜଣଙ୍କୁ ପିଟି ଦେଇଥିଲା। ଜଣକର ଗୋଡ଼ ଭାଙ୍ଗି ଯାଇଥିବାବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ଖବର ପାଇ ସନ୍ତୋଷ କୁମାର ତୁଳ ୧୦୮କୁ ସୂଚନା ଦେଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ପରେ ଚିନ୍ମଟୁ ଦୋରାଙ୍କୁ ଘରକୁ ପଠାଇ ଦେଇଥିଲେ ଏବଂ ଜଗଦୀଶ ଦୋରାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ଜଗଦୀଶଙ୍କ ଡାହାଣ ଗୋଡ଼ ଜଙ୍ଘ ଏବଂ ନଳି ହାଡ ପାଖରେ ଭାଙ୍ଗି ଯାଇଥିବା ବେଳେ ସେ ବର୍ତ୍ତମାନ ଭବାନୀପାଟଣାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଗୋଡ଼ ଭାଙ୍ଗି ଯାଇଥିବାରୁ ଜଗଦୀଶ ମଙ୍ଗଳବାର ଥିବା ଦଶମ ବୋର୍ଡ ପରୀକ୍ଷାର ସଂସ୍କୃତ ବିଷୟ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ବାକି ବିଷୟଗୁଡିକର ପରୀକ୍ଷାରୁ ମଧ୍ୟ ବଞ୍ଚିତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ରାଷ୍ଟ୍ରୀୟ ଉଦ୍ୟୋଗକୁ ସ୍ଥାଣୁ କରୁଛି କେନ୍ଦ୍ର ସରକାର





କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କର୍ମକର୍ତ୍ତା।

**ସଇଁତଳା, ୧୪।୩(ଡି.ଏନ.ଏ.)**

ରାଷ୍ଟ୍ରୀୟ ଉଦ୍ୟୋଗଗୁଡ଼ିକୁ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର କମ୍ପାନୀ ହାତକୁ ଟେକିଦେବାରେ ଲାଗିଛି। ଏଣୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସକୁ ଜିତାଇ ଏହି ଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ବଲାଙ୍ଗୀର ଜିଲା ବଡ଼ମାଳ ଗୋଳାବାରୁଦ କାରଖାନାର ଗେଟ ନଂ ୨ ସମ୍ମୁଖରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ଏହା କହିଛନ୍ତି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପାଧ୍ୟକ୍ଷ ଡ଼ା. ରାମଚନ୍ଦ୍ର ଖୁଣ୍ଟିଆ। ଗୋଳାବାରୁଦ କାରଖାନାଗୁଡ଼ିକୁ ନିଗମୀକରଣ କଲା

### ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ପରେ କର୍ମଚାରୀମାନେ ଭୟଭୀତ ହୋଇ ସ୍ୱେଚ୍ଛାକୃତ ଅବସର ନ ନେବାକୁ ଏହି ଅବସରରେ ସେ ନିବେଦନ କରିଥିଲେ। ଏଥିସହ ପୁରୁଣା ପେନସନ ବ୍ୟବସ୍ଥାକୁ ପୁନଃ ଚାଲୁ କରିବାପାଇଁ ମଜଦୁର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି କହିଥିଲେ। ମଙ୍ଗଳବାର ପୂର୍ବାହ୍ନରେ କାରଖାନାସ୍ଥିତ ବହୁଦେଶୀୟ ସଭା କକ୍ଷରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମଜଦୁର କଂଗ୍ରେସର ବଲାଙ୍ଗୀର ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରଣତି ମିଶ୍ର, ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ଧଳ, କୋଷାଧ୍ୟକ୍ଷ ଧରଣୀଧର ସ୍ୱାଇଁ, ସଇଁତଳା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କର୍ମଚାରୀ ୟୁନିୟନ ସଭାପତି କେଦାର ଚନ୍ଦ୍ର ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ସଞ୍ଜୀବ ବଗର୍ତ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଗସ୍ତ ସମୟରେ ଡ଼ା. ଖୁଣ୍ଟିଆ କାରଖାନା କର୍ତ୍ତୃପକ୍ଷଙ୍କୁ ଭେଟି କର୍ମଚାରୀ ତଥା କାରଖାନା ସ୍ଥାପନ ସମୟରେ ବାସଚ୍ୟୁତ ହୋଇଥିବା ପରିବାରର ସମସ୍ୟାସମ୍ପର୍କରେ ଆଲୋଚନା କରିଥିଲେ।

## ସ୍କୁଲ୍, କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି

**ଲୋଇସିଂହା,୧୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରୁଶୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ସାଲଭଟା ଫାଣ୍ଡିରେ ଅଭିଯୋଗ ହୋଇଛି। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ସହ ଲୋଇସିଂହା ଥାନା ଅଧିକାରୀ ବାମଦେବ ଶଙ୍ଖୁଆ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ଥାନା ଅଧିକାରୀ ଶଙ୍ଖୁଆ କହିଛନ୍ତି, ସ୍କୁଲର କେବଳ ତାଲା କଟାଯାଇଛି, ଚୋରି ହୋଇନାହିଁ। ପାକ୍ସରେ ସିସି କ୍ୟାମେରା ହାର୍ଡଡିସ୍କ ଚୋରି ହୋଇଛି। ଆଲମିରା ଖୋଲି କୌଣସି କାଗଜ ପତ୍ର ଖୋଜାଖୋଜି କରିଛନ୍ତି ଦୁର୍ବୃତ୍ତ। ତଦନ୍ତ ଚାଲିଛି, ଖୁବଶୀଘ୍ର ଚୋର ଧରାପଡିବେ ବୋଲି ସେ କହିଛନ୍ତି। ସେହିପରି ରବିବାର ରାତିରେ ଦୁର୍ବୃତ୍ତମାନେ ଚୋରି ଉଦ୍ଦେଶ୍ୟରେ ମୁରୁଶୁଣ୍ଡି ପଞ୍ଚାୟତ ସଦର ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟଗେଟ, ରୋଷେଇ ଘର ଏବଂ ୫ଟି ଶ୍ରେଣୀ କୋଠରି ତାଲା କାଟି ଦେଇଥିଲେ। ସୋମବାର ସ୍କୁଲ ଆସିଲା ପରେ ଶିକ୍ଷକମାନେ ଏହା ଜାଣିବାକୁ ପାଇଥିଲେ। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ଛତ୍ରିଆ ଓ ପରିଚାଳନା କମିଟି ସଦସ୍ୟ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ କାର୍ଯ୍ୟାଳୟରେ ପଶିଥିଲେ। ପାକ୍ସର ଡିଇଓ କାର୍ଯ୍ୟାଳୟକୁ ଆସିବା ପରେ ଏହା ଜାଣି ପରିଚାଳନା ବୋର୍ଡ ସଦସ୍ୟଙ୍କୁ ଜଣାଇଥିଲେ। ପରେ ଡିଇଓ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଥିଲେ।

## ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କୋକସରା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) କାର୍ଯ୍ୟରେ ଯୋଗଦେଉନାହାନ୍ତି କି ପଞ୍ଚାୟତର ଦୁଆର ମୁହଁମାଡୁ ନାହାନ୍ତି। ଏ ନେଇ ସରପଞ୍ଚ ଓ ସମିତି ସଭ୍ୟ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପଞ୍ଚାୟତରେ ନୂତନ ପିଇଓ ଦେବାକୁ ମହିମା ସରପଞ୍ଚ ଇଶ ରାମ କୋଲଥିଆ ଓ ସମିତି ସଭ୍ୟ ଘନଶ୍ୟାମ ନାଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ବିଡିଓ ଦେବବ୍ରତ କରାଙ୍କୁ ତଦନ୍ତ ସହ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା





ଜିଲାପାଳଙ୍କୁ ସରପଞ୍ଚ ଓ ସମିତି ସଭ୍ୟ ଦାବି ଜଣାଉଛନ୍ତି ।

ଜଣାପଡିଛି। ସୂଚନା ଅନୁସାରେ କୋକସରା ବ୍ଲକର ମହିମା ପଞ୍ଚାୟତରେ ଗତବର୍ଷ ଅକ୍ଟୋବରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ମାନଗୋବିନ୍ଦ ଦଳେଇ ଯୋଗ ଦେଇଥିଲେ। ଯୋଗଦେବା ପରେ ସେ ଆଉ ପଞ୍ଚାୟତକୁ ଆସୁ ନାହାନ୍ତି। ଫଳରେ ଆଜିକୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ହେବ ବିନା ଛୁଟିରେ ରହିଛନ୍ତି। ଫଳରେ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

## ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୪।୩( ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବନ ରେଞ୍ଜ କାର୍ଯ୍ୟାଳୟରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିଭଳି ଜଙ୍ଗଲରେ ଲାଗିଥିବା ନିଆଁ ବନ୍ଦ ହେବ ସେନେଇ ମହିଳାଙ୍କୁ ସଚେତନ କରାଯାଇଥିଲା। ପରେ ଫୁଲକିମୁଣ୍ଡା ଓ ଝାକ୍ରିପାଲିରେ ମହିଳାମାନେ ନିଆଁଦାଉରୁ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ ଘାସିରାମ ଦୀକ୍ଷିତ, ସନ୍ଧ୍ୟାରାଣୀ ସେଠ, ବନରକ୍ଷୀ ମହେନ୍ଦ୍ର କାଲସାଏ, ସଞ୍ଜୀବ ପଧାନ, ମିଥୁନ ମିର୍ଦ୍ଧା, ରାଜେନ୍ଦ୍ର ଧାରୁଆ, ଆମ ଜଙ୍ଗଲ ଯୋଜନା ଟିମ ଲିଡର ପ୍ରହଲ୍ଲାଦ ମହାନନ୍ଦ, ଡିଓ ତହସିଲ ବାଗଙ୍କ ସହ ଏସ୍‌ଏଚ୍‌ଜି ମହିଳା ସାମିଲ ହୋଇଥିଲେ।





ସଚେତନତା କାର୍ଯ୍ୟକ୍ରମରେ ସାମିଲ ବନ ବିଭାଗ କର୍ମଚାରୀ ଓ ମହିଳାମାନେ।

## ଓବିସି ଜନଗଣନା ନେଇ ପ୍ରଶ୍ନ ଉଠାଇଲା ଓବିସି ମଞ୍ଚ

**ବଲାଙ୍ଗୀର ଅଫିସ, ୧୪।୩**

ରାଜ୍ୟ ସରକାର ଓବିସି ପଛୁଆବର୍ଗର ଜନଗଣନା କରିବାକୁ ଯାଉଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ରାଜ୍ୟ ଓବିସି ମଞ୍ଚ ସ୍ୱାଗତ କରିଛି। ବିଳମ୍ବରେ ହେଲେ ମଧ ଏହା ଜରୁରି ଥିଲା ବୋଲି ବଲାଙ୍ଗୀର ଜିଲା ଓବିସି ମଞ୍ଚ ପକ୍ଷରୁ କୁହାଯାଇଛି। ତେବେ ଓବିସି ମଞ୍ଚ ପକ୍ଷରୁ ଏହି ଜନଗଣନା ନେଇ କିଛି ପ୍ରଶ୍ନ ଉଠାଯାଇଛି। ଏହି ଗଣନା ଓବିସି ଜାତି ଜନଗଣନା ଓ ଏସଇବିସି ଜାତି ଜନଗଣନା କି ବୋଲି ପ୍ରଶ୍ନ କରାଯାଇଛି। ସାମୂହିକ ଭାବେ ପଛୁଆ ବର୍ଗ ଜାତି ଜନଗଣନା, ଯଦି ଓବିସି ସହିତ ଅଣଓବିସି ସାଧାରଣ ବର୍ଗର ଜାତିଙ୍କୁ ମିଶାଇ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏସଇବିସି କେଟାଗୋରିର ଏକ ସାମୂହିକ ଜନଗଣନା କରାଯିବ ତାହା ହେଲେ ଓବିସି ମଞ୍ଚ ଏହାକୁ ତୀବ୍ର ବିରୋଧ କରିବ। ମଣ୍ଡଳ କମିଶନ ରିପୋର୍ଟ ଓଡିଶାରେ କାର୍ଯ୍ୟକାରୀ କରିବାରେ ୨୯ବର୍ଷ ବିତି ଯାଇଥିଲେ ହେଁ, ମଣ୍ଡଳ କମିଶନ ଦ୍ୱାରା ଚିହ୍ନଟ ଓବିସିଙ୍କୁ ଏଯାବତ କୌଣସି ଆରକ୍ଷଣ ଦିଆଯାଇନାହିଁ। ଓବିସିଙ୍କୁ ଓଡିଶାରେ ଅଲଗା ଭାବରେ ସଂରକ୍ଷଣ ନଦେଇ ଦାସ କମିଶନ ବସାଇ ଏସଇବିସି ନାମରେ ଓବିସିଙ୍କ ୨୦୦ଟି ଜାତି ସହିତ ସାଧାରଣ ବର୍ଗର କ୍ଷେତ୍ରୀୟ, ଖଣ୍ଡାୟତ, ମହାଲାୟକ, ମହାନ୍ତି, ବଣିଆ ଇତ୍ୟାଦି ଜାତିକୁ ମିଶାଇ ଏସଇବିସି ନାମରେ ୧୯୯୪ରୁ ୨୭ ପ୍ରତିଶତ ଓ ହାଲକୁ ୧୧.୨୫ ପ୍ରତିଶତ କେବଳ ସରକାରୀ ଚାକିରୀ ଆରକ୍ଷଣ ଦେଉଛନ୍ତି। ଯାହା ଅଣଓବିସି ଏସଇବିସି ମାନେ ଆରକ୍ଷଣକୁ ସମ୍ପୂର୍ଣ୍ଣ ରୂପେ ହରଣ କରି ନେଉଛନ୍ତି। ମଣ୍ଡଳ କୃତ ଓବିସି ଓ ଦାସ କମିଶନ କୃତ ଏସଇବିସି ସମାନ ଗୋଷ୍ଠୀ ନୁହେଁ ବୋଲି କୁହାଯାଇଛି। ଉକ୍ତ ଜାତି ମାନଙ୍କୁ ସାଧାରଣ ବର୍ଗର ବୋଲି ମଣ୍ଡଳ କମିଶନ ଘୋଷଣା କରିଥିବାବେଳେ ଦାଶ କମିଶନ ତାଙ୍କୁ ପଛୁଆ ଜାତି ବୋଲି ମାନ୍ୟତା ଦେଇଛନ୍ତି। ପ୍ରକାଶ ଥାଉ କି ଓଡିଶା ରାଜ୍ୟ ସରକାର ଖଣ୍ଡାୟତ ଓ ମହାଲାୟକ ଜାତିକୁ ଓବିସି ପାହ୍ୟା ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ ହେଁ, ସରକାର ତଥା ଏନ୍‌ସିବିସି ଅନୁଧ୍ୟାନ କରି ୨୦୦୯ରେ ଏହି ଜାତିମାନଙ୍କୁ ଓବିସି କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିବା ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି। ଯଦି ଓବିସିଙ୍କ ଅଲଗା ଜାତି ଜନଗଣନା କରାନଯାଏ ଓ ସ୍ୱତନ୍ତ୍ର ଆରକ୍ଷଣ ଦିଆ ନଯାଏ ତାହେଲେ ଓବିସି ମଞ୍ଚ ସରକାରଙ୍କ ପଦକ୍ଷେପଙ୍କୁ ବିରୋଧ କରିବ ଓ ସରକାରଙ୍କ ଓବିସିଙ୍କ ବିରୋଧରେ ୧୯୯୪ରୁ ରଚନା ହୋଇଥିବା ଷଡଯନ୍ତ୍ର ତଥା ଓବିସିଙ୍କ ପ୍ରତି ବୈମାତୃକ ମନୋଭାବକୁ ପଦାରେ ପକାଇବ ବୋଲି ଜିଲା ଓବିସି ମଞ୍ଚ ସମ୍ପାଦକ ପ୍ରଦେଶୀ ବିଶ୍ୱାଳପ୍ରେସବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଟାଏକୋଣ୍ଡୋ: ସ୍ନେହାନ୍ସିଙ୍କୁ ସ୍ୱର୍ଣ୍ଣ ପଦକ



ବିନିକା,୧୪।୩(ଡି.ଏନ.ଏ.): ପୁରୀ ରେଲୱେ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ୨୫ କେଜି ବର୍ଗରେ ସୁବର୍ଣ୍ଣପୁର ଜିଲା ବିନିକା ସହରର ସ୍ନେହାନ୍ସି ନାଏକ(୯) ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ବିଜୟିନୀ ହୋଇଛନ୍ତି। ରାଜ୍ୟସ୍ତରରେ ପ୍ରଥମ ହୋଇଥିବାରୁ ଜାତୀୟସ୍ତରରେ ଖେଳିବା ପାଇଁ ସେ ମନୋନୀତ ହୋଇଛନ୍ତି। ଆସନ୍ତା ୨୫ ତାରିଖ ରାଜସ୍ଥାନର କୋଟାରେ ଜାତୀୟସ୍ତରରେ ସେ ଖେଳିବେ। ସ୍ନେହାନ୍ସି ବିନିକା ସହରର ଅନୀଲ ନାଏକ ଏବଂ ଶ୍ରଦ୍ଧାଞ୍ଜଳି ନାଏକଙ୍କ ଝିଅ। ସେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ମା' ବାପା ଏବଂ କୋଚ ଏହେଶାସ ହୋତା ଓ ଶୁଭମ ପଟ୍ଟନାୟକଙ୍କୁ ଶ୍ରେୟ ଦେଇଛନ୍ତି ସ୍ନେହାଂସୀ।

### ଟ୍ରକ୍ ଜବତ, ୨ ଅଭିଯୁକ୍ତ ଗିରଫ

ସରଣ୍ଡା,୧୪।୩(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ଯୋଗିପାଲି-ଲହଣ୍ଡା ରାସ୍ତା ପାର୍ଶ୍ୱରୁ ବିଦ୍ୟୁତ୍ ଖୁଣ୍ଟ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳାର ଇରଫାନ ଅଲି(୩୧) ଏବଂ ସିକିର୍ଡ଼ି ଗ୍ରାମର ପ୍ରଫୁଲ୍ଲ ଭୁଏ(୪୮)। ସେମାନଙ୍କ ପାଖରୁ ଚୋରିରେ ବ୍ୟବହୃତ ଏକ ଟ୍ରକ୍ (ନଂ.ଓଡ଼ି୧୫ଭି/୭୮୫୩) ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୩୦୬/୨୩) ରୁଜୁ ହୋଇଛି । ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ ଖୁଣ୍ଟ ଯୋଗିପାଲି-ଲହଣ୍ଡା ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବାବେଳେ ୪୬ଟି ବିଦ୍ୟୁତ ଖୁଣ୍ଟ ଚୋରି ହୋଇଥିବା ନେଇ ଗତ ୧୦ତାରିଖରେ ଉକ୍ତ ପ୍ରକଳ୍ପର ଆଡ଼ମିନ୍ ଇନଚାର୍ଜ ଲୋକେଶ ରଞ୍ଜନ ପତି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

### ସାମାଜିକ କର୍ମୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପାଇକମାଳ, ୧୪।୩ (ଡି ଏ ନ ଏ ): ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମର ସ୍ୱର୍ଗତ କୌସ୍ତୁଭ ସାହୁଙ୍କ ବାସଭବନ ପରିସରରେ ମହାସଭା ସଭାପତି ଲକ୍ଷ୍ମଣ ସାହୁଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମାଣ୍ଡୋସିଲ ସାଇ ସଭାପତି ଚନ୍ଦ୍ର ମଣି ସାହୁ ଭାଗବତ ପୂଜା କରିଥିଲେ। ସ୍ୱର୍ଗତ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କୌସ୍ତୁଭ ସାହୁ ମାଣ୍ଡୋସିଲ ଅଞ୍ଚଳର ସାମାଜିକ କର୍ମୀ ଥିଲେ। ସେ କଂଗ୍ରେସ ଦଳରେ ଥାଇ ଅନେକ ଜନହିତକର କାମ କରିଥିଲେ ବୋଲି ପୂର୍ବତନ ମହାସଭା ସଭାପତି ବସନ୍ତ ଖୁଣ୍ଟିଆ, ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁ, ନରେନ୍ଦ୍ର ସାହୁ, ଲକ୍ଷ୍ମୀ ସାହୁ, ଲିଙ୍ଗରାଜ ସାହୁ, ବିରେନ୍ଦ୍ର ସାହୁ, ଗୋକୁଳାନନ୍ଦ ଡନସନା ପ୍ରମୁଖ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ।

### ଚୋରା ମଦ ବ୍ୟବସାୟୀ କୋର୍ଟ ଚାଲାଣ

କେସିଙ୍ଗା,୧୪।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରଲସାଙ୍ଗା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ହରଦେବ ଗୌଡ। ହରଦେବଙ୍କ ଘରେ କୌଣସି ସୂତ୍ରରୁ ଖବର ପାଇ କେସିଙ୍ଗା ପୋଲିସ ଚଢ଼ାଉ କରିଥିଲା। ତାଙ୍କ ଘରୁ ୩୫ ବଟଲ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ, ୧୨୦ ପାକେଟ ଦେଶୀ ପାଉଚ ସହିତ ଗୋଟିଏ ଫ୍ରିଜ ମଧ ଜବତ କରାଯାଇଥିବା କେସିଙ୍ଗା ପୋଲିସ ପ୍ରକାଶ କରିଛି। କେସିଙ୍ଗା ପୋଲିସ ମାମଲା ରୁଜୁ କରି ହରଦେବଙ୍କୁ କୋର୍ଟ ଚାଲାଣ କରିଛି। କିନ୍ତୁ କେସିଙ୍ଗା ଅବକାରୀ ବିଭାଗର କର୍ମଚାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡିଛି।

# ସବୁ ପଦବୀ ପାଇଁ ନାମାଙ୍କନ ଦାଖଲକଲା ବିଜେଡି

ସରଣ୍ଡା,୧୪।୩(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଏନ୍ଏସି ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ମଙ୍ଗଳବାର ନାମାଙ୍କନ ଦାଖଲର ଷଷ୍ଠ ଦିବସରେ ବିଜେଡି ପକ୍ଷରୁ ସବୁ ପଦବୀ ପାଇଁ ନିଜ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଦାଖଲ କରାଯାଇଛି। ଦଳୀୟ ପ୍ରାର୍ଥୀମାନେ ନିର୍ବାଚନ ଅଧିକାରୀ ତଥା ବରଗଡ଼ ଉପ ଜିଲାପାଳ ଲଲାଟ ଲୁହାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ଭାଜପା, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପ୍ରାର୍ଥୀମାନେ ନାମାଙ୍କନପତ୍ର କିଣି ଥିଲେ ମଧ୍ୟ ଆଜିଯାଏ ଦାଖଲ କରି ନାହାନ୍ତି। ବୁଧବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ଏହିଦିନ ଅନ୍ୟମାନେ ପ୍ରାର୍ଥିପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି।

ନାମାଙ୍କନ ଦାଖଲ ପୂର୍ବରୁ ମାରୱାଡି ଧର୍ମଶାଳା ନିକଟସ୍ଥ ଅସ୍ଥାୟୀ ମଞ୍ଚରେ ଯୁବନେତା ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ବିଜେଡିର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଭଟଲି ବିଧାୟକ ସୁଶାନ୍ତ ସିଂ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ପରେ ସେମାନେ ଏକ



ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ଅତାବିରା ଏନ୍ଏସି ନିର୍ବାଚନ**

ବିରାଟ ରାଲିରେ ନିଜ ସମସ୍ତ ପ୍ରାର୍ଥୀଙ୍କୁ ନେଇ ଏନ୍ଏସି ଅଫିସକୁ ଯାଇଥିଲେ। ସେଠାରେ ନଗରପାଳ ପଦବୀ ପାଇଁ ବନମାଳି ବରିହା, କାଉନସିଲର ପଦବୀ ପାଇଁ ୧ନମ୍ବର ୱାର୍ଡରୁ ସତ୍ୟ ନାରାୟଣ ମିଶ୍ର, ୨ରୁ ଶିବାନନ୍ଦ ତ୍ରିପାଠୀ, ୩ରୁ ନେପାଳ ପ୍ରଧାନ, ୪ରୁ ସବିତା ମଲ୍ଲିକ, ୫ରୁ ରାଜୀବ କହର, ୬ରେ ପ୍ରମିଳା ପ୍ରଧାନ, ୭ରେ ବିଲୋଶ ଜୋନପୁରୀ, ୮ରୁ ରେଣୁକା ପ୍ରଧାନ, ୯ରେ ନାରାୟଣ ସାହୁ, ୧୦ରେ ସୁରେଖା ବାଗ, ୧୧ରେ ଅନୁସୟା ବିଶାଳ ଏବଂ ୧୨ ନଂ. ୱାର୍ଡରୁ ଜମୁନା ଭୁଏ ନିର୍ବାଚନ ଅଧିକାରୀଙ୍କ ନିକଟରେ ନିଜ ନିଜ ନାମାଙ୍କନପତ୍ର ଦାଖଲ କରିଥିଲେ।

ସୂଚନାଯୋଗ୍ୟ, ଗତ ୯ ତାରିଖରୁ ନାମାଙ୍କନପତ୍ର ବିକ୍ରି ଓ ଦାଖଲ ଆରମ୍ଭ ହୋଇଥିଲେ ମଧ୍ୟ ସୋମବାର ଯାଏ କେହି ଦାଖଲ କରି ନ ଥିଲେ। ମଙ୍ଗଳବାର ବିଜେଡି ତାର ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ କରିଛି। ବୁଧବାର ନାମାଙ୍କନ ଦାଖଲର ଅନ୍ତିମ ଦିବସ ରହିଛି। ଭାଜପା, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶେଷ ଦିବସରେ ନାମାଙ୍କନ ଦାଖଲ କରିବେ। ନାମାଙ୍କନ ଦାଖଲ ଶେଷ ହେବା ପରେ ୧୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରି ୧୮ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ। ଏପ୍ରିଲ ୩ ସକାଳ ୮ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏପ୍ରିଲ ୫ ତାରିଖ ସକାଳ ୮ରୁ ମତଗଣନା ଆରମ୍ଭ ହେବ। ଗଣତି ପରେ ନିର୍ବାଚିତ ଅଧକ୍ଷ ଓ କାଉନସିଲରମାନଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ୧୯ ତାରିଖରେ ଉପାଧକ୍ଷ ପଦ ପାଇଁ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି।

## ପରୀକ୍ଷା ସମୟରେ ବନ୍ଦ ନ କରିବାକୁ ନିବେଦନ

**ଆଜି ଡ୍ରାଇଭର ମହାସଂଘ ଧର୍ମଘଟ**

ବରଗଡ଼ ଅଫିସ୍,୧୪।୩

ଓଡ଼ିଶା ଡ୍ରାଇଭର ମହାସଂଘ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ ଏବଂ ଅଖଚକ ବନ୍ଦ ଡାକରା ଦେଇଛି। ତେବେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲିଥିବାରୁ ଏହି ସମୟରେ ଧର୍ମଘଟ ନ କରିବା ପାଇଁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଏସ୍‌ପି ପି.ଏସ୍ ମୀନା ଡ୍ରାଇଭର ମହାସଂଘକୁ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିବେଦନ କରିଛନ୍ତି। ଯଦି ସେମାନେ ସହମତ ନ ହୋଇ ଧର୍ମଘଟ କରନ୍ତି, ତାହା ଶାନ୍ତିପୂର୍ଣ୍ଣ ଭାବେ କରନ୍ତୁ ଏବଂ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଯେଭଳି ପ୍ରଭାବିତ ନ ହେବ ଏବଂ ଜନସାଧାରଣ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ସେମାନେ ଦୃଷ୍ଟି ଦିଅନ୍ତୁ ବୋଲି ଜିଲାପାଳ ବାନାର୍ଜୀ କହିଛନ୍ତି। ସେହିପରି ଜିଲାର ପ୍ରତ୍ୟେକ ଥାନାର ପୋଲିସ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ପି ମୀନା କହିଛନ୍ତି ।

## ଭାରସାମ୍ୟ ହରାଇ ଗଛକୁ ପିଟିଲା ଭ୍ୟାନ୍: ଜଣେ ମୃତ, ୨ ଗୁରୁତର

ବରପାଲି,୧୪।୩(ଡି.ଏନ.ଏ.)

ବରପାଲି ଥାନା ଅନ୍ତର୍ଗତ ବନ୍ଦପାଲି ଗ୍ରାମ ବିଜେପୁର ରାସ୍ତା କଡ଼ ଏକ ପିପଲ ଗଛରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାଯିବା ଯାଏ (ରାତି ସାଢେ ୯ଟା) ମୃତାହତଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶରୁ ଉକ୍ତ ପିକ୍‌ଅପ୍ ଭ୍ୟାନ୍ (ନଂ.ଏପି୩୯ଟିକ୍ୟୁ/୪୧୮୬)ରେ ୩ଜଣ ବ୍ୟବସାୟୀ ଛେଳି କିଣିବା ପାଇଁ ବିଜେପୁର ଥାନା ଜାରିଂ ବଜାରକୁ ଆସୁଥିଲେ। ମଙ୍ଗଳବାର ଭୋର ସାଢେ ୪ଟାରେ ଉକ୍ତ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ପିପଲ ଗଛରେ ପିଟି ହୋଇ ଓଲଟି ପଡିଥିଲା। ଫଳରେ ଗାଡ଼ିରେ ବସିଥିବା ୩ଜଣଙ୍କ ମଧ୍ୟରୁ ଜଣେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ବନ୍ଦପାଲି ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଡାକ୍ତରଖାନା ଓ ପରେ ବରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ବରପାଲି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହଯୋଗରେ ଚାପିହୋଇ ରହିଥିବା ମୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା।

## ବିନା ସୁଧରେ ଋଣ ନିଅନ୍ତୁ ଚାଷୀ: ଜିଲାପାଳ

**ସମବାୟ ବ୍ୟାଙ୍କିଙ୍ଗ୍ ସେବା, କୃଷିଋଣ କର୍ମଶାଳା**

ସମ୍ବଲପୁର,୧୪।୩(ବ୍ୟୁରୋ)

ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ବିକାଶ ଦିଗରେ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ବିଭାଗ ଏଥିପାଇଁ କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରୁ ସମବାୟ ସମିତି ଅନ୍ୟତମ। କ୍ଷୁଦ୍ର ଚାଷୀମାନଙ୍କ ପାଇଁ ମଧ୍ୟ ସୁବିଧା ରହିଛି। ଚାଷ ବିବିଧତା ଉପରେ ଚାଷ କରନ୍ତୁ। ଏଥିପାଇଁ ବିନା ସୁଧରେ ବଳରାମ ଯୋଜନାରେ ଋଣ ପ୍ରଦାନ କରାଯାଉଛି ବୋଲି ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ମଙ୍ଗଳବାର ଜିଲାସ୍ତରୀୟ ସମବାୟ



ସମବାୟ ବ୍ୟାଙ୍କିଙ୍ଗ ସେବା କାର୍ଯ୍ୟକ୍ରମ ।

ବ୍ୟାଙ୍କିଙ୍ଗ ସେବା ଓ କୃଷି ଋଣ କର୍ମଶାଳାରେ ଜିଲାପାଳ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସମଗ୍ର ଜିଲାରେ ସମବାୟ ସମିତି ଓ ଲ୍ୟାମ୍ପସ ରହିଛି। ଚାଷୀ ଏପରିକି ଭାଗଚାଷୀ ମଧ ଏହାର ସୁଯୋଗ ନେଇପାରିବେ ବୋଲି ଜିଲାପାଳ କହିଥିଲେ। ଏହାସହ ସରକାରଙ୍କ ସମବାୟ ବିଭାଗରେ ଚାଷୀଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନଙ୍କ ସମେତ ୯ ବ୍ଲକର ଅନ୍ତର୍ଗତ ସମବାୟ ସମିତି ସଭାପତି, ସମ୍ପାଦକ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଘରେ କେହି ନ ଥିବା ବେଳେ ଚୋରି

ଅମରପାଲି, ୧୪।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଚମ୍ପାମାଳ ଗାଁର ନିମାଇଁ ଚରଣ ପଣ୍ଡାଙ୍କ ଘରୁ ସୋମବାର ରାତିରେ ଚୋରମାନେ କବାଟ ଭାଙ୍ଗି ନଗଦ ଟଙ୍କା, ସୁନା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ନେଇ ନିମାଁଇଙ୍କ ସ୍ତ୍ରୀ ଆରତୀ ପଣ୍ଡା ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘରେ ଥିବା ୩ଟି ଯାକ ଅଲମାରୀ ଭାଙ୍ଗି ଚୋରମାନେ ନଗଦ ୮୦ ହଜାର ଟଙ୍କା, ସୁନା ଗହଣା , ପାଟ ଶାଢୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଏଥିରେ ଦର୍ଶାଯାଇଛି। ଅଭିଯୋଗ ଅଧାରରେ ପୋଲିସ ଅନୁସନ୍ଧାନୀ କୁକୁର ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲା। ଖୁବ୍‌ଶୀଘ ଚୋରଙ୍କୁ ଧରାଯିବ ବୋଲି ବୀରମହାରାଜପୁର ଥାନା ଏସଆଇ କବିମନ୍ୟୁ ସେଠୀ କହିଛନ୍ତି ।

ନିର୍ମାଇ କୌଣସି କାର୍ଯ୍ୟରେ ପରିବାର ସହ ବାହାରକୁ ଯାଇଥିଲେ। ୧୩ତାରିଖ ଅପରାହ୍ନରେ ଘରକୁ ଫେରିବା ପରେ ଗେଟଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ପଶିବା ପରେ ଘରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ଇମ୍ପେରିୟଲ କଲେଜରେ ୟସ୍ ପୁରସ୍କାର ସମାରୋହ

ବରଗଡ଼ ଅଫିସ୍,୧୪।୩

ବରଗଡ଼ର ଇମ୍ପେରିୟଲ କଲେଜରେ ମଙ୍ଗଳବାର ୟସ୍ ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଭିନ୍ନ ସେମିଷ୍ଟରରେ ଶ୍ରେଷ୍ଠ ଦଶଟି ସ୍ଥାନ ମଧ୍ୟରେ ଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ନଗଦ ରାଶି ସହିତ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୁଷ୍ପଲତା ସାହୁଙ୍କୁ ନଗଦ ୨୫୦୦ ଶହ ଟଙ୍କା ସହ ଟ୍ରଫି, ଦ୍ୱିତୀୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଥିବା ସାଜିୟା ସାହିନ, ସ୍ୱାଧୀନ ଦୁଆନ, ଖୁସି ଢ଼ୋଲକିଆଙ୍କୁ ନଗଦ ୧୫୦୦ ଟଙ୍କା ସହ ଟ୍ରଫି, ଷଷ୍ଠରୁ ଦଶମ ସ୍ଥାନ ମଧ୍ୟରେ ରହିଥିବା ସ୍ୱୟଂ ସାହୁ, ନିଖିଲ ଜୟସ୍ୱାଲ, ରୁଦ୍ରପ୍ରତାପ ପ୍ରଧାନ, ଅନିଷା ରୁନଥଲା, ମୁସ୍କାନ ବାନୋ, ଆନନ୍ଦ ଭୋଇ, କୋୟଲ ସାହୁ, କେ. ଦିଲୀପ, ରାନି ନାୟକ, ହିମାଂଶୁ ଅଗ୍ରୱାଲ, ସଲୋନୀ ଅଗ୍ରୱାଲଙ୍କୁ ନଗଦ ୧୧୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କଲେଜର ଚେୟାରମ୍ୟାନ ଦୀପକ ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ଛାତ୍ରୀଛାତ୍ର, ଅଭିଭାବକବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



କଲେଜ କର୍ତ୍ତୃପକ୍ଷଙ୍କ ସହ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ।

## ବ୍ଲକ କଲୋନି ଉ.ପ୍ରା. ବିଦ୍ୟାଳୟରୁ ଚୋରି

ସୋନପୁର,୧୪।୩(ନି.ପ୍ର.)

ସୋନପୁର ବ୍ଲକ ଛକସ୍ଥିତ ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ବିଦ୍ୟାଳୟରୁ ଚାଉଳ ଓ ଟିଭି ଚୋରି କରି ନେଇଛନ୍ତି। ମଙ୍ଗଳବାର ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ



ପୋଲିସ ଘଟଣାର ତଦନ୍ତ କରୁଛି।

ଆସିବା ପରେ କବାଟ ତାଲା ଭାଙ୍ଗି ଚୋରି ହୋଇଥିବା ଜଣାପଡିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ମିଶ୍ର ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚୋରମାନେ ଚାଉଳ ଭର୍ତ୍ତି ବସ୍ତାଗୁଡିକୁ ନେଇ ନପାରି କେତେକ ବିଦ୍ୟାଳୟ ପଛପାର୍ଶ୍ୱରେ ପକାଇ ଦେଇଥିବା ଜଣାପଡିଛି । ଏଏସଆଇ ସୁଶିଲ ବିଶି ମାମଲାର ତଦନ୍ତ କରୁଛନ୍ତି।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାଟି ଚିକିତ୍ସା ଶିବିର

ଲୋଇସିଂହା,୧୪।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାଟି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବପୁରୁଷମାନେ ଶରୀରରେ ମାଟିବୋଳି ସ୍ନାନ କରୁଥିଲେ। ଏଥିଯୋଗୁ ବିଭିନ୍ନ ଚର୍ମରୋଗ ସହ ଦୂରାରୋଗ୍ୟରୁ ଲୋକେ ମୁକ୍ତି ପାଉଥିଲେ। ଏବେ ରାସାୟନିକଯୁକ୍ତ ସାବୁନ ବ୍ୟବହାର ଦ୍ୱାର ଚର୍ମ ରୋଗ ଦେଖ ଯାଉଛି।

## କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୪।୩

ପୁରୀଠାରେ ଅନୁଷ୍ଠିତ ୩୪ତମ । ରାଜ୍ୟସ୍ତରୀୟ ସବ ଜୁନିୟର କ୍ୟୁରୋଗୀ, ଷଷ୍ଠ କ୍ୟାଡ଼େଟ୍ କ୍ୟୁରୋଗୀ ଏବଂ ପୁମ୍‌ସେ ଟାଏକୋଣ୍ଡୋ ଚାମ୍ପିୟନଶିପ୍-୨୦୨୩ରେ ଭାଗ ନେଇ ବରଗଡ଼ର ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। କୋଚ୍ ବିଜୟ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ବରଗଡ଼ରୁ ଯାଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ସବ ଜୁନିୟର ଅଣ୍ଡର୍-୨୧ ଓଜନ ବର୍ଗରେ ଅନୁଭବ ଆଶୀର୍ବାଦ ନନ୍ଦ ବ୍ରୋଞ୍ଜ, ଅଣ୍ଡର-୪୭ ଓଜନ ବର୍ଗରେ ଅଂଶୀତା ରଥ ସ୍ୱର୍ଣ୍ଣ, କ୍ୟାଡେଟ୍‌ରେ ଅଣ୍ଡର-୪୧ ଓଜନ ବର୍ଗରେ ଆହ୍ୱାନ ମିଶ୍ର ବ୍ରୋଞ୍ଜ, ଅଣ୍ଡର-୪୫ ବର୍ଗରେ ରୋହିତ ମାଝି ରୌପ୍ୟ, ଅଣ୍ଡର-୪୯ବର୍ଗ ଓଜନରେ ହର୍ଷବର୍ଦ୍ଧନ କର୍ଣ୍ଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । କୃତୀ ପ୍ରତିଯୋଗୀମାନେ ଏଠାକୁ ଫେରିବା ପରେ ମଙ୍ଗଳବାର ବରଗଡ଼ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ନବକିଶୋର ପାଣିଗ୍ରାହୀ ସମସ୍ତ ପଦକଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଆସୋସିଏଶନର ସାଧାରଣ ସମ୍ପାଦକ ତଥା କୋଚ୍ ବିଜୟ କୁମାର ଭୋଇ, ଜିମ୍ ମ୍ୟାନେଜର ନରେଶ ଠାକୁର, ଆଶୁତୋଷ ରଥ, ଦିବ୍ୟକିଶୋର ମିଶ୍ର, ପାଣ୍ଡବ କର୍ଣ୍ଣ, ନିରଜ ବାଙ୍କ, ଡୋଲାମଣି ବର୍ଗାର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀବୃନ୍ଦ ।

# ମୁଣ୍ଡ ଟେକିଛି ଚାଷୀ ଆନ୍ଦୋଳନ

**ଅଗ୍ରିମ ଦେୟ ସତ୍ତ୍ୱେ ଖନନ ହେଉନି ଗଭୀର ନଳକୂପ**

ବରଗଡ଼ ଅଫିସ୍,୧୪।୩

ବରଗଡ଼ ଜିଲାର ଅନେକ ଚାଷୀ ଗଭୀର ନଳକୂପ ଖନନ ପାଇଁ ଉଠାଜଳସେଚନ ବିଭାଗରେ ଅଗ୍ରୀମ ୨୦ହଜାର ଟଙ୍କା ଲେଖାଏଁ ଜମା କରିଛନ୍ତି। ମାତ୍ର ବର୍ଷ ବର୍ଷ ଧରି ଗଭୀର ନଳକୂପ ଖନନ ହୋଇ ନ ଥିବା ଯୋଗୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାର ଭଟଲି ବ୍ଲକ ଅନ୍ତର୍ଗତ ହାଲୁପାଲି ଗ୍ରାମର ଚାଷୀମାନେ ଏଭଳି ଅଭିଯୋଗ କରି ବିଭାଗୀୟ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। ଏ ନେଇ ସେମାନେ ବାରମ୍ବାର ଉଠାଜଳସେଚନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା କହିଛନ୍ତି। ଏହାକୁ ନେଇ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି।

ପ୍ରକାଶ ଯେ, ୨୦୨୦ରେ ହାଲୁପାଲି ଗ୍ରାମର ଚାଷୀମାନେ ଗଭୀର ନଳକୂପ ଖନନ ପାଇଁ ଉଠାଜଳସେଚନ ବିଭାଗ ନିକଟରେ ଆବେଦନ କରିଥିଲେ। ସେତେବେଳେ ସେମାନେ ୨୦ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଜମା ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ହାଲୁପାଲି ଗ୍ରାମରେ ୩୩ଟି ଗଭୀର ନଳକୂପ ଖନନ କରାଯାଇନାହିଁ। ଏ ନେଇ ସମ୍ପୃକ୍ତ ଚାଷୀମାନେ ଉଠାଜଳସେଚନ ବିଭାଗର ଏସ୍‌ଡ଼ିଓଙ୍କଠାରୁ ଆରମ୍ଭ କରି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଧାଁଧପଡ଼ କରୁଛନ୍ତି। କିନ୍ତୁ କେବଳ ଅଧିକାରୀମାନେ ସମୟ ଗଡ଼ାଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଉକ୍ତ ସମସ୍ୟା ନେଇ ଚାଷୀମାନେ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ ହେବା ପରେ ସେ ଗତ ମାସ ୨୮ତାରିଖରେ ତାଙ୍କ ପତ୍ରସଂଖ୍ୟା-୩୮୪ରେ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ସମସ୍ତ ନଳକୂପ ଖନନ କରାଯିବ ବୋଲି କହିଥିଲେ। କିନ୍ତୁ ମଙ୍ଗଳବାର ସୁଦ୍ଧା ହାଲୁପାଲି ଗ୍ରାମରେ ଅଗ୍ରୀମ ଦେୟ ଜମା କରିଥିବା ୩୩ ଚାଷୀଙ୍କ ଗଭୀର ନଳକୂପ ଖନନ କରାଯାଇନାହିଁ। ଫଳରେ ଜୟ କିଷାନ ଆନ୍ଦୋଳନ ଚାଷୀ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେ ଅନୁପସ୍ଥିତ ଥିବାରୁ ଚାଷୀମାନେ ବିଭାଗର ଭଟଲି ଏସଡ଼ିଓଙ୍କୁ ଭେଟିଥିବାବେଳେ ମାର୍ଚ୍ଚ ୨୦ତାରିଖ ସୁଦ୍ଧା ଗଭୀର ନଳକୂପ ଖନନ କରାଯିବ ବୋଲି ଏସ୍‌ଡ଼ିଓ ପୁଣି ଆଶ୍ୱାସନା ଦେଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆ, ହାଲୁପାଲି ଗ୍ରାମର ଚାଷୀ ବୁଲୁ ସାହୁ, ନିରଞ୍ଜନ ବର୍ଗେ, ପ୍ରେମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

## ଜିଲା ସଭାପତି ଦୌଡ଼
# ଆଗରେ ସୁଶାନ୍ତଙ୍କ ସମର୍ଥକ

ସମ୍ବଲପୁର,୧୪।୩(ବ୍ୟୁରୋ)

ସମ୍ବଲପୁର ଜିଲା ବିଜେଡି ସଭାପତି ପରିବର୍ତ୍ତନ ହେବା ନେଇ ଜିଲାରେ ରାଜନୈତିକ ମହଲରେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ଏଥିପାଇଁ ଅନେକ ଯୁବ, ଅଭିଜ୍ଞ ଦଳୀୟ ନେତା ଆଶାୟୀ ରହିଛନ୍ତି। ହେଲେ ପୂର୍ବରୁ ରାଜ୍ୟ ଓ ଜିଲାସ୍ତରୀୟ ବିଭିନ୍ନ ପଦରେ ପୁନଃ ନିଯୁକ୍ତି କରିଛି ଦଳ। ତେଣୁ ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କୁ ପୁଣି ଥରେ ଜିଲା ସଭାପତି କରିବା ନେଇ ଆଲୋଚନା ହେଉଛି। ସିଦ୍ଧାର୍ଥଙ୍କ ସଭାପତି ସମୟରେ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଜିଲାରେ ଦଳ ଭଲ ପ୍ରଦର୍ଶନ କରିବା ଏହାର ଏକ କାରଣ ହୋଇପାରେ। ଏବେ ପଶ୍ଚିମଓଡ଼ିଶାର ସଂଗଠନ ସମ୍ଭାଳୁଥିବା ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂଙ୍କ ଜଣେ ସମର୍ଥକ ଜିଲା ସଭାପତି ହୋଇପାରନ୍ତି ବୋଲି ଆଲୋଚନା ଜୋର ଧରିଛି।

ବିଧାନସଭା ଶେଷ ହେବା ପରେ ଏପ୍ରିଲ ପ୍ରଥମ ସପ୍ତାହରେ ସଭାପତି ନାମ ଘୋଷଣା କରାଯିବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଦୌଡରେ ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ, ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, ଯୁବନେତା ସଞ୍ଜିତ ମହାନ୍ତିଙ୍କ ନାମ ବିଶେଷ ଭାବେ ଚର୍ଚ୍ଚା ହେଉଛି। ଏପରି କି ଦଳ ଜିଲା ସ୍ତରର ନେତାମାନଙ୍କଠାରୁ ମତାମତ ନେଇସାରିଥିବା ଜଣାପଡିଛି। ପୂର୍ବତନ ମନ୍ତ୍ରୀ ସିଂଙ୍କ ସମର୍ଥନରେ ପୂର୍ବରୁ ଜିଲାପରିଷଦ ସଭାପତି, ଉପସଭାପତି, କେତେଜଣ ଜିଲାପରିଷଦ ସଭ୍ୟାସଭ୍ୟ ଟିକେଟ ପାଇ ବିଜୟୀ ହେବା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ହେବା ଭଳି ଦଳରେ ଅନେକ ପଦପଦବୀରେ ସମର୍ଥକମାନଙ୍କୁ ଦଳ ଦାୟିତ୍ୱ ଦେଇଛି। ସେମାନେ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ତେଣୁ ତାଙ୍କ ଅନୁଗତ ପୂର୍ବତନ ରେଙ୍ଗାଲି ବିଧାୟକ ପଟୁଆଙ୍କ ନାମ ଆଗରେ ଥିବା ଚର୍ଚ୍ଚା ହେଉଛି। ତାଙ୍କ ୫ବର୍ଷ କାଳରେ ଦଳୀୟ କର୍ମୀଙ୍କ ସହ ସୁସମ୍ପର୍କ ରଖି ଆସ୍ଥାଭାଜନ ହୋଇପାରିଥିଲେ। ଜିଲାର ବରିଷ୍ଠ ନେତାମାନେ ମଧ୍ୟ ତାଙ୍କ ନାମ ଅନୁମୋଦନ କରିଥିବା ଜଣାପଡିଛି। ହେଲେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ ଶେଷ ନିଷ୍ପତ୍ତି ରହିଛି। ଅନ୍ୟ ଆଶାୟୀଙ୍କ ରାଜନୀତିରେ ଅଭିଜ୍ଞତା ରହିଛି। ପୂର୍ବତନ ସଭାପତି ଡ. ରଥ ତାଙ୍କ କାର୍ଯ୍ୟକାଳ ସମୟରେ ପଞ୍ଚାୟତ ସ୍ତରରେ ସଂଗଠନ କରିଥିଲେ। ଏପରି କି ୨୦୧୯ ନିର୍ବାଚନ ସମୟରେ ସେ ରେଢାଖୋଲ ବିଧାୟକ ପ୍ରାର୍ଥୀ ଭାବେ ଆଶାୟୀ ରହିଥିଲେ। ସେ ସମୟରେ ଦଳ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ ସେ ନିର୍ବାଚନ ପ୍ରଚାରକୁ ଓହ୍ଲାଇଥିଲେ। ସେହିପରି ଯୁବନେତା ସଞ୍ଜିତ ମହାନ୍ତିଙ୍କ ମହାନଗର ନିଗମ ସହିତ କୁଚିଣ୍ଡା, ରେଢାଖୋଲ ଉପଖଣ୍ଡରେ ସଂଗଠନ ରହିଛି। ବିଶେଷ କରି ଯୁବ ଗୋଷ୍ଠୀ ଓ ମହିଳା ସଂଗଠନ ପାଇଁ ସେ କାମ କରିଛନ୍ତି। କେତେଜଣ ପୂର୍ବତନ ମନ୍ତ୍ରୀଙ୍କ ସହ ମଧ୍ୟ ଭଲ ସମ୍ପର୍କ ରହିଥିବାରୁ ତାଙ୍କୁ ପଦ ମିଳିପାରେ ବୋଲି ଆଲୋଚନା ହେଉଛି। ଅପରପକ୍ଷେ ପଦ୍ମପୁର ଉପନିର୍ବାଚନରେ ସଞ୍ଜିତଙ୍କୁ ଦଳ ଭରସା କରି ଦାୟିତ୍ୱ ଦେଇଥିଲା। ତାଙ୍କ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିବାରୁ ପରେ ଦଳ ରାଜ୍ୟ କେନ୍ଦୁପତ୍ର ବୋର୍ଡର ଉପଦେଷ୍ଟା ଭାବେ ଦାୟିତ୍ୱ ଦେଇଛି। ସଂଗଠନ ସୁଦୃଢ଼ କରିବା ନେଇ ଦଳ ତାଙ୍କୁ ନିର୍ଦ୍ଦେଶ ଦେଇଛି। ଏ ସମ୍ପର୍କରେ ଜିଲା ସଭାପତି ଦାସ କହିଛନ୍ତି, ଜିଲାରେ ବିଜେଡି ସ୍ଥିତି ବହୁତ ଭଲ ରହିଛି। ଜଣେ ନେତୃତ୍ୱ ନେଲେ ମଧ୍ୟ ସମସ୍ତଙ୍କ ସହଯୋଗ ରହିଥାଏ। ଗତ ନିର୍ବାଚନରେ ବିଜେଡିର ଭୋଟ ହାର ବୃଦ୍ଧି ପାଇଛି। ଏହା ଦଳୀୟ ପ୍ରସଙ୍ଗ। ଦଳ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ସଭାପତି ସମୟରେ ଯେଉଁଭଳି ସଂଗଠନ ଓ ଅନ୍ୟ ଦିଗରେ କାମ କରିଛି ଆଗକୁ ତାହା ଜାରି ରହିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକ ମୃତ, ଜଣେ ଗୁରୁତର

**ଜମନକିରା,୧୪।୩(ଡି.ଏନ.ଏ.):** ଜମନକିରା ଥାନା ଟିକିବା ପଞ୍ଚାୟତ ରାଙ୍କିବାହାଲ ଗାଁର ନାରାୟଣ ପ୍ରଧାନ (୩୮) ମଙ୍ଗଳବାର ନିଜ ଟିଭିଏସ୍ ମୋପେଡରେ ଦେବଗଡ଼ ଜିଲା ଡୁଙ୍ଗାପଥାର ଗାଁକୁ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ଯାଇଥିଲେ। ତାଙ୍କ ସହ ଅନ୍ୟ ଜଣେ ରମେଶ ଷଣ୍ଢ ମଧ୍ୟ ସେଠାକୁ ଯାଇଥିଲେ। ତେବେ ଫେରିବା ବେଳେ ନିୟନ୍ତ୍ରଣ ହରାଇ ପଡ଼ିଯିବାରୁ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଜମନକିରା ଡ଼ାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ରମେଶଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସମ୍ବଲପୁର ରେଳ ମଣ୍ଡଳରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର,୧୪।୩(ବ୍ୟୁରୋ):** ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଶାଖା ପକ୍ଷରୁ ବିଶ୍ୱ ମହିଳା ଦିବସ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେଳ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସମ୍ବଲପୁର ଶାଖା ଅଧ୍ୟକ୍ଷା ଅଞ୍ଜନୀ ସିଂଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ୧୪ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାନେତ୍ରୀ ରଚିକା ସିଂ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ପରୀକ୍ଷା ପାଇଁ ଚକାଜାମ ନିଷ୍ପତ୍ତି ପରିବର୍ତ୍ତନ କର: ପୋଲିସ

**ସମ୍ବଲପୁର,୧୪।୩(ବ୍ୟୁରୋ):** ଡ୍ରାଇଭର ମହାସଂଘ ବୁଧବାର ଚକାଜାମ କରିବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଛି। ମାଟ୍ରିକ ଓ ଅନ୍ୟାନ୍ୟ ପରୀକ୍ଷା ଥିବାରୁ ଜିଲା ପୋଲିସ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଡ୍ରାଇଭର ମହାସଂଘକୁ ଅନୁରୋଧ କରିଛି। ଯଦି ଲୋକମାନଙ୍କୁ ସମସ୍ୟା ହୁଏ, ରାସ୍ତା ଅବରୋଧ କରାଯାଏ ତା'ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରାଯାଇଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରୁ ଜିଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜିଲା ପ୍ରଶାସନ, ପୋଲିସ ଓ ଡ୍ରାଇଭର ସଂଘ କର୍ମକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା।

### ସ୍କୁଲ, କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି

**ଲୋଇସିଂହା,୧୪।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରୁଶୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କୃଷି ସମବାୟ ସମିତି କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ସାଲଭଟା ଫାଣ୍ଡିରେ ଅଭିଯୋଗ ହୋଇଛି। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ସହ ଲୋଇସିଂହା ଥାନା ଅଧିକାରୀ ବାମଦେବ ଶଙ୍ଖୁଆ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ଥାନା ଅଧିକାରୀ ଶଙ୍ଖୁଆ କହିଛନ୍ତି, ସ୍କୁଲର କେବଳ ତାଲା କଟାଯାଇଛି, ଚୋରି ହୋଇନାହିଁ। ପାକ୍ସରେ ସିସି କ୍ୟାମେରା ହାର୍ଡଡିସ୍କ ଚୋରି ହୋଇଛି। ଆଲମିରା ଖୋଲି କୌଣସି କାଗଜ ପତ୍ର ଖୋଜାଖୋଜି କରିଛନ୍ତି ଦୁର୍ବୃତ୍ତ। ତଦନ୍ତ ଚାଲିଛି, ଖୁବଶୀଘ୍ର ଚୋର ଧରାପଡିବେ ବୋଲି ସେ କହିଛନ୍ତି। ସେହିପରି ରବିବାର ରାତିରେ ଦୁର୍ବୃତ୍ତମାନେ ଚୋରି ଉଦ୍ଦେଶ୍ୟରେ ମୁରୁଶୁଣ୍ଡି ପଞ୍ଚାୟତ ସଦର ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟଗେଟ, ରୋଷେଇ ଘର ଏବଂ ୫ଟି ଶ୍ରେଣୀ କୋଠରି ତାଲା କାଟି ଦେଇଥିଲେ। ସୋମବାର ସ୍କୁଲ ଆସିଲା ପରେ ଶିକ୍ଷକମାନେ ଏହା ଜାଣିବାକୁ ପାଇଥିଲେ। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ଛତ୍ରିଆ ଓ ପରିଚାଳନା କମିଟି ସଦସ୍ୟ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ମାଟି ଚିକିତ୍ସା ଶିବିର

**ଲୋଇସିଂହା,୧୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାଟି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବପୁରୁଷମାନେ ଶରୀରରେ ମାଟିବୋଳି ସ୍ନାନ କରୁଥିଲେ। ଏଥିଯୋଗୁ ବିଭିନ୍ନ ଚର୍ମରୋଗ ସହ ଦୁରାରୋଗ୍ୟରୁ ଲୋକେ ମୁକ୍ତି ପାଉଥିଲେ। ଏବେ ରାସାୟନିକଯୁକ୍ତ ସାବୁନ ବ୍ୟବହାର ଦ୍ୱାର ଚର୍ମ ରୋଗ ଦେଖ ଯାଉଛି। ମାଟିକୁ ଅପଣାଇବାକୁ ସମିତିର ସକ୍ରିୟ ସଦସ୍ୟ ଅଶୋକ କୁମାର ଅଗ୍ରୱାଲ ପରାମର୍ଶ ଦେଇଥିଲେ।

# ହସ୍ପିଟାଲରେ ବିଧାୟିକାଙ୍କୁ ଭେଟିଲେ ୫-ଟି ସଚିବ


ମେଡିକାଲରେ ବିଧାୟିକାଙ୍କୁ ଭେଟୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ବ୍ରଜରାଜନଗର,୧୪।୩ (ଡି.ଏନ.ଏ.)

ଗ୍ୟାସ୍ ସମସ୍ୟା ଯୋଗୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ୮ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହା ଜାଣିବା ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଉକ୍ତ ହସ୍ପିଟାଲ ଯାଇ ବିଧାୟିକାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି। ଶୀଘ୍ର ସୁସ୍ଥ ହେବା ପାଇଁ ସେ ପ୍ରାର୍ଥନା କରିବା ସହ ପ୍ରଥମେ ସ୍ୱାସ୍ଥ୍ୟ ପରେ କାର୍ଯ୍ୟ ବୋଲି କହିଥିଲେ। ଆଗାମୀ ଦିନରେ ବ୍ରଜରାଜନଗର ଓ ଝାରସୁଗୁଡା ପାଇଁ ଅନେକ ବିକାଶ କାର୍ଯ୍ୟ କରିବାକୁ ଅଛି ବୋଲି ସେ କହିଥିଲେ।

# ମହିଳାଙ୍କ ଗୁରୁତ୍ୱ ଥିଲା ଓ ରହିବ

ସମ୍ବଲପୁର,୧୪।୩(ବ୍ୟୁରୋ)

**ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ**


ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏମ୍‌ସିଏଲ୍ ମୁଖ୍ୟାଳୟ ଜାଗୃତି ବିହାରସ୍ଥିତ ରଜନୀଗନ୍ଧା ସଭାକକ୍ଷଠାରେ ଉତ୍ସବ ହୋଇଥିଲା। ମହିଳା ମଣ୍ଡଳ ଅଧ୍ୟକ୍ଷା ପଦ୍ମଜା ସିଂ ମୁଖ୍ୟ ଅତିଥି, ଉପାଧ୍ୟକ୍ଷା ଏ ଶୁକ୍ଳା ରାଓ, ସରିତା ପଟେଲ, ଆରତି ବୋରା, ରଶ୍ମି ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଦିବସ ବିଷୟରେ ଆଲୋକପାତ କରିଥିଲେ। ସମ୍ପ୍ରତି ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇ କାର୍ଯ୍ୟ କରୁଛନ୍ତି । ସେଥିପାଇଁ ବିଶ୍ୱରେ ମହିଳାଙ୍କ ଗୁରୁତ୍ୱ ଅତୀତରେ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆନନ୍ଦ ବିହାରସ୍ଥିତ ଏମ୍‌ସିଏଲ୍ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ନିରା ଗୁପ୍ତା ଯୋଗଦେଇ ସ୍ୱାସ୍ଥ୍ୟର ଯତ୍ନ ଓ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ବୁର୍ଲା ଭିମ୍‌ସାର ଡାକ୍ତର ଶଙ୍କର ରାମଚନ୍ଦାନୀ ଓ ଶିଖା ରାମଚନ୍ଦାନୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସଚିବ ଅଳକା ମେହରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କୋଷାଧ୍ୟକ୍ଷା ରେଣୁ ପାଣ୍ଡେ ସହଯୋଗ କରିଥିଲେ। ଜାଗୃତି ମହିଳା ସଭା ସଚିବ ଆଶା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ୨ ଛାତ୍ର ଗୁରୁତର

ଲାଞ୍ଜିଗଡ,୧୪।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶନାଥପୁର ପଞ୍ଚାୟତ ଅନ୍ତର୍ଗତ ଧଅଁରାଭଟାସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ସୋମବାର ବାଇକ୍ ଦୁର୍ଘଟଣାରେ ୨ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ୨ଜଣ ଛାତ୍ର ମୂଷାନାଳ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର। ସେମାନେ କୁମୁଡାପଦର ଗ୍ରାମର ଚିନ୍ନଟୁ ଦୋରା ଓ ରାଇଲଗୁଡା ଗ୍ରାମର ଜଗଦିଶ ଦୋରା। ଉଭୟେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା କେନ୍ଦ୍ର ବିଶନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲକୁ ଆସି ଗୋଲାଙ୍ଗବନ୍ଧ ନିଜ ସମ୍ପର୍କୀୟ ଘରେ ରହୁଥିଲେ। ସନ୍ଧ୍ୟା ୬ଟାରେ ଗୋଲାଙ୍ଗବନ୍ଧଠାରୁ ବିଶ୍ୱନାଥପୁର ଆସି ଫେରୁଥିବା ବେଳେ ତାଙ୍କ ସାଇକେଲ ଚେନ ଖୋଲିଥିବାରୁ ଚେନ ଲଗାଉଥିବା ବେଳେ ବିଶ୍ୱନାଥପୁର ପଟୁ ଆସୁଥିବା ବାଇକ୍ (ନଂ.ଓଡି୧୮ସି ୯୦୨୮) ଦ୍ରୁତ ଗତିରେ ଆସି ୨ଜଣଙ୍କୁ ପିଟି ଦେଇଥିଲା। ଜଣକର ଗୋଡ଼ ଭାଙ୍ଗି ଯାଇଥିବାବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ଖବର ପାଇ ସନ୍ତୋଷ କୁମାର ତୁଳ ୧୦୮କୁ ସୂଚନା ଦେଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ପରେ ଚିନ୍ନଟୁ ଦୋରାଙ୍କୁ ଘରକୁ ପଠାଇ ଦେଇଥିଲେ ଏବଂ ଜଗଦୀଶ ଦୋରାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ଜଗଦୀଶଙ୍କ ଡାହାଣ ଗୋଡ଼ ଜଙ୍ଘ ଏବଂ ନଳି ହାଡ ପାଖରେ ଭାଙ୍ଗି ଯାଇଥିବା ବେଳେ ସେ ବର୍ତ୍ତମାନ ଭବାନୀପାଟଣାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଗୋଡ଼ ଭାଙ୍ଗି ଯାଇଥିବାରୁ ଜଗଦୀଶ ମଙ୍ଗଳବାର ଥିବା ଦଶମ ବୋର୍ଡ ପରୀକ୍ଷାର ସଂସ୍କୃତ ବିଷୟ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ବାକି ବିଷୟଗୁଡିକର ପରୀକ୍ଷାରୁ ମଧ୍ୟ ବଞ୍ଚିତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରେଳମନ୍ତ୍ରୀଙ୍କୁ ଭେଟିଲା ରେଳ ସଂଘର୍ଷ ସମିତି


ରେଳମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ନେତାମାନେ।

କୁଚିଣ୍ଡା,୧୪।୩(ଡି.ଏନ.ଏ.)

ଗଡ଼ପୋଷ ରେଳ ସଂଘର୍ଷ ସମିତି କର୍ମକର୍ତ୍ତା ସୋମବାର କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସମ୍ବଲପୁର ଜିଲା ବାମରା ଓ ଗଡ଼ପୋଷଠାରେ ରେଳ ରହଣି ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ରେଳ ସଂଘର୍ଷ ସମିତି ନେତା ପ୍ରକାଶ ଚନ୍ଦ୍ର ପଟେଲ ପ୍ରମୁଖ ମନ୍ତ୍ରୀଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ସାକ୍ଷାତ କରି ଆଲୋଚନା କରିଛନ୍ତି । ଏହାଛଡା ମଙ୍ଗଳବାର ଏହି ନେତାମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ତାଙ୍କ ସରକାରୀ ବାସଭବନରେ ଭେଟି ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ବାମରା ଓ ଗଡପୋଷଠାରେ ରେଳ ରହଣି ଦାବିନେଇ କିଛିଦିନ ତଳେ ବାମରାଠାରେ ରେଳରୋକୋ ଆନ୍ଦୋଳନ ହୋଇଥିଲା।

# ବିନା ସୁଧରେ ଋଣ ନିଅନ୍ତୁ ଚାଷୀ: ଜିଲାପାଳ


କର୍ମଶାଳାରେ ଯୋଗଦେଇଥିବା ଅତିଥି।

ସମ୍ବଲପୁର,୧୪।୩(ବ୍ୟୁରୋ)

**ସମବାୟ ବ୍ୟାଙ୍କିଙ୍ଗ ସେବା, କୃଷିଋଣ କର୍ମଶାଳା**

ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ବିକାଶ ଦିଗରେ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ବିଭାଗ ଏଥିପାଇଁ କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରୁ ସମବାୟ ସମିତି ଅନ୍ୟତମ। କ୍ଷୁଦ୍ର ଚାଷୀମାନଙ୍କ ପାଇଁ ମଧ୍ୟ ସୁବିଧା ରହିଛି। ଚାଷ ବିବିଧତା ଉପରେ ଚାଷ କରନ୍ତୁ। ଏଥିପାଇଁ ବିନା ସୁଧରେ ବଳରାମ ଯୋଜନାରେ ଋଣ ପ୍ରଦାନ କରାଯାଉଛି ବୋଲି ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ମଙ୍ଗଳବାର ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ କୃଷି ଋଣ କର୍ମଶାଳାରେ ଜିଲାପାଳ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସମଗ୍ର ଜିଲାରେ ସମବାୟ ସମିତି ଓ ଲ୍ୟାମ୍ପ୍‌ସ ରହିଛି। ଚାଷୀ ଏପରିକି ଭାଗଚାଷୀ ମଧ୍ୟ ଏହାର ସୁଯୋଗ ନେଇପାରିବେ ବୋଲି ଜିଲାପାଳ କହିଥିଲେ। ଏହାସହ ସରକାରଙ୍କ ସମବାୟ ବିଭାଗରେ ଚାଷୀଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନଙ୍କ ସମେତ ୯ ବ୍ଲକର ଅନ୍ତର୍ଗତ ସମବାୟ ସମିତି ସଭାପତି, ସମ୍ପାଦକ ଓ ଚାଷୀମାନେ ଉପସ୍ଥିତ ଥିଲେ।

# ପୌର ପରିଷଦ ପକ୍ଷରୁ କମ୍ୟୁନିଟି ପାର୍ଟନରଙ୍କୁ ସାଇକେଲ ପ୍ରଦାନ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ୱେଚ୍ଛାସେବୀମାନେ।

ବେଲପାହାଡ,୧୪।୩(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ପକ୍ଷରୁ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ କମ୍ୟୁନିଟି ପାର୍ଟନର ତଥା ସ୍ୱେଚ୍ଛାସେବୀଙ୍କୁ ମଙ୍ଗଳବାର ସାଇକେଲ ପ୍ରଦାନ କରାଯାଇଛି। ପୌର ପରିଷଦ ପକ୍ଷରୁ ନିୟୋଜିତ ସ୍ୱଚ୍ଛସାଥୀ, ସ୍ୱଚ୍ଛସାଥୀ ସୁପର ଭାଇଜର, ବିଓଭି ଚାଳକ, ଏମ୍‌ସିସି, ଏମ୍‌ଆର୍‌ଏଫ୍, ଏଫ୍‌ଏସ୍‌ଟିପି ଆଦିର ମୋଟ ୬୯ ଜଣ ସ୍ୱେଚ୍ଛାସେବୀ ମହିଳାଙ୍କୁ ସାଇକେଲ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନଗରପାଳ ନିମାଇଁ ଚରଣ ପଣ୍ଡା ମୁଖ୍ୟଅତିଥି, ଉପାଧ୍ୟକ୍ଷା ରୀନା ସୁନା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିକାଶ ଭୋଇ, କାଉନସିଲରଙ୍କ ମଧ୍ୟରେ କହ୍ନେଇ ଚରଣ ସେଠ, ବିଭୀଷଣ ରାଉତ, ଯୁଧିଷ୍ଠିର ମୁଖି, ପ୍ରଶାନ୍ତ ରାଉତ, ଦୀପକ ଭଇଁଶାଳ, ଶକୁନ୍ତଳା ମହନ୍ତ, ସୁନନ୍ଦା ପସାୟତ ପ୍ରମୁଖ ସାମିଲ ରହିଥିଲେ।

# ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ସମ୍ବଲପୁର,୧୪।୩(ବ୍ୟୁରୋ)

ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ତଥା କ୍ରାଫ୍ଟ ବଜାର ମଙ୍ଗଳବାର ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ସ୍ୱପ୍ନା ଅନୁଷ୍ଠାନ ସଭାପତି ପ୍ରତ୍ୟୁଷ କୁମାର ରଥଙ୍କ ପରିଚାଳନା ଓ କୋଷାଧ୍ୟକ୍ଷ ଅବ୍ୟକ୍ତ ପ୍ରସାଦ ହୋତାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କ୍ରାଫ ବଜାରରେ ମୋଟ ୧୩୦ ଷ୍ଟଲ ରହିଥିଲା। ବିଭିନ୍ନ ଷ୍ଟଲରେ ଓଡିଶା ସମେତ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ପ୍ରଭୃତି ରାଜ୍ୟର ସାମଗ୍ରୀ ବିକ୍ରି ହେଉଥିଲା। ସମ୍ବଲପୁର ଜିଲାର ଠେମରା, ପରମାଣପୁର, ସାହଜବାହାଲ ଓ ଗଡମୁଣ୍ଡା କାରିଗରମାନଙ୍କ ଟେରାକୋଟା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ହୋଇଥିଲା। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଟେକ୍ସଟାଇଲ ମନ୍ତ୍ରଣାଳୟ ଆୟୋଜିତ କ୍ରାଫ୍ଟ ବଜାର ଗତ ୫ ତାରିଖରୁ ଆରମ୍ଭ ହୋଇଥିଲା।


କ୍ରାଫ୍ଟ ବଜାରର ଏକ ଷ୍ଟଲରୁ ସାମଗ୍ରୀ କିଣୁଛନ୍ତି ଲୋକେ।

# ଟିପିଡବ୍ଲ୍ୟୁଓଡିଏଲ୍ ବିରୋଧରେ ଭାଜପା ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୪।୩(ବ୍ୟୁରୋ)

ଟିପିଡ଼ବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷଙ୍କ ମନମାନିକୁ ବିରୋଧ କରି ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ମୋର୍ଚ୍ଚା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି, ଟିପିଡ଼ବ୍ଲ୍ୟୁଓଡିଏଲ୍‌ର କର୍ମଚାରୀ ଜୋର ଜବରଦସ୍ତ ବକେୟା ବିଲ ଦେବା ପାଇଁ ଉପଭୋକ୍ତାଙ୍କୁ ବାଧ୍ୟ କରୁଛନ୍ତି। ଯଦି କେହି ବ୍ୟକ୍ତି ଏଥିରେ ରାଜି ହେଉନାହାନ୍ତି ସେମାନଙ୍କୁ ଧମକ ଦିଆଯାଉଛି। ଏପରି କି ଘରକୁ ବିଦ୍ୟୁତ୍ ସଂଯୋଗ କାଟି ଦେଉଛନ୍ତି। ଫଳରେ ଅନେକ ଗରିବ ପରିବାର ଅନ୍ଧାରରେ ରହିବାକୁ ବାଧ୍ୟ ହେଉଛନ୍ତି। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଅସହ୍ୟ ଗରମରେ ରହିବା କଷ୍ଟକର ହୋଇଯିବ। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ଟିପିଡ଼ବ୍ଲ୍ୟୁଓଡିଏଲ୍ କର୍ମଚାରୀମାନେ ଲୋକଙ୍କୁ ହଇରାଣ କରୁଛନ୍ତି। ସେପଟେ କମ୍ପାନୀ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି ଯେ, ଯେଉଁ କୃଷକମାନେ ବିଦ୍ୟୁତ୍ ଦେୟ ଦେଇ ନ ଥିବେ ସେମାନଙ୍କ ଚାଷୀ କାର୍ଡ ରଦ୍ଦ କରାଯାଉ, ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। କମ୍ପାନୀର ମନମୁଖି କାର୍ଯ୍ୟ ବିରୋଧରେ ଭାଜପା ଆସନ୍ତା ୧୬ ତାରିଖରେ ଅଇଁଠାପାଲିସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀ ଅଫିସ ଘେରିବ ବୋଲି ଲିଖିତ ଭାବେ ଜଣାଇଛି। ସମଗ୍ର ଜିଲାରେ ଲୋକଙ୍କ ସମସ୍ୟା ନେଇ ଭାଜପା ବଡଧରଣର ଆନ୍ଦୋଳନ କରିବ ବୋଲି ସେମାନେ କହିଛନ୍ତି। ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ବାବୁ, ଶମ୍ଭୁ ବରେଲିଆ, ସରୋଜ କୁମାର ଘଡାଇ, ଜୟନ୍ତ ସାହୁ, ଅଶ୍ୱିନୀ ମାଝି, ସଞ୍ଜୟ କୁମାର ଷଡଙ୍ଗୀ, ନୀଳାମ୍ବର ସିକନ୍ଦର, ସନ୍ତୋଷ ଡାଲୁଆ, ସୁଦିପ ପରିଡା, ପ୍ରଦିପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭାଜପା କର୍ମକର୍ତ୍ତା ।

**ସରକାରଙ୍କ ନିୟମ, ଚୁକ୍ତି ପାଳନ କରାଯାଉଛି: କମ୍ପାନୀ**

ଅନ୍ୟପଟେ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ମନୋଜ ପଟ୍ଟନାୟକ କହିଛନ୍ତି, ସରକାରଙ୍କ ନିୟମ ପାଳନ କରାଯାଇ ଚୁକ୍ତି ଅନୁସାରେ ବିଲ୍ ଆଦାୟ କରାଯାଉଛି। ବିଲ୍ ସଂଗ୍ରହ ସମୟରେ କମ୍ପାନୀ କର୍ମଚାରୀଙ୍କୁ ମାଡ଼ ମରାଯିବା ସହ ଭୟଭୀତ କରାଯାଉଛି। ହେଲେ ସେମାନେ ଗ୍ରାହକ ହୋଇଥିବାରୁ ଅନେକ କ୍ଷେତ୍ରରେ କମ୍ପାନୀ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଲ ଦେବାକୁ ପଡିବ। ସେଥିପାଇଁ ସୁବିଧା ଓ ସହଜ କିସ୍ତି ବ୍ୟବସ୍ଥା କରାଯାଇଛି। ଉପଭୋକ୍ତାମାନେ ଏହାର ଲାଭ ନେଇପାରିବେ ବୋଲି ସେ କହିଥିଲେ।



ବିଲିୟନେଆର ଗୌତମ ଅଦାନୀଙ୍କ ସାନ ପୁଅ ଜିତ୍ ଅହମଦାବାଦ୍‌ର ହୀରା ବ୍ୟବସାୟୀଙ୍କ ଝିଅ ଦିବ୍ୟା ଜେମିନ ଶାହଙ୍କୁ ବିବାହ କରିବେ। ରବିବାର ଦୁହିଁଙ୍କର ନିର୍ବନ୍ଧ ଶେଷ ହୋଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ପକ୍ଷଙ୍କ ପରିବାର ଲୋକ ଏବଂ ବନ୍ଧୁ ଯୋଗ ଦେଇଥିଲେ। ଜିତ୍ ବର୍ତ୍ତମାନ ଅଦାନୀ ଫାଇନାନ୍ସ ଗ୍ରୁପ୍‌ର ଉପସଭାପତି ଅଛନ୍ତି। ଜିତ୍ ସ୍କୁଲ୍ ଅଫ୍ ପେନ୍‌ସିଲଭାନିଆ, ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍ସରେ ପାଠ ପଢ଼ିଛନ୍ତି।

## ସଂକ୍ଷେପରେ

### ଶିଶୁକୁ ଝୁଣି ମାରିଲା କୁକୁର

ହାଇଦ୍ରାବାଦ୍, ୧୪। ୩: ତେଲଙ୍ଗାନା ଖାମ୍ମାନ ଜିଲା ପୁଟାନି ଥାଣ୍ଡାରେ କୁକୁର କାମୁଡ଼ାରେ ୫ ବର୍ଷର ବାଳକ ବନୋଥ ଭାରଥର ମୃତ୍ୟୁ ଘଟିଛି। ବନୋଥ ଘର ବାହାରେ ଖେଳୁଥିବା ସମୟରେ ଗୋଟିଏ ବୁଲା କୁକୁର ତାକୁ ଝୁଣି କାମୁଡ଼ି ଦେଇଥିଲା। ଘରଲୋକେ ଆହତ ଅବସ୍ଥାରେ ବନୋଥଙ୍କୁ ନିକଟସ୍ଥ ଡାକ୍ତରଖାନା ନେଉଥିବାବେଳେ ରାସ୍ତାରେ ତା'ର ମୃତ୍ୟୁ ଘଟିଥିଲା। ଏଭଳି ଘଟଣା ବାରମ୍ବାର ଘଟିବାରେ ଲାଗିଛି। ଏହାକୁ ରୋକିବା ଲାଗି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଥିବା ତେଲଙ୍ଗାନା ସ୍ୱତନ୍ତ୍ର ମୁଖ୍ୟ ସଚିବ ଅରବିନ୍ଦ କୁମାର ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି।

### ବୋର୍‌ୱେଲରେ ଫସିଛି ୭ ବର୍ଷର ବାଳକ

ଭୋପାଳ, ୧୪। ୩: ମଧ୍ୟପ୍ରଦେଶ ବିଦିଶା ଜିଲା ଖେରଖେଡି ଗ୍ରାମରେ ମଙ୍ଗଳବାର ୭ ବର୍ଷର ବାଳକ ଏକ ବୋର୍‌ୱେଲ୍‌ରେ ଖସିପଡ଼ିଛି। ଲୋକେଶ ଏହରିୱାର ଖେଳୁଥିବା ସମୟରେ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କଠାରୁ ଏହାର ସଚନା ପାଇ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ରେସ୍କ୍ୟୁ ଟିମ୍ ସାଙ୍ଗକୁ ଜେସିବି ମେଶିନ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି। ଲୋକେଶଙ୍କ ସ୍ଥିତିର ଯାଞ୍ଚ ପାଇଁ ବୋର୍‌ୱେଲରେ ଏକ କ୍ୟାମେରା ଭର୍ତ୍ତି କରାଯାଇଛି। ରେସ୍କ୍ୟୁ ଅପରେଶନ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଦିଶା ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ଏଭଳି ଅନେକ ଘଟଣା ଘଟିବା ପରେ କିଛିଦିନ ପୂର୍ବେ ସରକାର ବୋର୍‌ୱେଲ୍ ଖୋଲା ନ ଛଡ଼ିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ।

### ଯୁଦ୍ଧ ହାରିଲେ ପଦଚ୍ୟୁତ ହେବେ ପୁଟିନ୍




ବୋରିସ୍ ବୋନ୍ଦାରେଭ   ଭ୍ଲାଡିମିର ପୁଟିନ

ମସ୍କୋ, ୧୪। ୩: ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପରାଜିତ ହେଲେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ପଦଚ୍ୟୁତ ହେବାକୁ ପଡ଼ିବ ବୋଲି ପୂର୍ବତନ କୂଟନୀତିଜ୍ଞ ବୋରିସ୍ ବୋନ୍ଦାରେଭ ଏକ ସାକ୍ଷାତ୍‌କାରରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ରୁଷିଆ ପରାଜିତ ହେଲେ ପୁଟିନ୍‌ଙ୍କୁ ନିଜ ପଦରୁ ଓହରିବାକୁ ପଡ଼ିବ। ସେ ସୁପର ହିରୋ ନୁହଁନ୍ତି। ସେ ଜଣେ ଶାସକ। ଏ ପ୍ରକାର ପରିସ୍ଥିତିରେ ପୁଟିନ୍‌ଙ୍କ ପରି ଶାସକଙ୍କୁ ପଦଚ୍ୟୁତ କରାଯାଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଯୁଦ୍ଧ ହାରିଲେ ସେ ତାଙ୍କ ସମର୍ଥକଙ୍କ ଆବଶ୍ୟକତା ପୂରଣ କରିପାରିବାକୁ ଅସମର୍ଥ ହେବେ, ଯାହାଫଳରେ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟିବାକୁ ପଡ଼ିବ ବୋଲି ବୋରିସ୍ ପ୍ରକାଶ କରିଛନ୍ତି। ଗତବର୍ଷ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ବୋରିସ୍ ନିଜ ପଦରୁ ଇସ୍ତଫା ଦେଇଥିଲେ।

# ଭୋପାଳ ଗ୍ୟାସ୍ ଦୁର୍ଗତଙ୍କୁ ମିଳିବନି ବର୍ଦ୍ଧିତ କ୍ଷତିପୂରଣ

## କେନ୍ଦ୍ରର ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୪।୩



ଭୋପାଳ ଗ୍ୟାସ୍ ଟ୍ରାଜେଡି ମାମଲାରେ ଦୁର୍ଗତମାନଙ୍କୁ ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ ଲାଗି କେନ୍ଦ୍ର ସରକାର ଦାଏର କରିଥିବା କ୍ୟୁରେଟିଭ୍ ପିଟିଶନ୍‌କୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଆମେରିକାର ୟୁନିୟନ କାର୍ବାଇଡ୍ କର୍ପୋରେଶନ (ୟୁସିସି)ଠାରୁ ୭,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତିପୂରଣ ଲାଗି କେନ୍ଦ୍ର ସରକାର ପିଟିଶନ ଜରିଆରେ ଦାବି କରିଥିଲେ। ଉକ୍ତ କମ୍ପାନୀ ଏବେ ଡୋ କେମିକାଲ୍ସ ମାଲିକାନାରେ ରହିଛି। ୧୯୮୪ ଡିସେମ୍ବର ୨ରେ ଭୋପାଳ ପ୍ଲାଣ୍ଟରୁ ବିଷାକ୍ତ ଗ୍ୟାସ୍ ଲିକ୍ ଯୋଗୁ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିଲେ ଓ ପରିବେଶ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଏହା ସବୁଠୁ ବଡ଼ ଶିଳ୍ପ ବିପର୍ଯ୍ୟୟ ଥିଲା।

କ୍ଷତିପୂରଣ ବଢ଼ାଇବା ପାଇଁ ମାମଲାର ପୁନର୍ବିଚାରକୁ ୫ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ଦୁଇ ଦଶନ୍ଧି ପରେ ପୁଣି ଥରେ ମାମଲାର ତଦନ୍ତ ଲାଗି କେନ୍ଦ୍ର ସରକାର କୌଣସି ବାସ୍ତବ କାରଣ ଦର୍ଶାଇ ନ ଥିବାରୁ ଜଷ୍ଟିସ୍ ସଞ୍ଜୟ କିଷନ କୌଲଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଅସନ୍ତୋଷ ବ୍ୟକ୍ତ କରିବା ସହ କ୍ୟୁରେଟିଭ୍ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସାମ୍ବିଧାନିକ ପୀଠରେ ଜଷ୍ଟିସ୍ କୌଲଙ୍କ ବ୍ୟତୀତ ଜଷ୍ଟିସ୍ ସଞ୍ଜୟ ଖାନ୍ନା, ଅଭୟ ଏସ୍. ଓକା, ବିକ୍ରମ ନାଥ ଏବଂ ଜେ.କେ. ମହେଶ୍ୱର ରହିଛନ୍ତି।

ୟୁସିସି ପୈଠ କରିଥିବା ଅର୍ଥ ଗ୍ୟାସ ଦୁର୍ଗତମାନଙ୍କ ସମସ୍ତ ଦାବି ପୂରଣ କରିବାକୁ ଯଥେଷ୍ଟ ବୋଲି ପୂର୍ବରୁ କେନ୍ଦ୍ର ସରକାର କହିଥିଲେ। କ୍ଷତିପୂରଣ ରାଶିରୁ ଏବେ ବି ୫୦ କୋଟି ଟଙ୍କା ଅବ୍ୟବହୃତ ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ଆବେଦନ ଶୁଣାଣିଯୋଗ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଗତ ଜାନୁୟାରୀ ୧୨ରେ ଅଦାଲତ କେନ୍ଦ୍ର ସରକାରଙ୍କ କ୍ୟୁରେଟିଭ୍ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଜାନୁୟାରୀ ୧୨ରେ ୟୁସିସିର ଉତ୍ତରାଧିକାରୀ କମ୍ପାନୀ ଅଦାଲତଙ୍କୁ ଜଣାଇଥିଲେ, କମ୍ପାନୀ ଏବଂ କେନ୍ଦ୍ର ସରକାର ୧୯୮୯ରେ ସମାଧାନରେ ପହଞ୍ଚିଥିଲେ। ସେବେଠାରୁ ବର୍ତ୍ତମାନ ମଧ୍ୟରେ ଟଙ୍କାର ମୂଲ୍ୟ ଯଥେଷ୍ଟ ହ୍ରାସ ପ୍ରାଇଛି। ଏହାକୁ କାରଣ ଭାବେ ଦର୍ଶାଇ ଗ୍ୟାସ ଦୁର୍ଗତଙ୍କ ଲାଗି କ୍ଷତିପୂରଣ ବଢ଼ାଇବାକୁ ଦାବି କରାଯାଇପାରିବ ନାହିଁ ବୋଲି କମ୍ପାନୀ କହିଥିଲା। ସୂଚନାଯୋଗ୍ୟ, ୧୯୮୯ର ସମାଧାନ ଅନୁଯାୟୀ ଆମେରିକୀୟ କମ୍ପାନୀ ୪୭୦ ନିୟୁତ ଡଲାର (୭୧୫ କୋଟି ଟଙ୍କା) ପୈଠ କରିଥିଲା। ଏବେ ୟୁସିସିର ଉତ୍ତରାଧିକାରୀ କମ୍ପାନୀଠାରୁ କେନ୍ଦ୍ର ସରକାର ଅଧିକ ୭,୮୪୪ କୋଟି ଟଙ୍କା ଦାବି କରିଥିଲେ।

## ଦୁର୍ଗତ ପୁଣି ପ୍ରତାରିତ

ଭୋପାଳ, ୧୪।୩

ଭୋପାଳ ଗ୍ୟାସ୍ ଦୁର୍ଗତଙ୍କୁ ଅଧିକ କ୍ଷତିପୂରଣ ଦେବା ଲାଗି କେନ୍ଦ୍ର ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ପରେ ସେମାନେ ପୁନର୍ବାର ପ୍ରତାରିତ ହୋଇଥିବା କ୍ଷତିଗ୍ରସ୍ତମାନେ କହିଛନ୍ତି। ଦୁର୍ଗତମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି ବୋଲି ଗ୍ୟାସ୍ ଲିକ୍ ଘଟଣାରେ ପରିବାରର ୭ ଜଣଙ୍କୁ ହରାଇଥିବା ରଶିଦା ବାଇ ଅଭିଯୋଗ କରିବା ସହ ଅଦାଲତଙ୍କ ରାୟକୁ ଅନ୍ୟାୟ ବୋଲି କହିଛନ୍ତି। କୋର୍ଟରେ ୟୁନିୟନ କାର୍ବାଇଡ୍‌ର ଓକିଲଙ୍କ ଯୁକ୍ତି ଶୁଣିବା ଲାଗି ଅଦାଲତ ପର୍ଯ୍ୟାପ୍ତ ସମୟ ଦେଇଥିଲେ ମଧ୍ୟ ଦୁର୍ଗତ ସଂଗଠନର ଆଇନଜୀବୀଙ୍କ ଯୁକ୍ତି ମାତ୍ର ୪୫ ମିନିଟ ଶୁଣିଥିଲେ ବୋଲି ରଶିଦା ଅଭିଯୋଗ କରିଛନ୍ତି। ସେହିପରି ଶେହଜାଦି ନାମକ ଅନ୍ୟ ଜଣେ ପୀଡ଼ିତ କହିଛନ୍ତି, ୧୯୮୯ରେ ସେମାନଙ୍କ ପ୍ରତି ପ୍ରତାରଣା କରାଯାଇଥିବାବେଳେ ମଙ୍ଗଳବାରର ରାୟ ପୁନର୍ବାର ପ୍ରତାରିତ କରିଛି। ଗ୍ୟାସ୍ ଦୁର୍ଗତ ଏବେ ବି ମରୁଛନ୍ତି ଓ ଯନ୍ତ୍ରଣା ଭୋଗୁଛନ୍ତି। ସର୍ବୋଚ୍ଚ ଅଦାଲତ ଆବେଦନକୁ ଖାରଜ କରିଦେଲେ କିପରି ବୋଲି ଦୁର୍ଗତମାନଙ୍କ ଦାବି ପାଇଁ ଲଢୁଥିବା ସଂଗଠନର ସଭାପତି ବାଲ୍‌କ୍ରିଷ୍ଣ ନାମଦେଓ ପ୍ରଶ୍ନ କରିଛନ୍ତି।

## ଘଟଣାକ୍ରମ

**୧୯୮୪ ଡିସେମ୍ବର ୨ ରାତି:** ଭୋପାଳରେ ଥିବା ୟୁନିୟନ କାର୍ବାଇଡ୍ ପ୍ଲାଣ୍ଟରୁ ବିଷାକ୍ତ ମିଥାଇଲ୍ ଆଇସୋସିଆନେଟ୍ (ଏମ୍‌ଆଇସି) ଗ୍ୟାସ୍ ଲିକ୍ ହୋଇଥିଲା।

**ଡିସେମ୍ବର ୩:** ପୋଲିସ ମାମଲା ଦାଏର କରିବା ସହ ୟୁନିୟନ କାର୍ବାଇଡ୍ ଇଣ୍ଡିଆ ଲିଃ(ୟୁସିଆଇଏଲ୍)ର ୱାର୍କ୍ସ ମ୍ୟାନେଜର ଜୟ ମୁକୁନ୍ଦ, ଆସିଷ୍ଟାଣ୍ଟ ୱାର୍କ୍ସ ମ୍ୟାନେଜର ସତ୍ୟପ୍ରକାଶ ଚୌଧରୀ ପ୍ରମୁଖଙ୍କୁ ଗିରଫ କରିଥିଲା।

**ଡିସେମ୍ବର ୬:** ମାମଲା ସିବିଆଇକୁ ହସ୍ତାନ୍ତର।

**ଡିସେମ୍ବର ୭:** ୟୁନିୟନ କାର୍ବାଇଡ୍ କର୍ପୋରେଶନର ଅଧକ୍ଷ ୱାରେନ୍ ଏମ୍. ଆଣ୍ଡରସନ, ୟୁସିଆଇଏଲ୍ ଅଧକ୍ଷ କେଶୁବ ମହିନ୍ଦ୍ରା ଏବଂ ପରିଚାଳନା ନିର୍ଦ୍ଦେଶକ ବିଜୟ ପ୍ରଭାକର ଗୋଖଲେଙ୍କୁ ପୋଲିସ ଗିରଫ କରିଥିଲା।

**୧୯୮୫ ଫେବୃୟାରୀ:** କେନ୍ଦ୍ର ସରକାର ୟୁନିୟନ କାର୍ବାଇଡ୍‌ଠାରୁ ୩.୩ ବିଲିୟନ ଡଲାର କ୍ଷତିପୂରଣ ଦାବି କରି ଆମେରିକା କୋର୍ଟରେ ପିଟିଶନ ଦାଏର କରିଥିଲେ।

**ମାର୍ଚ୍ଚ ୨୯:** ଗ୍ୟାସ୍ ଦୁର୍ଗତମାନଙ୍କ ତରଫରୁ ପ୍ରତିନିଧିତ୍ୱ କରିବା ଲାଗି କେନ୍ଦ୍ରକୁ ଅଧିକାର ଦିଆଯାଇ ଭୋପାଳ ଗ୍ୟାସ୍ ଲିକ୍ ଡିଜାଷ୍ଟର (ପ୍ରୋସେସିଂ ଅଫ୍ କ୍ଲେମ୍) ଆକ୍ଟ, ୧୯୮୫ ଗୃହୀତ ହୋଇଥିଲା।

**୧୯୮୬ ମେ' ୧୨:** ଆମେରିକା ଡିଷ୍ଟ୍ରିକ୍ଟ କୋର୍ଟ ଜଜ୍ କିନାନ୍ ସମସ୍ତ ଭୋପାଳ ବିବାଦ ମାମଲାକୁ ଭାରତକୁ ହସ୍ତାନ୍ତର କରିଥିଲେ।

**୧୯୮୭ ନଭେମ୍ବର ୩୦:** ଭୋପାଳର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ କୋର୍ଟରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୩୦୪, ୩୨୬, ୩୨୪, ୪୨୯ ଏବଂ ୩୫ ଲାଗୁ ହୋଇଥିଲା।

**୧୯୮୭ ଡିସେମ୍ବର ୧:** ଆଣ୍ଡରସନ୍‌ଙ୍କୁ ଭୋପାଳ ସିଜେଏମ୍ ସମନ ଜାରି କରିଥିଲେ।

**୧୯୮୭ ଡିସେମ୍ବର ୧୭:** ଅନ୍ତରୀଣ କ୍ଷତିପୂରଣ ଭାବେ ୩୫୦ କୋଟି ଟଙ୍କା ପୈଠ କରିବାକୁ ଜିଲା କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**୧୯୮୮ ଏପ୍ରିଲ ୪:** ୟୁସିସି ଏହାକୁ ମଧ୍ୟପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ପରେ ଅନ୍ତରୀଣ କ୍ଷତିପୂରଣ ରାଶି ୨୫୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା।

**୧୯୮୯ ଫେବୃୟାରୀ ୧୪:** ମୋଟ ୪୭୦ ନିୟୁତ ଡଲାର କ୍ଷତିପୂରଣ ଦେବା ଲାଗି ସୁପ୍ରିମକୋର୍ଟ ୟୁସିସିକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ସିଭିଲ୍ ଓ କ୍ରିମିନାଲ ପ୍ରୋସିଡିଂ ବନ୍ଦ କରିବାକୁ କହିଥିଲେ।

**୧୯୯୨:** ସରକାର ୪୭୦ ନିୟୁତ ଡଲାରରୁ କିଛି ଅର୍ଥ ଗ୍ୟାସ୍ ଦୁର୍ଗତଙ୍କ ମଧ୍ୟରେ ବାଣ୍ଟିଥିଲେ।

**୧୯୯୨ ଫେବୃୟାରୀ:** ଆଣ୍ଡରସନ୍‌ଙ୍କୁ କୋର୍ଟ ପଳାତକ ଘୋଷଣା କରିଥିଲେ।

**୨୦୧୦ ଡିସେମ୍ବର ୩:** ଗ୍ୟାସ୍ ଦୁର୍ଗତଙ୍କ କ୍ଷତିପୂରଣ ରାଶିକୁ ୭୫୦ କୋଟିରୁ ୭,୮୪୪ କୋଟିକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର କ୍ୟୁରେଟିଭ୍ ପିଟିଶନ ଦାଏର କରିଥିଲେ।

**୨୦୧୧ ଫେବୃୟାରୀ ୨୮:** କ୍ୟୁରେଟିଭ୍ ପିଟିଶନର ଦୈନନ୍ଦିନ ଶୁଣାଣି ପାଇଁ ସୁପ୍ରିମକୋର୍ଟ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରିଥିଲେ।

**୨୦୨୩ ଜାନୁୟାରୀ ୧୨:** କ୍ୟୁରେଟିଭ୍ ପିଟିଶନର ଶୁଣାଣି ଶେଷ କରି ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

**ମାର୍ଚ୍ଚ ୧୪:** ଗ୍ୟାସ୍ ଦୁର୍ଗତଙ୍କ କ୍ଷତିପୂରଣ ବୃଦ୍ଧି ଲାଗି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

## ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କଲେ ଟିଟିଇ

### ଗିରଫ ପରେ ଚାକିରିରୁ ବହିଷ୍କୃତ

ନୂଆଦିଲ୍ଲୀ, ୧୪।୩

ଅମୃତସରରୁ କୋଲକାତା ଯାଉଥିବା ଅକଲ ତଖତ୍ ଏକ୍ସପ୍ରେସ୍‌ରେ ଟ୍ରେନ୍ ଟିକେଟ ପରୀକ୍ଷକ (ଟିଟିଇ) ମାତାଲ ଅବସ୍ଥାରେ ଜଣେ ମହିଳା ଯାତ୍ରୀଙ୍କ ମୁଣ୍ଡରେ ପରିସ୍ରା କରି ମଙ୍ଗଳବାର ଚାକିରିରୁ ବହିଷ୍କୃତ ହୋଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୁନ୍ନା କୁମାର ନାମକ ଏହି ଟିଟିସିଙ୍କ ଘର ବିହାରରେ। ସେ ଡ୍ୟୁଟିରେ ନ ଥିଲେ। ପରିସ୍ରା କରିବା ଅଭିଯୋଗରେ ସୋମବାର ତାଙ୍କୁ ଲକ୍ଷ୍ନୌରୁ ଗିରଫ କରାଯାଇଥିଲା। ସୂଚନା ଅନୁଯାୟୀ ମହିଳା ଜଣକ ତାଙ୍କ ସ୍ୱାମୀ ରାଜେଶ କୁମାରଙ୍କ ସହ ଅକଲ ତଖତ ଏକ୍ସପ୍ରେସ୍‌ର ଏ୧ କୋଚ୍‌ରେ ଯାଉଥିଲେ। ମୁନ୍ନା ସେଦିନ ଛୁଟିରେ



ମୁନ୍ନା କୁମାର

ଥିବାବେଳେ ଉକ୍ତ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିଲେ। ତାଙ୍କର ମହିଳାଙ୍କ ପ୍ରତି ଅସମ୍ମାନ ଗୁରୁତର ଅସଦାଚରଣ। ଏଭଳି ଆଚରଣ ସମ୍ପୂର୍ଣ୍ଣ ରେଲୱେର ମର୍ଯ୍ୟାଦା ହାନି କରିଥିବାରୁ ମୁନ୍ନାଙ୍କୁ ଚାକିରିରୁ ବହିଷ୍କାର କରାଗଲା ବୋଲି ନର୍ଦ୍ଦର୍ନ ରେଲୱେ ପକ୍ଷରୁ କୁହାଯାଇଛି।

## ସେମାନେ ମୋତେ ଜେଲରେ ହତ୍ୟା କରିବେ

### ଇମ୍ରାନ୍‌ଙ୍କ ମୁଣ୍ଡରେ ଗିରଫଦାରି ଖଣ୍ଡା

ଲାହୋର/ଇସ୍‌ଲାମାବାଦ,୧୪।୩

ବହୁଚର୍ଚ୍ଚିତ ତୋଶାଖାନା ମାମଲାରେ ପାକିସ୍ତାନର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁଣ୍ଡ ଉପରେ ଗିରଫଦାରି ଖଣ୍ଡା ଝୁଲୁଛି। ପୋଲିସ ଇମ୍ରାନ୍‌ଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ଲାହୋରସ୍ଥିତ ତାଙ୍କ ଜମାନ୍ ପାର୍କ ବାସଭବନରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ଗିରଫଦାରିକୁ ବିରୋଧକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ବେଳେ ପୋଲିସ ଓ ସମର୍ଥକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ତେବେ ଇମ୍ରାନ୍ ଇସ୍‌ଲାମାବାଦ୍ ହାଇକୋର୍ଟରୁ ସୁରକ୍ଷାତ୍ମକ ଜାମିନ ହାସଲ କରିଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରି ନାହିଁ।

ପିଟିଆଇ ମୁଖ୍ୟ ଇମ୍ରାନ୍ ଖାନ୍



ପ୍ରଧାନମନ୍ତ୍ରୀ ଥିବାବେଳେ ପାଇଥିବା ଏକ ଦାମୀ ଗ୍ରାଫ୍ ହାତଘଣ୍ଟା ସମେତ କେତେକ ଉପହାରକୁ ସରକାରୀ ଭଣ୍ଡାର (ତୋଶାଖାନା)ରୁ ରିହାତି ମୂଲ୍ୟରେ କିଣିଥିଲେ। ପରେ ସେ ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରିଦେଇଥିବା ଅଭିଯୋଗ ରହିଛି। ଅତିରିକ୍ତ ଜିଲା ଜଜ୍ ଜାଫର ଇକ୍‌ବାଲ୍‌ଙ୍କ କୋର୍ଟ ସୋମବାର ତୋଶାଖାନା ମାମଲାର ଶୁଣାଣି କରି ଇମ୍ରାନ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏଥିସହ ତାଙ୍କୁ ମାର୍ଚ୍ଚ ୧୮ ସୁଦ୍ଧା କୋର୍ଟରେ ହାଜର କରାଇବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଇସ୍‌ଲାମାବାଦ୍ ଡିଆଇଜି (ଅପରେଶନ୍ସ) ଶେହଜାଦ ବୁଖାରିଙ୍କ ନେତୃତ୍ୱରେ ପୋଲିସ ଇମ୍ରାନ୍‌ଙ୍କ ଜମାନ୍ ପାର୍କ ବାସଭବନରେ ପହଞ୍ଚିଥିଲା। ସଶସ୍ତ୍ର ପୋଲିସ ଟିମ୍ ଏବଂ ପିଟିଆଇ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଇମ୍ରାନ୍‌ଙ୍କ ସମର୍ଥକମାନେ ପୋଲିସକୁ ଠେଲାମାଡ଼ କରିଥିଲେ। ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଥିବାବେଳର ଭିଡିଓକୁ ପିଟିଆଇ ନେତା ଶିରିନ୍ ମଜାରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଦଳର ଉପନେତା ଶାହ ମେହମୁଦ କୁରେଶି କହିଛନ୍ତି, ପିଟିଆଇ ନେତା ରକ୍ତାକ୍ତ ସଂଘର୍ଷକୁ ଏଡ଼ାଇବା ପାଇଁ ଏକ ସମ୍ଭାବ୍ୟ ପନ୍ଥା ବାହାର କରିବାକୁ ପ୍ରସ୍ତୁତ। ସେହିପରି ଦଳୀୟ ନେତାମାନେ ଗିରଫ ପରୱାନାକୁ ଚ୍ୟାଲେଞ୍ଜ କରି ଇସ୍‌ଲାମାବାଦ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପୂର୍ବତନ ମନ୍ତ୍ରୀ ଫୱାଦ୍ ଚୌଧରୀ ସୂଚନା ଦେଇଛନ୍ତି। ଇତିମଧ୍ୟରେ ୭୦ ବର୍ଷୀୟ ଇମ୍ରାନ୍ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ମେସେଜ୍ ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, ପୋଲିସ ମୋତେ ଗିରଫ କରିବାକୁ ଆସିଛି। ମୁଁ ଗିରଫ ହେଲେ ପାକିସ୍ତାନ ଶୋଇପଡ଼ିବ ବୋଲି ସେମାନେ ଭାବୁଛନ୍ତି। ମୋର ଯଦି କିଛି ହୋଇଯାଏ, ମୋତେ ଯଦି ହତ୍ୟା କରାଯାଏ ତେବେ ଏହି ଦେଶ ଲଢ଼େଇ ଜାରି ରଖିବ ବୋଲି ଆପଣମାନଙ୍କୁ ପ୍ରମାଣିତ କରିବାକୁ ପଡ଼ିବ। ଏହି ଚୋରମାନଙ୍କ ଦାସତ୍ୱକୁ ଗ୍ରହଣ କରନ୍ତୁ ନାହିଁ।

## ସଂସଦରେ ଅଚଳାବସ୍ଥା ଜାରି

### ବ୍ରିଟେନରେ ରାହୁଲଙ୍କ ମନ୍ତବ୍ୟ

ନୂଆଦିଲ୍ଲୀ,୧୪।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବ୍ରିଟେନରେ ଦେଇଥିବା 'ଭାରତୀୟ ଗଣତନ୍ତ୍ର ଉପରେ ଆକ୍ରମଣ' ମନ୍ତବ୍ୟକୁ ନେଇ ମଙ୍ଗଳବାର ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ରାହୁଲ କ୍ଷମା ମାଗନ୍ତୁ ବୋଲି ସରକାର ଦାବି କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରିଛନ୍ତି। ଏହାକୁ ନେଇ ଲୋକ ସଭା ଓ ରାଜ୍ୟ ସଭାରେ ହଟ୍ଟଗୋଳ ହେବାରୁ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ଦ୍ୱିତୀୟ ଦିନ ମଙ୍ଗଳବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ସଦସ୍ୟମାନେ ରାହୁଲଙ୍କ କ୍ଷମା ଦାବି କରିଥିଲେ। ରାହୁଲ ଲଣ୍ଡନ ଗସ୍ତ ବେଳେ ଭାରତୀୟ ଗଣତନ୍ତ୍ର ସଙ୍କଟରେ ଥିବାରୁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିବା ଭାଜପା ସଦସ୍ୟମାନେ କହିଥିଲେ। ଏହାର ଜବାବରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଦେଶ ଗସ୍ତ ବେଳର ଭାଷଣ ଉପରେ ଆପତ୍ତି ଉଠାଇଥିଲା। ୨୦୧୫ ମେ'ରେ ମୋଦି ସିଓଲ ଯାଇଥିବାବେଳେ ସେଠାରେ କହିଥିଲେ, ଜଣାନାହିଁ, ପୂର୍ବଜନ୍ମରେ କି ପାପ କରିଥିଲି ଯେ ଭାରତରେ ଜନ୍ମ ନେଲି। ବିରୋଧୀ ସଦସ୍ୟମାନେ ଏପରି ଉଲ୍ଲେଖ ଥିବା ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ବିକ୍ଷୋଭ କରିଥିଲେ। ବାଚସ୍ପତି ଓମ୍ ବିର୍ଲା ଶୂନ୍ୟକାଳରେ ଗୃହର ମର୍ଯ୍ୟାଦା ବଜାୟ ରଖିବାକୁ ସେମାନଙ୍କୁ ଅନୁରୋଧ କରିଥିଲେ। ସେମାନେ ନ ଶୁଣିବାରୁ ଲୋକ ସଭାକୁ ପ୍ରଥମେ ଅପରାହ୍ଣ ୨ଟା ଓ ପରେ ଦିନକ ପାଇଁ ମୁଲତବୀ କରିଥିଲେ। ରାଜ୍ୟ ସଭାରେ ଗୃହର ନେତା ପୀୟୂଷ ଗୋଏଲ ସରକାରଙ୍କ ଆଭିମୁଖ୍ୟ ଦୋହରାଇ ରାହୁଲଙ୍କଠାରୁ କ୍ଷମା ଦାବି କରିଥିଲେ। ରାହୁଲ ବିଦେଶ ଯାଇ ଭାରତର ଛବିକୁ ମଳିନ କରିବା ଏକ ଗମ୍ଭୀର ପ୍ରସଙ୍ଗ। ସେ ପାର୍ଲାମେଣ୍ଟରେ କ୍ଷମା ମାଗନ୍ତୁ ବୋଲି ଗୋଏଲ କହିଥିଲେ। ରାଜ୍ୟ ସଭା ଅଧକ୍ଷ ଜଗଦୀପ ଧନକର ବିରୋଧୀ ଦଳ ନେତା ତଥା କଂଗ୍ରେସ ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଏନେଇ ଆଲୋଚନା କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ସେ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ଚାଇନାକୁ ଚେକ୍ ଦେବ 'ଅକସ୍'

## ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ପକ୍ଷରୁ ମିଳିତ ରଣନୀତି ଜାରି

ୱାଶିଂଟନ/ବେଜିଂ,୧୪।୩

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚାଇନାର କ୍ରମବର୍ଦ୍ଧିଷ୍ଣୁ ହସ୍ତକ୍ଷେପକୁ ଏଡ଼ାଇବା ପାଇଁ ମଙ୍ଗଳବାର ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆର ତ୍ରିପାକ୍ଷିକ ସୁରକ୍ଷା ମେଣ୍ଟ 'ଅକସ୍'ପକ୍ଷରୁ ମିଳିତ ରଣନୀତି ଜାରି କରାଯାଇଛି। ଅକସ୍‌ର ମହତ୍ତ୍ୱାକାଂକ୍ଷୀ ଚୁକ୍ତିନାମା ଅନୁସାରେ ଅଷ୍ଟ୍ରେଲିଆ ପ୍ରଥମେ ଅନ୍ୟୁନ ୩ଟି ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ଆମେରିକାଠାରୁ ଗ୍ରହଣ କରିବ। ଆମେରିକାର କାଲିଫର୍ନିଆସ୍ଥିତ ସାନ୍ ଡିଏଗୋରେ ଅନୁଷ୍ଠିତ ଏକ ସମ୍ମିଳନୀ ପରେ ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଅଲ୍‌ବେନ୍ସ ଏହି ବହୁ ବିଲିୟନ୍ ଡଲାର ଡିଲ୍ ନେଇ ଘୋଷଣା କରିଛନ୍ତି।

ଅକସ୍ ରାଜିନାମା ଅନୁସାରେ ୨୦୩୦ ଦଶକର ଆଦ୍ୟଭାଗରେ ଆମେରିକା ୩ଟି ଭର୍ଜିନିଆ ଶ୍ରେଣୀର ସବ୍‌ମେରାଇନ୍ ଅଷ୍ଟ୍ରେଲିଆକୁ ବିକ୍ରି କରିବ। ଆବଶ୍ୟକ ହେଲେ ପରେ ଆଉ ୨ଟି ବୁଡ଼ାଜାହାଜ ବିକିବ। ଏହାଦ୍ୱାରା



ଆଣ୍ଟୋନି ଅଲ୍‌ବେନ୍ସ   ଜୋ ବାଇଡେନ୍   ଋଷି ସୁନକ୍

ଅଷ୍ଟ୍ରେଲିଆର ସାମୁଦ୍ରିକ ଶକ୍ତି ବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ଏହାବାଦ୍ ଆମେରିକା ଆସନ୍ତା କିଛି ବର୍ଷ ମଧ୍ୟରେ ନିଜ ବୁଡ଼ାଜାହାଜ ନିର୍ମାଣ କ୍ଷମତା ବୃଦ୍ଧି ପାଇଁ ୪.୬ ବିଲିୟନ୍ ଡଲାର ଖର୍ଚ୍ଚ କରିବ। ଏପରି ବୁଡ଼ାଜାହାଜ ପାଇବା ପରେ ଅଷ୍ଟ୍ରେଲିଆ ବିଶ୍ୱର ସେହି ୭ ଦେଶର ତାଲିକାରେ ସାମିଲ ହୋଇଯିବ, ଯାହାଙ୍କ ପାଖରେ ଆଣବିକ ଶକ୍ତି

### ଅଷ୍ଟ୍ରେଲିଆକୁ ୩ ବୁଡ଼ାଜାହାଜ ଦେବ ଆମେରିକା

ଚାଳିତ ବୁଡ଼ାଜାହାଜ ରହିଛି। ପୂର୍ବରୁ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଚାଇନା, ଭାରତ ଓ ରୁଷିଆ ପାଖରେ ଏହି ଟେକ୍‌ନିକ ରହିଛି। ସମୁଦ୍ର ଭିତରେ ଏହାକୁ ଠାବ କରିବା କଠିନ। ଅତଳ ଗଭୀର ପାଣିରେ ଏହା ମାସ ମାସ ଧରି ରହିପାରିବ। ବହୁ ଦୂରରୁ ମିଶାଇଲକୁ ଲକ୍ଷ୍ୟଭେଦ କରିପାରିବ। ବିଗତ ୫୦ ବର୍ଷ ମଧ୍ୟରେ ଆମେରିକା ନିଜ ସବ୍-ମରିନ୍ ଟେକ୍ନୋଲୋଜି ବ୍ରିଟେନ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରକୁ ଦେଇ ନାହିଁ। ତେଣୁ ଏହାକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଇଣ୍ଡୋ-ପାସିଫିକ୍ ରିଜିଅନ୍ ହେଉଛି ଭାରତ ମହାସାଗର, ପଶ୍ଚିମ ଓ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଏବଂ ଦକ୍ଷିଣ ଚାଇନା ସାଗରକୁ ନେଇ ଏକ ଜୈବଭୌଗୋଳିକ କ୍ଷେତ୍ର। ଇଣ୍ଡୋ-ପାସିଫିକ୍‌ରେ ଚାଇନାର ସାମରିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଆମେରିକା, ଭାରତ ଓ ଅନ୍ୟ ଅନେକ ଶକ୍ତିଶାଳୀ ରାଷ୍ଟ୍ର ଏହି କ୍ଷେତ୍ରରେ ମୁକ୍ତ ଓ ଅବାଧ ବାଣିଜ୍ୟିକ କାରବାର ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ତେଣୁ ଇଣ୍ଡୋ-ପାସିଫିକ୍ ରିଜିଅନ୍‌କୁ 'ମୁକ୍ତ ଓ ଖୋଲା' ରଖିବା ପାଇଁ ମଧ୍ୟ ଏଥିରେ ସହମତି ପ୍ରକାଶ ପାଇଛି। ଏହି ସାମରିକ ମେଣ୍ଟ ଗଠନ ପଛର ଅସଲ ଉଦ୍ଦେଶ୍ୟ ହେଉଛି ସମ୍ପୃକ୍ତ ଅଞ୍ଚଳରେ ଶକ୍ତିଶାଳୀ ଚାଇନାର କ୍ରମବର୍ଦ୍ଧିଷ୍ଣୁ ବଳକୁ ଚେକ୍ ଦେବା। ଅନ୍ୟପକ୍ଷେ ଅକସ୍ ଏକ ଭୁଲ୍ ଓ ବିପଜ୍ଜନକ ଯାତ୍ରା ଆରମ୍ଭ କରିଛି ବୋଲି ବେଜିଂ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି, ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ନିଜ ଭୂରାଜନୈତିକ ସ୍ୱାର୍ଥ ପାଇଁ ଅନ୍ତର୍ଜାତୀୟ ସମୁଦାୟକୁ ସମ୍ପୂର୍ଣ୍ଣ ରୂପେ ଅସମ୍ମାନ କରିଛନ୍ତି। ଏହି ୩ ରାଷ୍ଟ୍ର ଏକ ଯୁଦ୍ଧ ପ୍ରତିଯୋଗିତାକୁ ଉସୁକାଉଛନ୍ତି। ଏହା ଏକ ଦୋମୁହାଁ ନୀତିର ଡିଲ୍।

# ୩ ଦିନରେ ୪୬୫ ବିଲିୟନ ଡଲାର ହ୍ରାସ

ନୂଆଦିଲ୍ଲୀ,୧୪।୩

ଅନ୍ତଃରାଷ୍ଟ୍ରୀୟ ଶେୟାର ବଜାର ଏବଂ ଅର୍ଥନୀତିରେ ଏକ ପ୍ରକାର ଆଶଙ୍କା ଦେଖାଦେଇଛି। ବିଶେଷକରି ଆମେରିକାରେ ସୃଷ୍ଟି ହୋଇଥିବା ବ୍ୟାଙ୍କିଙ୍ଗ ସଙ୍କଟ ବିଶ୍ୱ ଅର୍ଥନୀତିକୁ ବେଶ୍ ପ୍ରଭାବିତ କରିଛି। କେବଳ ୩ଟି କାର୍ଯ୍ୟଦିବସରେ ଗ୍ଲୋବାଲ ଫାଇନାନ୍ସିଆଲ୍ ଷ୍ଟକ୍ସର ବଜାର ମୂଲ୍ୟ ୪୬୫ ବିଲିୟନ ଡଲାର (ପ୍ରାୟ ୩୮୩୦୦୦୦ କୋଟି ଟଙ୍କା) ହ୍ରାସ ହୋଇଥିବା ଜଣାପଡ଼ିଛି। ଏପରିକି ସିଲିକନ୍ ଭ୍ୟାଲି ବ୍ୟାଙ୍କ ଧରାଶାୟୀ ହେବା ପରେ ସାରା ବିଶ୍ୱର ନିବେଶକ, ଲ୍ୟାଣ୍ଡର୍ସ ନିଜ ନିଜର ଭାଗୀଦାରି ହ୍ରାସ କରିବାରେ




ଲାଗିଛନ୍ତି। ବିଶେଷକରି ମଙ୍ଗଳବାର ଗ୍ଲୋବାଲ ଫାଇନାନ୍ସିଆଲ ଷ୍ଟକ୍ସରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ଏମ୍ଏସ୍ସିଆଇ ଏସିଆ ପ୍ୟାସିଫିକ୍ ଫାଇନାନ୍ସିଆଲ ସୂଚକାଙ୍କରେ ୨.୭% ହ୍ରାସ ଘଟିଛି। ଗତ ବର୍ଷ ନଭେମ୍ବର ୨୯ ପରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେହିଭଳି ଜାପାନର ମିତ୍ସୁବିଶି ୟୁଏଫ୍ଜେ ଫାଇନାନ୍ସିଆଲ ଗ୍ରୁପ୍‌ରେ ୮.୩ % ହ୍ରାସ ଘଟିଛି। ଏପରିକି ଦକ୍ଷିଣ କୋରିଆର ହାନା ଫାଇନାନ୍ସିଆଲ ଗ୍ରୁପ୍‌ରେ ୪.୭% ହ୍ରାସ ହୋଇଥିବା ବେଳେ ଅଷ୍ଟ୍ରେଲିଆର ଏଏନଜେଡ୍ ଗ୍ରୁପ୍ ହୋଲ୍ଡିଙ୍ଗ୍ ଲିମିଟେଡ୍‌ର ଶେୟାରରେ ୨.୮% ହ୍ରାସ ଘଟିଛି। ସେହିପରି ଏମ୍ଏସ୍ସିଆଇ ୱାର୍ଲଡ ଫାଇନାନ୍ସିଆଲ ସୂଚକାଙ୍କ ଏବଂ ଏମ୍ଏସ୍ସିଆଇ ଇଏମ୍ ଫାଇନାନ୍ସିଆଲ ସୂଚକାଙ୍କରେ ସୂଚୀବଦ୍ଧ କମ୍ପାନୀଗୁଡିକର ବଜାର ପୁଞ୍ଜି ଶୁକ୍ରବାରଠାରୁ ପ୍ରାୟ ୪୬୫ ବିଲିୟନ ଡଲାର (୩୮୩୦୦୦୦ କୋଟି ଟଙ୍କା) ହ୍ରାସ ଘଟିଛି। ଅପରପକ୍ଷରେ ୟୁରୋପିଆନ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡିକର ଶେୟାର ମୂଲ୍ୟରେ ମଧ୍ୟ ବଡ଼ ଧରଣ ହ୍ରାସ ରେକର୍ଡ କରାଯାଇଛି। ବିଶେଷକରି କ୍ରେଡିଟ୍ ସୁଇସ୍ ଗ୍ରୁପ୍ ଏଜିର ଶେୟାର ୧୫% କମି ରେକର୍ଡ ସ୍ତରକୁ ଖସି ଆସିଛି। ଏପରିକି ଏହାର ବଣ୍ଡର ଇନ୍ସ୍ୟୁରାନ୍ସ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ଥିବାବେଳେ ଜାପାନର ଫାଇନାନ୍ସିଆଲ ଷ୍ଟକ୍ସରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି।

## ୧୦,୦୦୦କର୍ମଚାରୀଙ୍କୁ ଛଟେଇ କରିବ ମେଟା

ନୂଆଦିଲ୍ଲୀ,୧୪।୩

ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ ତଥା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟା(ପୂର୍ବର ଫେସ୍‌ବୁକ୍) ଚଳିତ ମାସ ଶେଷ ସୁଦ୍ଧା ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ସୂଚନା ମିଳିଛି। ଏପରିକି ପୂର୍ବରୁ ମଧ୍ୟ କମ୍ପାନୀ ପ୍ରାୟ ୧୧ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। ମେଟାର ସିଇଓ ମାର୍କ ଜୁକରବର୍ଗ କର୍ମଚାରୀମାନଙ୍କୁ ଏକ ବାର୍ତ୍ତାରେ କହିଛନ୍ତି, କମ୍ପାନୀ ତା'ର କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଯାଉଛି। ଏପରିକି ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଗତ ୪ମାସ ତଳେ ମେଟାରୁ ୧୧ହଜାର କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେହିଭଳି ଏକ ଆଭ୍ୟନ୍ତରୀଣ ବୈଠକରେ ସେ କମ୍ପାନୀରେ ଆହୁରି ଛଟେଇ ହେବାର ସମ୍ଭାବନା ବିଷୟରେ ପ୍ରକାଶ କରିଥିଲେ।

## ଗୋଦ୍‌ରେଜ୍‌ର ନୂଆ ରେଫ୍ରିଜରେଟର

ନୂଆଦିଲ୍ଲୀ,୧୪।୩



ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଡାର୍କ ଏଡିଶନ ରେଫ୍ରିଜରେଟରର ଶୁଭାରମ୍ଭ କରାଯାଇଛି। ବିଶେଷକରି ମ୍ୟାଟ୍ ବ୍ଲାକ୍, ଗ୍ଲାସ୍ ବ୍ଲାକ୍, ଓନିକ୍ସ ବ୍ଲାକ୍, ଆଇସ୍ ବ୍ଲାକ୍ ଓ ଫସିଲ୍ ଷ୍ଟିଲ୍ ଭଳି ରଙ୍ଗରେ ୧୯ ଏସ୍‌କେୟୁ ସହ ଡାର୍କ ଏଡିଶନ ରେଫ୍ରିଜରେଟରର ବଜାର ପ୍ରବେଶ କରାଯାଇଛି। ଉକ୍ତ ବର୍ଗମାଳାରେ ଥିବା ରେଫ୍ରିଜରେଟରଗୁଡ଼ିକ ଦେଖିବାକୁ ସ୍ଲିକ୍, ଗଭୀର କଳା ରଙ୍ଗର ବାହ୍ୟ ପାର୍ଶ୍ୱ ଏବଂ କ୍ଲାସିକ୍ ପ୍ରିମିୟମ୍ ଫିନିସ୍ ରହିଛି, ଯାହା ଆଧୁନିକ ରୋଷେଇ ଘରର ଶୋଭାବର୍ଦ୍ଧନ କରିବ। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ପ୍ରଡକ୍ଟ ଗ୍ରୁପ୍ ହେଡ୍ ଅନୁପ ଭାର୍ଗବ କହିଛନ୍ତି, ଲୋକମାନେ କଳାରଙ୍ଗର ଉତ୍ପାଦକୁ ବିଭିନ୍ନ କ୍ଷେତ୍ର ଓ ଉତ୍ପାଦରେ ଗ୍ରହଣ କରୁଛନ୍ତି। ଗ୍ରାହକମାନଙ୍କ ଲାଗି ରୋଷେଇ ଘରର ନବୀକରଣ କରିବା କିମ୍ବା ଇଣ୍ଟେରିୟରକୁ ସମ୍ଭ୍ରାନ୍ତ କରିବା ଲାଗି ଅନେକ ସୁବିଧାସୁଯୋଗ ଓ ଉନ୍ନତ ପ୍ରଯୁକ୍ତି ଥିବା ଗୋଦ୍‌ରେଜ୍ ଡାର୍କ ଏଡିଶନ ରେଫ୍ରିଜରେଟର ହେଉଛି ବିଚାର କରିବାର ଉପଯୁକ୍ତ ପସନ୍ଦ। ଉଲ୍ଲେଖଯୋଗ୍ୟ, ୧୯୨ରୁ ୫୬୪ ଲିଟର କ୍ଷମତାର ସିଙ୍ଗଲ ଡୋର, ଡବଲ ଡୋର, ବଟମ୍ ମାଉଣ୍ଟ ଓ ସାଇଡ୍ ବାଏ ସାଇଡ ରେଫ୍ରିଜରେଟରର ମୂଲ୍ୟ ୨୪,୦୦୦ରୁ ୯୦,୦୦୦ ଟଙ୍କା ରହିଛି। ଏହାକୁ ଗ୍ରାହକମାନେ ଷ୍ଟୋର୍‌ରୁ ଓ ଅନ୍‌ଲାଇନରେ କିଣିପାରିବେ।

## ଏସ୍‌ପିପିଏଲ୍‌ର ସ୍ୱତନ୍ତ୍ର ତାଲିମ ଅଭିଯାନ

ଭୁବନେଶ୍ୱର,୧୪।୩

ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ଏକ ସ୍ୱତନ୍ତ୍ର ତାଲିମ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷକରି ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍ଏଫ୍) ଏବଂ କୃଷିବିଜ୍ଞାନ କେନ୍ଦ୍ର (କେଭିକେ) ବାଲିଆପାଳ ସହଯୋଗରେ ନ୍ୟୁଟ୍ରିଶନାଲ ଗାର୍ଡେନ୍ (ପୁଷ୍ଟିକର ବଗିଚା) ଉପରେ ଉକ୍ତ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏପରିକି କେଭିକେ ବାଲିଆପାଳର ବୈଜ୍ଞାନିକ ଅମିତାରାଣୀ ପାତ୍ର, ଜିପି ଏଲ୍ଏଫ୍ ଚଉମୁଖର ସଭାପତି ସୁଷମା ଦତ୍ତ,ଏସ୍‌ପିପିଏଲ୍‌ର ବରିଷ୍ଠ ଡିଭିଜନାଲ ପ୍ରବନ୍ଧକ-ପ୍ରଶାସନ ଓ କମ୍ୟୁନିଟି ସମ୍ପୃକ୍ତି ପ୍ରମୋଦ କୁମାର ଓ ଟିଏସ୍ଏଫ୍ ବାଲେଶ୍ୱରର ଲିଡ୍ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ବାଲିଆପାଳର ଡଗରା ଓ ଚଉମୁଖ ଗ୍ରାମ ପଞ୍ଚାୟତଠାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୬୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ବିଶେଷକରି ସ୍ଥାନୀୟ ଅଞ୍ଚଳର ଗର୍ଭବତୀ, ସ୍ତନପାନ କରୁଥିବା ଏବଂ ୫ବର୍ଷରୁ କମ୍ ଶିଶୁ ଥିବା ମହିଳାମାନଙ୍କୁ ପୋଷଣ ପ୍ରଦାନ କରିବା ନିମନ୍ତେ ଉକ୍ତ ଅଭିଯାନର ମୂଳ ଲକ୍ଷ୍ୟ ରହିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ବିହନ ଯଥା କଲରା, ଲାଉ, ଲଙ୍କା, ବିନ୍‌ସ, ବାଇଗଣ, ଟମାଟୋ, ଧନିଆ ପତ୍ର, କଖାରୁ, ପାଳଙ୍ଗ ଶାଗ, କାକୁଡ଼ି, ଭେଣ୍ଡି ଏବଂ ପନିପରିବାର ବିହନ ଥିବା ପୁଷ୍ଟିକର କିଟ୍‌କୁ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ କିଟ୍‌ରେ ଭର୍ମିକମ୍ପୋଷ୍ଟ (ଜିଆଖତ) ବି ରହିଛି। ବିଶେଷକରି ଏସ୍‌ପିପିଏଲ୍‌ର ସିଏସ୍ଆର୍ ଲକ୍ଷ୍ୟ ଜଳ,ଜୀବନ ଓ ଜୀବିକା'ବିଷୟର 'ଜୀବନ' ଅଧୀନରେ ଉକ୍ତ ଅଭିଯାନ ଜାରି ରହିଛି। ଏହି ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଓ ବିତରଣ ଅଧିବେଶନ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ଗ୍ରହଣୀୟ ହୋଇଥିଲା। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମ ଅଧୀନରେ ବସ୍ତା ଓ ବାଲିଆପାଳ ବ୍ଲକ୍‌ର ୫୦୦ରୁ ଅଧିକ ମହିଳାଙ୍କୁ ତାଲିମ ଓ ପୁଷ୍ଟିକର କିଟ୍ ପ୍ରଦାନ କରାଯିବ।

## ଡାଲମିଆ ସିମେଣ୍ଟ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା

ଭୁବନେଶ୍ୱର,୧୪।୩




ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏବଂ ଡାଲମିଆ ସିମେଣ୍ଟ ମଧ୍ୟରେ ଏକ ବ୍ୟବସାୟିକ ବୁଝାମଣା ହୋଇଥିବା ଜଣାପଡ଼ିଛି। ବିଶେଷକରି ଫ୍ଲାଏ ଆଶ୍ ପାଉଁଶ ଭଳି ଶିଳ୍ପ ବର୍ଜ୍ୟବସ୍ତୁ ଯୋଗାଣ ପାଇଁ ଉଭୟ ସଂସ୍ଥା ଦୀର୍ଘଦିନ ହେଲା ସହଯୋଗିତା କରିଆସୁଛି। ଏପରିକି ସ୍ୱଳ୍ପ ଅଙ୍ଗାରକାମ୍ଳ ସିମେଣ୍ଟ ଉତ୍ପାଦନ ପାଇଁ ପଟ୍ ଲାଇନିଂ ଖର୍ଚ୍ଚ କରୁଛି। ଏହି ସହଭାଗିତା ଅନୁଯାୟୀ ଝାରସୁଗୁଡ଼ା ଭାଲିରେ ବେଦାନ୍ତର ବୃହତ୍ ଆଲୁମିନିୟମ ସ୍ମେଲଟର ୫ବର୍ଷ ପାଇଁ ମାସିକ ପ୍ରାୟ ୨୦ଟି ଫ୍ଲାଏ ଆଶ୍‌କୁ ଓଡ଼ିଶା, ଛତିଶଗଡ଼, ମେଘାଳୟ ଓ ଆସାମର ସିମେଣ୍ଟ ଉତ୍ପାଦନ ପାଇଁ ପରିବହନ କରିଥାଏ ଓ ରାଜଗାଙ୍ଗପୁରର କମ୍ପାନୀରୁ ପ୍ଲାଣ୍ଟକୁ ୩ ବର୍ଷ ପାଇଁ ଏସ୍‌ପିଏଲ୍ ଯୋଗାଇଥାଏ।

ସିମେଣ୍ଟ ଶିଳ୍ପଗୁଡ଼ିକୁ ଉଚ୍ଚସ୍ତରୀୟ ଫ୍ଲାଏ ଆଶ୍‌ର ଏକ ପସନ୍ଦଯୋଗ୍ୟ ଯୋଗାଣକାରୀ ଭାବେ ବେଦାନ୍ତ ଲିମିଟେଡ୍ ଅତୁଳନୀୟ ଭୂମିକା ନିର୍ବାହ କରିଥାଏ।

କୋଇଲା ବ୍ୟବହାରକରି ତାପଜ ବିଜୁଳି ଉତ୍ପାଦନର ଏକ ଉଚ୍ଚ ଭଲ୍ୟୁମ ଫ୍ଲାଏ ଆଶ୍ ଓ ବେଦାନ୍ତ ଆଲୁମିନିୟମ ସ୍ମେଲଟରରୁ ଏହା ସୃଷ୍ଟି ହୋଇଥାଏ। ଏପରିକି ସିମେଣ୍ଟ ତିଆରିରେ ବ୍ୟବହୃତ ପ୍ରତି ଟନ୍ ଫ୍ଲାଏ ଆଶ୍ ପ୍ରାୟ ୭୦୦-୮୦୦ କି.ଗ୍ରା. କାର୍ବନ ନିର୍ଗମନ, ୪.୨ ନିୟୁତ କେଜି ଶକ୍ତି ଓ ୩୪୧ ଲିଟର ପାଣି ସଞ୍ଚୟ କରିବାରେ ସାହାଯ୍ୟ କରେ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଶିଳ୍ପର ପ୍ରକୃତିକୁ ଦୃଷ୍ଟିରେ ରଖି ବେଦାନ୍ତ ରଣନୀତିକ ସହଯୋଗ ଜାରି ରଖିଛି। ଯେପରିକି ସିମେଣ୍ଟ ତିଆରିରେ ଉନ୍ନତ ଗୁଣବତ୍ତା, ସ୍ଥାୟିତ୍ୱ ଓ ମୂଲ୍ୟ ଦୃଷ୍ଟିରୁ ଏକାଧିକ ଲାଭ ପ୍ରଦାନ କରିବ ଓ ଏଥିପାଇଁ ଆମେ ବର୍ଜ୍ୟବସ୍ତୁର ଠିକ୍ ସଦୁପଯୋଗ କରିବାକୁ ଚାହୁଁଛୁ। ସମ୍ପୃକ୍ତ ଶିଳ୍ପର ଉତ୍ପାଦନ ଓ ସ୍ଥାୟୀ ବିକାଶ ଲାଗି ଆମର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେହିଭଳି ଡାଲମିଆ ସିମେଣ୍ଟର ମୁଖପାତ୍ର କହିଛନ୍ତି, ଭାରତରେ ଡାଲମିଆ ସିମେଣ୍ଟର ସମସ୍ତ ହିତାଧିକାରୀଙ୍କ ପାଇଁ ସ୍ଥାୟୀ ଉପାୟରେ ମୂଲ୍ୟ ବୃଦ୍ଧି କରିବାକୁ ଆଗ୍ରହ ପ୍ରକାଶ କରିଆସୁଛି। ବେଦାନ୍ତ ଆଲୁମିନିୟମ ସହିତ ଆମର ସହଭାଗିତା ଉଭୟ ସିମେଣ୍ଟ ଓ ଆଲୁମିନିୟମର ସ୍ଥିରତା ଏଜେଣ୍ଡାକୁ ସମର୍ଥନ କରିବା ଦିଗରେ ଉଭୟ କମ୍ପାନୀକୁ ପ୍ରତିବଦ୍ଧତାକୁ ଦର୍ଶାଉଛି।

## ପୋଷ୍ଟପେଡ୍ ଫାମିଲି ପ୍ଲାନ୍ 'ଜିଓ ପ୍ଲସ୍'

ନୂଆଦିଲ୍ଲୀ,୧୪।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଏକ ନୂତନ ଫାମିଲି ପ୍ଲାନ୍ 'ଜିଓ ପ୍ଲସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏକ ମାସର ମାଗଣା ଟ୍ରାଏଲ୍ ସୁବିଧା ସହ ରିଲାଏନ୍ସ ଜିଓ ପ୍ଲସ୍ ପ୍ଲାନ୍‌ର ନୂତନ ସଂଯୋଗ ନେବା ଲାଗି ଗ୍ରାହକଙ୍କୁ ମାତ୍ର ୩୯୯ଟଙ୍କା ଦେବାକୁ ହେବ। ଉକ୍ତ ପ୍ଲାନ୍‌ରେ ୩ଟି ଅତିରିକ୍ତ କନେକ୍ସନ ଯୋଡ଼ାଯାଇପାରିବ। ପ୍ରତି ଅତିରିକ୍ତ କନେକ୍ସନ ପାଇଁ ୯୯ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ। ବିଶେଷକରି ପ୍ଲାନ୍‌ରେ ଗୋଟିଏ ପରିବାରର ୪ଟି କନେକ୍ସନ ପାଇଁ ପ୍ରତି ମାସରେ ୬୯୬ଟଙ୍କା (୩୯୯+୯୯+୯୯+୯୯) ଦେବାକୁ ହେବ। ଉକ୍ତ ପ୍ଲାନ୍ ସହ ମାସିକ ୭୫ଜିବି ଡାଟା ମିଳିବ, ଯାହା ବିନା କୌଣସି ଦୈନିକ ଲିମିଟ୍‌ରେ ଆଦାନପ୍ରଦାନ କରାଯାଇପାରିବ। ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ବିଶେଷକରି ଏହା ପୋଷ୍ଟପେଡ୍ ବ୍ୟବହାରକାରୀମାନଙ୍କୁ ନୂଆ ଲାଭ ଓ ଅନୁଭବ ପ୍ରଦାନ କରିବ। ଏପରିକି ଜିଓ ଦେଶର ୩୩୧ ସହରରେ ଜିଓ ଟ୍ରୁ ୫ଜିର ଶୁଭାରମ୍ଭ କରି ନିଜ ନେଟ୍‌ୱର୍କକୁ ଆହୁରି ସୁଦୃଢ଼ କରିପାରିଛି। ନିୟୁତାଧିକ ସନ୍ତୁଷ୍ଟ ପୋଷ୍ଟପେଡ୍ ଗ୍ରାହକଙ୍କ ସମେତ ୪୩ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଥିବା ଜିଓ ପାଇଁ ବର୍ତ୍ତମାନ ନିୟୁତାଧିକ ନୂଆ ପୋଷ୍ଟପେଡ୍ ଗ୍ରାହକଙ୍କୁ ସ୍ୱାଗତ କରିବାର ଉପଯୁକ୍ତ ସମୟ। ଅନ୍ୟ ସେବା ବ୍ୟବହାର କରୁଥିବା ବହୁ ପୋଷ୍ଟପେଡ୍ ବ୍ୟବହାରକାରୀ ସେବା ପ୍ରଦାନକାରୀ ବଦଳାଇବା ଲାଗି ସୁବିଧା ବାଟ ଖୋଜୁଛନ୍ତି। ଆମେ ଏକ ସର୍ବୋତ୍କୃଷ୍ଟ ଗ୍ରାହକ ଅନୁଭୂତି ପ୍ରସ୍ତୁତ କରିବା ପ୍ରଚେଷ୍ଟା କରିଛୁ ଏବଂ ଆଶା କରୁଛୁ ଭାରତର ପ୍ରତ୍ୟେକ ପୋଷ୍ଟପେଡ୍ ଗ୍ରାହକ ଏହାର ଲାଭ ନେବେ। ଜିଓ ପ୍ଲସ୍ ନୂଆ ପୋଷ୍ଟପେଡ୍ ଫାମିଲି ପ୍ଲାନ୍‌ଗୁଡ଼ିକ ୨୨ ମାର୍ଚ୍ଚ ୨୦୨୩ ଠାରୁ ସମସ୍ତ ଜିଓ ଷ୍ଟୋର୍ ଏବଂ ହୋମ୍ ଡେଲିଭରି ବିକଳ୍ପରେ ଉପଲବ୍ଧ ହେବ। ଜିଓ ପକ୍ଷରୁ କୁହାଯାଇଛି, ଯଦି ମାଗଣା ଟ୍ରାଏଲ୍ ସେବା ଲାଭ କରିବା ପରେ କୌଣସି ଗ୍ରାହକ ସେବା ଓ ସୁବିଧାଗୁଡ଼ିକରେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ସେ ନିଜ କନେକ୍ସନକୁ ବାତିଲ କରିପାରିବେ ଏବଂ ତାଙ୍କୁ ସେଥିପାଇଁ କୌଣସି ପ୍ରଶ୍ନ କରାଯିବ ନାହିଁ।

ଫୁର୍‌ସତ୍

# ୯୦ ବର୍ଷୀୟ ପିନ୍ଧୁଛନ୍ତି ୯୫ ଲକ୍ଷର ସୁନା

**ବେଜିଂ:** ଆଜିକା ଯୁଗରେ ସୁନାର ମୂଲ୍ୟ ଆକାଶଛୁଆଁ। ଏଥିସହ ଚୋରି ମଧ୍ୟ ବଢ଼ିଗଲାଣି। ହେଲେ ଅପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ସବୁବେଳେ ସୁନା ପିନ୍ଧିବାକୁ ଭଲ ପାଇଥା'ନ୍ତି। ଚାଇନାର ଜଣେ ୯୦ ବର୍ଷୀୟ ବୃଦ୍ଧଙ୍କ ଏପରି ସୁନାପିନ୍ଧା ସଉକ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ବୃଦ୍ଧ ଜଣକ ଝାଙ୍ଗଝୋଉ ସହରର ବାସିନ୍ଦା ହୋଇଥିବାବେଳେ ସେ ନିକଟରେ ଏକ ସୁନା ଦୋକାନରୁ ସୁନା କିଣୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଭିଡିଓ ଦେଖିବା ପରେ ତାଙ୍କୁ ଅନେକେ ବିବାହ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ତେବେ ତାଙ୍କ ପାଖରେ ଏକ ସୁନା ବେଲ୍ଟ ମଧ୍ୟ ରହିଛି, ହେଲେ ପରିବାରର ବାରଣ ଯୋଗୁ ସେ



ତାକୁ ବାହାରକୁ ପିନ୍ଧି ଯାଇପାରୁନାହାନ୍ତି। ସେ ସର୍ବଦା ୮୦୦ ହଜାର ୟୁଆନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୯୫ ଲକ୍ଷର ସୁନା ପିନ୍ଧି ବାହାରକୁ ଯାଇଥା'ନ୍ତି। ଭିଡିଓରେ ପିନ୍ଧିଥିବା ସୁନା ବ୍ରେସଲେଟ୍‌କୁ ଓଜନ କରି ତାହା ୨ କେଜିର ହେବ ବୋଲି କହିଛନ୍ତି। ଭାଇରାଲ ଭିଡିଓରେ ଅନେକ ୟୁଜର୍ସଙ୍କ ମଜାଳିଆ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଜଣେ ଲେଖିଛନ୍ତି, ମୋ ଜେଜେମା' ଏକାକୀ ଅଛନ୍ତି, ଆପଣ ତାଙ୍କୁ ବିବାହ କରିବେ କି? ଅନ୍ୟ ଜଣେ କହିଛନ୍ତି, ମୁଁ ଏହି ବ୍ୟକ୍ତିଙ୍କୁ ବିବାହ କରିବାକୁ ରାଜି ଅଛି। ସୂଚନାଯୋଗ୍ୟ, ଦେଶରେ ସୁନା କ୍ରୟ ମାମଲାରେ ଚାଇନା ୨୦୧୩ରୁ ପ୍ରଥମ ସ୍ଥାନରେ ରହିଛି। ବାର୍ଷିକ ଚାଇନାବାସୀ ୯୪୫ ଟନ୍ ସୁନା କ୍ରୟ କରିଥା'ନ୍ତି। ସେଠାରେ ବିଶେଷତଃ ବୃଦ୍ଧାବୃଦ୍ଧମାନେ ସୁନା କିଣିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥା'ନ୍ତି। ସୁନା କିଣିବାକୁ ସେଠାରେ ଟଙ୍କା ସଞ୍ଚୟ ଏବଂ ପରମ୍ପରା ଭାବେ ଗ୍ରହଣ କରାଯାଏ।

## ଅଙ୍କିତାଙ୍କୁ ମିଳୁନି କାମ

**ମୁମ୍ବାଇ:** କଙ୍ଗନାଙ୍କ ଫିଲ୍ମ 'ମଣିକର୍ଣ୍ଣିକା' ଜରିଆରେ ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ହେଲେ ଏହା ପରଠାରୁ ତାଙ୍କୁ ଆଉ କାମ ମିଳୁନି ଏବଂ ସେ କାହାକୁ କାମ ମାଗିବାକୁ ଚାହୁଁ ନ ଥିବା ଏକ ସାକ୍ଷାତକାରରେ କହିଛନ୍ତି। ଏହି ଫିଲ୍ମ ପରେ ଅଙ୍କିତା ବ୍ୟବସାୟୀ ଭିକି ଜୈନଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ହେଲେ ଏହା ପରେ ତାଙ୍କୁ କୌଣସି ବଡ଼ ପ୍ରୋଜେକ୍ଟ ମିଳି ନ ଥିବା ସେ କହିଛନ୍ତି। ସେ ଜାଣିଛନ୍ତି ସେ ପ୍ରତିଭାବାନ୍, ହେଲେ ଏହି ଇଣ୍ଡଷ୍ଟ୍ରିରେ ତାଙ୍କ ପାଇଁ କେହି ଗଡଫାଦର ନାହାନ୍ତି, ଯିଏ ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବେ। ଏହି ଇଣ୍ଡଷ୍ଟ୍ରି ସମ୍ପୂର୍ଣ୍ଣ ଅଲଗା। କିଛି କଳାକାରଙ୍କ କହିବା କଥା ଯେ, ଅଙ୍କିତାଙ୍କୁ ଭଲ ରୋଲ ମିଳେନି। ହେଲେ ଅଙ୍କିତାଙ୍କୁ ଏପର୍ଯ୍ୟନ୍ତ ତାଙ୍କୁ ମନା କରିବା ପାଇଁ କୌଣସି କାମ ମଧ୍ୟ ମିଳିନାହିଁ। ଏଥିସହ ସେ ଅନ୍ୟମାନଙ୍କ ଭଳି କାମ ମାଗି ପାରିବେନି ବୋଲି କହିଛନ୍ତି। ତେବେ ଅଙ୍କିତା ଲୋକପ୍ରିୟ ଟିଭି ଧାରାବାହିକ 'ପବିତ୍ର ରିସ୍ତା'ରେ ଅର୍ଚ୍ଚନା ଭୂମିକା ପାଇଁ ଘରେ ଘରେ ବଡ଼ ନାଁ କରିଥିଲେ। ହେଲେ ଏହି ଧାରାବାହିକ ସରିବା ପରେ ତାଙ୍କୁ ଆଉ କାମ ମିଳିନାହିଁ।



## ସମସ୍ତ ସୂଚନା ପାଇବାକୁ ହକ୍‌ଦାର ଉପଭୋକ୍ତା

**ବିଶ୍ୱ ଖାଉଟି ଅଧିକାର ଦିବସ**



**ବି**ଶ୍ୱ ଉପଭୋକ୍ତା ଅଧିକାର ଦିବସ ପ୍ରତିବର୍ଷ ମାର୍ଚ୍ଚ ୧୫ ରେ ବିଶ୍ୱସ୍ତରରେ ପାଳନ କରାଯାଇଥାଏ। ଜଣେ ଗ୍ରାହକଙ୍କ ପାଖରେ ଥିବା ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିବସର ମୂଳ ଲକ୍ଷ୍ୟ । ଗ୍ରାହକ ଅଧିକାର ସୂଚିତ କରେ ଯେ ପ୍ରତ୍ୟେକ ଗ୍ରାହକ ଯିଏ ବିଭିନ୍ନ ଦ୍ରବ୍ୟ ଏବଂ ଉତ୍ପାଦ କିଣନ୍ତି, ଦ୍ରବ୍ୟ କିମ୍ବା ସେବାର ମୂଲ୍ୟ ଏବଂ ଗୁଣବତ୍ତା ସହିତ ଜଡିତ ସମସ୍ତ ସୂଚନା ପାଇବାକୁ ତାଙ୍କର ଅଧିକାର ଅଛି। କେବଳ ଏତିକି ନୁହେଁ, ଉତ୍ପାଦ ଏବଂ କମ୍ପାନୀଗୁଡିକ ବିରୁଦ୍ଧରେ ଯଦି ଯେ କୌଣସି ସମୟରେ ସେମାନେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ଅଭିଯୋଗ ଦାଖଲ କରିବାର ଅଧିକାର ଅଛି। ଉପଭୋକ୍ତା ଅଧିକାରର ଅନ୍ୟାନ୍ୟ ଦିଗ ଅଛି ଯାହା ଉତ୍ପାଦର ଅଧିକାଂଶ କ୍ରେତା ସଚେତନ ନୁହଁନ୍ତି। ତେଣୁ ଏହିପରି ଭାବରେ, ଉପଭୋକ୍ତା ଅଧିକାର ଦିବସ ପାଳନ କରି ଲୋକଙ୍କୁ ସଚେତନ କରାଇବା ଏବଂ ସୁରକ୍ଷା ଅଧିକାର ତଥା ବଜାର ସ୍ଥାନରେ ନକଲି ବ୍ରାଣ୍ଡ ଏବଂ ଉତ୍ପାଦରୁ ସୁରକ୍ଷିତ ରହିବା ପାଇଁ ସେମାନଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ଉଦ୍ଦିଷ୍ଟ । ବିଶ୍ୱ ଉପଭୋକ୍ତା ଅଧିକାର ଦିବସର ବାର୍ଷିକ କାର୍ଯ୍ୟକ୍ରମ ଉପଭୋକ୍ତା ଇଣ୍ଟରନ୍ୟାଶନାଲ ଦ୍ୱାରା ପରିଚିତ ଏବଂ ପରିଚାଳିତ। ଏହା ୧୯୬୦ ମସିହାରେ ପ୍ରତିଷ୍ଠିତ ଏକ ଅନ୍ତର୍ଜାତୀୟ ଉପଭୋକ୍ତା ଫେଡେରେଶନ। ଗ୍ରାହକମାନଙ୍କ ପାଇଁ ଏକ ପ୍ରଭାବଶାଳୀ ସ୍ୱୟଂଶାସିତ ସ୍ୱର ଭାବରେ ଫେଡେରେଶନ ପରିଚିତି ହାସଲ କରିଥିଲା। ୧୯୮୩ ରେ ଏହି ଦିନଟି ପ୍ରଥମେ ପାଳନ କରାଯାଇଥିଲା। ଚଳିତ ୨୦୨୩ ବର୍ଷ ଏହାର ଥିମ ହେଉଛି 'କ୍ଲିନ ଏନର୍ଜି ଟ୍ରାଞ୍ଜିଶନ'(ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ)। ବିଶ୍ୱ ଉପଭୋକ୍ତା ଅଧିକାର ଦିବସର ମହତ୍ତ୍ୱ ହେଉଛି ଏହି ଦିନଟି ହେଉଛି ଜଣେ ଗ୍ରାହକ କିମ୍ବା କ୍ରୟକାରୀମାନଙ୍କର ଅଧିକାରକୁ ସ୍ୱୀକୃତି ପ୍ରଦାନ କରିବା। ତେଣୁ ପ୍ରତ୍ୟେକ ଜଣେ ଗ୍ରାହକ ଭାବରେ ସେମାନଙ୍କର ଅଧିକାର ବିଷୟରେ ସମସ୍ତେ ସଚେତନ ହେବା ଜରୁରୀ। ଏହି ଅବସରରେ ବିଶ୍ୱସ୍ତରରେ ବିଭିନ୍ନ ଗ୍ରାହକ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ।

## ଶାଢ଼ି ପିନ୍ଧି ବୁଲେଟରେ ବୁଲିବେ ୪୦ ଦେଶ

**ଅନ୍ତର୍ଜାତୀୟ ମହିଳା ଦିବସରେ ରାମାବାଈଙ୍କ ଅଭିନବ ଅଭିଯାନ**




**ପୁଣେ:** ବିଶ୍ୱରେ ମହିଳା ସଶକ୍ତୀକରଣର ବାର୍ତ୍ତା, ଅନ୍ୟମାନଙ୍କଠାରୁ କିଛି ଭିନ୍ନ କରିବାର ପ୍ରୟାସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ପୁଣେର ରାମାବାଈ ଲଟ୍‌ପଟେ ନାମ୍ନୀ ମହିଳା ଶାଢ଼ି ପିନ୍ଧି ଏକାକୀ ୪୦ ଦେଶର ୮୦ହଜାର କିଲୋମିଟର ବାଇକ୍ ଯାତ୍ରା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସରେ ସେ ମୁମ୍ବାଇ ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଦିଲ୍ଲୀ ଅଭିମୁଖେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଦିଲ୍ଲୀରୁ ସେ ପ୍ରଥମେ ଅଷ୍ଟ୍ରେଲିଆ ଯିବେ। ତାଙ୍କର ଏହି ଯାତ୍ରା ସମୟରେ ସେ ମହାରାଷ୍ଟ୍ରର ନାଉରାଭି ଶାଢ଼ି ପିନ୍ଧିବେ। ଏହି ଯାତ୍ରାରେ ରାମାବାଈ ଜି୨୦ ରାଷ୍ଟ୍ର ସମୂହର ୧୨ ଏବଂ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ନ୍ୟୁୟର୍କ, ମରକୋ ଏବଂ ଦୁବାଇ ସମେତ ମୋଟ ୪୦ ଦେଶ ପରିଭ୍ରମଣ କରିବାର ଯୋଜନା ରଖିଛନ୍ତି। ରାମାବାଈ ଅଷ୍ଟ୍ରେଲିଆର ପର୍ଥ ଏବଂ ସିଡ୍‌ନୀ ମଧ୍ୟରେ ୧୬୦୦ କିଲୋମିଟର ଦୂରତାକୁ ଅତିକ୍ରମ କରିବେ, ଯେଉଁଠାରେ ଜନବସତି କିମ୍ବା ମୋବାଇଲ୍ ନେଟ୍‌ୱର୍କ ମଧ୍ୟ ନାହିଁ। ଯାତ୍ରା ସମୟରେ ପ୍ରତିବନ୍ଧକ ଆସିବ ଏବଂ ଯିବ, ତାକୁ ଖାତିର ନ କରି ନିଜ ଲକ୍ଷ୍ୟ ପୂରଣ କରିବାର ଦୃଢ଼ ଆତ୍ମବିଶ୍ୱାସ ତାଙ୍କଠାରେ ଅଛି ବୋଲି ରାମାବାଈ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ମହିଳା ହ୍ୟାଣ୍ଡବଲରେ ଭାଗନେବ ଓଡ଼ିଶା



କର୍ମକର୍ତ୍ତାଙ୍କ ଗହଣରେ ମନୋନୀତ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ବାରାଣସୀଠାରେ ବୁଧବାରଠାରୁ ୧୯ ପର୍ଯ୍ୟନ୍ତ ୫୧ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶା ମହିଳା ଦଳ ମଙ୍ଗଳବାର ବାରାଣାସୀ ଯାତ୍ରା କରିଛି। ସ୍ୱର୍ଣ୍ଣଲତା ପ୍ରଧାନ, ସ୍ମୃତିରେଖା ରାଉତରାୟ, କଲ୍ୟାଣୀ ଦାସ, କସ୍ତୁରୀ ପ୍ରଧାନ, ସ୍ନେହଲତା ବେହେରା, ପ୍ରଣତି ପରିଡା, ରୁଚିକା ପଲେଇ, ସୁମନ ସାହୁ, ମମତା ନାୟକ, ଶୁଭସ୍ମିତା ସେଠୀ, ବର୍ଷାରାଣୀ ବେହେରା, ବର୍ଷାରାଣୀ ସେଠୀ, ପି. ଜ୍ୟୋତି ପାତ୍ର, ଯାମିନୀ ଭୋଇ, ସୁସ୍ମିତା ପ୍ରଧାନ, ବର୍ଷା ପି. ବାରିକ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। କୋଚ୍ ପ୍ରଣୟ ପାଣି ଓ ମ୍ୟାନେଜର ଅଭିଜିତ ଲେଙ୍କା ଦଳ ସହ ଯାତ୍ରା କରିଛନ୍ତି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ମାନସ କୁମାର ସିଂ ଓ ସିନିୟର ଉପ ସଭାପତି ରିତିକ ଅଧିକାରୀ ପ୍ରକାଶ କରିଛନ୍ତି।

# କିଟ୍ ପ୍ରତିଯୋଗୀଙ୍କୁ ୧ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇସ୍ଥିତ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ କିଟ୍ ପ୍ରତିଯୋଗୀଙ୍କୁ ୨ଟି ପଦକ ମିଳିଛି। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପୁରୁଷ ହାମର ଥ୍ରୋରେ ଅଜୟ କୁମାର ବ୍ରୋଞ୍ଜ ପଦକ ପାଇଛନ୍ତି। ଫଳରେ ଏହି ଦୁଇ ଆଥଲେଟ୍ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ୧୦୦ ମିଟର ରେସ୍‌ପାଇଁ ଲାଲୁ ପ୍ରସାଦ ଭୋଇ ପୂର୍ବରୁ ଯୋଗ୍ୟତା ପାଇ ସାରିଛନ୍ତି। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବ। ପଦକ ହାସଲ କରିଥିବା ଦୁଇ ଆଥଲେଟ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଭିଜି ଟ୍ରଫି ଫାଇନାଲରେ ଇଷ୍ଟ ଜୋନ୍

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରାୟପୁରରେ ଚାଲିଥିବା ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଇଷ୍ଟଜୋନ୍ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟଜୋନ୍ ୪୪ ରନରେ ୱେଷ୍ଟ ଜୋନ୍‌କୁ ହରାଇ ଏହି ସଫଳତା ପାଇଛି। ଆସନ୍ତା ୧୬ ତାରିଖରେ ଇଷ୍ଟ ଓ ନର୍ଥ ଜୋନ୍ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। କିଟ୍ ଷ୍ଟାଡିୟମରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରୁ ଭିଜି ଟ୍ରଫି ପାଇଁ ଇଷ୍ଟଜୋନ୍ ଟିମ୍ ଚୟନ ହୋଇଥିଲା। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ତ୍ତିକ ବିଶ୍ୱାଳ ଅଧିନାୟକ ଦାୟିତ୍ୱ ତୁଲାଉଥିବାବେଳେ କିଟ୍‌ର ଶିବାଶିଷ ସାହୁ ଦଳର ଅନ୍ୟତମ ସଦସ୍ୟ ଅଛନ୍ତି। ସନ୍ତୋଷ ଜେନା ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।



ରାୟପୁରରେ ଚାଲିଥିବା ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ଇଷ୍ଟଜୋନ୍ ଟିମ୍।

# ଓଡ଼ିଶା ସେମିଫାଇନାଲରେ

**ଦୃଷ୍ଟି ବାଧିତ ନାଗେଶ ଟ୍ରଫି କ୍ରିକେଟ**

ଭୁବନେଶ୍ୱର, ୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଦୃଷ୍ଟି ବାଧିତ ଜାତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫିର ସୁପର-୮ ପର୍ଯ୍ୟାୟରେ ଚଣ୍ଡିଗଡ଼ ବିପକ୍ଷ ଦ୍ୱିତୀୟ ଲିଗ୍ ମ୍ୟାଚ ଓଡ଼ିଶା ୯ ଉଇକେଟରେ ଜିତି ନେଇଛି। ହାଇଦ୍ରାବାଦର ଏଓ୍ୱାଇଆର୍ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଚଣ୍ଡିଗଡ଼ ଟସ୍ ଜିତି ପ୍ରଥମେ କରିବାକୁ ଯାଇ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୦ ରନ କରିଥିଲା। ଓଡ଼ିଶା ତରଫରୁ ଲିଙ୍ଗରାଜ ରାଉତରା ୩ , ସୁଖରାମ ମାଝି ୨ ଏବଂ ଦେବରାଜ ବେହେରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସହଜ ବିଜୟ ଲକ୍ଷ୍ୟର ପିଛା କରି ଓଡ଼ିଶା ୬.୨ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୬୧ ରନ କରିବା ସହ ମ୍ୟାଚ ଜିତିନେଇଥିଲା। ଓଡ଼ିଶା ତରଫରୁ ଅଞ୍ଜନ ସିଂ ୨୯ ଏବଂ ଶୁକଦେବ ସୋରେନ ୧୦ରନ କରି ଅପରାଜିତ ରହିଥିବା ବେଳେ ଜାଫର ଇକ୍‌ବାଲ ୧୬ ରନ କରିଥିଲେ। ଗ୍ରୁପ୍ ଏ'ରେ ପଛକୁ ପଛ ଦୁଇଟି ମ୍ୟାଚରେ ବିଜୟ ହାସଲ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ସୁପର-୮ ପର୍ଯ୍ୟାୟରେ ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚ ବୁଧବାର ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବ।

# ସୁପ୍ରଭାତଙ୍କୁ 'ତୁଷାରଶ୍ରୀ' ଟାଇଟଲ



'ତୁଷାରଶ୍ରୀ' ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ବଡିବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ରାମକୃଷ୍ଣ ପଟ୍ଟନାୟକ ମେମୋରିଆଲ 'ତୁଷାରଶ୍ରୀ' ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ ଜିମ୍ନାସିୟମ ଏବଂ କ୍ଲବରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୬୦, ୭୦, ୮୦ କେଜି ଆଦି ୩ ଓଜନ ବର୍ଗ ଏବଂ ପୁରୁଷ ଫିଜିକ୍ ସ୍ପୋର୍ଟ୍ସକୁ ମିଶାଇ ମୋଟ ୪ଟି ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଫିଟ୍‌ନେସ ବୁଲ୍ ଜିମ୍ନାସିୟମର ସୁପ୍ରଭାତ ମୁଣ୍ଡା 'ତୁଷାରଶ୍ରୀ' ଟାଇଟଲ ହାସଲ କରିଥିଲେ। ୬୦ କେଜିରେ ନରେନ୍ଦ୍ର ସାହୁ, ନବଜ୍ୟୋତି ପଟ୍ଟନାୟକ ଓ ସମରଜିତ ନାୟକ, ୭୦ କେଜିରେ ସୋନୁ ଶ୍ରେଷ୍ଠ, ପ୍ରମୋଦ କୁମାର ସ୍ୱାଇଁ ଓ ସାଜନ ନାୟକ ଏବଂ ୮୦ କେଜିରେ ସୁପ୍ରଭାତ ମୁଣ୍ଡା, ପାର୍ଥସାରଥି ଜେନା ଓ ରଞ୍ଜନ ଚୌଧୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଫିଜିକ୍ ସ୍ପୋର୍ଟ୍ସରେ ଅନିଲ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ଓ ଆଦିତ୍ୟ କୁମାର ସୁର ପ୍ରଥମ ୩ ସ୍ଥାନରେ ରହିଥିଲେ। ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ମୁଖ୍ୟ ଅତିଥି ଏବଂ ବିଧାୟକ ସୁରେଶ କୁମାର ରାଉତରାୟ, ସାମାଜିକ କର୍ମୀ କବିରାଜ ସ୍ୱାଇଁ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରୁଦ୍ର ସାମନ୍ତରାୟ, ଅମରେଶ ଜେନା, ଅର୍ଜୁନ ସାହୁ, କେଦାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର, ତୁଷାର ଚାରିଟେବୁଲ ଟ୍ରଷ୍ଟ ସଭାପତି ଜିତେନ୍ଦ୍ର ଜେନା, ସମ୍ପାଦକ ବିବେକାନନ୍ଦ ବାରିକ ଉପସ୍ଥିତ ଥିଲେ।

# ଏନ୍‌ସିଏ କ୍ୟାମ୍ପ ପାଇଁ ଓଡ଼ିଶାରୁ ୫ ମନୋନୀତ



ଆଶୀର୍ବାଦ ସ୍ୱାଇଁ | ଶ୍ରେୟାଂଶ ଭରଦ୍ୱାଜ | ପ୍ରିୟାଂଶୁ ମହାନ୍ତି | ସୟଦ ତୈଫେଲ ଅହମଦ | ରତିରଞ୍ଜନ ବାରିକ

ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି)

ନିକଟରେ ଶେଷ ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ସିଜନରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ୫ ଖେଳାଳି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) କ୍ୟାମ୍ପକୁ ମନୋନୀତ ହୋଇଛନ୍ତି। ଏପ୍ରିଲ ୧୭ରୁ ମେ' ୧୧ ପର୍ଯ୍ୟନ୍ତ ୧୬ ବର୍ଷରୁ କମ୍ ଏନ୍‌ସିଏ କ୍ୟାମ୍ପ ଅନୁଷ୍ଠିତ ହେବ। ସୁରଟରେ ହେବାକୁଥିବା ଟିମ୍-ସି କ୍ୟାମ୍ପ ପାଇଁ ରତିରଞ୍ଜନ ବାରିକ ଓ ପ୍ରିୟାଂଶୁ ମହାନ୍ତି ଏବଂ ଅନନ୍ତପୁରରେ ଟିମ୍-ଇ କ୍ୟାମ୍ପ ଲାଗି ସୟଦ ତୈଫେଲ ଅହମଦ ମନୋନୀତ ହୋଇଛନ୍ତି। ୧୯ ବର୍ଷରୁ କମ୍ ଏନ୍‌ସିଏ କ୍ୟାମ୍ପ ଏପ୍ରିଲ ୨୪ରୁ ମେ' ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନାଦିଆଦରେ ହେବାକୁଥିବା ଟିମ୍-ବି କ୍ୟାମ୍ପ ଲାଗି ଶ୍ରେୟାଂଶ ଭରଦ୍ୱାଜ ଏବଂ କାନପୁରରେ ଟିମ୍-ଇ କ୍ୟାମ୍ପ ପାଇଁ ଆଶୀର୍ବାଦ ସ୍ୱାଇଁ ଚୟନ ହୋଇଛନ୍ତି।





SSI
10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁ
ଗ୍ରାମ- ଗାଡ଼କଣ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ - ୧୭/୦୮/୧୯୫୯
ତିରୋଧାନ - ୦୯/୦୩/୨୦୧୮
(ଚୈତ୍ରମାସ, କୃଷ୍ଣପକ୍ଷ, ଅଷ୍ଟମୀ ତିଥି)
ଆପଣଙ୍କର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ। ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
------ ଆପଣଙ୍କ ------
ପତ୍ନୀ, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୯୫୧

# Classified Everyday
0674-2580101, 2549949




**GROOM WANTED**

Ashribad Weeding ବୟସ ୩୮ ଜାତି ଖଣ୍ଡାୟତ, ବୟସ ୩୪ ଜାତି ବ୍ରାହ୍ମଣ ମହିଳାଙ୍କ ପାଇଁ ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2975

47 ବର୍ଷର ମହିଳା Agriculture Departmentରେ କାର୍ଯ୍ୟରତ ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 7656973285. D-2973

**Bengali Kayastha 37/4'9" Double MA, B Ed Mutually Divorced working as English Teacher at Bhubaneswar. Father retired seeking Educated (Divorced/Unmarried) established Groom within 40 Bhubaneswar Location Preferred. Mob - 9875353398.** D-2970




**SALE**

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Commercial space for sale in Forest Park area, Unit-6, BBSR. 9937928349. D-2986

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ମଧ୍ୟରେ **Sudhananda School front** ଭିଙ୍ଗାରପୁର ଠାରେ **boundary, road,** ଇଲେକ୍ଟ୍ରିସିଟି ଥାଇ **sqft.-550/-ରେ** ତୁରନ୍ତ **registration** କରନ୍ତୁ। **9114121344.** D-74831

North & West facing commercial 60'x45' (2,700sqft.) corner freehold plot in Sahid Nagar. 7205845077. D-74525

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **6372101211.** D-74829

Residential gharabari plot with boundarywall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-74657

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832




**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Two Room, Bath, Kitchen, Big Balcony near Kalpana Square at Goutam Nagar, 2nd Floor for Office-Cum-Residential. Rent-12,000/-. Please call- 9437033691. D-74701




Newly open health benefits SPA special offer@999 Nayapalli. 7846814019. D-73693

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74656

"Only Professional body massage, Steam-Bath & Body Scrubbing. 9861550765". D-2985

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

**All type of body massage by expert lady therapist. 7008773793.** D-73690

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




"ଓଁ ମା' ରାମଚଣ୍ଡୀ" ଜ୍ୟୋତିଷ କାର୍ଯ୍ୟାଳୟ କଳାପାଟ ମନ୍ଦିର ଭୋଗ ଦୋକାନ ପଣ୍ଡିତ-ଲକ୍ଷ୍ମୀଧର ଦାଶ, ଏଠାରେ ବିବାହ ମେଳକ, ଖଡ଼ିପାଠ, ଜାତକ ବିଚାର, ଜାତକ ତିଆରି କରାଯାଏ। ମୋବାଇଲ ନଂ.- 9556184376. D- 2984

**AFFIDAVIT**

By virtue of an affidavit before Executive Magistrate, Nayagarh I declare that my name is SABITA PATRA in my Aadhaar Card. But my nick name is CHHABILATA PATRA which is mentioned in my LIC Policy No.-587241282. SABITA PATRA and CHHABILATA PATRA is the one and same person. Henceforth I will be known as SABITA PATRA for all purposes. D-2992

**LOST**

I have lost the Original land record of our House: HIG-I-88, BDA Colony, Kapila Prasad, PS.- Airfield, Bhubaneswar-2 with the Original Indenture of sale document No.-5225/5226, volume-210 of 2000 issued by BDA, Bhubaneswar recorded in the name of Sri Purna Chandra Lenka. If anybody found the same request to please contact on Ph-9437033222/ hand over at the above address/ at the local Police Station.
Sd./- Prasanna Kumar Lenka.
D-71369

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମାଈ ଘୁଷୁରି ପ୍ରଜନନ

ଘୁଷୁରି ପାଳନ ମୁଖ୍ୟତଃ ସମାଜରେ ବସବାସ କରୁଥିବା ପଛୁଆବର୍ଗ ଲୋକମାନେ କରିଥାଆନ୍ତି। ଏହି ବୃତ୍ତିକୁ ଆପଣାଇ ଲୋକମାନେ ଆର୍ଥିକ ଭରଣପୋଷଣ କରିଥାଆନ୍ତି। ୨୦ତମ ପ୍ରାଣୀଗଣନା ଅନୁଯାୟୀ ଭାରତରେ ସର୍ବମୋଟ ୯.୬ ମିଲିୟନ ଘୁଷୁରି ଅଛନ୍ତି, ଯାହାକି ସର୍ବମୋଟ ପ୍ରାଣୀଙ୍କର ୧.୭ ଶତକଡ଼ା ଭାଗ ହୋଇଥାଏ। ଓଡ଼ିଶାରେ ସର୍ବମୋଟ ୦.୨୮ ମିଲିୟନ ଘୁଷୁରି ଅଛନ୍ତି। ଆମ ରାଜ୍ୟର ସବୁ ଜିଲା ମଧ୍ୟରେ ସୁନ୍ଦରଗଡ଼ରେ ଅଧିକ ଘୁଷୁରି ଅଛନ୍ତି, ଯାହାକି ୧୯ତମ ପ୍ରାଣୀ ଗଣନାରୁ ଜଣାପଡ଼ିଛି। ଘୁଷୁରି ପାଳନ ଏକ ଉତ୍ତମ ଲାଭଦାୟକ ବ୍ୟବସାୟ ହୋଇଥାଏ। ଆମ ରାଜ୍ୟ ସହିତ ଉତ୍ତର-ପୂର୍ବ ଭାରତରେ ଥିବା ରାଜ୍ୟଗୁଡ଼ିକରେ ଏହି ପ୍ରାଣୀମାନଙ୍କର ଅଧିକ ଚାହିଦା ରହିଛି। ଦକ୍ଷିଣ ଭାରତରେ ଅର୍ଥାତ୍ କେବଳ କେରଳରେ ଏହାର ଚାହିଦା ଅଧିକ। ଅନେକ ସମୟରେ ଆମ ଦେଶରୁ ବାହାର ଦେଶଗୁଡ଼ିକୁ ଘୁଷୁରିଠାରୁ ଉତ୍ପନ୍ନ ଦ୍ରବ୍ୟ ଯେପରିକି ଘୁଷୁରି ମାଂସ, ଘୁଷୁରି ଚର୍ବି ଇତ୍ୟାଦି ରପ୍ତାନି କରାଯାଉଛି। ବିଭିନ୍ନ ପ୍ରକାର ସଙ୍କର ଜାତୀୟ ଘୁଷୁରି ଦେଖିବାକୁ ମିଳିଥାଏ, ଯଥା-ହାମ୍‌ସାୟାର, ଲାଣ୍ଡ୍ରେସ, ଟାମୁଥ ୟର୍କସାୟାର ଇତ୍ୟାଦି। ଏହି ପ୍ରଜାତିର ସଙ୍କର ଘୁଷୁରିମାନଙ୍କୁ ସ୍ୱଦେଶୀ ବା ସ୍ଥାନୀୟ ଘୁଷୁରି ଯଥା-ନିକୋବରୀ, ଘୁଙ୍ଘୁରୁ, ନିଆଙ୍ଗ ଇତ୍ୟାଦି ସହିତ ମିଳନ କରାଯାଇଥାଏ। ଏହାଦ୍ୱାରା ନିର୍ଦ୍ଧାରିତ ବଂଶଧର ବା ଆନୁବଂଶିକ ଥିବା ଘୁଷୁରି ଜନ୍ମ ଗ୍ରହଣ କରିଥାଆନ୍ତି ଏବଂ ଲାଭର ପରିମାଣ ବୃଦ୍ଧି ହୋଇଥାଏ। ମୁଖ୍ୟତଃ ମାଈ ଘୁଷୁରିମାନଙ୍କର ଉଚ୍ଚ ପ୍ରଜନନ ଶକ୍ତି, ଚଞ୍ଚଳ ବିକାଶ ଏବଂ ଗର୍ଭଧାରଣର ସମୟ କମ୍ ରହିଥାଏ। ଏହାଦ୍ୱାରା ଘୁଷୁରି ପାଳନ କରୁଥିବା ଲୋକମାନେ ଅଳ୍ପ ସମୟରେ ଅଧିକରୁ ଅଧିକ ଲାଭବାନ୍ ହୋଇଥାଆନ୍ତି।



**ମାଈ ଘୁଷୁରି ଶାବକ :** ମାଈ ଘୁଷୁରି ଶାବକ ମୁଖ୍ୟତଃ ୬-୭ ମାସ (ଜନ୍ମ ହେବାର) ମଧ୍ୟରେ ଯୌବନାବସ୍ଥା ପଦାର୍ପଣ କରିଥାନ୍ତି। ମାତ୍ର ଗରମ ଆସିବାର ଲକ୍ଷଣଗୁଡ଼ିକ ୮ ମାସଠାରୁ ଦେଖାଦେଇଥାଏ। ଏହି ୧-୨ ମାସ ବ୍ୟବଧାନରେ ଶାବକମାନେ କିଶୋରାବସ୍ଥା ଦେଇ ଗତିକରିଥାଆନ୍ତି। ଯୌବନାବସ୍ଥା ମୁଖ୍ୟତଃ ସଙ୍କରଜାତୀୟ ଘୁଷୁରିମାନଙ୍କଠାରେ ଶୀଘ୍ର ଦେଖାଦେଇଥାଏ। ସ୍ଥାନୀୟ ବା ସ୍ୱଦେଶୀ ଘୁଷୁରି ଶାବକମାନେ ବିଳମ୍ବରେ ଯୌବନାବସ୍ଥାରେ ପ୍ରଦାର୍ପଣ କରିଥାଆନ୍ତି। ମାଈ ଘୁଷୁରି ଶାବକମାନଙ୍କ ମଧ୍ୟରେ ଅଣ୍ଡିରା ଘୁଷୁରି ବସବାସ କଲେ, ମାଈ ଶାବକମାନେ ଶୀଘ୍ର ଯୌବନାବସ୍ଥାରେ ପଦାର୍ପଣ କରିଥାଆନ୍ତି। ଏହି ପ୍ରକ୍ରିୟାକୁ ଇଂଲିଶରେ 'Boar effect' ବୋଲି ଦର୍ଶାଯାଇଛି। ଏହାଦ୍ୱାରା ମାଈ ଘୁଷୁରି ଶାବକମାନେ ଶୀଘ୍ର ଗରମ ଆସିବାର ଲକ୍ଷଣ ଦେଖାନ୍ତି। ସମସ୍ତ ମାଈ ଘୁଷୁରିଙ୍କ ମଧ୍ୟରେ ଏକକାଳୀନ ଗରମ ଲକ୍ଷଣ ଦେଖାଦେଇଥାଏ, ଯାହାଦ୍ୱାରା ଘୁଷୁରିମାନଙ୍କର ପ୍ରତିଦିନ ପାଳନ ବ୍ୟବସ୍ଥା ସୁଚାରୁ ରୂପରେ ସମ୍ପାଦନ ହୋଇଥାଏ।

**ଖାଦ୍ୟପେୟ ପରିମାଣ :** ଖାଦ୍ୟପେୟ ଅଭାବରେ ଅଥବା ଖାଦ୍ୟପେୟର ଅନିୟମିତତା ଘୁଷୁରି ଶାବକମାନଙ୍କର ଶାରୀରିକ ବିକାଶକୁ ହ୍ରାସ କରିଥାଏ। ଏହାଦ୍ୱାରା ଶରୀରରେ ପ୍ରଜନନ ପାଇଁ ଦାୟୀ ଥିବା ଅଙ୍ଗଗୁଡ଼ିକ ଯେପରିକି ଡିମ୍ବକୋଷ, ଗର୍ଭାଶୟ, ଯୋନି ଇତ୍ୟାଦିର ବିକାଶରେ ମଧ୍ୟ ବିଳମ୍ବ ଦେଖାଦେଇଥାଏ। ଜୀବସାର ବା ଭିଟାମିନ୍ ମଧ୍ୟରେ ଭିଟାମିନ୍ ବି-୧୨ର ଅଭାବରେ ଯୌବନାବସ୍ଥା ବିଳମ୍ବ ହୋଇଥାଏ। ଅତ୍ୟଧିକ ଖାଦ୍ୟପେୟ ଦ୍ୱାରା ଶରୀରରେ ଚର୍ବିର ମାତ୍ରା ବୃଦ୍ଧି ପାଇଥାଏ, ଯାହାକି ଯୌବନାବସ୍ଥାକୁ ବିଳମ୍ବ କରାଇଥାଏ।

**ସାମାଜିକ ପରିବେଶ :** ବୈଜ୍ଞାନିକମାନଙ୍କ ମତ ଅନୁସାରେ ମାଈ ଘୁଷୁରି ଶାବକମାନଙ୍କ ମଧ୍ୟରେ ଏକ ଅଣ୍ଡିରା ଘୁଷୁରି (Boar) ରହିବା ନିତାନ୍ତ ଆବଶ୍ୟକ। ଏହାର ଅନୁପାତ ୧୦:୧ ରହିବା ନିହାତି ଜରୁରୀ। ଅଣ୍ଡିରା ଘୁଷୁରି ଶରୀରରୁ ନିର୍ଗତ ହେଉଥିବା ଜୀବରସର ସମ୍ପର୍କରେ ମାଈ ଘୁଷୁରି ଶାବକମାନେ ଆସିବା ଦ୍ୱାରା ଶୀଘ୍ର ଯୌବନାବସ୍ଥାରେ ପଦାର୍ପଣ କରିଥାଆନ୍ତି।

**ଶରୀର ଓଜନ :** ଘୁଷୁରିମାନଙ୍କ ଶରୀରରେ ବିଭିନ୍ନ ପ୍ରକାର କୃମି ଉପଦ୍ରବ ରହିଲେ ପୂର୍ଣ୍ଣବିକାଶ ହୋଇପାରି ନ ଥାଏ। ଏହି କୃମିଗୁଡ଼ିକ ଯଥାକ୍ରମେ ଖାଦ୍ୟନଳୀ, ପାକସ୍ଥଳୀ, ଅନ୍ତବୁଜୁଳା, ବୃକ୍କ, ଫୁସ୍‌ଫୁସ୍ ଇତ୍ୟାଦି ଅଙ୍ଗରେ ଦେଖାଯାଆନ୍ତି। ଏହି କୃମି ଶରୀରରୁ ଆବଶ୍ୟକ ଥିବା ପୋଷକ ହ୍ରାସ କରାଇଥାଆନ୍ତି। ସେଗୁଡ଼ିକ ମଧ୍ୟରୁ କିଛି ମୁଖ୍ୟ କୃମି ହେଲା- ଆସ୍କାରିସ୍ ସମ୍, ଟ୍ରାଇଚୁରିସ ସୁଇସ୍, ଟକ୍ସୋପ୍ଲାଜମା ଗର୍ନି ଇତ୍ୟାଦି।

**ଋତୁକାଳୀନ ପ୍ରଭାବ :** ବୈଜ୍ଞାନିକମାନେ ପରୀକ୍ଷାରୁ ଏକଥା ଜାଣିବାକୁ ପାଇଛନ୍ତି ଯେ କେତେଗୋଟି ପ୍ରଜାତିର ଘୁଷୁରି ବେଶି ପରିମାଣର ଆଲୋକ ସଂସ୍ପର୍ଶରେ ଆସିଲେ ସେମାନଙ୍କ ଯୌବନାବସ୍ଥାରେ ବିଳମ୍ବ ହୋଇଥାଏ।

**ମାଈ ଘୁଷୁରିଙ୍କ ଋତୁଚକ୍ର ଏବଂ ଗରମ ସମୟର ଲକ୍ଷଣ :**

- ମାଈ ଘୁଷୁରିମାନଙ୍କର ଋତୁଚକ୍ର ମୁଖ୍ୟତଃ ୧୮-୨୩ ଦିନ ମଧ୍ୟରେ ହୋଇଥାଏ। ଗରମ ସମୟର ଲକ୍ଷଣ ପ୍ରଥମ ୨-୩ ଦିନ ପର୍ଯ୍ୟନ୍ତ ହୋଇଥାଏ। ମାଈ ଘୁଷୁରି ଶାବକମାନଙ୍କର ଗରମ ସମୟ ଯଥା ଭାବରେ ମାଈ ଘୁଷୁରିମାନଙ୍କର ତୁଳନାରେ କମ୍ ହୋଇଥାଏ। ଗରମ ଦିନରେ ଲକ୍ଷଣ ଅଧିକ ସମୟ ପର୍ଯ୍ୟନ୍ତ ଦେଖାଦେଇଥାଏ।
- ମାଈ ଘୁଷୁରିଗୁଡ଼ିକ ବର୍ଷର ସବୁସମୟରେ ଗରମ ଲକ୍ଷଣ ଦେଖାଇଥାଆନ୍ତି। ଏହି ପ୍ରକାର ପ୍ରାଣୀମାନେ ଗୋଟିଏ ଋତୁଚକ୍ରରେ ଅନେକ ଡିମ୍ବ ଉତ୍ପାଦନ ବା କ୍ଷରଣ କରିଥାଆନ୍ତି। ଗରମ ଲକ୍ଷଣ ଦେଖାଯିବାର ବା ଋତୁଚକ୍ରର ପ୍ରଥମ ୪୦ଘଣ୍ଟା ମଧ୍ୟରେ ଡିମ୍ବକୋଷରୁ ଡିମ୍ବ ନିର୍ଗତ ହୋଇଥାଏ। ବିନା ସଙ୍ଗମ କରିଥିବା ଘୁଷୁରିମାନଙ୍କ ତୁଳନାରେ ସଙ୍ଗମ କରିଥିବା ଘୁଷୁରିମାନଙ୍କର ଉପଯୁକ୍ତ ସମୟର ୪ ଘଣ୍ଟା ଆଗରୁ ଡିମ୍ବ ନିର୍ଗତ ହୋଇଥାଏ। ସଙ୍କରଜାତୀୟ ଘୁଷୁରି ଶାବକ ଏବଂ ତରୁଣ ମାଈ ଘୁଷୁରିମାନଙ୍କଠାରେ ଅଧିକ ପରିମାଣରେ ଡିମ୍ବ ନିର୍ଗତ ହୋଇଥାଏ।
- ଖାଦ୍ୟପେୟର ବୃଦ୍ଧି ଏବଂ ଠିକ୍ ମାତ୍ରା ହେବା ସହ ଡିମ୍ବ ନିର୍ଗତ ହେବାର ମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ। ବୈଜ୍ଞାନିକମାନଙ୍କର ପରୀକ୍ଷା ଅନୁଯାୟୀ ମାଈ ଘୁଷୁରିମାନଙ୍କୁ ଗରମ ଆସିବାର ୨ସପ୍ତାହ ଆଗରୁ ମାତ୍ରାଧିକ ଖାଦ୍ୟପେୟ ଦେବା ଦ୍ୱାରା ଡିମ୍ବ ନିର୍ଗତ ହେବାର ଶତକଡ଼ା ପରିମାଣ ବୃଦ୍ଧି ପାଇଥାଏ। ଏହାକୁ ଇଂଲିଶରେ 'Flvsh-ing' କୁହାଯାଏ। ଏହାଦ୍ୱାରା ଶରୀରରେ ଇନ୍‌ସୁଲିନ୍ ମାତ୍ରା ବୃଦ୍ଧି ହୋଇଥାଏ ଏବଂ ଡିମ୍ବ ନିର୍ଗତକୁ ମଧ୍ୟ ବୃଦ୍ଧି କରାଇଥାଏ। (କ୍ରମଶଃ...)

-ଡା. ହିମାଂଶୁ ବେହେରା
ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ଓୟୁଏଟି

## ଆତ୍ମବିଶ୍ୱାସରୁ ସଫଳତା ମିଳିଛି



### ସଫଳ କୃଷିଜୀବୀ
### ସନ୍ତୋଷ କୁମାର ସାହୁ



କୌଣସି କାମକୁ ଯଦି ଯୋଜନାବଦ୍ଧ ଭାବରେ ଆରମ୍ଭ କରାଯାଏ ତେବେ ସେଥିରୁ ସଫଳତା ମିଳିବା ସମ୍ଭାବନା ଅଧିକ ରହିଛି। ଆଉ ତାହାକୁ ଅନୁସରଣ କରି ନିଜକୁ ଜଣେ ସଫଳ ଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ମଧୁଶାସନ ଗ୍ରାମର ପିତା-ଲକ୍ଷ୍ମୀଧର ସାହୁ, ମା-ଜୟନ୍ତୀ ସାହୁଙ୍କ ପୁତ୍ର ସନ୍ତୋଷ କୁମାର ସାହୁ (ମୋ : ୮୨୪୯୫୧୦୬୧୨)। କଳାରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଚାଷ କାର୍ଯ୍ୟରେ ମନୋନିବେଶ କରିଥିଲେ ସେ। ନିଜ ଉପରେ ଭରସା ରଖି ସେ ଆଗେଇଥିଲେ ନିଜ ଲକ୍ଷ୍ୟ ପଥରେ। ଏ ସମ୍ପର୍କରେ ସେ କହନ୍ତି, "ବର୍ତ୍ତମାନ ମୁଁ ଡ୍ରାଗନ ଫଳ (କମଳସ), ଚାରି ପ୍ରଜାତି-କାଶ୍ମୀର, ବଲ ସୁନ୍ଦରୀ, ଗ୍ରୀନ୍ ସେଓ ଏବଂ ମଞ୍ଜି ବିହନ ସେଓ କୋଳି ଏବଂ ଗ୍ରୀଷ୍ମ ପ୍ରଜାତିର ସେଓ କୋଳି (ଏଚ୍‌ଆର୍‌ଏମ୍-୯୯, ଆନା, ଗୋଲ୍‌ଡେନ୍, ଡିସର୍ଟ, ଟ୍ରିପିକ୍ ସୁଇଟ୍) ସହ ଗେଣ୍ଡୁଚାଷ ମଧ୍ୟ କରୁଛି। ମୁଁ ଏକ ଚାଷୀ ପରିବାରରେ ଜନ୍ମ। ବାପାମା' ଏହା ସହ ଜଡ଼ିତ। ତେଣୁ ପାଠପଢ଼ା ଶେଷ ପରେ ମୁଁ ଆଧୁନିକ ପ୍ରଣାଳୀରେ ଚାଷ ଆରମ୍ଭ କରିଥିଲି। ମୋର ଦୃଢ଼ବିଶ୍ୱାସ ଥିଲା ମୁଁ ଚାଷକୁ ଭିତ୍ତିକରି ନିଜେ କିଛି ରୋଜଗାର କରିବା ସହ ଅନ୍ୟମାନଙ୍କୁ ଏ ଦିଗ ପ୍ରତି ଆକର୍ଷିତ କରିପାରିବି। ଏବେ ମୁଁ ବିଶେଷଭାବରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ସାର ମାଧ୍ୟମରେ ଚାଷ କରୁଛି। ୟୁ-ଟ୍ୟୁବ୍‌ରେ ଏଭଳି ଚାଷକୁ ଭଲ ଭାବରେ ଦେଖିବା ପରେ ସେହି ଅନୁସାରେ ଚାଷକରି ସଫଳ ହୋଇଛି। ଏହା ସହ ହରିୟାଣାରୁ ଡ୍ରାଗନ ଫଳ ଚାଷ, ପଶ୍ଚିମବଙ୍ଗରୁ ସେଓ ଚାଷ ଏବଂ ହିମାଚଳ ପ୍ରଦେଶର ହରିମନ୍ ଶର୍ମାଙ୍କଠାରୁ ଗ୍ରୀଷ୍ମମଣ୍ଡଳୀୟ ସେଓ ଚାଷ ବିଷୟରେ ପ୍ରଶିକ୍ଷଣ ନେଇଛି।" ସନ୍ତୋଷଙ୍କ ମତାନୁସାରେ, 'ଆଧୁନିକ ପ୍ରଣାଳୀରେ ଚାଷରେ ଅଧିକ ଲାଭ ମିଳିଥାଏ। ସବୁଠାରୁ ଖାସ୍ କଥା ହେଲା, ଜୈବିକ ପଦ୍ଧତିରେ ଚାଷକୁ ଗୁରୁତ୍ୱ ଦେବା ଦରକାର। ଏ ପର୍ଯ୍ୟନ୍ତ ଚାଷକୁ ନେଇ ଯାହା ଆଶା ରଖିଥିଲି ତାହା ହାସଲ କରିଛି ଏବଂ ପରିବାରକୁ ବେଶ୍ ସୁରୁଖୁରୁରେ ଚଳାଉଛି। ମୋ ମତରେ ଯୁବପିଢ଼ି ଆତ୍ମନିର୍ଭର ହେବା ପାଇଁ ଚାଷକୁ ଆପଣେଇନେଲେ କିଛି କ୍ଷତି ନାହିଁ।'

– ଶୁଭ୍ର ମହାପାତ୍ର



## ଅଣଧାନ ଫସଲ ଚାଷ

ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷକରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା



ପ୍ରାଣୀଙ୍କୁ ସାହାଣା, ବଜବଜିଆ ଓ ଫାଟୁଆ ରୋଗରୁ ରକ୍ଷା ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ଚିନାବାଦାମ ଚାଷ ପୂର୍ବରୁ...

ଚିନାବାଦାମ ଚାଷ ପୂର୍ବରୁ ଚୟନ କରିଥିବା ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ।



## ସୂର୍ଯ୍ୟମୁଖୀର ଦାନା ଗଠନ

ସୂର୍ଯ୍ୟମୁଖୀର ଦାନା ଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳିମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷ ଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ, ୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ହାଲୁକା ଜଳସେଚନ କରନ୍ତୁ।



## ରାଶିରେ ସାର ପ୍ରୟୋଗ

ରାଶି ୨ରୁ ୩ ସପ୍ତାହର ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କି.ଗ୍ରା. ୟୁରିଆ ସାର ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। କୋଡ଼ାଖୁସା, ଘାସ ବଛା ଓ ସାର ପ୍ରୟୋଗ ଆଦି କାମ ମଞ୍ଜି ବୁଣିବାର ୨୫ଦିନ ଭିତରେ ସାରି ଦିଅନ୍ତୁ। କାରଣ ୨୫ ଦିନ ପରେ ଫୁଲ ଧରିବା ଆରମ୍ଭ ହୁଏ। ପତ୍ରଛଦା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମି.ଲି. ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ।



# ଜର୍ମାନୀକୁ ହରାଇଲା ଅଷ୍ଟ୍ରେଲିଆ

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୪।୩**

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋଲିଗ୍‌ରେ ବିଶ୍ୱ ଚାମ୍ପିୟନ ଜର୍ମାନୀର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୨-୧ ଗୋଲରେ ଏହି ଦଳକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ମ୍ୟାଚର ୧୨ତମ ମିନିଟରେ ଜ୍ୟାକ ହ୍ୱିଟନ ଓ ୧୫ତମ ମିନିଟରେ ଜ୍ୟାକ ୱେଲ୍‌ଚ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ଜର୍ମାନୀ ଗୋଞ୍ଜାଲୋ ପିଲାଟ ୨୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅବଶିଷ୍ଟ ସମୟରେ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଏଠାରେ ବିଜୟ ଫଳରେ ଅଷ୍ଟ୍ରେଲିଆ ଗତ ୧୧ ତାରିଖରେ ଜର୍ମାନୀଠାରୁ ୦-୧ ଗୋଲ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଅନ୍ୟପକ୍ଷରେ ଜର୍ମାନୀ ଏଠାରେ ଖେଳିଥିବା ୪ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି। ଏହି ଦଳ ଭାରତଠାରୁ ୨ଟି ମ୍ୟାଚରେ ଯଥାକ୍ରମେ ୨-୩ ଓ ୩-୬ ଗୋଲରେ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଖେଳିଥିବା ୩ ମ୍ୟାଚରୁ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ପ୍ରଥମ ୨ଟି ମ୍ୟାଚରେ ଏହି ଦଳ ଜର୍ମାନୀଠାରୁ ୦-୧ ଓ ଭାରତଠାରୁ ୪-୫ ଗୋଲରେ ପରାଜିତ ହୋଇଥିଲା। ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ରାଉରକେଲାରେ ଚଳିତ ପର୍ଯ୍ୟାୟର ଏହା ହେବ ୬ଷ୍ଠ ତଥା ଶେଷ ମ୍ୟାଚ। ଭାରତ ଏଠାରେ ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚରେ ବିଜୟୀ ହୋଇଛି। ଜର୍ମାନୀକୁ ୨ଟିଯାକ ମ୍ୟାଚରେ ହରାଇଥିବାବେଳେ ଅଷ୍ଟ୍ରେଲିଆକୁ ଗତ ୧୨ ତାରିଖରେ ୫-୪ ଗୋଲରେ ପରାସ୍ତ କରିଥିଲା।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଜର୍ମାନୀ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଆଗୁଆ ରିଲିଜ ହେବେ ୱିଲିୟମସନ, ସୌଦି

**ୱେଲିଂଟନ, ୧୪।୩ (ପି.ଟି.):** ଶ୍ରୀଲଙ୍କା ବିପକ୍ଷ ଘରୋଇ ସୀମିତ ଓଭର ସିରିଜରେ କେନ୍ ୱିଲିୟମସନ ଓ ଟିମ୍ ସୌଦିଙ୍କ ସମେତ ନ୍ୟୁଜିଲାଣ୍ଡର ୪ ଜଣ ଖେଳାଳିଙ୍କୁ ରିଲିଜ କରାଯିବ ବୋଲି ଦେଶର କ୍ରିକେଟ ବୋର୍ଡ କହିଛି। ଏହାଦ୍ୱାରା ସେମାନେ ସେମାନଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ସହ ଯୋଗ ଦେଇପାରିବେ। ୱିଲିୟମସନ ଗୁଜରାଟ ଟାଇଟନ୍ସ, ସୌଦି କୋଲକାତା ନାଇଟ ରାଇଡର୍ସ ଏବଂ ଡେଭନ କନୱେ ଓ ମିଚେଲ ସାଣ୍ଟନର ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳିବେ। ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ପରେ ଏହି ଖେଳାଳିମାନଙ୍କୁ ରିଲିଜ କରାଯିବ। ଅନ୍ୟପକ୍ଷରେ ଅକ୍‌ଲାଣ୍ଡରେ ମାର୍ଚ୍ଚ ୨୫ରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବା ପରେ ଅନ୍ୟ ୩ ଖେଳାଳି ଫିନ୍ ଆଲେନ୍ , ଲୋକି ଫର୍ଗୁସନ ଏବଂ ଗ୍ଲେନ ଫିଲିପ୍ସ ଭାରତ ଗସ୍ତ କରିବେ। ଅହମଦାବାଦରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମ୍ୟାଚ ସହ ମାର୍ଚ୍ଚ ୩୧ରୁ ଆଇପିଏଲ୍ ଆରମ୍ଭ ହେବ।

# ଦିନିକିଆ ସିରିଜରେ ସ୍ମିଥ୍ ଅଧିନାୟକ

**ଅହମଦାବାଦ,୧୪।୩(ପି.ଟି.)**

ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଅଧିନାୟକ ଦାୟିତ୍ୱ ବହନ କରିବେ। ଅନ୍ତିମ ଦୁଇ ଟେଷ୍ଟରେ ସ୍ମିଥ୍ ଷ୍ଟାଣ୍ଡଇନ୍ କ୍ୟାପ୍ଟେନ ରହିଥିବା ବେଳେ ଦିନିକିଆ ସିରିଜ୍ ପାଇଁ ମଧ୍ୟ ତାଙ୍କୁ ଅଧିନାୟକ ରଖାଯିବ ବୋଲି ଅଷ୍ଟ୍ରେଲିଆ ଦଳର ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ସୂଚନା ଦେଇଛନ୍ତି। ଦିଲ୍ଲୀ ଟେଷ୍ଟ ପରେ ମା'ଙ୍କ ଅସୁସ୍ଥତା ପାଇଁ କମିନ୍ସ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅହମଦାବାଦ ଟେଷ୍ଟ ପୂର୍ବରୁ ମା'ଙ୍କ ଦେହାନ୍ତ ଘଟିଥିଲା। ଶୁକ୍ରବାରଠାରୁ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଶୋକରେ ଥିବା କମିନ୍ସ ଭାରତ ଫେରିବେ ନାହିଁ ବୋଲି ମ୍ୟାକଡୋନାଲ୍ଡ ସ୍ପଷ୍ଟ କରିଛନ୍ତି। ଦୁଃଖର ମୁହୂର୍ତ୍ତରେ ଅଷ୍ଟ୍ରେଲିଆ ଦଳ କମିନ୍ସଙ୍କ ସହିତ ରହିଛି ବୋଲି ସେ କହିଛନ୍ତି। ତେବେ ତାଙ୍କର ବଦଳ ଖେଳାଳିଙ୍କ ନାମ ଏଯାଏ ଘୋଷଣା କରାଯାଇ ନାହିଁ। ପ୍ରଥମ ଦୁଇ ଟେଷ୍ଟରେ କମିନ୍ସ ଅଧିନାୟକ ରହିଥିବା ବେଳେ ପରବର୍ତ୍ତୀ ଦୁଇ ଟେଷ୍ଟରେ ସ୍ମିଥ୍ ନେତୃତ୍ୱ ନେଇଥିଲେ। ଇନ୍ଦୋର ଟେଷ୍ଟରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିବା ବେଳେ ଅହମଦାବାଦର ଟେଷ୍ଟ ଡ୍ର'ରେ ଶେଷ ହୋଇଥିଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ଦଳ ଆହତ ସମସ୍ୟା ଦେଇ ଗତି କରୁଛି। ହାମଷ୍ଟ୍ରିଙ୍ଗ ସର୍ଜରୀ ପାଇଁ ଝେ ରିଚାର୍ଡସନ୍ ବାଦ୍ ପଡିଥିବା ବେଳେ ନାଥାନ ଏଲିସଙ୍କୁ ବଦଳ ଖେଳାଳି ଭାବରେ ଘୋଷଣା କରାଯାଇଥିଲା। କହୁଣି ଆଘାତ ପାଇଁ ଅନ୍ତିମ ଦୁଇ ଟେଷ୍ଟରୁ ବାଦ୍ ପଡିଥିବା ଡେଭିଡ୍ ୱାର୍ନରଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି। କମିନ୍ସଙ୍କ ସ୍ଥାନରେ ଇଂଲଣ୍ଡରେ ଅଧିନାୟକ ରହିଥିବା ଜୋଶ ହେଜେଲଉଡ୍ ମଧ୍ୟ ଆକିଲିସ୍ ଇଞ୍ଜୁରୀ କାରଣରୁ ବାଦ୍ ପଡିଛନ୍ତି। ଆଷ୍ଟନ ଆଗର ଦିନିକିଆ ସିରିଜ ପାଇଁ ଫେରିଥିବା ବେଳେ ଆଡାମ ଜାମ୍ପାଙ୍କ ସହିତ ସେ ସ୍ପିନ୍ ବିଭାଗ ସମ୍ଭାଳିବେ। ଆହତ ସମସ୍ୟାରୁ ଫେରିଥିବା ଗ୍ଲେନ୍ ମ୍ୟାକ୍ସୱେଲ ଓ ମିଚେଲ୍ ମାର୍ଶ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି।






# ହରମନ୍‌ପ୍ରୀତ୍‌ଙ୍କ ଦ୍ୱିତୀୟ ଅର୍ଦ୍ଧଶତକ

**ଓମେନ୍ସ ପ୍ରିମିୟର ଲିଗ୍**

**ମୁମ୍ବାଇ, ୧୪।୩**

ବ୍ରାବୋର୍ନ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ୧୨ତମ ମ୍ୟାଚରେ ହରମନପ୍ରୀତ କୌର ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ହରମନ୍‌ପ୍ରୀତଙ୍କ ୫୧ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୮ ଉଇକେଟରେ ୧୬୨ ରନ୍ ସଂଗ୍ରହ କରିଛି। ହରମନପ୍ରୀତଙ୍କ ବ୍ୟତୀତ ଓପନର ୟାସ୍ତିକା ଭାଟିଆ ୪୪ ଓ ନାତାଲି ସ୍କିଭର ବ୍ରଣ୍ଟ ୩୬ରନ୍ ସ୍କୋର କରିଥିଲେ। ଓପନର ହିଲି ମାଥ୍ୟୁସ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ମୁମ୍ବାଇର ଆରମ୍ଭ ସାମାନ୍ୟ ଧୀମା ରହିଥିଲା। ୟାସ୍ତିକା ଓ ବ୍ରଣ୍ଟ ଦ୍ୱିତୀୟ ଉଇକେଟରେ ୭୪ ରନ୍ ଯୋଗ କରିଥିଲେ। ୩୦ ବଲ୍ ଖେଳି ହରମନ୍‌ପ୍ରୀତ ୭ଚୌକା ଓ ୨ଟି ଛକା ମାରିବାରୁ ମୁମ୍ବାଇ ୧୬୨ ରନ୍ କରିଥିଲା। ଗୁଜରାଟ ପକ୍ଷରୁ ଆଶ୍‌ଲେ ଗାର୍ଡନର ୩ ଉଇକେଟ ନେଇଥିଲେ। ସ୍ନେହ ରାଣା, କିମ୍ ଗାର୍ଥ ଓ ତନୁଜା କନୱର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲ କରିବା ପରେ ହରମନପ୍ରୀତ କୌର।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୨/୮( ହରମନ୍‌ପ୍ରୀତ୍ କୌର-୫୧, ୟାସ୍ତିକା ଭାଟିଆ-୪୪, ନାତାଲି ସ୍କିଭର ବ୍ରଣ୍ଟ-୩୬, ଆସ୍‌ଲେ ଗାର୍ଡନର-୩/୩୪, ସ୍ନେହ ରାଣା-୧/୧୭, କିମ୍ ଗାର୍ଥ-୧/୩୧)।

## ସେନ୍, ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ

**ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ**

**ବର୍ମିଂହାମ୍, ୧୪।୩ (ପି.ଟି.):** ଭାରତର ଲକ୍ଷ୍ୟ ସେନ୍ ଓ ଏଚ୍.ଏସ୍. ପ୍ରଣୟ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ୫ମ ସିଡ୍ ଚାଇନିଜ ତାଇପେର ଚୋ ତିନ୍ ଚେନ୍‌ଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରିଛନ୍ତି। ପୂର୍ବରୁ ପ୍ରଣୟ ଚାଇନିଜ ତାଇପେର ଡିଜୁ ୱି ୱାଙ୍ଗ୍‌ଙ୍କୁ ୨୧-୧୯, ୨୨-୨୦ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ବିଶ୍ୱର ୯ନମ୍ବର ଭାରତୀୟ ଖେଳାଳି ୪୯ ମିନିଟ ସମୟ ନେଇଥିଲେ।

## ହସ୍ତକ୍ଷେପ କରିବେନି ହାଇକୋର୍ଟ

**ବକ୍ସିଂ ସିଲେକ୍ସନ ମାମଲା**

**ନୂଆଦିଲ୍ଲୀ, ୧୪।୩:** ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ନ ମିଳିବା ପରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ୩ ମହିଳା ବକ୍ସର ମଞ୍ଜୁ ରାଣୀ(୪୮ କିଗ୍ରା), ଶିକ୍ଷା ନରୱାଲ(୫୪ କିଗ୍ରା) ଓ ପୁନମ ପୁନିଆ(୬୦ କିଗ୍ରା) ନିରାଶ ହୋଇଛନ୍ତି। ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବେ ନାହିଁ ବୋଲି ମାମଲାର ବିଚାର କରୁଥିବା ଜଷ୍ଟିସ୍ ଏମ୍ ପ୍ରତିଭା ସିଂ କହିଛନ୍ତି। ମଞ୍ଜୁ ରାଣୀ, ଶିକ୍ଷା ନରୱାଲ ଓ ପୁନମ ପୁନିଆ ଜାତୀୟ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ସେମାନଙ୍କୁ ୧୨ ଜଣିଆ ଦଳରୁ ବାଦ ଦିଆଯାଇଥିଲା। ଫେଡେରେଶନ ପକ୍ଷରୁ ଏକ ୩ ସପ୍ତାହର ପ୍ରଶିକ୍ଷଣ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପ ଆଧାରରେ ଦଳ ଚୟନ କରାଯାଇଛି ବୋଲି ହାଇ ପର୍ଫମାନ୍ସ ଡିରେକ୍ଟର ବର୍ନାର୍ଡ ଡୁନ୍ନେ, ମହିଳା ଟିମ୍‌ର କୋଚ୍ ଭାସ୍କର ଭଟ୍ଟ ଓ ପୁରୁଷ ଟିମ୍‌ର କୋଚ୍ ସି ଏ କୁଟପ୍ପା କହିଥିଲେ। ଏହା ପରେ କୋର୍ଟଙ୍କ ପକ୍ଷରୁ କ୍ୟାମ୍ପର ରିପୋର୍ଟ ମଗା ଯାଇଥିଲା।

# ବାଂଲାଦେଶର କ୍ଲିନ୍‌ସୁଇପ୍

**ଟି୨୦ ସିରିଜ**

**ଢାକା, ୧୪।୩**

ଶେର୍ ଏ ବାଂଲା ଷ୍ଟାଡିୟମରେ ଅନୁଷ୍ଠିତ ଟି୨୦ ସିରିଜର ଅନ୍ତିମ ମ୍ୟାଚ ଜିତିବା ସହିତ ଇଂଲଣ୍ଡ ବିପକ୍ଷରେ କ୍ଲିନ୍‌ସୁଇପ୍ କରିଛି ବାଂଲାଦେଶ। ମଙ୍ଗଳବାର ଅନ୍ତିମ ଟି୨୦ରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨ ଉଇକେଟ ହରାଇ ୧୫୮ ରନ୍ କରିଥିବା ବେଳେ ଇଂଲଣ୍ଡ ୧୪୨ରନ୍‌ରେ ସୀମିତ ରହିଥିଲା। ଟସ୍ ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ପକ୍ଷରୁ ଉଇକେଟ କିପର ଲିଟନ୍ ଦାସ ୭୩ ଓ ନଜମୋଲ ହୋସେନ୍ ଶନ୍ତୋ ଅପରାଜିତ ୪୭ ରନ୍ କରିଥିଲେ। ୫୭ ବଲ୍ ଖେଳିଥିବା ଲିଟନଙ୍କ ଇନିଂସରେ ୧୦ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋନି ତାଲୁକଦାର ୨୪ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ୍ ଓ ଆଦିଲ ରଶିଦ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ଦୃଢ ଭାବରେ ଇନିଂସ ଆରମ୍ଭ କରିଥିଲା। ଫିଲିପ୍ ସଲ୍ଟ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ତେବେ ଦ୍ୱିତୀୟ ଉଇକେଟରେ ଦାଭିଦ ମଲାନ ୫୩ ଓ ଅଧିନାୟକ ଜୋଶ ବଟଲର୪୦ଯୋଡିଥିଲେ ୯୫ ରନ୍। ୧୩ ଓଭର ସୁଦ୍ଧା ଇଂଲଣ୍ଡ ୧/୧୦୦ ରହିଥିବା ବେଳେ ୪୨ ବଲରେ ମାତ୍ର ୫୯ ରନ୍ ଆବଶ୍ୟକ ଥିଲା। ଲଗାତର ବଲରେ ଉଭୟ ଖେଳାଳି ଆଉଟ ହେବା ସହିତ ଇଂଲଣ୍ଡ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରନ୍ କରିବାରେ ସମର୍ଥ ହୋଇଥିଲା। ବାଂଲାଦେଶ ପକ୍ଷରୁ ଟାସ୍କିନ ଅହମଦ୍ ୨ ଉଇକେଟ ନେଇଥିବା ବେଳେ ତନଭୀର ଇସଲାମ, ସାକିବ୍ ଅଲ ହସନ ଓ ମୁସ୍ତାଫିଜୁର ରେହମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲିଟନ ଦାସଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଓ ନଜମୋଲ ହସନ୍ ଶନ୍ତୋଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୫୮/୨ ( ଲିଟନ୍ ଦାସ-୭୩, ନଜମୋଲ ହୋସେନ୍ ଶନ୍ତୋ -୪୭*, କ୍ରିସ୍ ଜୋର୍ଡାନ-୧/୨୧, ଆଦିଲ୍ ରଶିଦ୍-୧/୨୩)। ଇଂଲଣ୍ଡ ୨୦ ଓଭରରେ ୧୪୨/୬ (ଦାଭିଦ ମଲାନ-୫୩, ଜୋଶ ବଟଲର-୪୦, ଟାସ୍କିନ୍ ଅହମଦ୍-୨/୨୬, ମୁସ୍ତାଫିଜୁର ରେହମାନ-୧/୧୪, ତନଭୀର ଇସଲାମ-୧/୧୭)।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ